

ଧୂମ୍-୪ ଛାଡ଼ିଲେ ଅୟାନ
▸ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-117 ◆FRIDAY ◆24 OCTOBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୧୭ ◆ଶୁକ୍ରବାର ◆୨୪ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ପୁଲିସ ଚାକିରି ବେପାର

# ମାମଲା ରୁଜୁ କଲା ସିବିଆଇ

### ମାମଲା ସମ୍ପର୍କିତ ଦସ୍ତାବିଜ୍ ହସ୍ତାନ୍ତର କଲା କ୍ରାଇମ୍‌ବ୍ରାଞ୍ଚ

■ **ଭୁବନେଶ୍ୱର, ୨୩।୧୦ (ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ସୁପାରିସ କ୍ରମେ ଆଜି ସିବିଆଇ ମାମଲା ରୁଜୁ କରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ସିବିଆଇର ଏକ ଦୁଇ ଜଣିଆ ଟିମ୍ କ୍ରାଇମ୍‌ବ୍ରାଞ୍ଚ ଅଫିସ୍ ଯାଇ ମାମଲା ସମ୍ପର୍କିତ ଏକାଧିକ ଦସ୍ତାବିଜ୍ ସଂଗ୍ରହ କରିଛି। ଦସ୍ତାବିଜ୍‌କୁ ପରଖିବା ପରେ ସିବିଆଇ ଆଇନଗତ ପ୍ରସ୍ତୁତି ଆରମ୍ଭ କରିବା ସହ ୧୨ଟି ସ୍ଥାନରେ ଚଢ଼ଉ ପାଇଁ ତାଲିକା ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର କୋର୍ଟରୁ ଅନୁମତି ନେଇ ସିବିଆଇ ମୁନା ଏବଂ ଅନ୍ୟ ଦଲାଲଙ୍କୁ ଜେଲ୍ ଭିତରେ ପଚରାଉଚରା କରିବ ବୋଲି ସୂଚନା ମିଳିଛି।

**୧୨ଟି ସ୍ଥାନରେ ଚଢ଼ଉ ପାଇଁ ସିବିଆଇର ତାଲିକା ପ୍ରସ୍ତୁତ**

ଏହି ମାମଲାରେ ଅଦ୍ୟାବଧି ହୋଇଥିବା କ୍ରାଇମବ୍ରାଞ୍ଚ ତଦନ୍ତରୁ ଦୁର୍ନୀତିର ଚେର ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗକୁ ଲମ୍ବିଥିବା ଜଣାପଡ଼ିଛି। ଏଥିରେ ସଂଗଠିତ ଆନ୍ତଃରାଜ୍ୟ ଅପରାଧୀ ଗ୍ୟାଙ୍ଗର ସଂପୃକ୍ତି ଥିବା ମଧ୍ୟ ସନ୍ଦେହ କରାଯାଉଛି। ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାରେ ଆଜି ସୁଦ୍ଧା ୧୨୬ ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିବାବେଳେ ସେମାନଙ୍କ ମଧ୍ୟରେ ୧୨ ଜଣ ଦଲାଲ୍ ଅଛନ୍ତି।

## ସନ୍ଦେହ ଘେରରେ ତ୍ରିନାଥ, ସୁନିଲ୍ ଓ ଗୋବିନ୍ଦର ଭୂମିକା

■ **ଭୁବନେଶ୍ୱର, ୨୩।୧୦(ସମିସ):** ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇ ହାତକୁ ଯିବା ପରେ ରାଜ୍ୟ ବାହାରେ ବସିଥିବା ଦଲାଲ୍‌ଙ୍କ ନିଦ ହଜିଛି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଦଲାଲ୍ ମୁନ୍ନା ମହାନ୍ତିର ପ୍ରତ୍ୟକ୍ଷ ତତ୍ୱାବଧାନରେ ଆନ୍ଧ୍ର ପ୍ରଦେଶର ଗୋବିନ୍ଦ ରେଡ୍ଡି ନାମକ ଜଣେ ବ୍ୟକ୍ତି ପରୀକ୍ଷାର୍ଥୀଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରିବା ସହ ତାଙ୍କର ଜଣେ ଖାସ୍ ସହଯୋଗୀ ଭାବେ ସେ ସବୁ ବୁଝାବୁଝି କରୁଥିଲା। ଏପରିକି ଗୋବିନ୍ଦ ହିଁ ପ୍ରଶ୍ନପତ୍ର ପ୍ରିଣ୍ଟିଂ ସ୍ଥାନରୁ ଆଣିବା ଦାୟିତ୍ୱ ନେଇଥିବା ଜଣାପଡ଼ିଛି। ଘଟଣା ପରେ ଗୋବିନ୍ଦ ଦିଲ୍ଲୀରେ ଡେରା ପକାଇ ସୁପ୍ରିମ୍‌କୋର୍ଟରେ ଆଗୁଆ ଜାମିନ୍ ପାଇଁ ଆବେଦନ କରିବାକୁ ବିଚାରବିମର୍ଶ କରିଥିଲା। ହେଲେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପରିସରରେ ସେ ଆସୁ ନ ଥିବା ପ୍ରାୟ ନିଶ୍ଚିତ ହେବା ପରେ ସେ ଆଗୁଆ ଜାମିନ୍ ଆବେଦନ କରି ନ ଥିଲା। ଏବେ ସିବିଆଇକୁ ମାମଲା ହସ୍ତାନ୍ତର ହେଉଥିବା ଆଗୁଆ ଖବର ପାଇବା ପରେ ଗୋବିନ୍ଦ ଓ ତା'ର ଘନିଷ୍ଠ ସହଯୋଗୀ ତ୍ରିନାଥ ଦେଶ ବାହାରକୁ ପଳାଇଯିବାକୁ ଯୋଜନା କରୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଅନ୍ୟପକ୍ଷରେ ୨୦୨୩ ସିଭିଲ୍ ଜେଇଇ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଗିରଫ ହୋଇଥିବା ପଟ୍ଟା ସୁନିଲ୍ ଓ ଗୋବିନ୍ଦ ତ୍ରିପାଠୀ ମଧ୍ୟ ପୁଲିସ ଏସ୍‌ଆଇ ଚାକିରି ବିକ୍ରିରେ ସମ୍ପୃକ୍ତ ଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ୧୧୦ ଜଣ ପରୀକ୍ଷାର୍ଥୀଙ୍କୁ ନେଇ ପ୍ରସ୍ତୁତ ହୋଇଥିବା ଦୀଘା ମଡେଲ୍‌ରେ ଗିରଫ ହୋଇଥିବା ଅରବିନ୍ଦକୁ ଏମାନେ ସହଯୋଗ କରୁଥିଲେ। ଖାସ୍ କରି ପରୀକ୍ଷାର୍ଥୀଙ୍କୁ ଯୋଗାଡ଼ କରିବାରେ ଏମାନେ ପ୍ରମୁଖ ଭୂମିକା ନେଇଥିଲେ। ଭଦ୍ରକ ଜିଲ୍ଲାର ଜଣେ ପରୀକ୍ଷାର୍ଥୀ ୨ଲକ୍ଷ ଟଙ୍କା ଅଗ୍ରୀମ ଦେଇଥିଲେ। ଅବଶିଷ୍ଟ ଟଙ୍କା ଦୀଘାରେ ଦେବାକୁ କହିଥିଲେ। ଯୋଜନା ଭଣ୍ଡୁର ହେବାରୁ ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କୁ ସମସ୍ତ ଟଙ୍କା ତୁରନ୍ତ ଫେରାଇ ଦେଇଥିବା ମଧ୍ୟ ସୂଚନା ମିଳିଛି। ଏପରିକି ତାଙ୍କ ନାମ କହିଲେ ପରୀକ୍ଷାର୍ଥୀଙ୍କୁ ମଧ୍ୟ ପୁଲିସ୍ ବାନ୍ଧିବ ବୋଲି ଚେତାବନୀ ଦେଇଥିଲେ। ହେଲେ କ୍ରାଇମ୍‌ବ୍ରାଞ୍ଚ ଡିଜି ପରୀକ୍ଷାର୍ଥୀଙ୍କୁ ତଥ୍ୟ ଦେବାକୁ ଆହ୍ୱାନ କରିବା ପରେ ପରୀକ୍ଷାର୍ଥୀଜଣକ ନିଜଆଡ଼ୁ ତଥ୍ୟ ଦେବାକୁ ଆଗ୍ରହୀ ଅଛନ୍ତି। ପଞ୍ଚସଫ୍ଟର ମାଲିକ ଶଙ୍କର ପୃଷ୍ଟିକୁ ହିଁ ମାଷ୍ଟରମାଇଣ୍ଡ ବୋଲି କ୍ରାଇମ୍‌ବ୍ରାଞ୍ଚ ଅଭିହିତ କରି ତଦନ୍ତକୁ ସୀମିତ ରଖିଥିବାରୁ ବିଭିନ୍ନ ଅନାଲୋଚିତ ଦିଗ ଉନ୍ମୋଚନ ହୋଇ ପାରି ନ ଥିବା ଆଇନଜ୍ଞମାନେ ମତବ୍ୟକ୍ତ କରୁଛନ୍ତି।

## କାରବାଇଡ୍ ବନ୍ଧୁକ ବାଣ ହେଲା କାଳ

# ଦୃଷ୍ଟିଶକ୍ତି ହରାଇଲେ ୧୪ ଶିଶୁ

■ **ଭୋପାଳ, ୨୩।୧୦ (ଏଜେନ୍ସି):** ମଧ୍ୟପ୍ରଦେଶରେ ଦୀପାବଳି ଉତ୍ସବ ପାଳନ ବେଳେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ବାଣ ଫୁଟାଇବାର ମଜା ନେବାଲାଗି ପିଲାମାନେ କାରବାଇଡ୍ ବନ୍ଧୁକ ବ୍ୟବହାର କରିବାରୁ ଏହା ସେମାନଙ୍କ ଲାଗି ଘାତକ ସାବ୍ୟସ୍ତ ହୋଇଛି। ଏହି ବନ୍ଧୁକ ବ୍ୟବହାର କରି ବାଣ ଫୁଟାଇବାରୁ ବିସ୍ଫୋରଣ ହୋଇ ୧୨୨ ଶିଶୁ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୪ ଶିଶୁଙ୍କର ଆଖି ନଷ୍ଟ ହୋଇଯାଇଛି। ମଧ୍ୟପ୍ରଦେଶର ବିଭିନ୍ନ ସ୍ଥାନରୁ ଏଭଳି କଷ୍ଟଦାୟକ ଖବର ମିଳିବାରେ ଲାଗିଛି।

ପ୍ରତିବର୍ଷ ଦୀପାବଳିରେ ବାଣ ଫୁଟାଇବା ଲାଗି ବିଭିନ୍ନ ପ୍ରକାର ସରଞ୍ଜାମ ବଜାରକୁ ଆସେ। ସେହିଭଳି ଏଥର ମଧ୍ୟପ୍ରଦେଶର ବିଭିନ୍ନ ବଜାରରେ କାରବାଇଡ୍ ଗନ୍ ବା ଦେଶୀ ବନ୍ଧୁକ ବାଣ ଆସିଥିଲା। ପ୍ଲାଷ୍ଟିକ୍ ଓ ଟିଣ ପାଇପ୍‌ରେ ନିର୍ମିତ ଏହି ବାଣରେ ଗନପାଉଡର, କାଲସିୟମ କାରବାଇଡ୍ ଓ ମାଚିସ୍ ଭର୍ତ୍ତି ହୋଇ ରହିଥାଏ। ଏଥିରେ ନିଆଁ ଲଗାଇବା ମାତ୍ରେ ଭୀଷଣ ବିସ୍ଫୋରଣ କରେ। ଏହି କାରବାଇଡ୍ ଗନଗୁଡ଼ିକ ମାରାତ୍ମକ ହୋଇଥିବାରୁ ଏହାର ତିଆରି ଓ ବିକ୍ରି ଉପରେ ମଧ୍ୟପ୍ରଦେଶ ସରକାର ଗତ ୧୮ ତାରିଖରେ କଟକଣା ଜାରି କରିଥିଲେ। ଏହାସତ୍ତ୍ୱେ ବିଭିନ୍ନ ଦୋକାନ ବଜାରରେ ଖେଳନା ଭଳି ଏହାର ବିକ୍ରି ହୋଇଥିଲା। ୧୫୦ରୁ ୨୦୦ ଟଙ୍କା ଭିତରେ ବିକ୍ରି ହୋଇଥିବା ଏହି ବାଣ ବୋମା ଭଳି ବିସ୍ଫୋରଣ କରିଥିଲା। ସାମାଜିକ ଗଣମାଧ୍ୟମରେ ଏହାର ପ୍ରଚାର ହେଉଥିବା ବେଳେ ପିଲା ଓ ଅଭିଭାବକମାନେ ଏହାକୁ କିଣି ଘରକୁ

**୧୨୨ ଶିଶୁ ମେଡିକାଲରେ ଭର୍ତ୍ତି**

ନେଇଥିଲେ। ଅନେକ ଲୋକ ଭିଡିଓ ଦେଖି ନିଜ ଘରେ ଏହା ତିଆରି କରିଥିଲେ। ଜଣେ ଅଭିଭାବକଙ୍କ କହିବା ଅନୁଯାୟୀ ଏହି ବାଣ ବୋମା ଭଳି ଫୁଟିଥିଲା ଏବଂ ତାଙ୍କ ପିଲାର ଆଖି ଜଳିଯାଇଥିଲା। ତାକୁ ସଙ୍ଗେସଙ୍ଗେ ମେଡିକାଲ ନିଆଯାଇଥିଲା। ତାର ଗୋଟିଏ ଆଖି ନଷ୍ଟ ହୋଇଯାଇଥିବା ବେଳେ ଅନ୍ୟ ଆଖିରେ ବି ଗୁରୁତର ଆଘାତ ଲାଗିଛି। ଭୋପାଳ ସମେତ ଜବଲପୁର, ଇନ୍ଦୋର ଓ ଗୱାଲିୟରରୁ ମଧ୍ୟ ଏଭଳି ରିପୋର୍ଟ ଆସିଛି। ତେବେ ଭିଦିସା ଅଞ୍ଚଳରେ ଏହା ଭୟଙ୍କର ରୂପ ନେଇଛି। ଏଠାରେ ସର୍ବାଧିକ ପିଲା କ୍ଷତିଗ୍ରସ୍ତ ହୋଇଛନ୍ତି। ଅନେକ ▸ପୃଷ୍ଠା-୭

## ନୂଆପଡ଼ା ଉପ ନିର୍ବାଚନ

# ପଣ୍ଡା ପିତାପୁତ୍ରଙ୍କ ଗତିବିଧିକୁ ନେଇ ଦ୍ୱନ୍ଦ୍ୱରେ ବିଜେପି

■ **ଭୁବନେଶ୍ୱର, ୨୩।୧୦ (ସମିସ):** ନୂଆପଡ଼ା ଉପ ନିର୍ବାଚନ ପାଇଁ ୩ ଦଳ ବିଜେଡି, ବିଜେପି ଓ କଂଗ୍ରେସ ନିଜର ପ୍ରଚାର କାର୍ଯ୍ୟକ୍ରମକୁ ଜୋରଦାର କରିଛନ୍ତି। ଏହି ଆସନକୁ ହାତେଇବା ଏବେ ୩ ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବା ବେଳେ ଏଥିଲାଗି ୩ ଦଳ ମଧ୍ୟରେ ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ ହୋଇଛି। ତେବେ ରାଜ୍ୟରେ ଶାସନ ସମ୍ଭାଳିବାର ୧୫ ମାସ ପରେ ବିଜେପି ପ୍ରଥମଥର ଏକ ଉପ ନିର୍ବାଚନର ସମ୍ମୁଖୀନ ହେଉଥିବାରୁ ଦଳ ପାଇଁ ଏକ ପ୍ରକାର ଅଗ୍ନିପରୀକ୍ଷା ପାଲଟିଛି। ଗତ ୧୫ ମାସରେ ରାଜ୍ୟ ସରକାରଙ୍କ ଶାସନରେ ଲୋକେ କେତେ ମାତ୍ରାରେ ସନ୍ତୁଷ୍ଟ ଅଛନ୍ତି, ତାହା ଏହି ଉପ ନିର୍ବାଚନ ଫଳାଫଳରେ ପ୍ରତିଫଳିତ ହେବା ଆଶଙ୍କାରେ ଏହାକୁ ନେଇ ବିଜେପି ନେତୃତ୍ୱ ବେଶ୍ ଚିନ୍ତିତ। କଳ, ବଳ ଏବଂ କୌଶଳ ଲଗାଇ କିପରି ବିଜେପି ଜିତାପଟ୍ କରିବ ସେ ନେଇ ଜୋରଦାର ପ୍ରୟାସ ଦଳ କରୁଥିବା ବେଳେ ନୂଆପଡ଼ା ବିଜେପିର ପରିଚୟ କୁହାଯାଉଥିବା ବସନ୍ତ ପଣ୍ଡା ଏବଂ ତାଙ୍କ ପୁଅ ଅଭିନନ୍ଦନ ଏବେ ବିଜେପି ପାଇଁ ଏବେ ଚିନ୍ତାର କାରଣ ପାଲଟିଛନ୍ତି। ଉଭୟ ବାପ-ପୁଅ ଦଳ ପାଇଁ ପ୍ରଚାର କରୁଥିଲେ ହେଁ ଜୟ ଢୋଲକିଆଙ୍କୁ ଖୋଲା ହୃଦୟରେ ଗ୍ରହଣ କରିପାରୁ ନାହାନ୍ତି। ଉଭୟେ ବିଜେପି ଜିନ୍ଦାବାଦ ନାରା ପକାଉଥିଲେ ହେଁ ଜୟ ଜିନ୍ଦାବାଦ କହିବାକୁ ସେମାନଙ୍କ ଜିଭ ଲେଉଟୁନାହିଁ। ଜୟ ଢୋଲକିଆ ବିଜେପିରେ ମିଶିବା ପୂର୍ବରୁ ଭୁବନେଶ୍ୱର ରାଜ୍ୟ ଅତିଥି ଭବନରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି ବସନ୍ତ ପଣ୍ଡାଙ୍କୁ ନେଇ କବାଟ କିଳା ବୈଠକ କରିଥିଲେ। ଏକାଧିକ ଲୋଭନୀୟ ପ୍ରତିଶ୍ରୁତି ପରେ ବସନ୍ତ ନିରବ ରହିବା ସହ ଜୟଙ୍କ ମିଶ୍ରଣ ମଞ୍ଚ ଉପରେ ଚଢ଼ିବାକୁ ରାଜି ହୋଇଥିଲେ। ଏହାପରେ ଜୟଙ୍କୁ ଦଳୀୟ ପ୍ରାର୍ଥୀ କରାଯାଇଥିଲେ ହେଁ ଏହାକୁ ଉଭୟେ ▸ପୃଷ୍ଠା-୭

**ବିଜେପିର ଜୟ-ଜୟକାର, ଜୟଙ୍କ ପାଇଁ କୁନ୍ଥୁକୁନ୍ଥୁ**

**ସଭା ସମିତିରେ ଜୟଙ୍କ ନାଁ ନେଉନାହାନ୍ତି ବସନ୍ତ**

# ଭାରତରେ ରହିଛି ୫୦ ହଜାର ଟନ୍ ସୁନା

### ଗୃହିଣୀମାନଙ୍କ ପାଖରେ ୨୮ ହଜାର ଟନ୍

■ **ନୂଆଦିଲ୍ଲୀ, ୨୩।୧୦ (ଏଜେନ୍ସି):** ଭାରତ।।ରେ ସୁନା ଭଣ୍ଡାର ନିରନ୍ତର ଭାବେ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଭରତରେ ଏବେ ୫୦ ହଜାର ଟନ୍ ସୁନା ରହିଛି। ଭାରତୀୟ ଗୃହଣୀମାନଙ୍କ ପାଖରେ ସର୍ବାଧିକ ୨୮ ହଜାର ଟନ୍ ସୁନା ରହିଥିବା ବେଳେ ବିଭିନ୍ନ ମନ୍ଦିରରେ ୨୨ ହଜାର ଟନ୍ ସୁନା ରହିଛି। ଭାରତୀୟ ଗୃହିଣୀଙ୍କ ପାଖରେ ଯେତେ ସୁନା ରହିଛି, ତାହା ସାରା ବିଶ୍ୱରେ ଗଚ୍ଛିତ ରହିଥିବା ସୁନାର ୧୧ ଭାଗ ବୋଲି କୁହାଯାଉଛି। କେବଳ ଏତିକି ନୁହେଁ, ଆମେରିକା ରିଜର୍ଭ ବ୍ୟାଙ୍କରେ ଯେତେ ସୁନା ରହିଛି, ତାହାର ତିନି ଗୁଣା ସୁନା ଭାରତୀୟ ଗୃହିଣୀଙ୍କ ପାଖରେ ରହିଛି। ତେବେ ଏହା ତୁଳନାରେ ଭାରତୀୟ ରିଜର୍ଭ ବ୍ୟାଙ୍କରେ ଜମା ଥିବା ସୁନାର ପରିମାଣ ନୈରାଶ୍ୟଜନକ। ▸ପୃଷ୍ଠା-୭



**ମନ୍ଦିରଗୁଡ଼ିକରେ ୨୨ ହଜାର ଟନ୍**

**ରିଜର୍ଭ ବ୍ୟାଙ୍କରେ ମାତ୍ର ୮୮୦ ଟନ୍**

## 'କ୍ରିପ୍ଟୋ କରେନ୍ସି' ମହାଠକେଇ

# କଟକରୁ ୩୨ ସନ୍ଦିଗ୍ଧ ଗିରଫ

### ୪ଟି ପଶ୍ଚିମବଙ୍ଗ କାର୍, ଗୋଟିଏ କ୍ରିପ୍ଟୋ-ୱାଲେଟ୍ ମେସିନ୍, ୩୫ଟି ମୋବାଇଲ୍, ମାଳମାଳ ଆଧାର ଓ ପାନ୍‌କାର୍ଡ ଜବତ

■ **କଟକ, ୨୩।୧୦ (ସମିସ):** ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଶିଖରପୁର ଛକରେ ଥିବା ଜସ୍ମିନ୍ ହୋଟେଲ୍‌ରେ ଚଢ଼ଉ କରାଯାଇ ୩୨ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କ ଘର କୋଲକାତାରେ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଜଣେ ଓଡ଼ିଆ ଯୁବକ ରହିଛନ୍ତି। ତେବେ କ୍ରିପ୍ଟୋ କରେନ୍ସିରେ ଅର୍ଥ ଲଗାଇ କୋଟି କୋଟି ଟଙ୍କା ଠକେଇ କରିବା ପରେ ଜସ୍ମିନ୍ ହୋଟେଲ୍‌ରେ ରହି ଉଭୟ କଟକ ଓ ଭୁବନେଶ୍ୱର ବିନିଯୋଗକାରୀଙ୍କ ସହିତ ମିଟିଂ କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ହେଲେ ୪/୫ଜଣ ସନ୍ଦିଗ୍ଧ ଯୁବକ ହୋଟେଲ୍ ବାହାରେ ଭୋର୍-୬ଟାରେ ବୁଲାବୁଲି କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା। ସେମାନେ ଚାଉଳିଆଗଞ୍ଜ ଥାନା ପୁଲିସକୁ ଖବର ଦେବା ପରେ ପୁଲିସର ଏକ ଟିମ୍ ହୋଟେଲ୍ ଉପରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ୩୨ଜଣଙ୍କୁ ପୁଲିସ ଗିରଫ କରି ଥାନାକୁ ଆଣି ପଚରାଉଚରା କରୁଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ନାହିଁ। ବହୁତ ଶୀଘ୍ର ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ ଜେଲ୍ ପଠାଯିବ ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି। ସେମାନଙ୍କ ଠାରୁ ୩୫ଟି ମୋବାଇଲ୍, ୪ଟି ▸ପୃଷ୍ଠା-୭




# ଆଜି ଲଘୁଚାପ, ଘନୀଭୂତ ଆଶଙ୍କା

### ଆନ୍ଧ୍ର-ଓଡ଼ିଶା ଉପରେ ପଡ଼ିବ ପ୍ରଭାବ

■ **ଭୁବନେଶ୍ୱର, ୨୩।୧୦ (ସମିସ):** ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଆଉ ଏକ ଲଘୁଚାପ। ବୁଧବାରଠାରୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ଗୁରୁବାର ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ପରବର୍ତ୍ତୀ ସମୟରେ ଅଧିକ ଘନୀଭୂତ ହୋଇ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରିବ। ତେବେ କେତେ ଘନୀଭୂତ ହେବ ଓ କେଉଁଠାରେ ସ୍ଥଳଭାଗ ଅତିକ୍ରମ କରିବ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ବୋଲି ପାଣିପାଗ କେନ୍ଦ୍ର କହିଛି।

ପାଣିପାଗ ବିଜ୍ଞାନୀଙ୍କ କହିବା କଥା, ଏହି ଲଘୁଚାପଟି ଶକ୍ତିଶାଳୀ ହୋଇ ଅବପାତରେ ପରିଣତ ହେବା ଏକପ୍ରକାର ନିଶ୍ଚିତ ଥିବା ବେଳେ ଯଦି ପାଣିପାଗ ସ୍ଥିତି ଅନୁକୂଳ ହୁଏ ତେବେ ଗଭୀର ଅବପାତ/ବାତ୍ୟା ଆଶଙ୍କାକୁ ମଧ୍ୟ ଏଡ଼ାଯାଇ ନପାରେ। ସେହିପରି ପ୍ରାଥମିକ ଭାବେ ଏହା ଆନ୍ଧ୍ର ଉପକୂଳମୁହାଁ ହେବା ନେଇ ଆକଳନ କରାଯାଉ ଥିଲେ ମଧ୍ୟ ଓଡ଼ିଶା ଉପରେ ଏହାର ପରୋକ୍ଷ ଓ ପ୍ରତ୍ୟକ୍ଷ ପ୍ରଭାବ ରହିବ। ଯଦି ଏହା ଉତ୍ତର ଆନ୍ଧ୍ରରେ ସ୍ଥଳଭାଗ ଅତିକ୍ରମ କରେ ତେବେ ରାଜ୍ୟର ସମସ୍ତ ଉପକୂଳବର୍ତ୍ତୀ ଜିଲ୍ଲାରେ ବର୍ଷା ସାଙ୍ଗକୁ ସମ୍ପୂର୍ଣ୍ଣ ଦକ୍ଷିଣ ଓଡ଼ିଶା ଓ ଉପକୂଳ ସଂଲଗ୍ନ ଜିଲ୍ଲାଗୁଡ଼ିକରେ ମଧ୍ୟ ବର୍ଷାର ପ୍ରଭାବ ରହିପାରେ। ସେହିପରି ଲଘୁଚାପ ଅଧିକ ଶକ୍ତିଶାଳୀ ହେଲେ, ଓଡ଼ିଶା ଆଡ଼କୁ ମୁହାଁଇବାର ସମ୍ଭାବନା ବଢ଼ିଯିବ। ତେଣୁ ରାଜ୍ୟରେ ଅଧିକ ଅଞ୍ଚଳରେ ବର୍ଷା ସାଙ୍ଗକୁ ପବନ ଦେଖାଦେଇପାରେ। ଅନ୍ୟପଟେ ଆସନ୍ତା ୨୭ତାରିଖ ବେଳକୁ ଗୋଟିଏ ପଶ୍ଚିମା ଝଡ଼ର ପ୍ରଭାବ ଆରମ୍ଭ ହେବ। ସାଧାରଣତଃ ପଶ୍ଚିମା ଝଡ଼ ଦ୍ୱାରା ଉପରିଭାଗରେ ବାୟୁ ଚଳାଚଳର ତାରତମ୍ୟ ▸ପୃଷ୍ଠା-୭

**୨୭ରୁ ବର୍ଷା, ୨୮ରେ ବଢ଼ିବ**





ସକାଳ
www.sakalaepaper.com

## ତେଜସ୍ୱୀ ମୁଖ୍ୟମନ୍ତ୍ରୀ ହେଲେ ଜଙ୍ଗଲ ରାଜ ଫେରିବ: ପ୍ରଶାନ୍ତ କିଶୋର



ପାଟନା, ୨୩।୧୦ (ଏଜେନ୍ସି): ମୁଖ୍ୟମନ୍ତ୍ରୀ ପ୍ରାର୍ଥି ଘୋଷଣାକୁ ନେଇ ଜନ ସୁରାଜ ଦଳର ମୁଖିଆ ତଥା ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ମହାମେଣ୍ଟଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ହେଲେ ଜଙ୍ଗଲ ରାଜ ଫେରିବ ବୋଲି ସେ କହିଛନ୍ତି। ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ପ୍ରଶାନ୍ତ କହିଥିଲେ ଯେ ଯଦି ଲାଲୁ ଯାଦବଙ୍କ ଜଙ୍ଗଲ ରାଜ ପୁଣି ଫେରି ତେବେ ତେଜସ୍ୱୀ ମୁଖ୍ୟମନ୍ତ୍ରୀ ହେବେ ବୋଲି ଆଶା କରାଯାଉଥିଲା। ତେଣୁ ଏଥିରେ କିଛି ନୂଆ ନାହିଁ। କିଛି ଦିନ ପରେ ବିହାରକୁ ସୁନାର ଲଙ୍କା କରିଦେବେ ବୋଲି ତେଜସ୍ୱୀ ଘୋଷଣା କରିବେ। ଲାଲୁଙ୍କ ଭୟରୁ ବାହାରିବା ପାଇଁ ଲୋକେ ବିଜେପିକୁ ଭୋଟ ଦେଉଛନ୍ତି। ଆଉ କୌଣସି କାରଣ ପାଇଁ ଲୋକେ ବିଜେପିକୁ ଭୋଟ ଦେଉନାହାନ୍ତି। କିନ୍ତୁ ଏବେ ଲୋକଙ୍କ ପାଖରେ ଜନସୁରାଜ ଦୃଢ଼ ବିକଳ୍ପ ଭାବେ ଛିଡ଼ା ହୋଇଛି। ତେଣୁ ଚଳିତ ଥର ଲୋକେ କୌଣସି ଭୁଲ୍ କରିବେ ନାହିଁ ବୋଲି ପ୍ରଶାନ୍ତ କିଶୋର କହିଛନ୍ତି।

## ଦିଲ୍ଲୀରେ ବିହାରର ୩ ଅପରାଧୀଙ୍କୁ ଏନ୍‌କାଉଣ୍ଟର

ନୂଆଦିଲ୍ଲୀ, ୨୩।୧୦ (ଏଜେନ୍ସି): ଦିଲ୍ଲୀରେ ୪ ଅପରାଧିଙ୍କୁ ଏନ୍‌କାଉଣ୍ଟର କରାଯାଇଛି। ଏମାନଙ୍କ ମଧ୍ୟରୁ ୩ ଜଣ ବିହାର ସୀତାମଢ଼ୀର ବାସିନ୍ଦା। ଦିଲ୍ଲୀ କ୍ରାଇମ ବ୍ରାଞ୍ଚ ଏବଂ ବିହାର ପୁଲିସର ମିଳିତ ଟିମ୍ ଏହି ଏନ୍‌କାଉଣ୍ଟର କରିଛି। ପ୍ରାଣ ହରାଇଥିବା ଏହି ଦୁର୍ଦ୍ଧାନ୍ତ ଆତଙ୍କବାଦୀ ବିହାର ନିର୍ବାଚନରେ ଆତଙ୍କ ମଚାଇବାକୁ ଯୋଜନା କରିଥିଲେ ବୋଲି ବିହାର ଡିଜିପି ବିନୟ କୁମାର କହିଛନ୍ତି। ବୁଧବାର ବିଳମ୍ବିତ ରାତି ପ୍ରାୟ ୨ଟା ୨୦ରେ ବାହାଦୂର ଶାହା ମାର୍ଗର ଡ. ଆମ୍ବେଦକର ମଛକରୁ ପନ୍‌ସାଲି ଛକ ମଧ୍ୟରେ ଏହି ଏନ୍‌କାଉଣ୍ଟର ହୋଇଥିଲା। ଅପରାଧି ଏବଂ ପୁଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ରଞ୍ଜନ ପାଠକ (୨୫), ବିମଲେଶ ମହତୋ (୨୫), ମନୀଷ ପାଠକ (୩୩) ଏବଂ ଅମନ ଠାକୁର (୨୧) ଦେହରେ ଗୁଳି ବାଜିଥିଲା। ସମସ୍ତଙ୍କୁ ରୋହିଣୀ ସ୍ଥିତ ଡ. ବିଏସଏ ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ଡାକ୍ତର ସେଠାରେ ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ରଞ୍ଜନ, ବିମଲେଶ ଏବଂ ମନୀଷ ବିହାରର ବାସିନ୍ଦା ଥିଲେ। ଏମାନଙ୍କ ନିକଟରୁ ମାରଣାସ୍ତ୍ର ଜବତ କରାଯାଇଛି ବୋଲି ଡିଜିପି କହିଛନ୍ତି। ଏହି ଅପରାଧି 'ସିଗ୍‌ମା ଆଣ୍ଡ କମ୍ପାନୀ' ଗ୍ୟାଙ୍ଗ ଚଳାଇ ଥିଲେ। ରଞ୍ଜନ ପାଠକ ଏହାର ମୁଖ୍ୟ ଥିଲା।

## ଅଭିଭାବକଙ୍କ ବେଆଇନ ସମ୍ପତ୍ତି କାରବାରକୁ ଖାରଜ କରିପାରିବେ ନାବାଳକ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୩।୧୦ (ଏଜେନ୍ସି): ନାବାଳକଙ୍କ ସମ୍ବନ୍ଧିତ ସମ୍ପତ୍ତି କାରବାରକୁ ନେଇ ସୁପ୍ରିମକୋର୍ଟ ବଡ଼ ରାୟ ଦେଇଛନ୍ତି। ଯଦି କୌଣସି ନାବାଳକଙ୍କ ସମ୍ପତ୍ତିଙ୍କୁ ଅଭିଭାବକ କୋର୍ଟଙ୍କ ଅନୁମତି ବିନା ବିକ୍ରି କରିଦେଇଛନ୍ତି ତେବେ ସେ ସାବାଳକ ହେବା ପରେ ନିଜେ ଏହାକୁ ଖାରଜ କରିପାରିବେ। ଏଥିପାଇଁ ତାଙ୍କୁ କୋର୍ଟରେ ଅଲଗା ବାବେ ମାମଲା ରୁଜୁ କରିବାର ଆବଶ୍ୟକତା ନାହିଁ। ସେ ଏହାକୁ ଅସ୍ୱୀକାର କରିବାକୁ ଆଇନଗତ ଭାବେ ବୈଧ ଧରାଯିବ। ଜଷ୍ଟିସ ପଙ୍କଜ ମିତ୍ତଲ ଏବଂ ଜଷ୍ଟିସ ପିବି ବରାଲେଙ୍କ ଖଣ୍ଡପୀଠ କହିଥିଲେ ଯେ ହିନ୍ଦୁ ସଂଖ୍ୟାଲଘୁ ଏବଂ ଅଭିଭାବଗ ନିୟମ-୧୯୫୬ର ଧାରା ୭ ଏବଂ ୮ ଅଧିନରେ ପ୍ରକୃତ ଅଭିଭାବକଙ୍କ ଦ୍ୱାରା ନାବାଳକଙ୍କ ଅସ୍ଥାବର ସମ୍ପତ୍ତିକୁ କୋର୍ଟଙ୍କ ବିନା ଅନୁମତିରେ ବିକ୍ରିକୁ ରଦ୍ଦ ଧରାଯିବ। ନାବାଳକ ସାବାଳକ ହେବା ପରେ ଏଭଳି ମାମଲାକୁ ମାମଲା ଦାଏର କରି କିମ୍ବା ନିଜ ଆଚରଣରେ ରଦ୍ଦ କରିପାରିବେ। ସେ ଏହାକୁ ନିଜେ ବି ବିକ୍ରି କରିପାରିବେ। କୋର୍ଟଙ୍କ ଏହି ନିଷ୍ପତ୍ତି ଗତ କିଛି ବର୍ଷ ହେଲା ଚାଲି ଆସୁଥିବା ଆଇନଗତ ଅସ୍ପଷ୍ଟତାକୁ ଦୂର କରୁଛି। ପୂର୍ବରୁ ଏଭଳି ମାମଲାରେ ନାବାଳକ ମୋକଦମା ଦାଏର କରିବା ଜରୁରୀ କି ନୁହେଁ ତାହା ସ୍ପଷ୍ଟ ହୋଇ ନ ଥିଲା।

### ଘରେ ଲାଗିଲା ନିଆଁ; ଖୋଲିଲାନି ଲକ୍

## କଂଗ୍ରେସ ନେତାଙ୍କ ମୃତ୍ୟୁ

ଇନ୍ଦୋର, ୨୩।୧୦ (ଏଜେନ୍ସି): ନିର୍ମଦା ସେନାର ଅଧକ୍ଷ ତଥା କଂଗ୍ରେସର ବରିଷ୍ଠ ନେତା ପ୍ରବେଶ ଅଗ୍ରୱାଲଙ୍କ ଇନ୍ଦୋର ସ୍ଥିତ ପେଣ୍ଟ ହାଉସରେ ଶୁକ୍ରବାର ସକାଳେ ନିଆଁ ଲାଗି ଯାଇଛି। ଏଥିରେ ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ବଡ଼ ଝିଅ ସୌମ୍ୟା ମଧ୍ୟ ଆହତ ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସୂଚନା ଅନୁଯାୟୀ, କଂଗ୍ରେସ ନେତା ପ୍ରବେଶ ଲାସୁଡିଆ ଅଞ୍ଚଳରେ ଥିବା ସୌମ୍ୟା ମହିନ୍ଦ୍ରା କାର ଶୋ'ରୁମ୍ ମାଲିକ। ପ୍ରବେଶଙ୍କ ପରିବାର ଶୋ'ରୁମ୍ ଉପରେ ଥିବା ପେଣ୍ଟହାଉସ୍‌ରେ ରୁହନ୍ତି। ଅଗ୍ନିକାଣ୍ଡ ସମୟରେ ପ୍ରବେଶ, ତାଙ୍କ ସ୍ତ୍ରୀ ଶ୍ୱେତା ଏବଂ ସେମାନଙ୍କର ଦୁଇ ଝିଅ ସୌମ୍ୟ (୧୫) ଏବଂ ମାଇରା (୧୦) ସେଠାରେ ଉପସ୍ଥିତ ଥିଲେ। ଶ୍ୱାସରୁଦ୍ଧ ହେବାରୁ ପ୍ରବେଶ ଅଗ୍ରୱାଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ସୌମ୍ୟାଙ୍କୁ ଗୁରୁତର ଅବସ୍ଥାରେ ବମ୍ବେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ନିଆଁ ଲାଗିବା ପରେ କଂଗ୍ରେସ ନେତାଙ୍କ ପତ୍ନୀ ଶ୍ୱେତା ଏବଂ ସାନ ଝିଅ ମାଇରାଙ୍କୁ ଗାର୍ଡମାନେ ସୁରକ୍ଷିତ ଭାବରେ ବାହାରକୁ ଆଣିଥିଲେ। ଏହି ଦୁର୍ଘଟଣା ପାଇଁ ମୁଖ୍ୟ ଉଚ୍ଚ ସୁରକ୍ଷା ବ୍ୟବସ୍ଥାକୁ ଦାୟୀ କରାଯାଉଛି। ଘର ଭିତରେ ଏୟାର କଣ୍ଡିସନିଂ ଏବଂ ଡିଜିଟାଲ୍ ଲକ୍ ଥିଲା। ଏହାକୁ କେବଳ ରିମୋଟ୍ କିମ୍ବା ଆଙ୍ଗୁଠି ଛାପରେ ଖୋଲାଯାଇପାରିବ। ସକାଳେ ଧୂଆଁ ଯୋଗୁଁ ଏହି ତାଲା ଖୋଲିପାରି ନ ଥିଲା।

# ବିହାରରେ ତୁଟିଲା ମହାମେଣ୍ଟ ବିବାଦ

## ତେଜସ୍ୱୀ ହେବେ ମୁଖ୍ୟମନ୍ତ୍ରୀ ଚେହେରା: ଏନ୍‌ଡିଏ ସ୍ଥିତି ଅସ୍ପଷ୍ଟ

ପାଟନା, ୨୩।୧୦ (ଏଜେନ୍ସି): ବିହାର ନିର୍ବାଚନକୁ ନେଇ ବିରୋଧୀଙ୍କ ମହାମେଣ୍ଟ 'ଇଣ୍ଡିଆ'ରେ ଦୀର୍ଘ ଦିନ ହେଲା ଜାରି ଟଣା ଓଟରା ଶେଷ ହୋଇଛି। ଆଜି ପାଟନାରେ ମହାମେଣ୍ଟ ଶକ୍ତି ପ୍ରଦର୍ଶନ କରିଛି। ବିରୋଧୀ ଦଳ ତଥା ଆରଜେଡି ନେତା ତେଜସ୍ୱୀ ଯାଦବଙ୍କୁ ମହାମେଣ୍ଟ ଗୁରୁବାର ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା କରିଛି। ନିର୍ବାଚନ ବୈତରଣୀ ପାର୍ କରି ବିଜୟୀ ହେଲେ କିଏ ଉପ-ମୁଖ୍ୟମନ୍ତ୍ରୀ ହେବ ତାହା ମଧ୍ୟ ମହାମେଣ୍ଟ ପୂର୍ବରୁ ସ୍ଥିର କରିଦେଇଛି। ଆସନକୁ ନେଇ ମୂଳଚାଲ କରୁଥିବା ଭିକାଶଶୀଳ ଇନସାନ ପାର୍ଟି (ଭିଆଇପି)ର ମୁଖ୍ୟ ମୁକେଶ ସାହାନୀଙ୍କୁ ମହାମେଣ୍ଟର ଉପ-ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯାଇଛି। ପାଟନାରେ ମହାମେଣ୍ଟରେ ସାମିଲ ସବୁ ଦଳର ନେତା ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ମହାମେଣ୍ଟରେ ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ସଙ୍କଟମୋଚକ ଭାବେ ପାଟନାରେ ପହଞ୍ଚିଥିବା କଂଗ୍ରେସର ବରିଷ୍ଠ ନେତା ଅଶୋକ ଗେହଲଟ କହିଥିଲେ ଯେ ସବୁ ବରିଷ୍ଠ ନେତାଙ୍କ ସହ ଆଲୋଚନା ପରେ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଅନ୍ୟ ସମାଜରୁ ଆଉ ଜଣେ ଉପ-ମୁଖ୍ୟମନ୍ତ୍ରୀ ହେବେ। ପ୍ରଥମ ପର୍ଯ୍ୟାୟ ମତଦାନକୁ ଆଉ ମାତ୍ର ଦୁଇ ସପ୍ତାହ ବାକି ଥିବାବେଳେ ମହାମେଣ୍ଟ ଏକତା ପ୍ରଦର୍ଶନ କରିଛି। ସବୁ ନେତା ଏକାଠି ଜୋରସୋରରେ ପ୍ରଚାର କରିବେ ବୋଲି କୁହାଯାଇଛି। ଏହା ସହିତ କ୍ଷମତାସୀନ ଏନ୍‌ଡିଏ ମେଣ୍ଟକୁ ପ୍ରଶ୍ନବାଣ ମରାଯାଇଛି। ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ହେବ ବୋଲି ପଚରା ଯାଇଛି। ଏଠାରେ ଗେହଲଟ ଅଭିଯୋଗ କରିଥିଲେ ଯେ ବିଜେପି ଧନବଳରେ ନିର୍ବାଚନ ଜିତୁଛି। ନିର୍ବାଚନ କମିଶନ ସରକାରଙ୍କ କାଠ କଣ୍ଢେଇ ପାଲଟି ଯାଇଛନ୍ତି।

ପାଟନାର ମୌର୍ଯ୍ୟା ହୋଟେଲରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀ ୫୦ ମିନିଟ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଆରଜେଡି, କଂଗ୍ରେସ, ଭିଆଇପି ସମେତ ୭ ଦଳର ୧୪ ନେତା ସାମିଲ ଥିଲେ।

### ବ୍ୟାପକ ଆଲୋଚନା ପରେ ନରମିଲା କଂଗ୍ରେସ

### ମେଣ୍ଟ ଜିତିଲେ ମୁକେଶ ହେବେ ଉପମୁଖ୍ୟମନ୍ତ୍ରୀ



ଆରଜେଡିର ତେଜସ୍ୱୀ, ଅବଦୁଲ ବାରି ସିଦ୍ଦିକି, ମନୋଜ ଝା, ସଞ୍ଜୟ ଯାଦବ, କଂଗ୍ରେସର ଗେହଲଟ, ରାଜେଶ ରାମ, କୃଷ୍ଣା ଅଲ୍ଲାବରୁ, ପବନ ଖେଡ଼ା, ଅଭୟ ଦୁବେ, ସିପିଆଇଏମଏଲର ଦୀପଙ୍କର ଭଟ୍ଟାଚାର୍ଯ୍ୟ, ଭିଆଇପିର ମୁକେଶ ସାହାନୀ, ସିପିଆଇଏମର ରାମନେରଶ ପଣ୍ଡା, ଅଲ୍ ଇଣ୍ଡିଆ ପାନ ମହାସଭା ନ୍ୟାସନାଲର ଆଇପି ଗୁପ୍ତା ମଞ୍ଚରେ ରହିଥିଲେ। ତେବେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ସାମ୍ବାଦିକ ସମ୍ମିଳନୀରେ ମରା ଯାଇଥିବା ପୋଷ୍ଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପୋଷ୍ଟର ଦେଖିବାକୁ ମିଳି ନ ଥିଲା। ଏହା ସହିତ ସର୍ବଦା ମୁଖ୍ୟମନ୍ତ୍ରୀ ଚେହେରା ପ୍ରସଙ୍ଗକୁ ଏଡ଼ାଇ ଚାଲିଥିବା କଂଗ୍ରେସ ବ୍ୟାକ୍‌ଫୁଟକୁ ଚାଲି ଯାଇଛି। ଭୋଟର ଅଧିକାର ଯାତ୍ରା ଶେଷ ହେବା ପରେ କଂଗ୍ରେସ ନେତା ଦିଗବିଜୟ ସିଂହ କହିଥିଲ ଯେ ବହୁମତ ଯେଉଁ ଦଳକୁ ମିଳିବ, ସେହି ଦଳରୁ ମୁଖ୍ୟମନ୍ତ୍ରୀ ହେବେ। କିନ୍ତୁ ଶେଷରେ କଂଗ୍ରେସକୁ ହିଁ ନଇଁବାକୁ ପଡ଼ିଲା।

ଅନ୍ୟପଟେ ମହାମେଣ୍ଟରେ ଥିବା ଆସନ ବଣ୍ଟନ ଅଡୁଆକୁ ନେଇ ଏହି ସାମ୍ବାଦିକ ସମ୍ମିଳନୀରେ କିଛି କୁହାଯାଇ ନ ଥିଲା। ୧୨ ଆସନରେ ମହାମେଣ୍ଟରେ ସାମିଲ ଦଳ ପରସ୍ପର ବିରୋଧରେ ପ୍ରାର୍ଥି ଦେଇଛନ୍ତି। ଆରଜେଡି ୧୪୩, କଂଗ୍ରେସ ୬୧ ଆସନରେ ପ୍ରାର୍ଥି ଦେଇଛି। ଅନ୍ୟ ଆସନଗୁଡିକୁ ସିପିଆଇ (ଏମଏଲ), ଭିଆଇପି ଏବଂ ଅନ୍ୟ ଦଳ ପାଇଁ ଛଡ଼ା ଯାଇଛି। ଆଜି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ ଥିଲା। ସାମ୍ବାଦିକ ସମ୍ମିଳନୀ ପରେ ଏ ଦିଗରେ ପଦକ୍ଷେପ ନିଆଯାଉଛି। କଂଗ୍ରେସ ପ୍ରାର୍ଥୀ ପ୍ରାଣପୁର ଏବଂ ବାରସିଲଗଞ୍ଜରୁ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ସେହିପରି ମଧୁବନୀ ଜିଲ୍ଲାର ବାବୁବରହିରୁ ଭିଆଇପି ପ୍ରାର୍ଥି ହଟିଛନ୍ତି। ଏହି ତିନି ସ୍ଥାନରେ ଆରଜେଡି ପ୍ରାର୍ଥିଙ୍କ ସହ ମୁକାବିଲା ହେବାର ଥିଲା।

ସାମ୍ବାଦିକ ସମ୍ମିଳନୀରେ ତେଜସ୍ୱୀ ଜଙ୍ଗଲରାଜର ଛବିରୁ ବାହାରିବାକୁ ପ୍ରୟାସ କରିଥିଲେ। ନିଜ ଛାଇ ଭୁଲ କଲେ ବି ଦଣ୍ଡ ଦେବି ବୋଲି କହିଥିଲେ। ସେ ଅଭିଯୋଗ ଲଗାଇ ଥିଲେ ଯେ ନୀତୀଶଙ୍କ ସରକାରର ୨୦ ବର୍ଷରେ ୭୦ ହଜାର ହତ୍ୟା ହୋଇଛି। ବିକାଶ ଜମାରୁ ହୋଇନି। ବିହାର ଲୋକ ଆମକୁ ୨୦ ମାସ ସମୟ ଦେଲେ ସବୁ କାମ କରିଦେବୁ। ଚଳିତ ଥର ଏନ୍‌ଡିଏ ଆଉ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବ ନାହିଁ। ଏହା ତାଙ୍କର ଶେଷ ନିର୍ବାଚନ। ଏ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଚେହେରାକୁ ନେଇ କାହିଁକି ଘୋଷଣା କରାଯାଇ ନାହିଁ ତାହା ଅମିତ ଶାହା ସ୍ପଷ୍ଟ କରନ୍ତୁ। ଜେଡିୟୁର କିଛି ନେତା ଦଳକୁ ନିପାତ କରିବା ପାଇଁ ବିଜେପି ସହ କାମ କରୁଛନ୍ତି ବୋଲି ତେଜସ୍ୱୀ ଅଭିଯୋଗ କରିଥିଲେ।

## କ୍ୱାଲାଲମ୍ପୁର ଯିବେନି ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୩।୧୦ (ଏଜେନ୍ସି): ଆସନ୍ତା ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ କୁଆଲଲମପୁରରେ ଆସିଆନ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ହେବ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ ଏହି ଚର୍ଚ୍ଚାରେ ବିରାମ ଲଗାଇଛନ୍ତି। ଏଠାରେ ଟ୍ରମ୍ପ ଏବଂ ମୋଦୀଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ହେବ ନାହିଁ। କାରଣ ଏହି ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ମାଲେସିଆ ଯିବେ ନାହିଁ। ୧୨ ଥର ସାମିଲ ହେବା ପରେ ପ୍ରଥମ ଥର ପାଇଁ ମୋଦୀ ଏହି ବୈଠକରୁ ବିରତ ରହିବେ। ପ୍ରଧାନମନ୍ତ୍ରୀଙ୍କ ବଦଳରେ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଏହି ସମ୍ମିଳନୀରେ ସାମିଲ ହେବା ପାଇଁ କୁଆଲାଲମପୁର ଯିବେ।



### ଆସିଆନ ସମ୍ମିଳନୀରେ ହେବନି ମୋଦୀ-ଟ୍ରମ୍ପ ଭେଟ

କିନ୍ତୁ ମାଲେସିଆ ପ୍ରଧାନମନ୍ତ୍ରୀ ଆଜି କହିଥିଲେ ଯେ ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଉଭୟେ ଭାରତ-ମାଲେସିଆ ସମ୍ବନ୍ଧକୁ ମଜବୁତ କରିବା ପାଇଁ ଚର୍ଚ୍ଚା କରିଥିଲେ। ଏହି ସମ୍ମିଳନୀରେ ଅନ୍‌ଲାଇନରେ ସାମିଲ ହେବେ ବୋଲି ମୋଦୀ କହିଥିଲେ। ଏହାକୁ ନେଇ ଭାରତରେ ରାଜନୀତି ଆରମ୍ଭ ହୋଇଯାଇଛି। କଂଗ୍ରେସ ନେତା ଜୟରାମ ରମେଶ ଦାବି କରିଛନ୍ତି ଯେ ଟ୍ରମ୍ପଙ୍କ ପାଇଁ ମୋଦୀ ଏପରି ନିଷ୍ପତ୍ତି ନେଇଛନ୍ତି। ଟ୍ରମ୍ପଙ୍କ ଦ୍ୱାରା ମୋଦୀ କୋଣଠେସା ହେବାକୁ ଚାହାନ୍ତି ନାହିଁ। ସେ ଟ୍ରମ୍ପଙ୍କ ସାମ୍‌ନାକୁ ଆସିବାକୁ ଚାହାନ୍ତି ନାହିଁ। ମୋଦୀ ଏଥିପାଇଁ କିଛି ଦିନ ତଳେ ଇଜିପ୍ଟରେ ଅନୁଷ୍ଠିତ ଗାଜା ଶାନ୍ତି ଶିଖର ସମ୍ମିଳନୀରେ ଯୋଗଦେବାକୁ ମଧ୍ୟ ମନା କରିଦେଇଥିଲେ। ସାମାଜିକ ଗଣମାଧ୍ୟମରେ ଟ୍ରମ୍ପଙ୍କ ପ୍ରଶଂସା କରିବା ଏବଂ ସାମ୍‌ନାରେ ଛିଡ଼ାହେବା ଅଲଗା ବିଷୟ। ଯେଉଁ ବ୍ୟକ୍ତି ୫୩ ଥର 'ଅପରେସନ ସିନ୍ଦୂର' ରୋକିବା ନେଇ ଦାବି କରିଥିବା ଏବଂ ରୁଷରୁ ତୈଳ କ୍ରୟବନ୍ଦ ନେଇ ୫ ଥର ପ୍ରତିଶ୍ରୁତି ଦେଇଥିବା ବ୍ୟକ୍ତିଙ୍କ ସହ ଛିଡ଼ା ହେବା ତାଙ୍କ ବିପଦପୂର୍ଣ୍ଣ। ଏବେ ବୋଧେ ପ୍ରଧାନମନ୍ତ୍ରୀ ମୋଦୀ ପୁରୁଣା ବଲିଉଡ ଗୀତ 'ବଚ କେ ରେହନା ରେ ବାବା, ବଚକେ ରେହନା' ଗୀତକୁ ମନେ ପକାଉଛନ୍ତି ବୋଲି ଜୟରାମ ରମେଶ କହିଥିଲେ।

ଗତ ମାସରେ ଟ୍ରମ୍ପ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଥିଲେ ଯେ ସେ କିଛି ସପ୍ତାହ ମଧ୍ୟରେ ମୋଦୀଙ୍କୁ ଭେଟିବାକୁ ଉତ୍ସାହିତ ଅଛନ୍ତି। ଶୁଳ୍କ ଏବଂ ରୁଷ୍ ସହ ତୈଳ କାରବାରକୁ ନେଇ ଭାରତ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଏହି ବୈଠକରେ ସମ୍ପର୍କ ସୁଧାରିବା ପାଇଁ ଚର୍ଚ୍ଚା ହୋଇପାରେ ବୋଲି କୁହାଯାଉଥିଲା। ଏହାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଆସିଆନ ସମ୍ମିଳନୀରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହେବ ବୋଲି କୁହାଯାଉଥିଲା।

## ଜଷ୍ଟିସ ସୂର୍ଯ୍ୟକାନ୍ତ ହୋଇପାରନ୍ତି ନୂଆ ପ୍ରଧାନ ବିଚାରପତି

ନୂଆଦିଲ୍ଲୀ, ୨୩।୧୦ (ଏଜେନ୍ସି): ଭାରତର ପରବର୍ତ୍ତୀ ପ୍ରଧାନ ବିଚାରପତି (ସିଜେଆଇ) ନିଯୁକ୍ତି ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବର୍ତ୍ତମାନର ସିଜେଆଇ ବିଆର ଗଭାଇ ଆସନ୍ତା ୨୩ ତାରିଖରେ ଅବସର ନେବାକୁ ଯାଉଛନ୍ତି। ଖୁବଶୀଘ୍ର ଆଇନମନ୍ତ୍ରୀ ଜଷ୍ଟିସ ଗଭାଇଙ୍କୁ ଚିଠି ଲେଖି ନିଜ ଉତ୍ତରାଧିକାରୀଙ୍କ ନାମ ସୁପାରିସ କରିବାକୁ କହିବେ। ଏହି ଚିଠି ଶୁକ୍ରବାର ସୁଦ୍ଧା ପଠା ଯାଇପାରେ। ବର୍ତ୍ତମାନର ନିୟମ ଅନୁଯାୟୀ ସୁପ୍ରିମକୋର୍ଟର ସବୁଠୁ ବରିଷ୍ଠ ବିଚାରପତିଙ୍କୁ ସିଜେଆଇ ଭାବେ ଚୟନ କରାଯାଏ। ସାଧାରଣତଃ ସିଜେଆଇଙ୍କ ଅବସରର ପ୍ରାୟ ମାସେ ପୂର୍ବରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଏବେ ଜଷ୍ଟିସ ସୂର୍ଯ୍ୟକାନ୍ତ ସୁପ୍ରିମକୋର୍ଟର ସବୁଠାରୁ ବରିଷ୍ଠ ବିଚାରପତି ଅଛନ୍ତି। ସେ ପରବର୍ତ୍ତୀ ପ୍ରଧାନ ବିଚାରପତି ହେବାର ସମ୍ଭାବନା ରହିଛି। ଯଦି ତାଙ୍କୁ ନିଯୁକ୍ତି ଦିଆଯାଏ ତେବେ ନଭେମ୍ବର ୨୩ରେ ସେ ଭାରତର ୫୨ ତମ ସିଜେଆଇ ହେବେ। ୨୦୨୭ ଫେବୃଆରୀ ୯ ଯାଏଁ, ପ୍ରାୟ ୧୫ ମାସ ପର୍ଯ୍ୟନ୍ତ ସେ ଏହି ପଦରେ ରହିବେ। ଅନ୍ୟପକ୍ଷରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଦେଇଥିବା ଏକ ଟିପ୍ପଣୀ ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହେବାରେ ଲାଗିଛି। ଏଥିରେ ସେ କହିଥିଲେ ଯେ 'ପୁରାତନ ସମୟରେ କେବଳ ମହିଳାଙ୍କୁ ଗୋଲାମ କରି ରଖିବା ପାଇଁ ବିବାହ ଭଳି ବ୍ୟବସ୍ଥାକୁ ବ୍ୟବହାର କରାଯାଉଥିଲା। ଆଇନ ଏବଂ ସାମାଜିକ ସୁଧାର ଯୋଗୁଁ ଆଜି ବିବାହ ବ୍ୟବସ୍ଥାରେ ସମ ଭାବନା ବିକଶିତ ହେଉଛି'।



## ଆମେରିକାକୁ ଭେନେଜୁଏଲାର ଚାଲେଞ୍ଜ

### ମୁତୟନ କଲାଣି ୫ ହଜାର ରୁଷ୍ କ୍ଷେପଣାସ୍ତ୍ର

କାରକାସ, ୨୩।୧୦ (ଏଜେନ୍ସି): ଭେନେଜୁଏଲା ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ବୁଧବାର ଏକ ଟିଭି କାର୍ଯ୍ୟକ୍ରମରେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଆମେରିକାକୁ ଧମକ ଦେଇଛନ୍ତି। ଆମେରିକାଠାରୁ



ସୃଷ୍ଟି ହୋଇଥିବା ବିପଦର ମୁକାବିଲା ପାଇଁ ୫ ହଜାର ରୁଷ୍ ଇଗ୍ଲା-ଏସ୍ କ୍ଷେପଣାସ୍ତ୍ର ମୁତୟନ କରି ରଖିଛୁ। ଦେଶ ପାଖରେ ଥିବା ଏହି କ୍ଷେପଣାସ୍ତ୍ର ଗୁଡିକ ଶାନ୍ତି ଏବଂ ସ୍ୱାଧୀନତାର ସୁରକ୍ଷା କରିବେ। ଆକାଶ ମାର୍ଗରୁ ଆସୁଥିବା ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ରକୁ ରୋକିବା ପାଇଁ ଏଗୁଡିକୁ ମୁତୟନ କରାଯାଇଛି। କୌଣସି ସାମ୍ରାଜ୍ୟବାଦୀ ବିପଦର ଜବାବ ଦେବା ପାଇଁ ଏହା ରହିଛି। ନିଜ ମାତୃଭୂମିର ପ୍ରତ୍ୟେକ ଇଞ୍ଚ ଜମିକୁ ସୁରକ୍ଷିତ ରଖିବା ପାଇଁ ଭେନେଜୁଏଲା ସେନା ପ୍ରସ୍ତୁତ ଅଛି।

### ସାମ୍ରାଜ୍ୟବାଦୀ ବିପଦକୁ ଜବାବ ଦେବୁ: ରାଷ୍ଟ୍ରପତି

### ମାତୃଭୂମିର ପ୍ରତ୍ୟେକ ଇଞ୍ଚ ଜମି ପାଇଁ ଲଢ଼ିବୁ

ସୂଚନା ଅନୁଯାୟୀ ଦୀର୍ଘ ବର୍ଷ ହେଲା ମାଦୁରୋଙ୍କୁ ଆମେରିକା ବିରୋଧ କରୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭେନେଜୁଏଲା ଉପକୂଳ ନିକଟକୁ କିଛି ନୌସୈନିକଙ୍କୁ ପଠାଇଛନ୍ତି। ଏହାକୁ ଆମେରିକା ନିଶାଦ୍ରବ୍ୟ ବିରୋଧୀ ଅଭିଯାନ ନାମ ଦେଇଛି। କିଛି ମାସ ହେଲା ଭେନେଜୁଏଲାର ଅନେକ ବୋଟକୁ ନୌସେନା ନଷ୍ଟ କରିଦେଇଛି। ଏହା ମାଧ୍ୟମରେ ଡ୍ରଗ୍ସ ନିଆଯାଉଥିବା ଅଭିଯୋଗ କରାଯାଇଛି। ତେବେ ଭେନେଜୁଏଲା ଏ ସବୁ ଅଭିଯୋଗକୁ ଖାରଜ କରିଆସିଛି। ଆମେରିକାର ଏହି ଅଭିଯାନ ଦେଶର ସ୍ୱାଧୀନତା ଉପରେ ଆକ୍ରମଣ ବୋଲି କୁହାଯାଇଛି। ଅନ୍ୟପଟେ ଆମେରିକା ପ୍ରଶାସନ ମାଦୁରୋଙ୍କୁ ଡ୍ରଗ୍ସ ଚାଲାଣକାରୀ କହିଛି। ସେ ନିଶାଦ୍ରବ୍ୟ ଚାଲାଣକାରୀଙ୍କ ସହ ମିଶି ଟ୍ରମ୍ପ ଦେଶକୁ ଫେଣ୍ଟାନାଇଲ ମିଶ୍ରିତ କୋକେନ ପଟାଉଥଇବା ଅଭିଯୋଗ ଲଗାଯାଇଛି। ମାଦୁରୋଙ୍କ ପାଖରେ ୭ ଟନ୍ କୋକେନ ରହିଛି। ଏହାକୁ ସେ ଆମେରିକା ପଠାଇବାକୁ ପ୍ରସ୍ତୁତି କରୁଛନ୍ତି ବୋଲି ଆମେରିକା ଅଧିକାରୀମାନେ କହିଛନ୍ତି। ଏହାକୁ ନେଇ ଗତ ଅଗଷ୍ଟ ୭ ତାରିଖରେ ମାଦୁରୋଙ୍କ ଉପରେ ଆମେରିକା ୫୦ ନିୟୁତ ଡଲାର ଅର୍ଥାତ୍ ପ୍ରାୟ ୪୨୦ କୋଟି ଟଙ୍କା ଜୋରିମାନା ଲଗାଇ ଥିଲା।

● ଆମେରିକାର ଭାରତୀୟ ବଂଶୋଦ୍ଭବଙ୍କ ଉନ୍ମତ୍ତ କାଣ୍ଡ

## ନିଶାରେ ଟ୍ରକ୍ ଚଳାଇ ୩ ଜଣଙ୍କୁ ହତ୍ୟା



ୱାସିଂଟନ, ୨୩।୧୦ (ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଟ୍ରକ୍ ଡ୍ରାଇଭର ଆମେରିକା କାଲିଫର୍ଣ୍ଣିଆର ଅଣ୍ଟାରିଓରେ ଆତଙ୍କ ସୃଷ୍ଟି କରିଛନ୍ତି। ସେ ନିଶାସକ୍ତ ଅବସ୍ଥାରେ ଟ୍ରକ୍ ଚଳାଇ ପ୍ରାୟ ୧୦ଟି ଗାଡ଼ିକୁ ଧକ୍କା ଦେଇଛନ୍ତି। ଅନ୍ୟ ଗାଡିକୁ ଟ୍ରକ୍ ଧକ୍କା ଦେଉଥିବା ସତ୍ତ୍ୱେ ସେ ବ୍ରେକ୍ ଲଗାଇ ନ ଥିଲେ। ଏଥିଯୋଗୁଁ ଘଟଣାସ୍ଥଳରେ ୩ ଜଣଙ୍କ ଜୀବନ ଯାଇଛି। ୪ରୁ ଅଧିକ ଆହତ ହୋଇଛନ୍ତି। ପୁଲିସ ଏହି ମାମଲାରେ ଜିସନଙ୍କୁ ଗିରଫ କରିଛି। ଗତ ୨୨ ତାରିଖରେ ଏହି ଘଟଣା ଘଟିଥିବାବେଳେ ଗୁରୁବାର ଭିଡିଓ ସାମ୍‌ନାକୁ ଆସିଛି। ଅଭିଯୁକ୍ତ ଜିସନ (୨୧) ପଞ୍ଜାବର ବାସିନ୍ଦା। ସେ ୨୦୨୨ରେ ବେଆଇନ ଭାବେ ଆମେରିକାରେ ପ୍ରବେଶ କରିଥିବା କୁହାଯାଉଛି। ଆମେରିକା ପୁଲିସର ସୂଚନା ଅନୁଯାୟୀ ସାମ୍‌ନାରେ ଟ୍ରାଫିକ ଜାମ୍ ଥିବା ସତ୍ତ୍ୱେ ଜିସନ ଗାଡ଼ିକୁ ଅଟକାଇ ନ ଥିଲା। କାରଣ ସେ ନିଶାସକ୍ତ ଥିଲା। ତାକୁ ବର୍ଣ୍ଣାଡିନୋ କାଉଣ୍ଟି ସେରିଫ ବିଭାଗର ହେପାଜତରେ ରଖାଯାଇଛି। କାଲିଫର୍ଣ୍ଣିଆର ଆଇ-୧୦ ଫ୍ରିୱେରେ ଜିସନଙ୍କ ଟ୍ରକ୍ ନିୟନ୍ତ୍ରଣ ହରାଇ ଥିଲା। ପ୍ରଥମେ ଏହା ରାସ୍ତା ମଝିରେ ଥିବା କାର୍‌ଗୁଡିକୁ ଧକ୍କା ଦେଇଥିଲା। ପରେ ପାର୍ଶ୍ୱରେ ଥିବା ଗାଡ଼ିକୁ ଧକ୍କା ମାରିଥିଲା। ଏଥିରେ ୧୦ଟି ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ୨୦୨୨ରେ ଆମେରିକାରେ ଧରା ପଡ଼ିଥିଲା। କିନ୍ତୁ ପରେ ତାକୁ ମୁକ୍ତ କରିଦିଆଯାଇଥିଲା।

# ବଞ୍ଚିଥିବା ଲୋକଙ୍କୁ ମୃତ ଦର୍ଶାଇ ନେଇଗଲେ ଶହେ କୋଟି

ନୂଆଦିଲ୍ଲୀ, ୨୩।୧୦ (ଏଜେନ୍ସି): ଜ୍ଞାନକୌଶଳ ଏବଂ ପ୍ରଯୁକ୍ତିବିଦ୍ୟା ଯେତେ ଉନ୍ନତ ହେଉଛି ଠକେଇ ସେତେ ବଢ଼ି ବଢ଼ି ଚାଲିଛି। ଏହା ଜମାରୁ କମ୍ ହେଉନାହିଁ। ଅନ୍‌ଲାଇନ ଯୋଗୁଁ ଠକ୍ ସୁବ୍ୟବସ୍ଥିତ ଭାବେ ଷଡ଼ଯନ୍ତ୍ର କରି କୋଟି କୋଟି ଟଙ୍କା ଠକି ନେଉଛନ୍ତି। ଏବେ ବୀମା ଦାବି ପାଇଁ ଏପରି କରାଯାଉଛି। ପ୍ରଥମେ ଠକେଇ ପାଇଁ ଗରିବ, ଅନାଥ, ବୃଦ୍ଧ ଏବଂ ରୋଗୀ ଆଦିଙ୍କ ବୀମା କରାଯାଉଛି। ମୃତବ୍ୟକ୍ତିଙ୍କୁ ମଧ୍ୟ ଜୀବିତ କରିଦିଆଯାଉଛି। କାଗଜପତ୍ରରେ ଜୀବିତ ଥିବା ଦର୍ଶା ଯାଉଛି। ପରେ ସେମାନେ ଚିକିତ୍ସିତ ହେଉଥିବାର ଜାଲ ପ୍ରମାଣପତ୍ର ପ୍ରସ୍ତୁତ କରାଯାଉଛି। ପୌରପାଳିକା ଆଦି ସଂସ୍ଥା ମୃତ୍ୟୁ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରିଦେଉଛନ୍ତି। ଶେଷରେ ନୋମିନିଙ୍କ ମାଧ୍ୟମରେ ବୀମା ଦାବି କରାଯାଉଛି। ଆଉ ବିନା ଦ୍ୱିଧାରେ କମ୍ପାନୀ ମଧ୍ୟ ଏହି ବୀମା ଦାବିକୁ ପାରିତ କରିଦେଉଛି। ଠକମାନେ ଏହି ଅର୍ଥ

### ୧୨ ରାଜ୍ୟକୁ ବ୍ୟାପିଛି ବୀମା ଗ୍ୟାଙ୍ଗର ଚେର

### ବୀମା ପାଇଁ କରାଯାଉଛି ହତ୍ୟା

### ଦିଆଯାଉଛି ସଡ଼କ ଦୁର୍ଘଟଣାର ରୂପ



ନେଇ ଫୁର୍ ହେଇଯାଉଛନ୍ତି। ଏହି ଜାଲ୍ ବୀମା ପାଇଁ ହତ୍ୟା ମଧ୍ୟ କରାଯାଇଥିବାର ନଜିର ରହିଛି। ହତ୍ୟାକୁ ଦୁର୍ଘଟଣାର ରୂପ ଦିଆଯାଉଛି। ପୁଲିସ ରେକର୍ଡରେ ସାମାନ୍ୟ ସଡ଼କ ଦୁର୍ଘଟଣା ହୋଇଥିବା ଦର୍ଶାଯାଉଛି। ଦେଶରେ ୧୨ଟି ରାଜ୍ୟରେ ଏଭଳି ବୀମା ଗ୍ୟାଙ୍ଗ କାର୍ଯ୍ୟ କରୁଛି। ଏମାନେ ଜାଲ୍ ବୀମା କରି ୧୦୦ କୋଟିରୁ ଅଧିକ ଠକେଇ କରିଥିବା ସୂଚନା ମିଳିଛି। ଉତ୍ତର ପ୍ରଦେଶରୁ ପ୍ରଥମେ ଏହି ମାମଲା ସାମ୍‌ନାକୁ ଆସିଥିଲା। ଚଳିତବର୍ଷ ପ୍ରାରମ୍ଭରେ ସମ୍ଭଲ ପୁଲିସ ଏକ କାର୍‌କୁ ଜବତ କରି ଦୁଇ ଜଣଙ୍କୁ ଗିରଫ କରିଥିଲା। ଏହି କାର୍‌ରୁ ଦେଢ଼ ଲକ୍ଷ ଟଙ୍କା, ୧୭ କ୍ରେଡିଟ କାର୍ଡ ଏବଂ ୩୦ ହଜାରରୁ ଅଧିକ ଜାଲ୍ କାଗଜପତ୍ର ମିଳିଥିଲା। ଏହାର ତଦନ୍ତରୁ ଏଭଳି ଭୟଙ୍କର ତଥ୍ୟ ସାମ୍‌ନାକୁ ଆସିଛି।

ସୂଚନା ଅନୁଯାୟୀ ଦିଲ୍ଲୀର ଏହି ଗ୍ୟାଙ୍ଗ ଦିଲ୍ଲୀର ସାଲିମାର ଗାର୍ଡେନରେ ରହୁଥିବା ତ୍ରିଲୋକ କୁମାରଙ୍କୁ ୬ ମାସ ମଧ୍ୟରେ ଦୁଇ ଥର ମାରି ଦିଆଯାଇଥିଲା। ପ୍ରଥମେ ୨୦୨୪ ଜୁନ୍ ୧୯ରେ କର୍କଟରେ ଏବଂ ସେହି ବର୍ଷ ଡିସେମ୍ବର ୨୬ରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁଇ ଥର ଯାକ ଦିଲ୍ଲୀ ପୌର ନିଗମ ତାଙ୍କ ମୃତ୍ୟୁ ପ୍ରମାଣପତ୍ର ଜାରି କରିଥିଲା। ଏହି ପ୍ରମାଣପତ୍ରରେ ୨୦ ଲକ୍ଷର ବୀମା ଦାବି ପାରିତ ହୋଇ ଯାଇଥିଲା। ଏଭଳି କାରନାମା କରିଥିବା ବୀମା ଗ୍ୟାଙ୍ଗ ଉପରେ ସମ୍ଭଲ ପୁଲିସ ୧୦ ମାସ ହେଲା ତଦନ୍ତ କରୁଛି। ଏ ପର୍ଯ୍ୟନ୍ତ ୬୮ ଜଣଙ୍କୁ ଗିରଫ କରାଗଲାଣି। ଏବେ ବି ମାମଲାର ତଦନ୍ତ ଜାରି ରହିଛି।

ମୃତ ତ୍ରିଲୋକ କୁମାରଙ୍କ ପତ୍ନୀ କହିଥିଲେ ଯେ ଜୁନ୍ ୧୯ରେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା। ତିନି ମାସ ପରେ କିଛି ଲୋକ ତାଙ୍କୁ ଯୋଗାଯୋଗ କରି ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ମିଳିବ ବୋଲି କହିଥିଲେ। ଏଥିପାଇଁ ସେ କାଗଜପତ୍ର ଦେଇଥିଲେ। ସମ୍ଭଲ ପୁଲିସ ଯାଞ୍ଚ କରିବାକୁ ପହଞ୍ଚିବା ପରେ ଏ ବିଷୟରେ ସେ ଜାଣିବାକୁ ପାଇଥିଲେ।

**ବିକ୍ରମଙ୍କୁ ନ୍ୟାୟ ଓ ବିଚାରବିଭାଗୀୟ ତଦନ୍ତ ଦାବି**

# ପ୍ରତିବାଦ ସଭାରେ ଗର୍ଜିଲା ବିଜେଡି

ବ୍ରହ୍ମପୁର, ୨୩।୧୦ (ସମିସ): ରାଜ୍ୟରେ ଶାସକ ଦଳର ହାତବାରିସି ସାଜି ଦଳୀୟ ନେତାଙ୍କ ଇଙ୍ଗିତରେ କାର୍ଯ୍ୟ କରୁଛି ପୁଲିସ। ନୂଆପଡ଼ା ଉପ-ନିର୍ବାଚନରେ ବିଜେଡି ପ୍ରତି ମିଳୁଥିବା ଜନସମର୍ଥନରେ ଅସହ୍ୟ ହୋଇ ବିକ୍ରମ ପଣ୍ଡାଙ୍କ ଭଳି ଜଣେ ଉଦୀୟମାନ ନେତାଙ୍କୁ ଗିରଫ କରାଯାଇଛି। ବିଜେଡିକୁ ବଦନାମ କରିବା ଓ ବିକ୍ରମଙ୍କ ରାଜନୈତିକ କ୍ୟାରିଅର୍‌କୁ ନଷ୍ଟ କରିବା ଉଦ୍ଦେଶ୍ୟରେ ଶାସକ ବିଜେପି ପୁଲିସର ଏମିତି ଅପବ୍ୟବହାର କରିଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁରଠାରେ ଆଜି ଆୟୋଜିତ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଓ ପ୍ରତିବାଦ ସଭାରେ ଏମିତି ସଂଗିନ୍ ଅଭିଯୋଗ ଆଣି ରାଜ୍ୟ ବିଜେପି ସରକାର ଉପରେ ଭୀଷଣ ଗର୍ଜିଛି ବିଜେଡି। ବିକ୍ରମ ପଣ୍ଡାଙ୍କୁ ନ୍ୟାୟ ପ୍ରଦାନ ଓ ହାଇକୋର୍ଟର ଜଣେ ବିଚାରପତିଙ୍କ ଜରିଆରେ ଏହାର ବିଚାର ବିଭାଗୀୟ ତଦନ୍ତ କରାଯାଉ ବୋଲି ବିଜେଡି ଦାବି କରିଛି।

ପୂର୍ବତନ ସାଂସଦ ତଥା ବିଜେଡିର ବରିଷ୍ଠ ରାଜ୍ୟ ଉପ-ସଭାପତି ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଶୋଭଯାତ୍ରା ସ୍ଥାନୀୟ ହିଲପାଟଣାସ୍ଥିତ ସଂସ୍କୃତିଭବନ ନିକଟରୁ ବାହାରି ସହର ପରିକ୍ରମା କରିବା ପରେ ଗାନ୍ଧିନଗର ଛକଠାରେ ପହଞ୍ଚିଥିଲା। ପରେ ସେଠାରେ ବିଜେଡିର ମୁଖପାତ୍ର ତୁମ୍ବନାଥ ପଣ୍ଡାଙ୍କ ସଂଯୋଜନାରେ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ସାମିଲ ସହସ୍ରାଧିକ ଦଳୀୟ ନେତା ଓ କର୍ମୀ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇଥିଲେ। ବିକ୍ରମ ପଣ୍ଡାଙ୍କ ଅନ୍ୟାୟପୂର୍ଣ୍ଣ ଗିରଫଦାରୀର ପ୍ରତିବାଦ କରିଥିଲେ।



■ 'ମନ୍ତ୍ରୀଙ୍କୁ ଖସାଇବାକୁ ଯାଇ ବିଜେଡି ନେତାଙ୍କୁ ଫସାଇ ଦିଆଯାଇଛି'
■ 'କାହାଣୀର ସ୍କ୍ରିପ୍ଟ ଲେଖିଛନ୍ତି ରାଜ୍ୟ ବିଜେପି ସଭାପତି'
■ ଶୋଭାଯାତ୍ରାରେ ସାମିଲ ହେଲେ ସହସ୍ରାଧିକ ବିଜେଡି ନେତା, କର୍ମୀ

ସଭାରେ ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର ସିଧାସଳଖ ପୁଲିସର ତଦନ୍ତ ଓ ଜେରାକୁ ଟାର୍ଗେଟ୍ କରିଥିଲେ। ତଦନ୍ତ ନିରପେକ୍ଷ ନୁହେଁ, ବରଂ ଶାସକ ବିଜେପି ଦଳ ଦ୍ୱାରା ରଚିତ ଷଡ୍‌ଯନ୍ତ୍ର ବୋଲି ଅଭିଯୋଗ କରିଥିଲେ। ମନ୍ତ୍ରୀଙ୍କୁ ଖସାଇବାକୁ ଯାଇ ବିଜେଡି ନେତାଙ୍କୁ ଫସାଇ ଦିଆଯାଇଛି। ରାଜ୍ୟ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଥିଲେ, ପୀତବାସ ହତ୍ୟା ମାମଲାରେ ହୋଇଥିବା ନାଟକୀୟ ପରିବର୍ତ୍ତନର ସ୍କ୍ରିପ୍ଟ-ରାଇଟର୍ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ଘଟଣାର ବିଚାର ବିଭାଗୀୟ ତଦନ୍ତ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତ୍ରୀ ବିଧାୟିକା ପ୍ରମିଳା ମଲ୍ଲିକ କହିଥିଲେ, ନୂଆପଡ଼ା ଉପନିର୍ବାଚନରେ ବିଜେଡି ପ୍ରତି ମିଳୁଥିବା ଜନସମର୍ଥନରେ ଅସହ୍ୟ ହୋଇ ବିଜେପି ବିଜେଡି ଉପରେ ଏଭଳି ଦାଉ ସାଧିଛି। ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ କହିଥିଲେ, ବିଜେପି ବର୍ତ୍ତମାନ ପରିସ୍ଥିତିରେ ବିକ୍ରମଙ୍କୁ ମୋହରା କରି ଯେଭଳି ଭାବେ ଏକ ହତ୍ୟା ମାମଲାରେ ଜଡ଼ିତ କରି ନାଟକୀୟ ପରିସ୍ଥିତି ସୃଷ୍ଟି କରିଛି, ସେଥିରୁ କ୍ଷାନ୍ତ ନହେଲେ ଆଗକୁ ପରିସ୍ଥିତି ଅସମ୍ଭାଳ ହେବ। ରାଜ୍ୟ ବିଜୁ ଛାତ୍ର ସଭାନେତ୍ରୀ ଇପସିତା ସାହୁ କହିଥିଲେ, ନବୀନ ବାବୁ ଗଞ୍ଜାମ ଜିଲ୍ଲାକୁ ଫରୁଆ ଭିତରେ ସଜେଇ ରଖିଥିଲେ। ମାତ୍ର, ୧୬ ମାସର ସରକାରରେ ବିଜେପି ଗଞ୍ଜାମ ଜିଲ୍ଲାରେ ଅସ୍ଥିରତା ସୃଷ୍ଟି କରିସାରିଛି। ଉଦ୍ଦେଶ୍ୟମୂଳକ ତଥା ରାଜନୈତିକ ଅଭିସନ୍ଧି ରଖି ବିକ୍ରମ ପଣ୍ଡାଙ୍କୁ ଗିରଫ କରାଯାଇଛି।

ସେହିପରି ବିଧାୟକ ଗଣେଶ୍ୱର ବେହେରା କହିଥିଲେ, ବିଜେପିର ଜଣେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଡମ୍ବୁରୁ ରେଡ୍ଡୀଙ୍କ ଅଭିଯୋଗକୁ ଆଧାର କରି କୌଣସି ତଦନ୍ତ କରାଗଲା ନାହିଁ। ପୁଲିସ ଚାପମୁକ୍ତ ହୋଇ ତଦନ୍ତ ନକରି ଶାସକ ଦଳର ଇଙ୍ଗିତରେ କାର୍ଯ୍ୟ କରୁଛି। ପୂର୍ବତନ ବିଧାୟକ ଡା. ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହିଛନ୍ତି, ବିଜେଡିର ଜଣେ ଉଦୀୟମାନ ନେତାଙ୍କୁ ଆକ୍ରୋଶମୂଳକ ଭାବେ ହତ୍ୟା ଭଳି ସଙ୍ଗୀନ ମାମଲାରେ ଫସାଇ ଦିଆଯାଇଛି। ତାଙ୍କର ଗିରଫଦାରୀ ସମ୍ପୂର୍ଣ୍ଣ ଅନ୍ୟାୟ ଓ ଅମୂଳକ।

ଏହି ପ୍ରତିବାଦ ସଭାରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ଡା. ରାଜଶ୍ରୀ ମଲ୍ଲିକ, ବିଧାୟକ ଇଂ. ରୂପେଶ ପାଣିଗ୍ରାହୀ, ବିଧାୟକ ସୁନୀଲ ମହାନ୍ତି, ବିଧାୟକ ସାରଦା ଜେନା, ବିଧାୟକ ପ୍ରଦୀପ ସାହୁ, ବିଜେଡିର ବରିଷ୍ଠ ପ୍ରବକ୍ତା ଲେନିନ ମହାନ୍ତି, ପୂର୍ବତନ ମନ୍ତ୍ରୀ ଉଷା ଦେବୀ, ପୂର୍ବତନ ସାଂସଦ ପ୍ରମିଳା ବିଶୋୟୀ, ସାଂସଦ ପ୍ରାର୍ଥିନୀ ରଂଜିତା ସାହୁ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ବିଧାୟକ ସୁବାସ ବେହେରା, ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ଟିକିଟି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୁପ ଦେଓ, ଦିଗପହଣ୍ଡି ବିଧାୟକ ପ୍ରାର୍ଥୀ ବିପ୍ଳବ ପାତ୍ର, ଦେବାନନ୍ଦ ମହାପାତ୍ର, ପୂର୍ବତନ ଅଧ୍ୟକ୍ଷ ରାଜ୍ୟ କାଜୁ ନିଗମ ସୁବାସ ମହାରଣା, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ଅଜୟ ମହାରଣା, ପୂର୍ବତନ ବିଡିଏ ଉପାଧ୍ୟକ୍ଷ କୈଳାଶ ରଣାଙ୍କ ସମେତ ବହୁ ଯୁବ, ଛାତ୍ର, ମହିଳା ବିଜେଡି ନେତା ଓ କର୍ମୀଙ୍କ ସହିତ ବହୁ କର୍ପୋରେଟର୍ ଓ ବିଭିନ୍ନ ଏନଏସି ଓ ପୌରପାଳିକାର ନିର୍ବାଚିତ ଜନପ୍ରତିନିଧିମାନେ ସାମିଲ ହୋଇଥିଲେ।

**ନୂଆପଡ଼ା ଉପ-ନିର୍ବାଚନ**

## ୨୧ ନେତାଙ୍କୁ ଗୁରୁଦାୟିତ୍ୱ ଦେଲେ ନବୀନ

ଭୁବନେଶ୍ୱର, ୨୩।୧୦(ସମିସ): ନୂଆପଡ଼ା ଉପ-ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ସୁନିଶ୍ଚିତ କରିବା ପାଇଁ ବିଜେଡି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି। ଦଳ ସେହି ଅନୁଯାୟୀ ସଂଗଠନକୁ କ୍ରିୟାଶୀଳ କରୁଛି। ନିର୍ବାଚନରେ

**ସାଂଗଠନିକ କାର୍ଯ୍ୟକଳାପ ସଂଯୋଜନା କରିବେ**



ଜୋନ୍‌ରୁ ଆରମ୍ଭ କରି ଏନ୍‌ଏସି ଏବଂ ବ୍ଲକ୍ ପର୍ଯ୍ୟନ୍ତ ଭିନ୍ନଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି କ୍ରମରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ଆଉ ୨୧ଜଣ ନେତାଙ୍କୁ ଗୁରୁଦାୟିତ୍ୱ ଦେଇଛନ୍ତି। ଏହି ନେତାମାନେ ଦଳ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ସାଂଗଠନିକ କାର୍ଯ୍ୟକଳାପକୁ ସଂଯୋଜନା କରିବେ। ଦଳ ପକ୍ଷରୁ ପ୍ରକାଶିତ ନିର୍ଦ୍ଦେଶନାମା ଅନୁଯାୟୀ, ଏହି ଦାୟିତ୍ୱରେ ପ୍ରମିଳା ମଲ୍ଲିକ, ନିରଞ୍ଜନ ବିଶି, ଟୁକୁନି ସାହୁ, ସୁବାସ ସିଂ, ରମେଶ ମାଝୀ, ଲତିକା ପ୍ରଧାନ, ପ୍ରକାଶ ମାଝୀ, ଅଳକା ମହାନ୍ତି, ଡଲି ମାଝୀ, ମହମ୍ମଦ ଆଦାମ, ଏସ.କେ ନିଜାମୁଦ୍ଦିନ, ପ୍ରଫୁଲ୍ଲ ସିଂ, ଭାନୁପ୍ରତାପ ସିଂ ମାଝୀ, ସଞ୍ଜିତ ମହାନ୍ତି, ଗିରିରାଜ ସିଂ ମାଝୀ, ଗୌରହରି ମିଶ୍ର, ଭୀଷ୍ମଦେବ ସରଫ, ରାଜୁ ଘିବେଲା, ନନ୍ଦଲାଲ ସିଂ, ଜାପାନ ମହାପାତ୍ର ଓ ପ୍ରବୀର ମହାନ୍ତି ରହିଛନ୍ତି।

**ଜାଗାବାଡ଼ି ବିବାଦରୁ ଗଡ଼ିଲା ମୁଣ୍ଡ**

## ସାନଭାଇ ଆକ୍ରମଣରେ ବଡ଼ ମୃତ

ଜଳେଶ୍ୱର, ୨୩।୧୦(ସମିସ): ଜାଗାବାଡ଼ି ଆଗରେ ତୁଚ୍ଛ ପଡ଼ିଗଲା ରକ୍ତର ସଂପର୍କ। ଭାଇ ହୋଇଗଲା ବଇରୀ। ଠେଙ୍ଗାରେ ପିଟିପିଟି ଭାଇର ଜୀବନ ନେଇଗଲା। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍‌ର ରାଇବଣିଆ ଥାନା ଅଧୀନ ବଣକାଟି ଗାଁରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗାଁର ବୁଧିରାମ ସିଂ (୪୪)। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଅଭିଯୁକ୍ତ ସାନଭାଇ ଅଭିରାମ ସିଂ ଗିରଫଦାରୀ ଭୟରେ ଫେରାର୍ ହୋଇଯାଇଥିବା ଜଣାଯାଇଛି।

ସୂଚନାନୁଯାୟୀ, ଘରଡିହ ବଣ୍ଟନକୁ ନେଇ ଦୁଇଭାଇଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ଗତ ସୋମବାର ଦିନ ଅଭିରାମ ଓ ବୁଧିରାମଙ୍କ ମଧ୍ୟରେ ଏହାକୁ ନେଇ ବଚସା ହୋଇଥିଲା। ଏଥିରେ ଅଭିରାମ ରାଗିଯାଇ ପାଖରେ ଥିବା ଏକ ଠେଙ୍ଗାରେ ବୁଧିରାମଙ୍କୁ ଆକ୍ରମଣ କରିଥିଲା। ଗୁରୁତର ବୁଧିରାମଙ୍କୁ ପ୍ରଥମେ ହାତୀଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧିରାମଙ୍କ ମୃତ୍ୟୁ ହୋଇଯାଇଛି।

**ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଅନିଲ ଅଗ୍ରୱାଲ**

## ଓଡ଼ିଶାରେ ୧ ଲକ୍ଷ କୋଟିର ପୁଞ୍ଜିନିବେଶ କରିବ ବେଦାନ୍ତ

ଭୁବନେଶ୍ୱର,୨୩।୧୦(ସମିସ): ରାଜ୍ୟରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରିବ ବେଦାନ୍ତ ଗ୍ରୁପ। ଏହି ଅର୍ଥକୁ କମ୍ପାନୀ ଢ଼େଙ୍କାନାଳରେ ପ୍ରତିଷ୍ଠା ହେବାକୁ ଥିବା ତାର ବୃହତ୍ ଆଲୁମିନିୟମ୍ ପ୍ରକଳ୍ପରେ ଖଟାଇବ। ବାର୍ଷିକ ୩ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏହି ଆଲୁମିନିୟମ୍ ପ୍ରକଳ୍ପରେ କମ୍ପାନୀ ଏକ ୪୯୦୦ ମେଗାୱାଟ୍‌ର ପାୱାର ପ୍ଲାଣ୍ଟ ମଧ୍ୟ ସ୍ଥାପନ କରିବ ବୋଲି ଗୁରୁବାର ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ସୂଚନା ଦେଇଛନ୍ତି।

ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶ୍ରୀ ଅଗ୍ରୱାଲ ଭେଟିଛନ୍ତି। ଏହି ଅବସରରେ ସେ ରାଜ୍ୟରେ ଗ୍ରୁପ ପକ୍ଷରୁ ପ୍ରସ୍ତାବିତ କେତେକ ନୂଆ ଶିଳ୍ପ ପ୍ରକଳ୍ପ ବିଷୟରେ ଆଲୋଚନା କରିଛନ୍ତି। ଏହି ଅନୁଯାୟୀ, ଆଗାମୀ ଦିନରେ ବେଦାନ୍ତ ପକ୍ଷରୁ ଓଡିଶାରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ। ଏହାଦ୍ୱାରା ରାଜ୍ୟରେ ୧ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିପାଇଁ



ଗ୍ରୁପ ରାଜ୍ୟ ସରକାରଙ୍କଠାରୁ ସମସ୍ତ ପ୍ରକାର ସହଯୋଗ ଆଶା କରୁଥିବା ଶ୍ରୀ ଅଗ୍ରୱାଲ କହିଛନ୍ତି। ଏହି ନିବେଶ ପାଇଁ ଆବଶ୍ୟକ ଜମି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କମ୍ପାନୀକୁ ଭରସା ଦିଆଯାଇଛି। ଏହାସହିତ ବିଶ୍ୱର ମେଟାଲ ଭାଲ୍ୟୁ-ଚେନ୍‌ରେ ଓଡିଶାର ପ୍ରତିଷ୍ଠା ବୃଦ୍ଧି ପାଇଁ କେନ୍ଦୁଝରଠାରେ ଗ୍ରୁପ ଏକ ଅତ୍ୟାଧୁନିକ ଫେରୋ-ଆଲଏଜ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବାକୁ ଯୋଜନା କରୁଛି। ଏଥିରେ ବେଦାନ୍ତ ପକ୍ଷରୁ ୨

■ ଢେଙ୍କାନାଳରେ ପ୍ରତିଷ୍ଠା ହେବ ବୃହତ୍ ଆଲୁମିନିୟମ୍ ପ୍ରକଳ୍ପ
■ କେନ୍ଦୁଝରରେ ୨୦୦୦ କୋଟିର ଫେରୋ-ଆଲଏଜ୍ ପ୍ଲାଣ୍ଟ

ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯିବ।

ସୂଚନାନୁଯାୟୀ, ବେଦାନ୍ତ ପକ୍ଷରୁ ରାଜ୍ୟରେ ଦୁଇଟି ନୂଆ ଆଲୁମିନିଅମ୍ ପାର୍କ ମଧ୍ୟ ପ୍ରତିଷ୍ଠା କରାଯିବ। ଝାରସୁଗୁଡାରେ ଥିବା କମ୍ପାନୀର ଆଲୁମିନିଅମ୍ ପ୍ଲାଣ୍ଟ ନିକଟରେ ଗୋଟିଏ ନୂଆ ଆଲୁମିନିଅମ୍ ପାର୍କ ପ୍ରତିଷ୍ଠା ଯୋଜନା ରହିଛି। ଏହାସହିତ ରାଜ୍ୟର ଅନ୍ୟ ସ୍ଥାନରେ ଯେଉଁଠି ରାଜ୍ୟ ସରକାର ଜମି ଯୋଗାଇଦେବେ, ସେଠାରେ ମଧ୍ୟ ଆଉଏକ ଆଲୁମିନିଅମ୍ ପାର୍କ ପ୍ରତିଷ୍ଠା କରାଯିବ। ଏହି ଦୁଇଟି ଅତ୍ୟାଧୁନିକ ପାର୍କରେ ଅତ୍ୟନ୍ତ ଉନ୍ନତ ଗ୍ରେଡ୍‌ର ଆଲୁମିନିଅମ୍ ଆଲୟ ପ୍ରସ୍ତୁତ କରାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏହି ପୁଞ୍ଜି ନିବେଶ ଏକ ଗେମ୍-ଚେଞ୍ଜର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ବେଦାନ୍ତ ଅଧ୍ୟକ୍ଷ ଶିଳ୍ପ ପ୍ରକଳ୍ପ ଗୁଡିକୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ସହଯୋଗ ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଖଣି ଓ ଇସ୍ପାତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଓଏଚ୍‌ଆର୍‌ସିରେ ଏଣିକି ଭିଡିଓ କନ୍‌ଫରେନ୍ସିଂରେ ଶୁଣାଣି

ଭୁବନେଶ୍ୱର, ୨୩।୧୦(ସମିସ): ଦୂରଦୂରାନ୍ତରୁ ରାଜ୍ୟ ମାନବାଧିକାର କମିସନ (ଓଏଚ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟକୁ ଅଭିଯୋଗ ନେଇ ଆସୁଥିବା ଲୋକଙ୍କ ପାଇଁ ଖୁସି ଖବର। ଶୁଣାଣି ବେଳେ ଓଏଚ୍‌ଆର୍‌ସି କାର୍ଯ୍ୟାଳୟରେ ପ୍ରତ୍ୟକ୍ଷ ହାଜର ନ ହୋଇ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମଧ୍ୟ ହାଜର ହୋଇପାରିବେ। ଓଡ଼ିଶା ମାନବାଧିକାର କମିସନ, ଭୁବନେଶ୍ୱରଙ୍କ ଦ୍ୱାରା ସମସ୍ତ ବେଞ୍ଚମାନଙ୍କ ଦ୍ୱାରା ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୁଣାଣି କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାକୁ ଏକୀକୃତ ଏବଂ ସୁବ୍ୟବସ୍ଥିତ କରିବା ପାଇଁ କମିସନ ନିୟମ ଓ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଆସନ୍ତା ୨୭ ତାରିଖ (ସୋମବାର)ଠାରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୁଣାଣି କାର୍ଯ୍ୟକାରୀ କରାଯିବ।

କମିସନଙ୍କ ସମସ୍ତ ବେଞ୍ଚ "ଗୁଗୁଲ ମିଟ୍" ପ୍ଲାଟଫର୍ମ ମାଧ୍ୟମରେ ଭିଡିଓ କନଫରେନ୍ସିଂ ଏବଂ ପ୍ରତ୍ୟକ୍ଷ, ଉଭୟ ଭାବେ କାର୍ଯ୍ୟ ସଂପାଦନ କରିବେ। ଯେଉଁ ପକ୍ଷ ବା ପରାମର୍ଶଦାତାମାନେ ଦୂରଦୂରାନ୍ତରୁ ଆଭାସୀ ମାଧ୍ୟମରେ ଉପସ୍ଥିତ ହେବାକୁ ଇଚ୍ଛୁକ ଥିବେ, ସେମାନେ ଅଭିଯୋଗକାରୀଙ୍କ ନାମ, ମାମଲା, ନମ୍ବର, ବେଞ୍ଚ ନାମ ଏବଂ ଭିସି ମାଧ୍ୟମରେ ହାଜର ହେବାକୁ ଇଚ୍ଛୁକ ବ୍ୟକ୍ତିଙ୍କ ବିବରଣୀ ଫର୍ମ ପୂରଣ କରି ଶୁଣାଣି ପୂର୍ବ ତାରିଖ ଅପରାହ୍ଣ ୪ଟା ସୁଦ୍ଧା କମିସନଙ୍କ ଇ-ମେଲ୍‌ରେ ପଠାଇବାକୁ ପଡ଼ିବ। ଶୁଣାଣି ଦିନ ପଠାଯାଇଥିବା

**ଜାରି ହେଲା ନିୟମ ଓ ନିର୍ଦ୍ଦେଶାବଳୀ**

କୌଣସି ଇ-ମେଲ ଅନୁରୋଧକୁ ଗ୍ରହଣ କରାଯିବ ନାହିଁ ବୋଲି କମିସନ ସ୍ପଷ୍ଟ କରିଛନ୍ତି।

ସମସ୍ତ ମାମଲା ସୂଚୀବଦ୍ଧ ଥିବା କ୍ରମିକ ସଂଖ୍ୟା ଅନୁଯାୟୀ ବିଚାର କରାଯିବ। ପକ୍ଷ ଓ ଓକିଲମାନେ ଶୁଣାଣି ଦିନ ସକାଳ ୧୧ଟାରୁ କମିସନଙ୍କ ୱେବସାଇଟ୍‌ରେ ଭିଡିଓ ଲିଙ୍କ୍ ଏବଂ ସମୟ ଦେଖିପାରିବେ। ନିର୍ଦ୍ଦିଷ୍ଟ ସମୟର ୫ମିନିଟ୍ ପୂର୍ବରୁ ଭିଡିଓ କନଫରେନ୍ସିଂରେ ଯୋଗ ଦେବାକୁ ପଡ଼ିବ। ସମସ୍ତ ପକ୍ଷ ଓ ଅଂଶଗ୍ରହଣକାରୀମାନେ ଭିଡିଓ କନଫରେନ୍ସିଂ ସମୟରେ ଯଥୋଚିତ ସୌଜନ୍ୟ ଓ ମର୍ଯ୍ୟାଦା ଅନୁସରଣ କରିବେ। କୌଣସି ବ୍ୟକ୍ତି କିମ୍ବା ସଂସ୍ଥାଙ୍କ ଦ୍ୱାରା ଅନଧିକୃତ ଅଡିଓ କିମ୍ବା ଭିଡିଓ ରେକର୍ଡିଂ କରାଯିବ ନାହିଁ। ଅଂଶଗ୍ରହଣକାରୀମାନେ ମର୍ଯ୍ୟାଦା ସହ ସଂଯମ ପୋଷାକ ପିନ୍ଧିବେ। ପୁଲିସ ଅଧିକାରୀମାନେ ନିର୍ଦ୍ଧାରିତ ଆଇନ ଓ ନିୟମ ଅନୁଯାୟୀ ସରକାରୀ ୟୁନିଫର୍ମରେ ଉପସ୍ଥିତ ରହିବେ। ଭିଡିଓ କନଫରେନ୍ସିଂ ସମୟରେ ଯଦି କୌଣସି ଅନାବଶ୍ୟକ ବିଶୃଙ୍ଖଳା ସୃଷ୍ଟି ହୁଏ, ତେବେ ଅଧ୍ୟକ୍ଷ ବିଚାରପତିଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟଧାରାକୁ ହଠାତ୍ ବନ୍ଦ କରାଯାଇପାରେ। ସମସ୍ତ ଅଂଶଗ୍ରହଣକାରୀ କ୍ୟାମେରା ସମ୍ମୁଖରେ ସତର୍କ ଭାବେ ଉପସ୍ଥିତ ହେବେ। ଶୁଣାଣି ସମୟରେ ଅନ୍ୟ କୌଣସି କାର୍ଯ୍ୟକଳାପରେ ନିୟୋଜିତ ହେବେ ନାହିଁ। ଭିଡିଓ କନଫରେନ୍ସିଂ ସମ୍ବନ୍ଧୀୟ ଯେକୌଣସି ସମସ୍ୟା ପାଇଁ ଭିଡିଓ କନଫରେନ୍ସିଂ ସଂଯୋଜକଙ୍କ ମୋବାଇଲ ନଂ ୭୬୫୬୮୪୯୬୦୩ରେ ସମ୍ପର୍କ କରିବାକୁ କମିସନ ଜଣାଇଛନ୍ତି। ଓଡ଼ିଶା ମାନବାଧିକାର କମିସନ ସମସ୍ତ ପକ୍ଷ ଓ ଜନସାଧାରଣଙ୍କୁ ଉପରୋକ୍ତ ନିୟମ ଅନୁସରଣ ପୂର୍ବକ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି।

## ଚଳିତ ଶିକ୍ଷାବର୍ଷରୁ ପଞ୍ଚମ ଓ ଅଷ୍ଟମରେ ପାସ୍-ଫେଲ୍ ବ୍ୟବସ୍ଥା

ଭୁବନେଶ୍ୱର,୨୩।୧୦(ସମିସ): ଏଣିକି ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ରହିବ ପାସ୍ ଫେଲ୍ ବ୍ୟବସ୍ଥା। ଫେଲ୍ ହେଲେ ପରବର୍ତ୍ତୀ ଶ୍ରେଣୀକୁ ଛାତ୍ରଛାତ୍ରୀମାନେ ଉତ୍ତୀର୍ଣ୍ଣ ହୋଇପାରିବେ ନାହିଁ। ସେମାନଙ୍କୁ ପାସ୍ କରିବାକୁ ଆଉ ଏକ ସୁଯୋଗ ଦିଆଯିବ। ୨ମାସ ମଧ୍ୟରେ ସେମାନେ ଆଉ ଏକ ପରୀକ୍ଷା ଦେବେ। ଏହି ସମୟରେ ବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯିବ। ଏହା ପରେ ମଧ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନପାରିଲେ ସେମାନଙ୍କୁ ଫେଲ୍ କରାଯିବ। ସେହି ଶ୍ରେଣୀରେ ରହି ଆଉ ବର୍ଷେ ପଢ଼ିବେ।

ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ଉଭୟ ଲିଖିତ ଓ ମୌଖିକ ପରୀକ୍ଷା ଅନୁଷ୍ଠିତ ହେବ। ମୋଟ୍ ୫୦ ମାର୍କ ମଧ୍ୟରୁ ୪୦ ମାର୍କ ଲିଖିତ ଓ ୧୦ ମାର୍କ ମୌଖିକ ପରୀକ୍ଷା ରହିବ। ସେହିପରି ୮ମ ଶ୍ରେଣୀ ଛାତ୍ରଛାତ୍ରୀମାନେ କେବଳ ୫୦ ମାର୍କର ଲିଖିତ ପରୀକ୍ଷା ଦେବେ। ପ୍ରଶ୍ନପତ୍ରରେ ସମ୍ମେଟିଭ୍ ଆସେସ୍‌ମେଣ୍ଟ-୧ରୁ ୩୦% ଓ ପରେ ପଢ଼ାଯାଇଥିବା ପାଠ୍ୟକ୍ରମରୁ ୭୦% ପ୍ରଶ୍ନ ପରୀକ୍ଷାରେ ଆସିବ। ପରୀକ୍ଷା ସୁପରିଚାଳନା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଗାଇଡ୍‌ଲାଇନ୍ ପ୍ରକାଶ ପାଇବା ସହ ତ୍ରି-ସ୍ତରୀୟ ଷ୍ଟିୟରିଂ କମିଟି ଗଠନ କରାଯାଇଛି।

ବିଭାଗୀୟ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟି ଗଠନ ହୋଇଛି। ତହିଁରେ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ,

■ ୨ ମାସରେ ପାସ୍ କରିବାକୁ ମିଳିବ ଆଉ ଗୋଟିଏ ସୁଯୋଗ
■ ପରୀକ୍ଷା ଦିନ ସକାଳୁ ବିଦ୍ୟାଳୟରେ ପହଞ୍ଚିବ ପ୍ରଶ୍ନପତ୍ର

ମାଧ୍ୟମିକ, ପ୍ରାଥମିକ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି, ଟେକ୍ସଟ୍‌ବୁକ୍ ପ୍ରଡକ୍ସନ୍ ଆଣ୍ଡ ମାର୍କେଟିଂ ନିର୍ଦ୍ଦେଶକ ଓ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ସଦସ୍ୟ ଅଛନ୍ତି। ସେହିପରି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଜିଲ୍ଲାସ୍ତରୀୟ ପରିଚାଳନା କମିଟିରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ସମେତ ମୋଟ୍ ୧୨ଜଣ ସଦସ୍ୟ ଅଛନ୍ତି। ପ୍ରଶ୍ନପତ୍ର ପ୍ରସ୍ତୁତି ସହ ପ୍ରିଣ୍ଟିଂ, ପରୀକ୍ଷାସୂଚୀ ପ୍ରସ୍ତୁତ କରିବା ସହ ଖାତାଦେଖା ଓ ପରୀକ୍ଷା ଫଳ ଘୋଷଣାର ତଦାରଖ କରିବେ। ଜିଲ୍ଲାସ୍ତରୀୟ ସ୍କ୍ୱାଡ୍ ଗଠନ କରି ପରୀକ୍ଷା ସମୟରେ ଏହି କମିଟି ବ୍ୟାପକ ଯାଞ୍ଚ କରିବ।

ବ୍ଲକ୍‌ସ୍ତରରେ ବ୍ଲକ୍ ଶିକ୍ଷାଅଧିକାରୀ(ବିଇଓ)ଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ମୋଟ୍ ୬ଜଣ ସଦସ୍ୟ ରହିବେ। ବ୍ଲକ୍‌ସ୍ତରରେ ପରୀକ୍ଷା ପରିଚାଳନା ତଦାରଖ କରିବା ସହ ସିଆର୍‌ସିସିଙ୍କ ମାଧ୍ୟମରେ ପ୍ରତି ବିଦ୍ୟାଳୟରେ ପ୍ରଶ୍ନପତ୍ର ପହଞ୍ଚାଇବା, ବ୍ଲକ୍‌ସ୍ତରୀୟ ସ୍କ୍ୱାଡ୍ ଗଠନ କରି ପରୀକ୍ଷା ବେଳେ ଯାଞ୍ଚ କରିବା ଆଦି କାର୍ଯ୍ୟ ଏହି କମିଟି କରିବ।

ପରୀକ୍ଷା ପାଇଁ ଧାର୍ଯ୍ୟ ତାରିଖର ଅତି କମ୍‌ରେ ୭ଦିନ ପୂର୍ବରୁ ବିଇଓଙ୍କୁ ପ୍ରଶ୍ନପତ୍ର ପ୍ରଦାନ କରାଯିବ। ସେମାନେ ବ୍ଲକସ୍ତରରେ ଏକ ନିର୍ଦ୍ଦିଷ୍ଟ ଷ୍ଟ୍ରଙ୍ଗରୁମ୍ କରି ପ୍ରଶ୍ନପତ୍ରଗୁଡ଼ିକ ସୁରକ୍ଷିତ ସଂରକ୍ଷଣ ସୁନିଶ୍ଚିତ କରିବେ। ସିଆର୍‌ସିସିଙ୍କ ନେତୃତ୍ୱରେ ବିଇଓ ଗଠନ କରିଥିବା ଦଳ ପରୀକ୍ଷାର ତିନି ଦିନ ପୂର୍ବରୁ ପ୍ରଶ୍ନପତ୍ର ସଂଗ୍ରହ କରିବେ।

**ଓଡ଼ିଶା ପାଇଁ ଗୌରବ**

## ଏଚ୍‌ଆଇଭି ଟିକା ଉତ୍ପାଦନରେ ଓଡ଼ିଆ ପୁଅ ସୌମ୍ୟ

ବାଲେଶ୍ୱର, ୨୩।୧୦ (ସମିସ): ଏଚ୍‌ଆଇଭି ଟିକା ଉତ୍ପାଦନ କ୍ଷେତ୍ରରେ କାମ ପାଇଁ ମନୋନୀତ ହୋଇ ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି ଓଡ଼ିଆ ପୁଅ ବାଲେଶ୍ୱରର ସୌମ୍ୟ ସାଗର ଦେ। ସୌମ୍ୟ ସମ୍ପ୍ରତି ଆମେରିକାର ନେବ୍ରାସ୍କା ମେଡିକାଲ ସେଣ୍ଟର୍ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି କରୁଛନ୍ତି। ବାଲେଶ୍ୱର ସହର ସୁଏଲପୁରର ମୋନାଲିସା ଦେ ଓ ସୁବ୍ରତ କୁମାର ଦେଙ୍କ ପୁଅ ହେଉଛନ୍ତି ସୌମ୍ୟ।



ବିଏସ୍-ଏମ୍‌ଏସ୍ ସମାପ୍ତ କରିବା ପରେ ସେ ପ୍ରଥମେ ଆମେରିକାର ନର୍ଦ୍ଦନ ଇଲିନୋଇସ୍ ବିଶ୍ୱବିଦ୍ୟାଳୟରେ ଗବେଷକ ଭାବେ ଯୋଗ ଦେଇଥିଲେ। ସୌମ୍ୟଙ୍କ କହିବାନୁସାରେ, ବିକଶିତ ନୂତନ ଏଚ୍‌ଆଇଭି ଟିକା ଏବେ ପରୀକ୍ଷଣ ପର୍ଯ୍ୟାୟରେ ଅଛି। ଏବେ ଏହା ମୂଷାମାନଙ୍କ ଉପରେ ପରୀକ୍ଷା କରାଯାଉଛି। ଖୁବ୍‌ଶୀଘ୍ର ମାଙ୍କଡ଼ମାନଙ୍କ ଉପରେ ପରୀକ୍ଷା କରାଯିବ। ସେଥିରେ ସଫଳତା ମିଳିଲେ ମଣିଷଙ୍କ କ୍ଷେତ୍ରରେ ପ୍ରୟୋଗ କରାଯିବ। ସେ ଆହୁରି କହିଛନ୍ତି, ଏଚ୍‌ଆଇଭି, ପାର୍କିନ୍‌ସନ୍ ରୋଗ, ପ୍ରୋଷ୍ଟେଟ୍ କର୍କଟ ଭଳି ରୋଗ ପାଇଁ ଟିକା ତିଆରି କରିବା ଏବଂ ସଫଳତାର ସହ ଅଧ୍ୟୟନ ସମାପ୍ତ କରିବା ପରେ ଭାରତକୁ ଫେରିବି। ସେଠାକାର ସ୍ୱାସ୍ଥ୍ୟସେବାକୁ ଉନ୍ନତ କରିବା ପାଇଁ ଏକ ଔଷଧ କମ୍ପାନୀରେ କାମ କରିବା ମୋ ଲକ୍ଷ୍ୟ ବୋଲି ସୌମ୍ୟ କହିଛନ୍ତି।

# ଜେଲ୍‌ରେ ଚାଲିଛି ଅପରାଧୀଙ୍କ ରାଜ୍

ଭୁବନେଶ୍ୱର,୨୩।୧୦(ସମିସ): ରାଜ୍ୟରେ ଭୁଶୁଡ଼ିଗଲାଣି ଆଇନଶୃଙ୍ଖଳା ବ୍ୟବସ୍ଥା। ଦିନକୁ ଦିନ ବଢ଼ି ଚାଲିଛି ଅପରାଧୀଙ୍କ ରାଜ। ଜେଲ ବି ଏଥିରୁ ବାଦ ପଡ଼ିନାହିଁ। ଜେଲ ଭିତରେ ମାରପିଟ୍, ଗ୍ୟାଙ୍ଗୱାର, ମର୍ଡର ଓ ଡ୍ରଗ୍ସ କାରବାର କର୍ତ୍ତୃପକ୍ଷଙ୍କ ନିଦ ହଜାଇ ଦେଇଥିବା ବେଳେ ଏବେ ଜେଲରୁ କଏଦୀ ଚମ୍ପଟ ମାରିବାକୁ ଆରମ୍ଭ କଲେଣି। ଜେଲ ଭିତରେ ବଢୁଥିବା ଏପରି ଅରାଜକତା ପାଇଁ ଦାୟୀ କିଏ? ଏହାର କାରଣ ଖୋଜି ବାହାର କରିବା ବଦଳରେ ତଳିଆ କର୍ମଚାରୀଙ୍କୁ ଦୋଷ ଦେଇ ଖସିବାକୁ ଉଦ୍ୟମ ଚାଲିଛି।

ଚୌଦ୍ୱାର ଜେଲରୁ ଫେରାର ଦୁଇ ହାର୍ଡକୋର କଏଦୀ ଧରାପଡ଼ିନଥିବା ବେଳେ ପୁଣି ବାଲେଶ୍ୱର ସୋର ଜେଲରୁ ଆଉ ୨ଜଣ କଏଦୀ ଫେରାର ହୋଇଛନ୍ତି। ଏହି ଦୁଇ ଘଟଣାରେ କେବଳ ଜେଲ ୱାର୍ଡରଙ୍କୁ ନିଲମ୍ବିତ କରି ଦୋଷ ଖସାଇ ଦେଉଛି ଜେଲ ବିଭାଗ। ଏବେ ପୁଣି ଚୌଦ୍ୱାର ଜେଲରେ କଇଦୀଙ୍କ ମଧ୍ୟରେ ଗ୍ୟାଙ୍ଗୱାର ଘଟଣା ସାମନାକୁ ଆସିଛି। ଏହାର ସିସିଟିଭି ଫୁଟେଜ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଜେଲ ବିଭାଗ ଘର ସଜାଡ଼ିବା ବଦଳରେ ସିସିଟିଭି ଫୁଟେଜ ବାହାରକୁ କିଏ ଛାଡ଼ିଲା, ଉକ୍ତ କର୍ମଚାରୀଙ୍କୁ ଧରିବାକୁ ଖୋଳତାଡ଼ କରୁଛି। କିଛିମାସ ମଧ୍ୟରେ ରାଜ୍ୟର ବିଭିନ୍ନ ଜେଲରେ ୩୦ରୁ ଅଧିକ ଏଭଳି ଘଟଣା ଘଟିଲାଣି।

ଜେଲ ଏବେ କାଳକୋଠରୀ ନୁହେଁ, ବରଂ ସୁଧାର ଗୃହ। ଏଭଳି ଏକ ଗଠନମୂଳକ ପ୍ରୟାସ ନେଇ କିଛି ଦିନ ତଳେ ଆଗେଇ ଚାଲିଥିଲା ଜେଲ ବିଭାଗ। ଏବେ କିନ୍ତୁ ଜେଲ ବିଭାଗ ଗୋଟିଏ ପରେ ଗୋଟିଏ କଳଙ୍କ ମୁଣ୍ଡେଇବାରେ ଲାଗିଛି। ଗତକାଲି ଚୌଦ୍ୱାର ସର୍କଲ ଜେଲରେ ଘଟିଥିଲା ତୁମୁଳକାଣ୍ଡ। କବି ସେଠ ନାମକ

■ ବଢୁଛି ମାରପିଟ୍, ନିଶା କାରବାର
■ ଚମ୍ପଟ ମାରୁଛନ୍ତି କଏଦୀ, କର୍ତ୍ତୃପକ୍ଷ ବେଫିକର

ଅନ୍ତେବାସୀଙ୍କୁ ମାଡ଼ ମାରି ଲହୁଲୁହାଣ କରିଛନ୍ତି ଅନ୍ୟ ଅନ୍ତେବାସୀ। ଏହା ଗ୍ୟାଙ୍ଗୱାରର ପରିଣାମ ବୋଲି କୁହାଯାଉଛି। ସେହିପରି ଆଜି ସକାଳୁ ଏକ ପକସୋ ମାମଲାର ଅଭିଯୁକ୍ତଙ୍କ ଦେହରେ କରେଣ୍ଟ ଲାଗିବା ଦ୍ୱାରା ବରଗଡ଼ ଜେଲରେ ତାଙ୍କର ମୃତ୍ୟୁ ହୋଇଛି। ହାଇ ସିକ୍ୟୁରିଟି ମଧ୍ୟରେ ଜଣେ ଅନ୍ତେବାସୀ ବିଦ୍ୟୁତ ତାରକୁ କେମିତି ଧରିଲେ ତାକୁ ପ୍ରଶନ ଉଠିଲାଣି। ସେହିପରି ଗତ ୩ ତାରିଖରୁ ଚୌଦ୍ୱାର ଜେଲର ସେଲ କାଟି ଚମ୍ପଟ ମାରିଥିବା ଦୁଇ ହତ୍ୟାକାରୀ କଏଦୀଙ୍କ ସମ୍ପର୍କରେ ମଧ୍ୟ କୌଣସି ସୂଚନା ଏଯାଏଁ ମିଳିନାହିଁ। ଯାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ବିଶେଷଜ୍ଞ।

ସେଣ୍ଟ୍ରାଲ ଜେଲ ଭଳି ସୁବିଧା ସୁଯୋଗ ଥିବା ଚୌଦ୍ୱାର ସର୍କଲ ଜେଲ ମଧ୍ୟ ଆଦୌ ସୁରକ୍ଷିତ ନୁହେଁ। କିନ୍ତୁ ଏପଟେ ଲୋକବଳ ଅଭାବକୁ ଢାଲ କରିଛି ଜେଲ ବିଭାଗ। ଜେଲ କର୍ମଚାରୀ ଙ୍କୁ ବଡି କ୍ୟାମେରା, ପୁରସ୍କାର ଆଦି ବ୍ୟବସ୍ଥା କରାଯାଉଥିଲେ ମଧ୍ୟ ସେମାନଙ୍କ ଘନିଷ୍ଠତା କଏଦୀଙ୍କ ସହ ବଢୁଛି। ଯାହା ଫଳରେ କାରାଗାର ଭିତରକୁ ବେଧଡକ ପଶୁଛି ଗଞ୍ଜେଇ, ଅଫିମ ଓ ମାଦକ ଦ୍ରବ୍ୟ। ବିସ୍କୁଟ ମିକସ୍‌ଚର ପ୍ୟାକେଟ ଭିତରେ ଯା ଆସ କରୁଛି ମୋବାଇଲ। ସୁ ଉଚ୍ଚ କାଁନ୍ଥକୁ ଭେଦ କରି ଟେନିସ ବଲ ଜରିଆରେ ଜେଲ ଭିରରକୁ ଫିଙ୍ଗା ଯାଉଛି ଆବଶ୍ୟକ ସାମଗ୍ରୀ। ଆଉ ଏସବୁକୁ ରୋକିବା ପାଇଁ ଆକ୍ସନ ପ୍ଲାନ ହୋଇଥିବା ସଫେଇ ଦେଉଛି ବିଭାଗ। କିନ୍ତୁ ବାସ୍ତବରେ ଜେଲ ବିଭାଗର ଏକ ପ୍ରକାର କୋମାରେ ରହିଯାଇଥିବା କୁହାଯାଉଛି। ବଡ଼ କଥା ହେଲା ଜେଲରୁ କଏଦୀ ଫେରାର ହେବା ପାଇଁ ମୁଖ୍ୟତଃ ଜେଲ ୱାର୍ଡର ଦାୟୀ। ସେମାନେ ଗୋଟିଏ ଜେଲରେ ଦୀର୍ଘ ବର୍ଷ ରହୁଥିବାରୁ ହାର୍ଡକୋର କଏଦୀଙ୍କୁ ପରୋକ୍ଷରେ ସହଯୋଗ କରୁଛନ୍ତି।



ସେମାନଙ୍କ ନିକଟକୁ ମୋବାଇଲ, ଗଞ୍ଜେଇ ଏବଂ ଅନ୍ୟାନ ଜରୁରୀ ସାମଗ୍ରୀ ଦେଉଛନ୍ତି। ଆହୁରି ମଧ୍ୟ କିଭଳି ଜେଲରୁ ଫେରାର ହେବ, ତାହାର ବାଟ ମଧ୍ୟ ବତାଉଛନ୍ତି। ଯାହାକି ଚୌଦ୍ୱାର ଜେଲରୁ ସ୍ପଷ୍ଟ ହୋଇଛି। କାରଣ ଚୌଦ୍ୱାର ଜେଲ ପଛରେ ରେଲୱେ ଷ୍ଟେସନ ଥିବା କିଭଳି କଏଦୀ ଜାଣି ଉକ୍ତ ପଛ ବାଟ ଦେଇ ଫେରାର ହୋଇଥିଲେ। ତେଣୁ ଏସବୁ ଘଟଣା ପଛରେ ଜେଲ ୱାର୍ଡରଙ୍କ ହାତ ରହିଥିବା କୁହାଯାଉଛି।

## ସୁବର୍ଣ୍ଣରେଖା ନଦୀରେ ଷଷ୍ଠ ବନ୍ୟାର କ୍ଷୟକ୍ଷତି ରିପୋର୍ଟ

# ୭ ୫୦୦ ହେକ୍ଟର ଚାଷଜମି ନଷ୍ଟ

ବାଲେଶ୍ୱର, ୨୩।୧୦(ସମିସ)

ଗତ ଚାରି ମାସ ମଧ୍ୟରେ ହୋଇଥିବା ଲଗାଣ ବର୍ଷା ଫଳରେ ବାଲେଶ୍ୱର ଜିଲ୍ଲାରେ ପ୍ରବାହିତ ହେଉଥିବା ସୁବର୍ଣ୍ଣରେଖା ନଦୀରେ ଷଷ୍ଠଥର ପାଇଁ ବନ୍ୟା ଆସିଥିଲା। ଏହି ବନ୍ୟାରେ ଲୋକମାନଙ୍କର ମେରୁଦଣ୍ଡ ଭାଙ୍ଗିଯାଇଥିବା ବେଳେ ଚାଷ ମଧ୍ୟ ବହୁମାତ୍ରାରେ ଉଜୁଡି ଯାଇଛି। ଯାହାଫଳରେ ଲୋକମାନେ ଏବେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଏହି ପ୍ରାକୃତିକ ବିପଦରେ କ୍ଷୟକ୍ଷତି ହୋଇଥିବା ଲୋକମାନଙ୍କୁ କେବେ ସରକାରୀ ସହାୟତା ମିଳିବ ତାହା ଏବେ ଅନିଶ୍ଚିତତା।

ଜିଲ୍ଲା ଜରୁରୀ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା ନଦୀରେ ହୋଇଥିବା ଷଷ୍ଠ ବନ୍ୟାର କ୍ଷୟକ୍ଷତିର ରିପୋର୍ଟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ଏହାର ରିପୋର୍ଟ ପ୍ରଦାନ କରାଯାଇଛି। ପ୍ରଦାନ କରାଯାଇଥିବା ରିପୋର୍ଟ ଅନୁସାରେ ଷଷ୍ଠ ବନ୍ୟାରେ ପ୍ରଭାବିତ ହୋଇଥିବା ଲୋକମାନଙ୍କୁ ମାଗଣା ରନ୍ଧାଖାଦ୍ୟ ସାଙ୍ଗକୁ ଚୁଡା ଓ ଗୁଡ ପ୍ରଦାନ ବାବଦରେ ୭୭ଲକ୍ଷ ୬୪ହଜାର ୧୮୩ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ପ୍ରଭାବିତ ଲୋକମାନଙ୍କୁ ନେବା ଆଣିବା ବାବଦରେ୧୧ଲକ୍ଷ ୫୧ହଜାର୫୨୧ଟଙ୍କା ଖର୍ଚ୍ଚ ହୋଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଷଷ୍ଠ ବନ୍ୟାରେ ମୋଟ ୩୦ ହଜାର ୫୮ ଜଣ ପ୍ରଭାବିତଙ୍କୁ ସ୍ଥାନାନ୍ତରିତ କରାଯାଇଥିବା ଦର୍ଶାଯାଇଛି। ବିଶେଷ କରି କୃଷି ଓ ଉଦ୍ୟାନ କୃଷି ଚାଷୀମାନେ ଏଥିରେ ବେଶି ପ୍ରଭାବିତ ହୋଇଛନ୍ତି। କୃଷି କ୍ଷେତ୍ରରେ ଭୋଗରାଇ ବ୍ଲକରେ ସର୍ବାଧିକ ୫୮୪୦ହେକ୍ଟର ଚାଷ ଜମି ନଷ୍ଟ ହୋଇଥିବା ବେଳେ ବାଲିଆପାଳ ବ୍ଲକରେ ୧୧୯୨ ଏବଂ ଜଳେଶ୍ୱର ବ୍ଲକରେ ୪୧୦ ହେକ୍ଟର ଜମି ନଷ୍ଟ ହୋଇଛି। ମୋଟ ଉପରେ ଏହି ଚାରୋଟି ବ୍ଲକରେ ୭୪୪୨ ହେକ୍ଟର ଚାଷ ଜମି ନଷ୍ଟ ହୋଇଥିବା ନେଇ ରିପୋର୍ଟରେ ଦର୍ଶାଯାଇଛି। ସେହିପରି ଉଦ୍ୟାନ କୃଷି ବିଭାଗରେ ବସ୍ତା ବ୍ଲକରେ ୨୯ହେକ୍ଟର ଏବଂ ଜଳେଶ୍ୱର ବ୍ଲକରେ ୪୦ହେକ୍ଟର ଅର୍ଥାତ ମୋଟ ୬୯ହେକ୍ଟର ଜମି ନଷ୍ଟ ହୋଇଥିବା ନେଇ ଏହି ରିପୋର୍ଟରେ ଦର୍ଶାଯାଇଛି। ତେବେ ଏହି ବିଭାଗକୁ ମିଶାଇ ମୋଟ ୭ହଜାର ୫୧୧ହେକ୍ଟର ଜମି ନଷ୍ଟ ହୋଇଛି। ବେଳେ ଚାଷୀମାନଙ୍କୁ ସେମାନଙ୍କର କ୍ଷତିପୂରଣ ପ୍ରଦାନ କରିବା ବାବଦକୁ ମୋଟ ୬କୋଟି ୩୮ଲକ୍ଷ ୪୩ହଜାର ୫ଶହ ଟଙ୍କାର ଆବଶ୍ୟକତା ରହିଛି ବୋଲି ଏସଆରସିଙ୍କ ନିକଟକୁ ଏହି ରିପୋର୍ଟ ପ୍ରଦାନ କରାଯାଇଛି। ବିଶେଷକରି ଭୋଗରାଇ ବ୍ଲକରେ କ୍ଷୟକ୍ଷତି ବାବଦକୁ ହେକ୍ଟର ପିଛା ୮ ହଜାର ୫ଶହ ଟଙ୍କା ହିସାବରେ ମୋଟ ୪କୋଟି ୯୬ଲକ୍ଷ ୪୦ହଜାର ଟଙ୍କାର ଆବଶ୍ୟକତା ରହିଥିବା ବେଳେ ବାଲିଆପାଳ ବ୍ଲକରେ ୧କୋଟି ଏକଲକ୍ଷ ୩୨ହଜାର ଟଙ୍କାର ଆବଶ୍ୟକତା ରହିଛି। ସେହିପରି ବସ୍ତା ବ୍ଲକରେ ୨ଲକ୍ଷ ୪୬ହଜାର ୫ଶହ ଟଙ୍କାର ଆବଶ୍ୟକତା ରହିଥିବା ବେଳେ ଜଳେଶ୍ୱର ବ୍ଲକରେ ୩କୋଟି ୮୨ଲକ୍ଷ ୫ହଜାର ଟଙ୍କାର ଆବଶ୍ୟକତା ରହିଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ହେଲେ ଷଷ୍ଠ ବନ୍ୟାରେ କୌଣସି ଘର ଭାଙ୍ଗିନଥିବା ରିପୋର୍ଟରେ ଦର୍ଶାଯାଇଛି। ବନ୍ୟା ଫଳରେ ଲୋକମାନଙ୍କର ଅଧିକରୁ ଅଧିକ କ୍ଷୟକ୍ଷତି ହୋଇଥିବା ବେଳେ ସରକାରୀ ସ୍ତରରେ ପଠାଯାଇଥିବା ରିପୋର୍ଟ ସଠିକ ରହିଛି କି ନାହିଁ ତା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ଦେଖିବାକୁ ଗଲେ ସୁବର୍ଣ୍ଣରେଖାରେ ସୃଷ୍ଟି ହୋଇଥିବା ପଞ୍ଚମ ବନ୍ୟାରେ ବହୁ ଲୋକ ଚୁଡା ଚାଉଳ ପାଇନଥିବା ବେଳେ ଅଧିକରୁ ଅଧିକ ଲୋକମାନଙ୍କର ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଏପରିକି ଲୋକମାନଙ୍କୁ ସ୍ଥାନାନ୍ତର ପାଇଁ ମଧ୍ୟ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି ଯାହାକି ଏକ ଭିନ୍ନ ଦିଗକୁ ଇଙ୍ଗିତ କରୁଛି ବୋଲି ଆଲୋଚନା ହେଉଛି।

**ଚାଷୀଙ୍କ କ୍ଷତିପୂରଣ ପାଇଁ ଆବଶ୍ୟକ ୬କୋଟିରୁ ଅଧିକ ଟଙ୍କା**

## କାଳାହି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ଭୋଗରାଇ, ୨୩।୧୦(ସମିସ): ଭୋଗରାଇ ବ୍ଲକ ବିଜୟ କୁମାର ଏକାଡେମୀ ସୋହରିଆରେ କାଳାହି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଭାଷ ଚନ୍ଦ୍ର ଦତ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭୋଗରାଇ ଶିକ୍ଷା ଅଧିକାରୀ ନିହାର ରଞ୍ଜନ ଦାସ, ମୁଖ୍ୟବକ୍ତା ପୂର୍ବତନ ପ୍ରଧାନଶିକ୍ଷକ ଈଶ୍ୱର ଚନ୍ଦ୍ର ଗିରି, ସମ୍ମାନିତ ଅତିଥି ସୋହରିଆ ପଞ୍ଚାୟତର ସରପଞ୍ଚ ଜଗନ୍ନାଥ ସେଠୀ, ମନ୍ଦାରସାହି ପଞ୍ଚାୟତର ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଧାକୃଷ୍ଣ ମହାନ୍ତି, ପ୍ରାକ୍ତନ ସିଆରସିସି ବେନୁଚରଣ ଜେନା, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀହରିଚରଣ ଦାସ, ପ୍ରଫୁଲ୍ଲ ପଙ୍କଜିନୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌରହରି ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଶୁଭେନ୍ଦୁ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅରୁଣ କୁମାର ଧଡା ବେଦପାଠ ପଢ଼ିଥିଲେ। ଶେଷରେ ସିଆରସିସି ଗୈତ୍ତମ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ମଧ୍ୟରେ ବକ୍ତୃତା, ବିତର୍କ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ଶ୍ରୁତ ଲିଖନ ଓ ହସ୍ତାକ୍ଷର, ସଙ୍ଗୀତ, କୁଇଜ୍, ଚିତ୍ରକଳା, ପ୍ରବନ୍ଧ ଲିଖନ ଏବଂ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କ୍ଲଷ୍ଟର ଅଧିନରେ ୪୭୮ ବରିଷ୍ଠ ଓ କନିଷ୍ଠ ବିଭାଗର ୧୮ ଜଣ କୃତୀ ଛାତ୍ରଛାତ୍ରୀ ସମେତ ଦଳଗତ ପ୍ରତିଯୋଗିତା ପାଇଁ ୧ଟି ବିଦ୍ୟାଳୟକୁ ଚୟନ କରି ବ୍ଲକ ସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯାଇଛି। ଅପରାହ୍ନରେ ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଆଞ୍ଚଳିକ ସାଧନା କେନ୍ଦ୍ରରେ ୧୭ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପୂର୍ବତନ ବିଧାୟକ ପ୍ୟାରୀମୋହନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ



ଚନ୍ଦନେଶ୍ୱର, ୨୩।୧୦(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କଖଡ଼ା ପଞ୍ଚାୟତ ଅନ୍ତର୍ଗତ ତଲାଡ଼ି ଗ୍ରାମରେ ପ୍ରଥିତଯଶା ରାଷ୍ଟ୍ର ନାୟକ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ପ୍ୟାରୀମୋହନ ଦାସଙ୍କ ୩୮ ତମ ଶ୍ରାଦ୍ଧ ଦିବସ ଓ ପଥପ୍ରାନ୍ତ ସଭା ନେଗୁଆ ଛକ ସ୍ଥିତ ପ୍ୟାରୀମୋହନଙ୍କ ପ୍ରତିମୂର୍ତ୍ତି ଠାରେ ମାନ୍ୟଗଣ୍ୟ ଅତିଥି ମାନଙ୍କ ଗହଣରେ ପାଳିତ ହୋଇଯାଇଛି। ଭୋଗରାଇର ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରାଦ୍ଧ ବାର୍ଷିକୀରେ ପ୍ୟାରୀମୋହନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିବା ପରେ ପଥପ୍ରାନ୍ତ ସଭା ଅନୁଷ୍ଠାନ ହୋଇଥିଲା। ଏଥିରେ ପ୍ୟାରୀମୋହନ ସେବା ପରିଷଦର ସଦସ୍ୟ ପଙ୍କଯାକ୍ଷ୍ୟ ପଣ୍ଡା, ରାମହରି ସୁର, ଡା. ଦେବେନ୍ଦ୍ର କୁମାର ଦାସ, ଶ୍ରୀ କୁମାର ଘୋଷ, ଅଜିତ ଦାସ, ଦେବେନ୍ଦ୍ର ସାହୁ, ରାଜକୁମାର ଦାସ, ସୁବ୍ରତ ଘଡ଼ାଇ ପ୍ରମୁଖ ବକ୍ତ୍ୟବ୍ୟ ଦେଇ ପ୍ୟାରୀମୋହନ ବାବୁ ଜଣେ ନିଷ୍ଠାପର ଦେଶ ସେବକ ଓ ଦୁଃସାହାସିକ ରାଷ୍ଟ୍ରନାୟକ ଥିଲେ ବୋଲି ବକ୍ତ୍ୟବ୍ୟ ପ୍ରଦାନ କରିଥିଲେ। ପ୍ୟାରୀମୋହନ ସେବା ପରିଷଦ ତରଫରୁ ଭୋଗରାଇର ଥାନାଛକ ଠାରେ ଏକ ସହିଦ ମିନାର ନିର୍ମାଣ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା କାର୍ଯ୍ୟ ଆରମ୍ଭ ହୋଇଥିବା ପ୍ୟାରୀ ମୋହନ ସେବା ପରିଷଦର ସଭାପତି ଅପର୍ଣ୍ଣା ଦାସ ସୂଚନା ଦେଇଥିଲେ।

ସେହିଭଳି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ପୌରୋହିତ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପ୍ୟାରୀ ମୋହନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଧାୟକ ଗୌତମବୁଦ୍ଧ ଦାସ କହିଥିଲେ ପ୍ୟାରୀ ବାବୁ ଜଣେ ଭୋଗରାଇ ମାଟିର ବରପୁତ୍ର, ଦୁଃସାହାସିକ ସ୍ୱାଧୀନତା ସଂଗ୍ରାମୀ, ବ୍ରିଟିଶ ସରକାରଙ୍କ ନିଦ ହଜାଇ ଦେଇଥିଲେ। ତାଙ୍କୁ ଧରିବା ପାଇଁ ସରକାରଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ତାଙ୍କର ଦାୟାଦ ଭାବରେ ଭୋଗରାଇବାସୀ ହିସାବରେ ଆମେ ସମସ୍ତେ ତାଙ୍କ ନିକଟରେ କୃତଜ୍ଞ। ଅନ୍ୟମାନଙ୍କ ମଧ୍ୟରେ ଆଶିଷ ଦାସ, ସବିତା ଦାସ, ପ୍ରବୀର ଦାସ, ଭୂପେନ ବେହେରା, ନବି ସାହା ପ୍ରମୁଖ ଉପସ୍ଥିତ ଥିଲେ।

## ଭୋଗରାଇ ଓ ରସୁଲପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ



ଭୋଗରାଇ, ୨୩।୧୦(ସମିସ): ଭୋଗରାଇ ବ୍ଲକ ଭୋଗରାଇ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ମୁଖ୍ୟବକ୍ତା ୩୨ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ସମ୍ମାନିତ ଅତିଥି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କଳ୍ପନା ଭଞ୍ଜ, ସୁନାନରବସାଣ ସରପଞ୍ଚ ଦିଲ୍ଲୀପ ଦତ୍ତ, ଭୋଗରାଇ ସରପଞ୍ଚ ସୁଷମା କର, ସମାଜସେବୀ ସୁନୀଲ କର, ପୂର୍ବତନ ସିଆରସିସି ଅଶୋକ କୁମାର ସାହୁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଶେଷରେ ସିଆରସିସି ଜାକିର ହୁସେନ ସାହା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ଲଷ୍ଟର ଅଧିନରେ ବରିଷ୍ଠ ଓ କନିଷ୍ଠ ବିଭାଗର ୧୮ ଜଣ କୃତୀ ଛାତ୍ରଛାତ୍ରୀ ସମେତ ଦଳଗତ ପ୍ରତିଯୋଗିତା ପାଇଁ ଗୋଟିଏ ବିଦ୍ୟାଳୟକୁ ଚୟନ କରି ବ୍ଲକ ସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯାଇଛି। ଅପରାହ୍ନରେ ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଆଞ୍ଚଳିକ ସାଧନା କେନ୍ଦ୍ରରେ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ସେହିପରି ଭୋଗରାଇ ବ୍ଲକ ରସଲପୁର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ପନ୍ତେଇ ରଜନୀ କାନ୍ତ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ହରିଶ ଚନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ସଦସ୍ୟ ଦମୟନ୍ତୀ ସାହୁ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କର, ସମ୍ମାନିତ ଅତିଥି ସିଆରସିସି ସୁଧାଂଶୁ ଶେଖର ପାତ୍ର, ସମାଜସେବୀ ରାକେଶ ଚନ୍ଦ୍ର ପରିଡ଼ା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବରେନ୍ଦ୍ର କୁମାର ଜେନା, ଅରୁଣ କୁମାର ପ୍ରଧାନ, କମିଟିର ଉପସଭାପତି ଭାଗ୍ୟଶ୍ରୀ ପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷକ ଜୟକୃଷ୍ଣ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଉତ୍ତମ ପାଣିଗ୍ରାହୀ ବେଦପାଠ ପଢ଼ିଥିଲେ। ଶେଷରେ ଶିବାଶିଷ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ଲଷ୍ଟର ଅଧିନରେ ୧୪୧ ବରିଷ୍ଠ ଓ କନିଷ୍ଠ ବିଭାଗର ୧୮ ଜଣ କୃତୀ ଛାତ୍ରଛାତ୍ରୀ ସମେତ ଦଳଗତ ପ୍ରତିଯୋଗିତା ପାଇଁ ୧ ଟି ବିଦ୍ୟାଳୟକୁ ଚୟନ କରି ବ୍ଲକସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯାଇଛି। ଅପରାହ୍ନରେ ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରିଚାଳନା କମିଟିର ସଦସ୍ୟ ତଥା ଆଞ୍ଚଳିକ ସାଧନା କେନ୍ଦ୍ରରେ ୧୪ଟି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଦୁଇ ଗୋରୁ ବୋଝେଇ ଗାଡ଼ି ଜବତ, ୨ ଅଟକ

ନୀଳଗିରି, ୨୩।୧୦ (ସମିସ): ଦୁଇ ଗୋରୁ ବୋଝେଇ ଏକ ଟେମ୍ପୁ ଜବତ, ଡ୍ରାଇଭର ସମେତ ୨ ଅଟକ। ଗୁରୁବାର ବାହାନଗାରୁ ଏକ ଟେମ୍ପୁ ରେ ଯୋଗେ ଦୁଇ ଗୋରୁଙ୍କୁ ଲୋଡ କରି ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳକୁ ନେଉଥିବା ବେଳେ ନୀଳଗିରି ପୁଲିସ କୈଣସି ସୁତ୍ରରୁ ଖବର ପାଇ ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ କଦମସାହି କାଠପୋଲ ନିକଟରୁ ଦୁଇ ଗୋରୁ ବୋଝେଇ ଟେମ୍ପୁକୁ ଜବତ କରିବା ସହ ଉଦଳା ଅଞ୍ଚଳର ଅଟୋ ଡ୍ରାଇଭର ଅମର ଦାସ ସମେତ ୨ ଜଣଙ୍କୁ ଗିରଫ କରିଥିବାର ସୂଚନା ମିଳିଛି। ଟେମ୍ପୁକୁ ଜବତ କରି ନୀଳଗିରି ଥାନାକୁ ଆଣିଥିଲା ବେଳେ ନୀଳଗିରି ଥାନା ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ଗୋରୁ ଗୁଡିକ ସ୍ଥାନୀୟ ଗୋଶାଳାକୁ ପଠାଯାଇଛି।

## ସିପିଏମ୍ କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର ବ୍ଲକ, ୨୩।୧୦ (ସମିସ): ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ର ଜଳେଶ୍ୱର ସ୍ଥିତ ଆଞ୍ଚଳିକ କମିଟି କାର୍ଯ୍ୟାଳୟରେ ରାଜ୍ୟରେ କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ପ୍ରତିଷ୍ଠାତା ତଥା ପ୍ରଥମ ସମ୍ପାଦକ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଛାତ୍ର ଜୀବନରୁ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ପୂର୍ଣ୍ଣ ସ୍ୱାଧୀନତା ପାଇଁ ଆପୋଷହୀନ ଲଢେଇ ଜାରି ରଖିବା ସହିତ ଏକ ଶୋଷଣ ମୁକ୍ତ ସମାଜ ଗଠନର ଲକ୍ଷ୍ୟରେ ସେ କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେଇଥିଲେ। ବୈଷମ୍ୟ ବିହୀନ ସମାଜ ତନ୍ତ୍ରର ପ୍ରତିଷ୍ଠା କରିବାକୁ ହେଲେ ଭଗବତୀ ଚରଣ ପାଣିଗ୍ରାହୀ ଯେଉଁ ରାସ୍ତା ବାଛିଥିଲେ ତାହା ସର୍ବଶ୍ରେଷ୍ଠ ରାସ୍ତା ବୋଲି ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ମତପ୍ରକାଶ ପାଇଥିଲା। ସଭାରେ ବରିଷ୍ଠ ବାମପନ୍ଥୀ ନେତା ଦିଲ୍ଲୀପ ଗିରି, ପ୍ରାକ୍ତନ ସରପଞ୍ଚ ବସନ୍ତ ଦାସ, କୃଷକ ନେତା ଜୀବନ ପରିଡ଼ା, ରବୀନ୍ଦ୍ର ବାରିକ, ରାଜୀବ ପଣ୍ଡା, ଗଣେଶ ପାତ୍ର, ପ୍ରାକ୍ତନ ସରପଞ୍ଚ ଦିଲ୍ଲୀପ ପରିଡ଼ା ନିରୋଜ ବେହେରା, ସବିତା ଭୂୟାଁ, ଅରୁଣ ଜେନା ଉପସ୍ଥିତ ଥିଲେ।

## 'ଦାରିଦ୍ର୍ୟରୁ ମୁକ୍ତି ବିନା ସ୍ୱପ୍ନର ଭାରତ ଗଠନ ଅସମ୍ଭବ'

ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୨୩।୧୦(ସମିସ): ସହୀଦ ଦିବସ ଉପଲକ୍ଷେ ଜଳେଶ୍ୱର ବୁଦ୍ଧିଜୀବୀ ଫୋରମ୍ ଆନୁକୂଲ୍ୟରେ ଜଳେଶ୍ୱର ମହିଳା ମହାବିଦ୍ୟାଳୟ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରର ବିଷୟ ବସ୍ତୁ ଥିଲା 'ସହୀଦର ସ୍ୱପ୍ନ ଓ ଆଜିର ଭାରତ'। ବିଶିଷ୍ଟ ସମାଜସେବୀ ଜଳେଶ୍ୱର ବୁଦ୍ଧିଜୀବୀ ଫୋରମର ସଭାପତି ଦିଲ୍ଲୀପ କୁମାର ଗିରିଙ୍କ ପୌରୋହିତ୍ୟରେ ଆରମ୍ଭ ହୋଇଥିବା ଏହି ଆଲୋଚନା ଚକ୍ରରେ ଆଜକୁ ୮୩ ବର୍ଷ ତଳେ ଲକ୍ଷ୍ମଣନାଥସ୍ଥିତ ଚାଉଳ ଗୋଦାମରେ ମାଲିକର ପ୍ରରୋଚନାରେ ଭୋକିଲା ଜନତାଙ୍କ ଉପରେ ପୁଲିସର ଗୁଳି ଚାଳନା ଯୋଗୁଁ ସହୀଦ ହୋଇଥିବା ସପନି ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଥମେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଭୋଗରାଇର ବିଧାୟକ ଗୌତମବୁଦ୍ଧ ଦାସ କହିଥିଲେ ଖାଦ୍ୟର ଅଭାବକୁ ପୂରଣ କରିବା ପାଇଁ ଦେଶରେ ବହୁ ସ୍ଥାନରେ ସ୍ୱତଃସ୍ଫୂର୍ତ୍ତ ବିକ୍ଷୋଭ ସଂଗଠିତ ହୋଇଛି ଏବଂ ଇତିହାସ ଖୋଜିଲେ ବହୁ ସାଧାରଣ ମଣିଷ ପୁଲିସ ଗୁଳିରେ ସହୀଦ ହୋଇଛନ୍ତି ବୋଲି ଜଣାଯାଏ। ଯେଉଁମାନେ ସହୀଦ ହୋଇଛନ୍ତି ସେମାନଙ୍କର ସ୍ୱପ୍ନ ଥିଲା କ୍ଷୁଧାମୁକ୍ତ ଭାରତ। କିନ୍ତୁ କ୍ଷୁଧା ମୁକ୍ତ ଭାରତ କହିଲେ ସମ୍ପ୍ରତି ମଣିଷକୁ କେବଳ ଗଣ୍ଡାଏ ଖାଦ୍ୟ ଯୋଗାଇଦେବାକୁ ବୁଝାଏ ନାହିଁ। ପରନ୍ତୁ ଲୋକଙ୍କୁ ସାମର୍ଥ୍ୟ କରି ଗଢ଼ି ତୋଳିବା ଉଦ୍ଦେଶ୍ୟରେ ସମସ୍ତ ବୈଷମ୍ୟକୁ ହଟାଇ ପାରିଲେ କ୍ଷୁଧାମୁକ୍ତ ଭାରତ ଗଠନ ସମ୍ଭବ ହେବ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ଗବେଷକ ଡକ୍ଟର ଶ୍ରୀକାନ୍ତ ଚରଣ ପାତ୍ର ଜଳେଶ୍ୱର ଇତିହାସକୁ ମନେପକାଇ ସହୀଦ ମାନଙ୍କର ବିବରଣୀ ଉପସ୍ଥାପନ କରିବା ସହିତ ଭବିଷ୍ୟତ ପିଢି ସେମାନଙ୍କୁ ମନେ ରଖିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଓଷ୍ଟାର ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର, ବାଲେଶ୍ୱର ଜିଲ୍ଲା ସଭାପତି ମନୋରଞ୍ଜନ ଦାସ, ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ଏବଂ ପ୍ରାକ୍ତନ ସରପଞ୍ଚ ତଥା ବୈପ୍ଳବିକ କବି ବସନ୍ତ ଦାସ ନିଜ ନିଜର ବକ୍ତବ୍ୟ ମାଧ୍ୟମରେ ଦେଶର ବିଭିନ୍ନ ସମସ୍ୟାକୁ ତୋଳି ଧରିଥିଲେ ଏବଂ ସହୀଦ ମାନଙ୍କର ବଳିଦାନ ଯେପରି ବ୍ୟର୍ଥ ନଯାଏ ସେଦିଗରେ ବୁଦ୍ଧିଜୀବୀ ଫୋରମର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସଭାରେ ସହୀଦ ମାନଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ କବିତା ପଠନ କରିଥିଲେ କବି ବସନ୍ତ ଦାସ, ନରୋତ୍ତମ ପ୍ରଧାନ ଓ ରଞ୍ଜନ ଘୋଷ। ଅବସର ପ୍ରାପ୍ତ ଶିକ୍ଷକ ଜ୍ୟୋତିଷ ଚନ୍ଦ୍ର କର ମଞ୍ଚ ଆହ୍ୱାନ କରିଥିବା ବେଳେ ଶିକ୍ଷକ ସୁଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ସହୀଦ ସପନି ଜେନାଙ୍କ ଅଣନାତି ପ୍ରଶାନ୍ତ ଜେନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅଧ୍ୟାପକ ସଂଗ୍ରାମ ନାୟକ, ରାଜୀବ ପଣ୍ଡା, ମମି ପଣ୍ଡା, ସବିତା ଭୂୟାଁ, ରାଜାରାମ କରଶର୍ମା, ଜୀବନ ପରିଡ଼ା, ଭାସ୍କର ମିଶ୍ର, ରବୀନ୍ଦ୍ର ବାରିକ, ତ୍ରିଲୋଚନ ଦାସ ଅଧିକାରୀ, ଶ୍ରୀମନ୍ତ ଘୋଷ, ସମରେଶ ଦ୍ୱିନ୍ଦା, ଶରତ ପରିଡ଼ା, ପ୍ରଶାନ୍ତ ପାତ୍ର, ଦିଲ୍ଲୀପ ପରିଡ଼ା, ଗଣେଶ ପାତ୍ର ସମେତ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ଗଣ।




## ପିକ୍ଅପ୍ ଲୁଟ୍ ଘଟଣାରେ ଜଣେ ଗିରଫ

ସୋର, ୨୩।୧୦(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବିଦୁ ନିକଟରୁ ପିକଅପ ଡ୍ରାଇଭରଙ୍କୁ ମାଡ ମାରି ଗାଡି ଚୋରି କରିଥିବା ଘଟଣାରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ସୋର ପୁଲିସ। ଗତ ସେପ୍ଟେମ୍ବର ୨୫ ତାରିଖ ରାତିରେ ଚୌଦ୍ୱାର ଥାନା ଶାଳଗାଁ ଗ୍ରାମର ଦୀପ୍ତିବାନ କାନୁନଗୋ ଏକ ପିକଅପ ଭ୍ୟାନ ନେଇ ବାରିପଦାରୁ କଟକ ଅଭିମୁଖେ ଫେରୁଥିବାବେଳେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବିଦୁ ଛକ ନିକଟରେ ଚାହା ପିଇବାକୁ ଓହ୍ଲାଇବା ସମୟରେ ତିନିଜଣ ଯୁବକ ଏକ ବାଇକରେ ଆସି ତାଙ୍କୁ ମାଡ ମାରି ଆହତ କରିବା ସହିତ ଧାରୁଆ ଅସ୍ତ୍ର ଦେଖାଇ ପିକଅପଟିକୁ ଚୋରି କରିନେଇଥିଲେ। ଏ ବାବଦରେ ଦୀପ୍ତିବାନ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୭୭୯/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ସହଯୋଗ କରିଥିବା ପଥରପେଣ୍ଠ ଗ୍ରାମର ଇନ୍ଦ୍ରଜିତ ମଳିକ (୨୪) କୁ ଗିରଫ କରି ପୁଲିସ ଅପରାହ୍ନରେ କୋର୍ଟ ଚାଲାଣ କରିଛି।

## ନାହିଁ ଶୀତଳ ଭଣ୍ଡାର, ରବି ଚାଷରେ କ୍ଷତି ସହୁଛନ୍ତି ଚାଷୀ

କାଳିପଦା, ୨୩।୧୦ (ସମିସ)

ବାଲିଆପାଳ ବ୍ଲକ ଅଞ୍ଚଳରେ କୌଣସି ଶୀତଳଭଣ୍ଡାର ନ ଥିବାରୁ ରବି ଚାଷରେ ବର୍ଷ ବର୍ଷ ଧରି ଚାଷୀ କ୍ଷତି ସହୁଛନ୍ତି। ସରକାରୀ ସ୍ତରରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ହେବା ନେଇ କୌଣସି ଯୋଜନା ନାହିଁ। ଘରୋଇ ଉଦ୍ୟମରେ ଯେଉଁ ଶୀତଳ ଭଣ୍ଡାର ହେବା କଥା ତାହା ମଧ୍ୟ ହେଉ ନାହିଁ। ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି। ବାଲିଆପାଳ ବ୍ଲକର ସୁବର୍ଣ୍ଣରେଖା ନଦୀ ଅବବାହିକା ଓ ବଙ୍ଗୋପସାଗର ଉପକୂଳରେ ଶୀତଦିନରେ ଚିନା ବାଦାମ, ଡାଲି ଜାତୀୟ ଫସଲ, କୋବି, ବିଲାତି ବାଇଗଣ, କଲରା, କଖାରୁ, ପୋଟଳ, ଶିମ୍ବ, ଆଳୁ, ପିଆଜ, ରସୁଣ ଆଦି ପ୍ରଚୁର ପରିମାଣରେ ଚାଷ ହୁଏ। ଅମଳ ସମୟରେ ଉତ୍ପାଦିତ ଫସଲ ଗୁଡିକର ମୂଲ୍ୟ ଅତି କମ ରହୁଛି। ମାର୍କେଟିଂର ସେମିତି କିଛି ସୁବିଧା ନାହିଁ। ଫଳରେ ଚାଷୀମାନେ ଅଭାବୀ ବିକ୍ରିର ସାମ୍ନା କରନ୍ତି। ଶୀତଳଭଣ୍ଡାର ଥିଲେ ଉତ୍ପାଦିତ ଶସ୍ୟ ଓ ପନିପରିବାକୁ ଚାଷୀମାନେ ସାଇତି ଅନ୍ୟ ସମୟରେ ଅଧିକ ଦରରେ ବିକ୍ରି କରି ପାରନ୍ତେ। ଫଳରେ ଚାଷୀମାନେ ଅଧିକ ଲାଭବାନ ହୋଇ ପାରନ୍ତେ। ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଆଳୁ ଯୋଗାଇବା ନେଇ କଟକଣା ଲାଗୁ କରୁଥିବାବେଳେ ଏ ଅଞ୍ଚଳର ଚାଷୀ ମାନଙ୍କ ପାଇଁ ଶୀତଳ ଭଣ୍ଡାର ହୋଇ ପାରିଲେ ସମସ୍ୟା ଅନେକାଂଶ ସମାଧାନ ହୋଇ ପାରନ୍ତା ବୋଲି ମନମୋହନ ବେହେରା, ଗୁଣନିଧି ବିଶ୍ୱାଳ, ଫକୀର ମୋହନ ସାହୁ, ସଦାନନ୍ଦ ଦେହୁରୀ, ସୁବ୍ରତ କୁମାର ଦେବ ଦାସ, ମନ୍ମଥ କୁମାର ପାତ୍ର, ମଦନ ମୋହନ ମହାନ୍ତି, ଗଣେଶ୍ୱର ବେହେରା, ସୁବୋଧ କୁମାର ପାତ୍ର, ସନ୍ୟାସୀ କୁମାର ପ୍ରଧାନ, ଭୀଷ୍ମ ଚରଣ ସାହୁ, ପରମାନନ୍ଦ ପଟ୍ଟାୟତ, କାଳି ଚରଣ ମୁଖି ପ୍ରମୁଖ ପ୍ରକାଶ କରିଛନ୍ତି। ସରକାର ଚାଷୀଙ୍କ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଲେ ଚାଷୀ ଅଧିକ ଲାଭବାନ ହୋଇ ପାରିବେ ଏବଂ ସରକାରଙ୍କ ରାଜସ୍ୱ ବୃଦ୍ଧି ହେବ।



NATIONAL COMPETITIVE BIDDING THROUGH e-Procurement
Tel. No.06752222092, e-mail id-eerwpuri@gmail.com
O-1094

TCN NO. TENDER ONLINE - 09 OF 2025-26
No. 8445 / Dt. 10.10.2025

The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 74 Nos. of work for the year 2025-26 in the District of Puri.

1.Total no. of works: **74 nos.**
2 .Tender cost of packages: Amount varies from **Rs.5.04 lakh to Rs.42.02 lakh**
3.Class of contractor: **As per DTCN.**
4.Period of completion: **2 (Two) Calendar months.**
5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer Rural Works Division, Puri. | Online- 09 | 29.10.2025 at 11.00 A.M. | 12.11.2025 up to 5.00 P.M. | 11.11.2025 up to 1.30 P.M. | 13.11.2025 at 11.30 A.M. Office of the S.E.,R.W. Division, Puri. |

6. Other details can be seen in the bidding documents, which is available in website "https://tendersodisha.gov.in".

Superintending Engineer,
R.W., Division, Puri

OIPR-25065/11/0029/2526

## ମୟୂରଭଞ୍ଜ ଜିଲ୍ଲାରେ ଉଦ୍ୟାନ କୃଷି ପ୍ରତି ବଢୁଛି ଆଗ୍ରହ

# ଉତ୍ପାଦକ ଗୋଷ୍ଠୀରେ ୧୬, ୭୦୯ ପରିବାର ସାମିଲ





**ବାରିପଦା, ୨୩।୧୦(ସମିସ)**

ମୟୂରଭଞ୍ଜ ଜିଲ୍ଲାରେ ପାରମ୍ପରିକ ଧାନଚାଷ ପରିବର୍ତ୍ତେ ଏବେ ଚାଷୀ ବିକଳ୍ପ ଚାଷ ପ୍ରତି ଆଗ୍ରହ ପ୍ରକାଶ କଲେଣି। ଜିଲ୍ଲା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚଳିତ ବର୍ଷ ୨୦୨୫-୨୬ ଖରିଫ ଋତୁରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅନୁଧ୍ୟାନରୁ ଏହା ସ୍ପଷ୍ଟ ପରିଲକ୍ଷିତ ହେଉଛି। କୃଷି ଉତ୍ପାଦନ ପୁଞ୍ଜି ବା କ୍ଲଷ୍ଟର ଭାବେ ଜିଲ୍ଲାର କପ୍ତିପଦା, ଉଦଳା, ଖୁଣ୍ଟା, ରାଇରଙ୍ଗପୁର, ଜାମଦା, କୁସୁମୀ, କରଞ୍ଜିଆ, ଯଶିପୁର, ଶୁକ୍ରୁଲି ଓ ଠାକୁରମୁଣ୍ଡା ବ୍ଲକରେ ଏପିସି କାର୍ଯ୍ୟକାରୀ କରାଯାଉଛି। ଏଥିରେ ୧୬ହଜାର ୭୦୯ଟି ପରିବାରକୁ କୃଷି ଉତ୍ପାଦନ ଗୋଷ୍ଠୀରେ ୨୦୨୪-୨୫ରେ ସାମିଲ କରାଯାଇଛି। ଏଥିସହିତ ୨୦୨୫-୨୬ ବର୍ଷରେ ୧୪ହଜାର ୬୯୪ଟି ପରିବାରକୁ ଉତ୍ପାଦକ ଗୋଷ୍ଠୀରେ ସାମିଲ କରିବା ଲକ୍ଷ୍ୟଧାର୍ଯ୍ୟ ରହିଛି। ଜିଲ୍ଲାର ୧୦ଟି ବ୍ଲକର ୧୦ହଜାର ୧୫୭ ପରିବାର ପନିପରିବା ଚାଷରେ ଯୋଡି ହୋଇପାରିଛନ୍ତି ଏବଂ ଚଳିତବର୍ଷ ୧୬ ହଜାର ପରିବାରକୁ ପନିପରିବା ଚାଷ ସହ ଯୋଡିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ଉପ କୃଷି ନିର୍ଦ୍ଦେଶକ ଟଙ୍କଧର କାଲୋ ସୂଚନା ଦେଇଛନ୍ତି। ସେହିପରି ଜାତୀୟ ଉଦ୍ୟାନକୃଷି ମିଶନ/ସମନ୍ୱିତ ଉଦ୍ୟାନ କୃଷି ବିକାଶ ମିଶନ ଯୋଜନା ଅନ୍ତର୍ଗତ ନୂତନ ଫଳ ବଗିଚା ପ୍ରତିଷ୍ଠା ପାଇଁ ୨.୦ ହେକ୍ଟର ଜମିରେ ଡ୍ରାଗନ ଫ୍ରୁଟ, ୨୦ ହେକ୍ଟର ଜମିରେ ଟିସୁ କଲଚର କଦଳୀ, ୩୦ ହେକ୍ଟରରେ ପଣସ, ୫ ହେକ୍ଟରରେ ହାଇବ୍ରିଡ ଅମୃତଭଣ୍ଡା ସହ ୯୦ ହେକ୍ଟର ଜମିରେ ଆମ୍ବ ବଗିଚା ପ୍ରତିଷ୍ଠା, ଶଙ୍କର ଜାତୀୟ ପନିପରିବା ଚାଷ ୩୦ ହେକ୍ଟର ଓ ୧୫ ହେକ୍ଟର ଫୁଲ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି। ଆଜି ସୁଦ୍ଧା ୬୫.୯ ହେକ୍ଟରରେ ଆମ୍ବ, ୫ ହେକ୍ଟରରେ ପଣସ, ୧.୨୫ ହେକ୍ଟରରେ ଅମୃତଭଣ୍ଡା ତଥା ୦.୪ ହେକ୍ଟରରେ ଚାଷୀଙ୍କ ଜମିରେ ଫୁଲ ଚାଷ କରାଯାଇଛି ବୋଲି ଶ୍ରୀ କାଲୋ କହିଛନ୍ତି। ସେହିପରି ଜାତୀୟ ତେଲତାଳ ମିଶନ ଯୋଜନା ଅନ୍ତର୍ଗତ ନୂତନ ତେଲତାଳ ବଗିଚା ପ୍ରତିଷ୍ଠା ପାଇଁ ୧୨୦୦ ହେକ୍ଟର ଧାର୍ଯ୍ୟ ଲକ୍ଷ୍ୟରୁ ଏପର୍ଯ୍ୟନ୍ତ ୩୯୫ ହେକ୍ଟର ଜମିରେ ନୂତନ ବଗିଚା ସହ ଅନ୍ତଃଚାଷ ଓ ସାର ପରିଚାଳନାର ବ୍ୟବସ୍ଥା କରାଯାଇଛି। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଅନ୍ତର୍ଗତ ଚାଷୀଙ୍କୁ ୬୦-୯୦ପ୍ରତିଶତ ସହାୟତାରେ ସିଞ୍ଚନ ଓ ବୁନ୍ଦା ଜଳସେଚନ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଚଳିତ ବର୍ଷ ଧାର୍ଯ୍ୟ ଲକ୍ଷ୍ୟ ୧୫୦ ହେକ୍ଟର ବୁନ୍ଦା ଜଳସେଚନ ଓ ୨୧୦୦ ହେକ୍ଟର ସିଞ୍ଚନ ଜଳସେଚନ ମଧ୍ୟରୁ ୬୫ ହେକ୍ଟର ବୁନ୍ଦା ଓ ୩୩୭ ହେକ୍ଟର ସିଞ୍ଚନ ଜଳସେଚନରୁ ୩୨୯ଜଣ ଚାଷୀ ଉପକୃତ ହୋଇପାରିଛନ୍ତି।

**ଆଉ ୧୪୬୯୪ ପରିବାର ଯୋଡ଼ିବାକୁ ଲକ୍ଷ୍ୟ**

ସେହିପରି ସ୍ୱତନ୍ତ୍ର ଉଦ୍ୟାନକୃଷି ଭିତିକ ଫସଲ ଯୋଜନା ଅନ୍ତର୍ଗତ ୩୦ ହେକ୍ଟରରେ ଟିସୁ କଲଚର କଦଳୀ, ୧୦ ହେକ୍ଟରରେ ଅମୃତଭଣ୍ଡା, ୫ ହେକ୍ଟରରେ ଷ୍ଟ୍ରବେରୀ, ୧୩ ହେକ୍ଟରରେ ଆତ, ୧୦ ହେକ୍ଟରରେ ଆପଲବେରି, ୫ ହେକ୍ଟରରେ ପିଜୁଳି, ୫ ହେକ୍ଟରରେ ଲିଚୁ, ୧ ହେକ୍ଟରରେ ଡାଳିମ୍ବ ସହ ୪ ହେକ୍ଟର ଜମିରେ ସପୁରି ଚାଷ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ସେଥି ମଧ୍ୟରେ ୮ ହେକ୍ଟରରେ ଅମୃତଭଣ୍ଡା, ୪ ହେକ୍ଟରରେ ପିଜୁଳି, ୧ ହେକ୍ଟରରେ ଲିଚୁ ଏବଂ ୧.୮ ହେକ୍ଟରରେ ସପୁରି ଚାଷ ହୋଇଛି। ରାଜ୍ୟ ଯୋଜନା (ଆଳୁ, ପନିପରିବା ଓ ମସଲା ଜାତୀୟ ଫସଲର ଉନ୍ନତି) ଯୋଜନାରେ ହଳଦୀ ଚାଷ ୯୦ ହେକ୍ଟର ଲକ୍ଷ୍ୟରୁ ୭୫ ହେକ୍ଟରରେ ଫସଲ ହୋଇଥିବା ବେଳେ ଅଦା ଚାଷ ୧୨୦ ହେକ୍ଟରରୁ ୬୦.୫ ହେକ୍ଟରରେ, ଶଙ୍କର ଜାତୀୟ ପନିପରିବା ଚାଷ ୧୯୫ ହେକ୍ଟରରୁ ୩୨ ହେକ୍ଟରରେ, ଧନିଆ ଚାଷ ୪୦ ହେକ୍ଟରରୁ ୨୮.୩ ହେକ୍ଟରରେ ହୋଇଛି। ତେବେ ଲଙ୍କା ଚାଷ ୩୦୦ ହେକ୍ଟର ଜମିରେ ଲକ୍ଷ୍ୟ ଥିବାବେଳେ ସରକାରୀ ସହାୟତାରେ କେହି କରିନାହାନ୍ତି। ଅପରପକ୍ଷରେ ରବି ଋତୁ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରେ ଆଳୁ ଚାଷ ୧୦୦୦ ହେକ୍ଟର, ପିଆଜ ଚାଷ ୨୪୦ ହେକ୍ଟର, ଧନିଆ ୨୫୦ ହେକ୍ଟର, ଲଙ୍କା ୪୦୦ ହେକ୍ଟର, ପନିପରିବା ୫୦୯ ହେକ୍ଟର, ମେଥି ୫୬ ହେକ୍ଟର, ରସୁଣ ୭୦ ହେକ୍ଟରରେ ଚାଷ କରାଯିବା ଲକ୍ଷ୍ୟ ରଖାଯାଇଛି। ଇନପୁଟ ସହାୟତା ଯୋଜନାରେ ଚାଷୀ ପରିବାରକୁ ୧୦ଟି ଲେଖାଏଁ କଲମୀ ଚାରା ହିସାବରେ ୫୦% ଆର୍ଥିକ ସହାୟତାରେ ଯୋଗାଇ ଦିଆଯାଉଥିବା ବେଳେ ୧୧ହଜାର ୬୩୩ ପରିବାରକୁ ୮୬ହଜାର ୧୬୩ଟି ସଜନା, ଅମୃତଭଣ୍ଡା, ନଡିଆ, ପଣସ, ଲେମ୍ବୁ, କାଜୁ ଓ ଲିଚୁ ଚାରା ପ୍ରଦାନ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୨୯ଟି ଉଦ୍ୟୋଗିକ ପ୍ରକଳ୍ପ ମଧ୍ୟରୁ ୨୭ଟିର କାର୍ଯ୍ୟାଦେଶ ଦିଆଯାଇଛି। ସେଥିରୁ ୭ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ଶୀତଳ ଭଣ୍ଡାର ପାଇଁ ବିଦ୍ୟୁତ ଶୁଳ୍କ ଉପରେ ସବସିଡି ବାବଦରେ ଜିଲ୍ଲାରେ ୨ଟି ଶୀତଳ ଭଣ୍ଡାର, କରଞ୍ଜିଆର ବାଲାଜୀ କୋଲ୍ଡ ଷ୍ଟୋରେଜ ଓ ବାରିପଦାର ମୟୂରଭଞ୍ଜ ଶୀତଳ ଭଣ୍ଡାର ପାଇଁ ସମୁଦାୟ ବିଦ୍ୟୁତ ଶୁଳ୍କ ଉପରେ ଶତକଡା ୫୦ ଭାଗ ସବସିଡି ପ୍ରଦାନ କରାଯାଉଛି ବୋଲି ଉପନିର୍ଦ୍ଦେଶକଙ୍କ ଠାରୁ ପ୍ରକାଶ।

## ଅନ୍ତର୍ଜାତୀୟ ରଗ୍‌ବୀ ଖେଳାଳି ସନ୍ଧ୍ୟାରାଣୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା



**ବାରିପଦା, ୨୩।୧୦(ସମିସ):** ସନ୍ଧ୍ୟାରାଣୀ ଟୁଡୁ ଭାରତୀୟ ମହିଳା ରଗ୍‌ବୀ ଦଳରେ ସ୍ଥାନ ପାଇ ଚୀନ ଓ ଶ୍ରୀଲଙ୍କାରେ ଅଂଶଗ୍ରହଣ କରି ଇତିହାସ ସୃଷ୍ଟି କରି ଫେରିବା ପରେ ଭଞ୍ଜସେନା ପକ୍ଷରୁ ପାଲବଣି ବାଇପାସଠାରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏକ ରାଲିରେ ତାଙ୍କୁ ସହିଦ୍ ସ୍ମୃତି ଭବନ ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରେ ସନ୍ଧ୍ୟାଙ୍କୁ ନିଜ ଅନୁଷ୍ଠାନ ତଥା ପ୍ରଶିକ୍ଷଣ ଗ୍ରହଣ କରୁଥିବା ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବ ଉତ୍ସବକରେ ସ୍ୱାଗତ କରାଯାଇଥିଲା। ଏସିଆ ଏମିରେଟ୍ ରଗବୀ ସେଭେନସ ସିରିଜ ଲେଗ୍-୧ରେ ଭାରତୀୟ ମହିଳା ରଗବୀ ଦଳ ଚାଇନାରେ ୫ଟି ମ୍ୟାଚ୍ ଖେଳିଥିବା ବେଳେ ସନ୍ଧ୍ୟାରାଣୀ ଟୁଡୁ ଟପ୍ ସ୍କୋରର ରହି ୨୪ ପଏଣ୍ଟ ସ୍କୋର କରିବା ସହିତ ଭାରତୀୟ ଦଳ ପାଇଁ ଫିଲିପାଇନ୍ସ ବିରୋଧରେ ପ୍ରଥମ ସ୍କୋର କରିଥିଲେ। ୟୁଏଇ ବିପକ୍ଷରେ ବିଜୟୀ ସ୍କୋର କରି ଦଳକୁ ଦଶମ ସ୍ଥାନରୁ ୬ଷ୍ଠ ସ୍ଥାନକୁ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୁଣି ଶ୍ରୀଲଙ୍କାରେ ଅନୁଷ୍ଠିତ ଏସିଆ ଏମିରେଟ୍ ରଗବୀ ସେଭେନସ ସିରିଜ ଲେଗ୍-୨, ଭାରତୀୟ ମହିଳା ଦଳ ୫ଟି ମ୍ୟାଚ୍ ଖେଳି ସନ୍ଧ୍ୟା ୫ ପଏଣ୍ଟ ଦଳ ପାଇଁ ଯୋଡ଼ି ଦେଇଥିଲେ। ଭଞ୍ଜସେନାର ଟାଉନ ସଭାପତି ରାଜା ଖାନ ଓ ଯୁବ ସଦସ୍ୟ ବାଇକ୍ ରାଲିର ଆୟୋଜନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୃହନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ସନ୍ଧ୍ୟାରାଣୀ ଟୁଡୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ଜିଲ୍ଲା ଶାରୀରିକ ଶିକ୍ଷା କ୍ରୀଡ଼ା ଅଧିକାରୀ ଭାଗିରଥୀ ମଲ୍ଲିକ, ଭଞ୍ଜସେନା ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ବେହେରା, ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ବିଜୟ କୁମାର ଦାସ, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ଏକାଡେମୀର ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ରାମାଞ୍ଚଳରେ ପାଳନ ହେଲା ବାନ୍ଦଣା ପର୍ବ



**ବହଳଦା, ୨୩।୧୦ (ସମିସ):** ବହଳଦା ବ୍ଲକ ଅଞ୍ଚଳରେ କାଳୀପୂଜା ସହିତ ପାରମ୍ପରିକ ଗୋ ବାନ୍ଦଣା ପର୍ବ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। କାଳୀ ପୂଜାର ଅମାବାସ୍ୟା ତିଥିଠାରୁ ସାନ୍ତାଳ, ମୁଣ୍ଡା ଏବଂ କୁଡୁମୀ ଜାତିର ଲୋକେ ତିନି ଦିନ ଧରି ବାନ୍ଦଣା ପର୍ବ ପାଳନ କରିଥାନ୍ତି। ବହଳଦା ବ୍ଲକ ଅନ୍ତର୍ଗତ ଯଶିପୁର ସହିତ ସମଗ୍ର ଅଞ୍ଚଳରେ ଗୋରୁ ଖୁଣ୍ଟା ପର୍ବ ପାଳିତ ହୋଇଛି। ଆଦିବାସୀଙ୍କ ଗୋଠ ପୂଜା ସ୍ଥଳରେ ଗ୍ରାମ ପୂଜକ ନାଏକେ ବାବାଙ୍କ ଦ୍ୱାରା ଗ୍ରାମ ମାଝୀବାବା ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଗ୍ରାମଦେବୀ ଓ ଇଷ୍ଟ ଦେବତାଙ୍କୁ ଆବାହନ କରି ପୂଜା କରାଯାଇଥାଏ। ଅପରାହ୍ନରେ ଏକ ଅଣ୍ଡାକୁ ପୂଜା ସ୍ଥଳରେ ରଖାଯାଇଥାଏ। ଗାଁର ବଳଦଙ୍କୁ ଅଣ୍ଡା ଥିବା ଦିଗରେ ଛଡା ଯାଇଥାଏ। ଏହି ବିଧି ମଧ୍ୟରେ ଯେଉଁ ଗୋରୁ ପୂଜା ହୋଇଥିବା ଅଣ୍ଡା ମାଡିଥାଏ ଉକ୍ତ ଗାଇ କିମ୍ବା ଗୋରୁକୁ ଧରି ବନ୍ଦାପନା କରିବା ସହ ଗୋପାଳକ ବା ମାଲିକଙ୍କୁ ଗ୍ରାମବାସୀ କାନ୍ଧରେ ଉଠାଇ ଘରକୁ ନେଇଥାନ୍ତି। ଉକ୍ତ ଗାଇ ପାଳକଙ୍କୁ ଗ୍ରାମର ଭାଗ୍ୟବାନ ବ୍ୟକ୍ତି ବୋଲି ବିବେଚିତ କରାଯାଇଥାଏ। ଏହି ପରମ୍ପରାକୁ ଅଣ୍ଡା ମଡା ପର୍ବ ବା ଗୋଠ ପୂଜା ବୋଲି କୁହାଯାଏ। ତା ପର ଦିନ ପ୍ରତ୍ୟେକ ଘରେ ଗୁହାଳ ପୂଜା ସହିତ ତୃତୀୟ ଦିନରେ ଗୋରୁ ଗାଇଙ୍କୁ ଗାଧୋଇ ସିଙ୍ଗରେ ତେଲ ମଖାଇ ମଥାରେ ଅରୁଆ ଚାଉଳ ଗୁଣ୍ଡ ଓ ସିନ୍ଦୂର ଟିକା ଲଗାଇ ବନ୍ଦାପନା କରିବା ସହିତ ଖୁଣ୍ଟା ପର୍ବ ଆୟୋଜିତ ହୁଏ। ଗାଁ ପଡ଼ିଆରେ ସାମୂହିକ ଭାବେ ଗାଇ ଗୋରୁଙ୍କୁ ଖୁଣ୍ଟରେ ବାନ୍ଧି ଗ୍ରାମର ମହିଳାମାନେ ବନ୍ଦାପନା କରିଥାନ୍ତି ଏବଂ ପୁରୁଷମାନେ ମାଦଳ ବଜାଇଥାନ୍ତି।

## ଶ୍ୟାମାଖୁଣ୍ଟା ବ୍ଲକ୍ ପାଲଟିଛି ଲଘୁ ଖଣିଜ ମାଫିଆଙ୍କ ଭୂସ୍ୱର୍ଗ

# ସରକାରୀ କଟକଣାକୁ ଫୁଁ; ରୋକିବାରେ ପ୍ରଶାସନ ବିଫଳ




**ବାରିପଦା, ୨୩।୧୦(ସମିସ):** ମୟୂରଭଞ୍ଜ ଜିଲ୍ଲାବ୍ୟାପୀ ଲଘୁ ଖଣିଜ ଚୋରା ଚାଲାଣ ମାଫିଆ ମାତିଥିବା ବେଳେ ବ୍ୟାପକ ଲଘୁ ଖଣିଜ ଲୁଟ ହେଉଛି। ଏହାକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଠିତ ସ୍କ୍ୱାଡ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଜିଲ୍ଲାର ମୁଖ୍ୟାଳୟକୁ ସଂଲଗ୍ନ କରୁଥିବା ଶ୍ୟାମାଖୁଣ୍ଟା ବ୍ଲକରେ ବ୍ୟାପକ ଭାବେ ମୋରମ, ପଥର ଓ ବାଲି ଚୋରା ଚାଲାଣ ହେଉଛି। ଏ ସମ୍ପର୍କରେ ପୁଲିସ, ରାଜସ୍ୱ, ଖଣି, ବନ ବିଭାଗ ଜାଣି ନ ଜାଣିଲା ପରି ରହୁଛନ୍ତି। ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ନୁରୁଡ଼ିହି ଅଞ୍ଚଳରେ ବୁଢ଼ାବଳଙ୍ଗ ନଦୀ କୂଳରେ ବହୁ ବେଆଇନ ବାଲି ସଇରାତ ରହିଛି। ଏହି ସଇରାତରୁ ନିୟମିତ ଭାବେ ଟ୍ରାକ୍ଟରରେ ଟ୍ରିପ ଟ୍ରିପ ବାଲି ଉତ୍ତୋଳନ ହେଉଛି। ବାଲି ମାଫିଆମାନେ ବିନା ଡରରେ ବାଲି ଉତ୍ତୋଳନ କରୁଛନ୍ତି। ଫଳରେ ଶ୍ୟାମାଖୁଣ୍ଟା ବ୍ଲକ ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି କହିଲେ ଅତ୍ୟୁକ୍ତି ହେବନାହିଁ। ରାଜ୍ୟ ସରକାରଙ୍କ କଟକଣା ସତ୍ତ୍ୱେ ଏହାକୁ ରୋକିବାରେ ପୁଲିସ ଓ ବ୍ଲକ ପ୍ରଶାସନ ବିଫଳ ହୋଇଛନ୍ତି। ମିଳିତ ଭାବେ ଚଢ଼ଉ ପ୍ରକ୍ରିୟା ହେଉନଥିବାରୁ ମନଇଚ୍ଛା ସାଇରାତରୁ ବାଲି ଉତ୍ତୋଳନ କରୁଛନ୍ତି। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ଛାଟ ପରେ ଜିଲ୍ଲାର ସମସ୍ତ ଲିଜଧାରୀ ଓ ବିନା ଲିଜଧାରୀ ବାଲି ଖନନ ଓ ସାଇରାତ ନିଲାମ ବନ୍ଦ ରହିଛି। କିନ୍ତୁ ମାଫିଆମାନେ ବିନା ପ୍ରତିବନ୍ଧକରେ ଖୋଲାଖୋଲି ଦିନରାତି ଲଘୁ ଖଣିଜ ଲୁଟ୍ କରୁଛନ୍ତି। ଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି। ନଦୀ ଗର୍ଭରୁ ଟ୍ରାକ୍ଟର ଓ ଟ୍ରକ୍ ଯୋଗେ ବେଆଇନ ଉତ୍ତୋଳନ କରାଯାଇ ମାଫିଆମାନେ ବେଆଇନ ଭାବେ କୋଟି କୋଟି ଟଙ୍କାର ବାଲି ଚୋରା ଚାଲାଣ କରୁଛନ୍ତି। ମେସିନ ଲଗାଇ ରାତି ଅଧିଆ ବାଲି ଲୁଟ ହେଉଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ଶ୍ୟାମାଖୁଣ୍ଟା ବ୍ଲକର ଉକ୍ତ ବାଲି ସାଇରାତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ୧୦ କିମି ପରିଧି ମଧ୍ୟରେ ହେବ। ତଥାପି ବେଧଡ଼କ ଭାବେ ପ୍ରତିଦିନ ଶହ ଶହ ଗାଡ଼ିରେ ଚୋରାଚାଲାଣ ହେଉଛି। ଏନେଇ ସବୁ ଜାଣି ମଧ୍ୟ ପ୍ରଶାସନ, ପୁଲିସ ଓ ଖଣି ବିଭାଗ ରୋକିବାରେ ବିଫଳ ହୋଇଛନ୍ତି। କେବଳ ପ୍ରଶାସନ ଲୋକ ଦେଖାଣିଆ ୧/୨ଟି ଟ୍ରାକ୍ଟର ଜବତ କରୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ। ପୁଲିସ ସ୍ୱତନ୍ତ୍ରଭାବେ ପାଟ୍ରୋଲିଂ କରି ମାଫିଆଙ୍କ ବିରୋଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏନେଇ ଶ୍ୟାମାଖୁଣ୍ଟା ତହସିଲଦାର ସାହେବରାମ ବାସ୍କେଙ୍କୁ ପଚାରିବାରୁ ସେ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ସେହିପରି ବାରିପଦା ସଦର ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନାଙ୍କୁ ପଚାରିବାରୁ ବେଆଇନ ଚାଲାଣକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

## ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ବେତନଟୀ, ୨୩।୧୦(ସମିସ):** ବେତନଟୀ ଥାନା ଖଡିଶୋଳ ପଞ୍ଚାୟତ ଅଧୀନ ଡୁମାପଦା ଗ୍ରାମର ଓମ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମନ୍ତ୍ରୀଙ୍କୁ ଏକ ବାଇକ ଶୋଭାଯାତ୍ରାରେ ୧୮ ନଂ ଜାତୀୟରାଜପଥ ମସିଣାକାଟି ଛକରୁ ଡୁମାପଦା ଖେଳପଡ଼ିଆ ପର୍ଯ୍ୟନ୍ତ ପାଛୋଟି ଅଣାଯାଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ତାଙ୍କ ସହିତ ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ଉପସଭାପତି ପରେଶ ଚନ୍ଦ୍ର ମହାନ୍ତ, ଦାନ୍ତିଆମୁହାଁ ସମିତି ସଭ୍ୟ ଶୁକୁଲ ମୁର୍ମୁ, ସୁରଜ ଲୋହାର, ସଂଗ୍ରାମକେଶରୀ ଦେବ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ଫାଇନାଲ ଖେଳ ଥିବାବେଳେ ସେମିଫାଇନାଲକୁ ଉନ୍ନୀତ ହୋଇଥିବା ପଶ୍ଚିମବଙ୍ଗ ଏବଂ ତାଳଚେର ମଧ୍ୟରେ ମହାମୁକାବିଲା ହେବାର ଅଛି। ପରିଚାଳନାରେ ଜୟକୃଷ୍ଣ ମହାନ୍ତ, ଭୀଷ୍ମ ମହାନ୍ତ, ସଞ୍ଜୟ ମହାନ୍ତ, ଇନ୍ଦ୍ରଜିତ ମହାନ୍ତ, ବିଶ୍ୱଜିତ ମହାନ୍ତ, ହେମନ୍ତ ମହାନ୍ତ, ନରହରି ମହାନ୍ତ, ପିଣ୍ଟୁ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ସିନ୍ଦୂରଗୌରାରେ କୁଡୁମୀ ସମ୍ପ୍ରଦାୟର 'ବାନ୍ଦଣା' ମହୋତ୍ସବ



**ବାରିପଦା, ୨୩।୧୦(ସମିସ):** ଶାମାଖୁଣ୍ଟା ବ୍ଲକ ସିନ୍ଦୁରଗୌରା ଗ୍ରାମରେ କୁଡୁମୀ ସମ୍ପ୍ରଦାୟର ବାନ୍ଦଣା ମହୋତ୍ସବ ଉତ୍ସାହ ଓ ଉଦ୍ଦୀପନା ସହିତ ପାଳନ ହୋଇଛି। କୁଡୁମାଲି କାଲଚରାଲ ଆସୋସିଏସନ ଆନୁକୂଲ୍ୟରେ ସଭାପତି ଡ ଭକ୍ତହରି ମହାନ୍ତଙ୍କ ପୌରୋହିତ୍ୟରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବାରିପଦା ପୂର୍ଣ୍ଣଚନ୍ଦ୍ର ସରକାରୀ ଶିଳ୍ପ ପ୍ରତିଷ୍ଠାନର ଅଧ୍ୟକ୍ଷ ହରିଭକ୍ତ ମହାନ୍ତ, ମୁଖ୍ୟବକ୍ତା ଭାବେ କୁଡୁମାଲି କଲଚରାଲ ଆସୋସିଏସନର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ, ସ୍ୱତନ୍ତ୍ର ଅତିଥିଭାବେ ସିନ୍ଦୂରଗୌରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର କୁମାର ମହାନ୍ତ, ସମ୍ମାନିତ ଅତିଥି ଭାବେ ସମାଜସେବୀ ରଜତ କୁମାର ମହାନ୍ତ ଯୋଗଦେଇ ବାନ୍ଦଣା ସଂସ୍କୃତି ସମ୍ପର୍କରେ ଆଲୋକପାତ କରିବା ସହିତ ଏହି ସଂସ୍କୃତିର ସଂରକ୍ଷଣ ପାଇଁ ପରାମର୍ଶ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ଗୀତ ପ୍ରତିଯୋଗିତାରେ ରାଜେନ୍ଦ୍ର ମହାନ୍ତ, ଶ୍ରୀହରି ମହାନ୍ତ ଓ ତୁନୁ ମହାନ୍ତ ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବାଦ୍ୟ ପ୍ରତିଯୋଗିତାରେ ଅଶୋକ ମହାନ୍ତ, ଗଣେଶ୍ୱର ମହାନ୍ତ ଓ ବିକାଶ ମହାନ୍ତ ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ। ସେହିପରି ଗୋରୁ ଖେଳ ପ୍ରତିଯୋଗିତାରେ ବିକ୍ରମ ମହାନ୍ତ, ଗୋବିନ୍ଦ ମହାନ୍ତ ଓ କାଳିଚରଣ ମହାନ୍ତ ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଛନ୍ତି। କୈଳାସ ଚନ୍ଦ୍ର ମହାନ୍ତ, ସରୋଜ ମହାନ୍ତ, ହେମାନନ୍ଦ ମହାନ୍ତ ଓ ଜଗନ୍ନାଥ ମହାନ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ସାଇବର ସୁରକ୍ଷା ସଚେତନତା ଅଭିଯାନ

# ସବୁ ବର୍ଗର ଲୋକଙ୍କୁ ଠକେଇରୁ ସୁରକ୍ଷା ଦେବା ଲକ୍ଷ୍ୟ

**ବାରିପଦା, ୨୩।୧୦(ସମିସ)**




ସାଇବର ଠକେଇରୁ ଲୋକଙ୍କୁ ସୁରକ୍ଷା ଦେବାପାଇଁ ଗତ ୧୮ରୁ ଏକ ମାସ ବ୍ୟାପୀ ନଭେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟସାରା ସାଇବର ସୁରକ୍ଷା ସଚେତନତା ଅଭିଯାନ -୨୦୨୫ ଜାରି ରହିଛି। ଶୁଭାରମ୍ଭ ଦିବସରେ ମୁଖ୍ୟମନ୍ତ୍ରୀ ସାଇବର ଠକେଇରୁ ସୁରକ୍ଷିତ ରଖିବା ପାଇଁ ଶପଥ ପାଠ କରାଇବା ସହ ଏକ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି; ଯାହାକି ରାଜ୍ୟ ସାରା ପରିକ୍ରମା କରି ଲୋକଙ୍କ ମଧ୍ୟରେ ସାଇବର ଠକେଇରୁ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ପହଞ୍ଚାଇବ। ଏହି କ୍ରମରେ ଗୁରୁବାର ବାରିପଦା ସହିଦ ସ୍ମୃତି ଭବନଠାରେ ଜିଲ୍ଲା ପୁଲିସ ପ୍ରଶାସନର ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ମେଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଉଦଳା ବିଧାୟକ ଭାସ୍କର ମଢେଇ, ସାରସକଣା ବିଧାୟକ ଭାଦବ ହାଁସଦା, ବଡ଼ସାହି ବିଧାୟକ ସନାତନ ବିଜୁଳି, ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳିକା ସୀମା ଦାସ, ପୂର୍ବାଞ୍ଚଳ ପୁଲିସ ଡିଆଇଜି ପିନାକ ମିଶ୍ର, ଆରସିସିଏଫ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ନିର୍ଦ୍ଦେଶକ ପ୍ରକାଶ ଗୋଗିନାନି, ଜିଲ୍ଲାପାଳ ହେମକାନ୍ତ ସଏ, ଓ ଆଇଏଏସ ପ୍ରୋବେଶନର କାଶିଷ ବକ୍ସି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଏସ୍‌ପି ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଅଭିଯାନ ସମ୍ବନ୍ଧରେ ସୂଚନା ଦେଇଥିଲେ। ଜିଲ୍ଲାରେ ଏହି ଅଭିଯାନ ଅନଲାଇନ ଓ ଅଫଲାଇନ ଜରିଆରେ ଏକ ମାସ ଧରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଚାଲିବ। ଏହାର ଲକ୍ଷ୍ୟ ହେଉଛି ସମାଜର ସବୁ ବର୍ଗର ଲୋକଙ୍କୁ ସାଇବର ଠକେଇରୁ ସୁରକ୍ଷା ଦେବା। ଦୈନନ୍ଦିନ ଜୀବନରେ ଇଣ୍ଟରନେଟ ସାଙ୍ଗକୁ ସ୍ମାର୍ଟ ଫୋନର ବ୍ୟବହାର ଓ ଅନଲାଇନ କାର୍ଯ୍ୟକଳାପ ଅପରିହାର୍ଯ୍ୟ ହୋଇପଡ଼ିଛି। ଯଦି ଏହାକୁ ସତର୍କତା ସହ ସୁରକ୍ଷିତ ଭାବେ ବ୍ୟବହାର ନ କରୁ ତେବେ ଠକାମିର ଶିକାର ହେବା ନିଶ୍ଚିତ। ପରିବର୍ତ୍ତିତ ସମୟ ଅନୁସାରେ ସାଇବର ଠକମାନେ ମଧ୍ୟ ସେମାନେ ସେମାନଙ୍କ କୁଟିଳ ବୁଦ୍ଧି ପ୍ରୟୋଗ କରି ଅଭିନବ ଉପାୟ ଅବଲମ୍ବନ କରି ଆଶ୍ଚର୍ଯ୍ୟଜନକ ଭାବେ ଲୋକଙ୍କୁ ସେମାନଙ୍କ ଶିକାର ବନାଉଛନ୍ତି। ଲୋଭ, ଭୟ ଓ ଦାୟିତ୍ୱହୀନତା ସାଇବର ଠକାମୀର ପ୍ରମୁଖ କାରଣ ବୋଲି କୁହାଯାଉଛି। ମାଗଣା କିମ୍ବା କମ ଦାମରେ ଅଧିକ ଲାଭ ପାଇବା ଆଶାରେ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଦେଣନେଣ କରିବା, କୌଣସି ଅଜଣା ଭିଡିଓକୁ ଡାଉନ ଲୋଡ଼ କରିବା କିମ୍ବା କୌଣସି ମିଛ ଫୋନ କଲ୍ ପାଇ ଭୟାତୁର ହୋଇ କିଛି ତର୍ଜମା ନ କରି ଦାୟିତ୍ୱହୀନ ଭାବେ ନକଲି ଲିଙ୍କରେ କ୍ଲିକ କରି ନିଜର ବ୍ୟକ୍ତିଗତ ତଥ୍ୟ ଶେୟାର କରି ସାଇବର ଠକାମୀର ଶିକାର ହେବାକୁ ପଡେ। ତେଣୁ ସଚେତନ ହେବା, ସତର୍କ ରହିବା ଏବଂ ସୁରକ୍ଷିତ ରହିବା। ସବୁ ବର୍ଗର ଲୋକଙ୍କୁ ସାଇବର ସୁରକ୍ଷା ପ୍ରଦାନ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ଯେପରିକି ଛାତ୍ରଛାତ୍ରୀଙ୍କୁ ନିରାପଦ ଡିଜିଟାଲ ଅଭ୍ୟାସ ସହ କୌଣସି ପ୍ରଲୋଭନ ଏବଂ ସାଇବର ଭୟର ଶିକାର ନହେବା, ଗୋପନ ଭିଡ଼ିଓ ଦେଖାଇ ସାଇବର ଅପରାଧର ଶିକାର କରାଇବା, ଅଭିଭାବକ ଓ ଶିକ୍ଷକଙ୍କୁ ପିଲାମାନଙ୍କ ଅନଲାଇନ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ, ଚାକିରୀ ଆଶାୟୀ ଯୁବପିଢ଼ିଙ୍କୁ ନକଲି ନିଯୁକ୍ତି ଯାଚିବା, ନକଲି ବ୍ୟାଙ୍କ ଆକାଉଣ୍ଟ ଆଦି ସମ୍ବନ୍ଧରେ ସଚେତନ କରାଯିବ। ଜନ ସଚେତନତା କେବଳ ପୁଲିସ ଦ୍ୱାରା ସମ୍ଭବ ନୁହେଁ। ସମସ୍ତଙ୍କ ସହଭାଗୀତାରେ ଏହାର ସଫଳ ରୂପାୟନ ସମ୍ଭବ ହେବ ବୋଲି ସେ ଆଶାବ୍ୟକ୍ତ କରି ସହଯୋଗ କାମନା କରିଥିଲେ। ସମସ୍ତ ଅତିଥି ବୃନ୍ଦ ସାଇବର ଠକେଇର ବିଭିନ୍ନ ପ୍ରକାର ଭେଦ ଉପରେ ଆଲୋକପାତ କରିଥିଲେ। କୌଣସି ପରିସ୍ଥିତିରେ ସାଇବର ଠକେଇରେ ଶିକାର ହେଲେ ୧୯୩୦ ନମ୍ବରରେ କଲ କରି କିମ୍ବା ସାଇବର କ୍ରାଇମ ପୋର୍ଟାଲରେ ରିପୋର୍ଟ କରିବା ଏବଂ ସାଇବର ଥାନାର ସହାୟତା ନେବା ପାଇଁ ପରାମର୍ଶ ଦିଆଯାଇଛି। ଏହି ଅବସରରେ ସାଂସଦ ସାଇବର ଠକେଇରୁ ସୁରକ୍ଷିତ ରହିବା ପାଇଁ ସାମୂହିକ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଶାସନିକ ଅଧିକାରୀ, ପୁଲିସ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ବ୍ୟାଙ୍କ ଅଧିକାରୀ ତଥା ଅନ୍ୟାନ୍ୟ ଆର୍ଥିକ ଅନୁଷ୍ଠାନର କର୍ମକର୍ତ୍ତା, ଛାତ୍ରଛାତ୍ରୀ, ସ୍ୱୟଂ ସହାୟିକା ଗୋଷ୍ଠୀ, ସ୍ୱେଚ୍ଛାସେବୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

**ଜନ ସଚେତନତା କେବଳ ପୁଲିସ ନୁହେଁ, ସହଭାଗିତା ଜରୁରୀ**

# ସମ୍ପାଦକୀୟ

ମୋ ସଫଳତାର ରହସ୍ୟ ହେଲା ଜୀବନରେ ସମ୍ମୁଖୀନ ହୋଇଥିବା ସମସ୍ତ ବିପର୍ଯ୍ୟୟକୁ ସୁଯୋଗରେ ପରିଣତ କରିବାକୁ ଚେଷ୍ଟା କରିଛି।
-ଜନ୍ ଡି ରକ୍‌ଫେଲର

ସକାଳ
THE SAKALA

## ଜଗିବ କିଏ?

କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ପ୍ରକ୍ରିୟାକୃତ ଉଦ୍ଭଟ, ଅତିରଞ୍ଜିତ ଓ ନକଲି ଦୃଶ୍ୟଶ୍ରାବ୍ୟର ପ୍ରଚାର/ପ୍ରସାରକୁ ନିୟନ୍ତ୍ରଣ ଓ ନିରୁତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ପ୍ରଚଳିତ ସୂଚନା ପ୍ରଯୁକ୍ତି ବିଦ୍ୟା(ଅନ୍ତରୀଣ ମାର୍ଗଦର୍ଶିକା ଏବଂ ଡିଜିଟାଲ୍ ମିଡିଆ ନୀତି ସଂହିତା) ନିୟମ - ୨୦୨୧ରେ କେତେକ ସମୟୋପଯୋଗୀ ସଂଶୋଧନ ଆଣିବାକୁ ଯାଉଛନ୍ତି। ସରକାର ଜାରି କରିଥିବା ଚିଠା ଅଧିନିୟମ ଅନୁଯାୟୀ ଏଣିକି ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ ହେଉଥିବା ଦୃଶ୍ୟଶ୍ରାବ୍ୟ(ଭିଡିଓ/ଅଡିଓ), ଚିତ୍ର(ଫଟୋ)ଗୁଡ଼ିକ 'ଏଆଇ ପ୍ରକ୍ରିୟାକୃତ କି ନୁହେଁ' ତାହା ବ୍ୟବହାରକାରୀମାନେ ଏକ ଘୋଷଣାନାମା ଜରିଆରେ ନିଶ୍ଚିତ କରିବେ। ଉକ୍ତ ଭିଡିଓ/ଫଟୋ ଏଆଇ ପ୍ରକ୍ରିୟାକୃତ ହୋଇଥିଲେ ସେଥିରେ ଏକ ପ୍ରତୀକ ବା ଲେବଲ୍ ରହିବା ବାଧ୍ୟତାମୂଳକ, ଯାହା ଉକ୍ତ ଅପ୍‌ଲୋଡ୍ ବିବରଣୀର ଅତିକମ୍‌ରେ ୧୦% ସ୍ଥାନରେ ଦୃଶ୍ୟମାନ ହେଉଥିବ।

ଅଧୁନା ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ଏଭଳି ବିଭ୍ରାନ୍ତିକର ମିଛ(ଡିପ୍‌ଫେକ୍) ଭିଡିଓ/ଫଟୋ/ବାର୍ତ୍ତାଗୁଡ଼ିକ ଜାତି-ଧର୍ମ-ବର୍ଣ୍ଣ-ଦଳ-ବୟସ-ବର୍ଗ-ଲିଙ୍ଗ ନିର୍ବିଶେଷରେ ଉତ୍କଟ ପାରିବାରିକ-ସାମାଜିକ-ରାଜନୈତିକ-ଅର୍ଥନୈତିକ ସମସ୍ୟା ସୃଷ୍ଟି କରୁଛି ଏବଂ ଦେଶର ପ୍ରତିରକ୍ଷା ଓ ସାର୍ବଭୌମତ୍ୱ ପ୍ରତି ବିପଦ ଡାକି ଆଣୁଛି। ତେଣୁ ଏହାର ପ୍ରତିକାର ପାଇଁ ସବୁମହଲରୁ ଦାବି ହୋଇଆସୁଛି। ଚୀନ୍ ସମେତ କେତେକ ବିକଶିତ ଓ ବିକାଶଶୀଳ ରାଷ୍ଟ୍ର ଏ ଦିଗରେ ପୂର୍ବରୁ ପଦକ୍ଷେପ ନେଇସାରିଥିବା ବେଳେ ବିଳମ୍ବରେ ହେଲେ ମଧ୍ୟ ଭାରତ ସରକାରୀଙ୍କ ପଦକ୍ଷେପ ନିଶ୍ଚୟ ସ୍ୱାଗତଯୋଗ୍ୟ। ସାମାଜିକ ଗଣମାଧ୍ୟମର ଅପବ୍ୟବହାର, ଦୁରୁପଯୋଗର ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର ଆଇନ ପ୍ରଣୟନ କରିଛନ୍ତି ଏବଂ ନିୟମିତ ବ୍ୟବଧାନରେ ସେଥିରେ ଆବଶ୍ୟକ ସଂଶୋଧନ କରୁଛନ୍ତି। କିନ୍ତୁ କାର୍ଯ୍ୟାନ୍ୱୟନରେ ଶିଥିଳତା ଓ ପ୍ରୟୋଗାତ୍ମକ ବିଫଳତା କାରଣରୁ ଗଳାବାଟର ଫାଇଦା ଉଠାଇ ଡିପ୍‌ଫେକ୍ ପ୍ରଭାବ ବିସ୍ତାର କରିଚାଲିଛି। ତେଣୁ ନୂଆ ପ୍ରୟାସକୁ ଚୂଡ଼ାନ୍ତ ରୂପରେଖ ଦେବା ପୂର୍ବରୁ ଜନସାଧାରଣଙ୍କଠାରୁ ମତାମତ ଆହ୍ୱାନ କରିଛନ୍ତି।

ଚିଠା ସଂଶୋଧନ ନିୟମର ଉପଲବ୍ଧ ବିବରଣୀ ଆଧାରରେ ଆମର ମତ ହେଉଛି, କ୍ରମବର୍ଦ୍ଧିଷ୍ଣୁ ବୈଷୟିକ ଜ୍ଞାନକୌଶଳ ଆଧାରିତ ଅପରାଧ ଦୃଷ୍ଟିରୁ ଏତିକି କଟକଣା ଯଥେଷ୍ଟ ନୁହେଁ। ଏବେ ଭାରତର ପ୍ରାୟ ୯୦କୋଟି ଲୋକଙ୍କ ହାତରେ ଇଣ୍ଟରନେଟ୍ ଯୁକ୍ତ ସ୍ମାର୍ଟଫୋନ୍ ରହିଛି। ଯିଏ ଯେତେବେଳେ ଯାହା ଇଚ୍ଛା କଲା ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ କରିଦେଉଛି ଏବଂ ନିମିଷକେ ତାହା ସାରା ବିଶ୍ୱରେ ବ୍ୟାପିଯାଉଛି। ଏହାଛଡ଼ା ଭାରତ ବିରୋଧୀ ବିଦେଶୀ ତତ୍ତ୍ୱଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ। ସେମାନଙ୍କଠାରୁ 'ଏଆଇ ପ୍ରକ୍ରିୟାକୃତ' ସ୍ୱୀକାରୋକ୍ତି ଓ ସାଧୁତା ଆଶା କରିବା ବୃଥା। ଯଦି ସେମାନେ ସ୍ୱୀକାରୋକ୍ତି ନ କରନ୍ତି ଏବଂ ଉଦ୍ଦିଷ୍ଟ ଲେବଲ୍ ସଂଯୋଗ ନ କରନ୍ତି କିମ୍ବା ଏଆଇ ପ୍ରକ୍ରିୟାକୃତ ହୋଇ ମଧ୍ୟ ଉଦ୍ଦେଶ୍ୟମୂଳକ ଭାବେ ଘୋଷଣାନାମା ପ୍ରକାଶ ନ କରନ୍ତି ସେଥିପାଇଁ ଉତ୍ତରଦାୟୀ ହେବ କିଏ? ଇତିମଧ୍ୟରେ ବିଶ୍ୱସ୍ତରରେ ମେଟା ଏଭଳି କେତେକ ସଂସ୍ଥା କଟକଣା ଜାରି କରିଥିଲେ ମଧ୍ୟ ଡିପ୍‌ଫେକ୍‌ର ସଂଖ୍ୟାରେ ଆଶାନୁରୂପ ହ୍ରାସ ଘଟିନାହିଁ। ଅପରପକ୍ଷରେ ଏଭଳି ଡିପ୍‌ଫେକ୍ ଭିଡିଓ/ଅଡିଓ ଫଟୋ ଯୋଗୁଁ ସାମାଜିକ ଗଣମାଧ୍ୟମ ସଂସ୍ଥାମାନଙ୍କର ଆୟ ବହୁଗୁଣରେ ବଢ଼ିବାରେ ଲାଗିଛି। ତେଣୁ ନିଜକୁ ନିଜେ ନିୟନ୍ତ୍ରଣ କରି ବା ଆତ୍ମସଂଯମ ହୋଇ ସେମାନେ ଅର୍ଥାଗମର ବାଟକୁ ଯେ କାଣ୍ଟଛାଣ୍ଟ କରିବେ ସେ ବିଶ୍ୱାସ ଆସୁନାହିଁ।

ନିୟମକୁ ପ୍ରଭାବଶାଳୀ କରିବାକୁ ହେଲେ ତୃତୀୟ ପକ୍ଷକୁ ଉତ୍ତରଦାୟୀ କଲା ଭଳି ଏକ ସର୍ତ୍ତ ରହିବା ଆବଶ୍ୟକ। ପ୍ରତିମୁହୂର୍ତ୍ତରେ ବିଶ୍ୱସ୍ତରରେ ଲକ୍ଷ ଲକ୍ଷ ସଂଖ୍ୟାରେ ଭିଡିଓ ଫଟୋ ଅପ୍‌ଲୋଡ୍ ହେଉଛି, ଯାହାର ତତ୍କାଳ ତନଖି ସମ୍ଭବ ନୁହେଁ। ତେଣୁ କଣ୍ଟାକୁ କଣ୍ଟାରେ କାଢ଼ିବା ନିୟମ ଭଳି ଏଆଇ ପ୍ରକ୍ରିୟାକୃତ ଭିଡିଓ/ଅଡିଓ/ଫଟୋକୁ ଅପ୍‌ଲୋଡ୍‌ମାତ୍ରେ ଚିହ୍ନଟ କରିବା ପାଇଁ ଏଆଇକୁ ହିଁ ଉପଯୋଗ କରିବାକୁ ପଡ଼ିବ। ସାମାଜିକ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଯେଭଳି ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗକୁ ନିଶ୍ଚିତ କରନ୍ତି ତାହା ସଂଶୋଧିତ ଚିଠା ନିୟମରେ ଉଲ୍ଲେଖ ରହିବା ଆବଶ୍ୟକ।

## ତତ୍ପରତା ଓ ଶିଥିଳତା

ଆମ ବ୍ୟବସ୍ଥାର ଏକ ଗତାନୁଗତିକ ଧାରା ହେଉଛି କିଛି ଏକ ଅଘଟଣ ଘଟିଯିବା ପରେ ତତ୍ପରତା ପ୍ରକାଶ ପାଇବା ଏବଂ ସମୟ ସହିତ ସେହି ତତ୍ପରତା ଶିଥିଳ ପଡ଼ିଯିବା। ଯୋଜନାର ସଫଳ ରୂପାୟନରେ ଆନ୍ତରିକତା ଓ ତତ୍ପରତା ଯଦି ରହୁଥା'ନ୍ତା ତେବେ ଆମ ରାଜ୍ୟ ରାଜଧାନୀର ବ୍ୟବସାୟ ପେଣ୍ଠ ୟୁନିଟ୍ ୧ ହାଟରେ ବାରମ୍ବାର ଅଗ୍ନିକାଣ୍ଡ ଘଟି ଧନ ହାନି ଘଟୁନଥା'ନ୍ତା କି ଜୀବନ ପ୍ରତି ଭୟ ସଞ୍ଚାର ହେଉ ନଥା'ନ୍ତା। ଗତ ବୁଧବାର ଦିନଦିପହରେ ରାଜଧାନୀର ଏହି ସର୍ବପୁରାତନ ଓ ସର୍ବବୃହତ୍ ହାଟରେ ପୁଣି ଥରେ ଅଗ୍ନିକାଣ୍ଡ ଘଟି କୋଟିକୋଟି ଟଙ୍କାର ପଣ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି।

ଅଗ୍ନିକାଣ୍ଡର କାରଣ ଯାହା ବି ହେଉନା କାହିଁକି ରାଜଧାନୀର ଛାତି ଉପରେ ଏଭଳି ଅଗ୍ନିକାଣ୍ଡ ବାରମ୍ବାର ଘଟୁଥିଲେ ମଧ୍ୟ ନା ପ୍ରଶାସନ ନା ବ୍ୟବସାୟୀ କାହାର ଚେତା ପଶୁନି। ଅଗ୍ନିକାଣ୍ଡରେ ବ୍ୟବସାୟିକ କ୍ଷୟକ୍ଷତିକୁ ହୁଏତ ବୀମା କମ୍ପାନୀ ଭରଣା କରିଦେବ। କିନ୍ତୁ ଏଭଳି ଘଟଣା ଯଦି କୌଣସି ପାର୍ବଣ ଭିଡ଼ରେ ରାତିରେ ଘଟିଥା'ନ୍ତା ଦଳଚକଟାରେ ଅନେକ ଜୀବନହାନିର ଆଶଙ୍କାକୁ ଏଡ଼ାଇ ଦେଇ ହୁଅନ୍ତା ନାହିଁ। ୧ ନମ୍ବର ହାଟର ମୁଖ୍ୟ ସମସ୍ୟା ହେଉଛି ଅଣଓସାରିଆ ଗଳିରେ ପାଖକୁ ପାଖ ଓ ସାମ୍ନାସାମ୍ନି ଦୋକାନଘର ଖୁନ୍ଦି ହୋଇ ରହିଛି। ତେଣୁ କୌଣସି ଅଘଟଣ ଘଟିଲେ ତତ୍କାଳ ମୁକୁଳିବା ସମ୍ଭବ ନୁହେଁ। ଏହି ସମସ୍ୟା ଅଘଟଣ ପରେ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସେ, ତନାଘନା ହୁଏ, ଯୋଜନା ଓ ସମନ୍ୱିତ ଦୋକାନ ଘର ନିର୍ମାଣ ପାଇଁ ଘୋଷଣା ହୁଏ। ଦିନ କେଇଟା ପରେ ତାହା ପୁଣି ଶୀତଳଭଣ୍ଡାରକୁ ଚାଲିଯାଏ। ଏହାଛଡ଼ା ରାଜଧାନୀର ସର୍ବାଧିକ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ନିୟମିତ ଅଗ୍ନିକାଣ୍ଡ ଘଟୁଥିଲେ ମଧ୍ୟ ଅଗ୍ନି ନିରାପତ୍ତା ବ୍ୟବସ୍ଥା କିମ୍ବା ନିକଟରେ ଦମ୍‌କଳ କେନ୍ଦ୍ରର ଆବଶ୍ୟକତା କର୍ତ୍ତୃପକ୍ଷ ଏ ପର୍ଯ୍ୟନ୍ତ ଉପଲବ୍ଧି କରିପାରିନାହାନ୍ତି।

ଦିନକୁ ଦିନ ରାଜଧାନୀର ଖୋଲା ସ୍ଥାନ ସଂକୁଚିତ ହେବାରେ ଲାଗିଛି। ଅପରପକ୍ଷରେ ଯାନବାହନ ଓ ଲୋକସଂଖ୍ୟା ବଢ଼ୁଛି। ୧ ନମ୍ବର ହାଟରେ କେବଳ ରାଜଧାନୀ ବାସିନ୍ଦା ନୁହନ୍ତି, ରାଜ୍ୟବାସୀଙ୍କ କିଣାବିକା ଓ ଯାତାୟତ ଲାଗି ରହିଛି। ଯାହା କିଛି ଅଘଟଣ ଘଟୁଛି ସେଥିପାଇଁ ନିର୍ଦ୍ଦିଷ୍ଟ ଭାବେ କାହାକୁ ଦାୟୀ କରାଯାଇପାରିବ ନାହିଁ। ତେଣୁ ଦୋଷ ଲଦାଲଦିରୁ ନିବୃତ୍ତ ରହି ସହଯୋଗ ଓ ସମନ୍ୱୟ ଜରିଆରେ ଏ ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ ହେବା ଆବଶ୍ୟକ।

# ଓଡ଼ିଶାରେ ଶୀତଳଭଣ୍ଡାର: ସମସ୍ୟା ଓ ସମ୍ଭାବନା

ବିଦ୍ୟାଧର ମହାରଣା

ଆମେ ଖାଉଥିବା ଶସ୍ୟଜାତୀୟ ଖାଦ୍ୟ, ଡାଲି ଓ ତେଲ ଭଣ୍ଡାର ଘରେ ବହୁଦିନ ସାଇତି ରଖିପାରୁଥିଲେ ମଧ୍ୟ ଫଳ, ଆଳୁ, ପିଆଜ, ପନିପରିବା, କ୍ଷୀର, ଅଣ୍ଡା ଇତ୍ୟାଦି ପଚନଶୀଳ ଦ୍ରବ୍ୟ ଉପଯୁକ୍ତ ସାଇତା ଅଭାବରେ ଶୀଘ୍ର ପଚିସଢ଼ି ଯାଏ ଏବଂ ଖାଦ୍ୟ ଉପଯୋଗୀ ହୋଇନଥାଏ। କାରଣ ସାଧାରଣ ତାପମାତ୍ରାରେ ଶ୍ୱସନ କ୍ରିୟା ଚାଲୁଥାଏ ଏବଂ ବୀଜାଣୁ ଓ କବକ ପରି ଅଣୁଜୀବ ଏହିଖାଦ୍ୟଗୁଡ଼ିକୁ ଶୀଘ୍ର ନଷ୍ଟ କରି ଦିଅନ୍ତି। ଶୀତଳୀକରଣ ମାଧ୍ୟମରେ ନିମ୍ନ ତାପମାତ୍ରା ଓ ଆବଶ୍ୟକ ଆପେକ୍ଷିକ ଆର୍ଦ୍ରତା ସୃଷ୍ଟି କରାଗଲେ ଅଣୁଜୀବଗୁଡ଼ିକ ନିଷ୍କ୍ରିୟ ହୋଇ ଖାଦ୍ୟ ଅପଚୟ କରିବାରେ ସକ୍ଷମ ହେବେ ନାହିଁ। ଇ-କୋଲି ଓ ସାଲମୋନେଲା ପରି ଖାଦ୍ୟ ବିନିଷ୍ଟକାରୀ ବୀଜାଣୁ ନିମ୍ନ ତାପମାତ୍ରାରେ କୌଣସି କ୍ଷତିସାଧନ କରିପାରିବେ ନାହିଁ। ଫଳରେ ଆମେ ଅଧିକ ଦିନ ଧରି ପଚନଶୀଳ ଖାଦ୍ୟ ପଦାର୍ଥ ତଟକା ଭାବରେ ବ୍ୟବହାର କରିପାରିବା କିମ୍ବା ଦୂର ଜାଗାକୁ ପରିବହନ କରିପାରିବା। ଏହା ହିଁ ଶୀତଳୀକରଣ ବା ଶୀତଳଭଣ୍ଡାରର ମୌଳିକ ଉଦ୍ଦେଶ୍ୟ। ଶୀତଳଭଣ୍ଡାର ଅଭାବରେ ଖାଦ୍ୟ ନିରାପତ୍ତାରେ କିଭଳି ସମସ୍ୟା ସୃଷ୍ଟି ହୁଏ ତାହା ଏବେ ଆଲୋଚନା କରିବା।

ଓଡ଼ିଶା ସରକାର ରାଜ୍ୟରେ ଆଳୁ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ପାଇଁ ୨୦୧୫ ମସିହାରେ 'ଆଳୁ ମିଶନ୍' କାର୍ଯ୍ୟକାରୀ କରିଥିଲେ। ବସ୍ତୁତଃ ଏହି ମିଶନ ବିଫଳ ହୋଇଛି କହିଲେ ଭୁଲ ହେବନି। ରାଜ୍ୟରେ ବାର୍ଷିକ ଆଳୁ ଚାହିଦା ୧୪ ଲକ୍ଷ ଟନ୍ ଥିବା ବେଳେ ବର୍ତ୍ତମାନ ଉତ୍ପାଦନ ହେଉଛି ପ୍ରାୟ ୫ ଲକ୍ଷ ଟନ୍। ଏବେ ଆମ ରାଜ୍ୟ ଆଳୁ ସମେତ ପିଆଜ, ମାଛ, ପନିପରିବା ଓ ଫଳ କ୍ଷେତ୍ରରେ ମଧ୍ୟ ପଡ଼ୋଶୀ ରାଜ୍ୟଗୁଡ଼ିକ ଉପରେ ନିର୍ଭରଶୀଳ। ଏହାର ମୁଖ୍ୟକାରଣ ହେଉଛି ଶୀତଳଭଣ୍ଡାର ଓ ଶୀତଳ ପରିବହନ ବ୍ୟବସ୍ଥାର ଘୋର ଅଭାବ। ଶୀତଳଭଣ୍ଡାରରେ ଆଳୁ, ଫଳ, ପନିପରିବା, ମାଛ ଇତ୍ୟାଦି ପଚନଶୀଳ ଦ୍ରବ୍ୟ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସାଇତି ରଖାଯାଏ ଏବଂ ଶୀତଳଭଣ୍ଡାରଠାରୁ ଉପଭୋକ୍ତାଙ୍କ ନିକଟସ୍ଥ ଖୁଚୁରା ବିକ୍ରୟ କେନ୍ଦ୍ର ପର୍ଯ୍ୟନ୍ତ ଶୀତଳୀକୃତ ପରିବହନ ବ୍ୟବସ୍ଥାରେ ଏହି ସମାଗ୍ରୀ ଯୋଗାଣ କରାଯାଏ।

ଆମ ଦେଶରେ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଗୁଜରାଟ ଓ ପଞ୍ଜାବରେ ସର୍ବାଧିକ(ଦେଶର ୬୦%) ଶୀତଳଭଣ୍ଡାର ରହିଛି। ଉପରୋକ୍ତ ଚାରି ରାଜ୍ୟରେ ଯଥାକ୍ରମେ ୧୫, ୬.୪, ୩.୯ ଓ ୨.୬ ନିୟୁତ ଟନ୍ ଆଳୁ ପ୍ରାୟ ୩୮୬୬ ଶୀତଳଭଣ୍ଡାରରେ ସାଇତି ରଖିବା କ୍ଷମତା ରହିଛି। ଏହାପରେ ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ତେଲଙ୍ଗାନା ଅଧିକ ସଂଖ୍ୟାରେ ଶୀତଳଭଣ୍ଡାର ସ୍ଥାପନ କରିଛନ୍ତି। ୨୦୨୫ ରିପୋର୍ଟ ଅନୁଯାୟୀ ଓଡ଼ିଶାର ୧୩୩ ଶୀତଳଭଣ୍ଡାର ମଧ୍ୟରୁ ୯୭ ଅଚଳାବସ୍ଥାରେ ଅଛି ଏବଂ ୩୬ ଗୋଟି କାର୍ଯ୍ୟକ୍ଷମ, ଯାହାର ସର୍ବାଧିକ ଭଣ୍ଡାରଣ କ୍ଷମତା ମାତ୍ର ୧, ୭୨, ୧୮୦ ଟନ୍। ଏଥିମଧ୍ୟରୁ ଘରୋଇ ଶୀତଳଭଣ୍ଡାର ୩୪ ଓ ସମବାୟସଂସ୍ଥାର ମାତ୍ର ଦୁଇଟି। ଆମ ରାଜ୍ୟର ୧୩ ଜିଲ୍ଲାରେ ଆଦୌ ଶୀତଳଭଣ୍ଡାର ନାହିଁ। ଏତଦବ୍ୟତୀତ ଘରୋଇ ଉଦ୍ୟମରେ ଆଳୁ ଛଡ଼ା ଅନ୍ୟାନ୍ୟ ପଚନଶୀଳ ଦ୍ରବ୍ୟ ସଂରକ୍ଷଣ ପାଇଁ ଅଳ୍ପକେତୋଟି ଶୀତଳଭଣ୍ଡାର କାର୍ଯ୍ୟ କରୁଛି। ଆମର ପଡ଼ୋଶୀ ପଶ୍ଚିମବଙ୍ଗରେ ୫୧୭ ଶୀତଳଭଣ୍ଡାର ଥିବା ବେଳେ ଓଡ଼ିଶାରେ ୩୬ କାର୍ଯ୍ୟକ୍ଷମ ଥିବା କି ସନ୍ଦେଶ ଦେଉଛି? ସୁତରାଂ ଶୀତଳୀକରଣ ବ୍ୟବସ୍ଥା ଓଡ଼ିଶାରେ ନୈରାଶ୍ୟଜନକ ବୋଲି ଧରିନେବାକୁ ହେବ। ଏହାର ପରିଣାମ ସ୍ୱରୂପ ଆମ ରାଜ୍ୟ ପନିପରିବା, ଆଳୁ, ଅଣ୍ଡା, ମାଛ ଓ ଫଳ ପାଇଁ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ ଇତ୍ୟାଦି ପଡ଼ୋଶୀ ରାଜ୍ୟ ଉପରେ ନିର୍ଭରଶୀଳ।

ଓଡ଼ିଶାରେ ଶୀତଳଭଣ୍ଡାର ସମସ୍ୟାଗୁଡ଼ିକୁ ଅନୁଧ୍ୟାନ କଲା ବେଳେ ପ୍ରଥମରେ ଆଲୋଚନା କରିବା ଗୋଟିଏ ଶୀତଳଭଣ୍ଡାର ପାଇଁ କେଉଁସବୁ ଭିତ୍ତିଭୂମିର ଆବଶ୍ୟକତା ଅଛି। ଶୀତଳଭଣ୍ଡାରର ତାପମାତ୍ରା ଓ ଆପେକ୍ଷିକ ଆର୍ଦ୍ରତା ବିଭିନ୍ନ ଦ୍ରବ୍ୟ ଅନୁସାରେ ଭିନ୍ନ ହୋଇଥାଏ। ବିଭିନ୍ନ ସତେଜ ପନିପରିବା, ଦୁଗ୍ଧ ଜାତ ଦ୍ରବ୍ୟ ଓ ଫାର୍ମାସ୍ୟୁଟିକାଲ ପାଇଁ ୨ ରୁ ୮ ଡିଗ୍ରୀ ସେଲସିୟସ୍ ତାପ ଆବଶ୍ୟକ। ମାଛ ଓ ମାଂସ ସଂରକ୍ଷଣ ପାଇଁ ବିୟୁକ୍ତ ୧ ରୁ ୧ ଡିଗ୍ରୀ ସେଲସିୟସ ତାପ ଆବଶ୍ୟକ। ଏତଦ୍‌ବ୍ୟତୀତ ଅନୁକୂଳ ଆପେକ୍ଷିକ ଆର୍ଦ୍ରତା, ଉତ୍ତମ ବାୟୁ ଚଳାଚଳ ଏବଂ କୋଠାରିଗୁଡ଼ିକର କାନ୍ଥ, ସିଲିଂ ଓ ଚଟାଣ ତାପରୋଧୀ ବା କୁପରିବାହୀ ହେବା ଆବଶ୍ୟକ। କୋଠରିକୁ ଯେପରି ବାହାରୁ ଗରମ ବାୟୁ ପ୍ରବେଶ ନକରେ ସେଥିପାଇଁ କବାଟ ଫାଙ୍କରେ ଗାସ୍କେଟ୍ ଦିଆଯାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଅବିରତ ବିଦ୍ୟୁତ ଯୋଗାଣ ଓ ଜେନେରେଟର ସ୍ଥାପନା। ଶୀତଳଭଣ୍ଡାର ନିୟମିତ ପରିଦର୍ଶନ ଓ ମରାମତି ନିହାତି ଆବଶ୍ୟକ। ଶୀତଳଭଣ୍ଡାର ଉପଯୁକ୍ତ ସ୍ଥାନରେ ନିର୍ମିତ ହେବା ସହିତ ଦକ୍ଷପୂର୍ଣ୍ଣ ଶକ୍ତି ବିନିଯୋଗ ଶୀତଳଭଣ୍ଡାର ଅର୍ଥନୀତିକୁ ପ୍ରଭାବିତ କରେ। କେବଳ ବିଲାତି ଆଳୁ ରଖିବାକୁ ଶୀତଳଭଣ୍ଡାର ନିର୍ମାଣ କଲେ ଏହା ବର୍ଷରେ ମାତ୍ର ତିନିମାସ କାର୍ଯ୍ୟକ୍ଷମ ରହେ। ଫଳରେ ଏହା ଲାଭଦାୟକ ହୁଏ ନାହିଁ।

ଆଜିକାଲି ବିଭିନ୍ନ ମଡେଲର ଶୀତଳଭଣ୍ଡାର ବାହାରିଲାଣି। ଶୀତଳୀକରଣ କ୍ଷୁଦ୍ର କୋଠରି(ୱାକ୍ ଇନ୍ ୟୁନିଟ୍) ମାତ୍ର ୬୪ ବର୍ଗଫୁଟ କୋଠାରି ବିଶିଷ୍ଟ ଏବଂ ଏଥିରେ ତାପମାତ୍ରା ୦ ରୁ ୧୦ ଡିଗ୍ରୀ ସେଲସିୟସ କିମ୍ବା ବିୟୁକ୍ତ ୧୮ ରୁ ବିୟୁକ୍ତ ୨୫ ଡିଗ୍ରୀ ସେଲସିୟସ ହୋଇପାରେ। ଏଗୁଡ଼ିକ ରେଷ୍ଟୁରାଣ୍ଟ, ଫୁଲ ବ୍ୟବସାୟୀଙ୍କ ପାଇଁ ଉପଯୁକ୍ତ। ମଡ୍ୟୁଲାର ଶୀତଳ କୋଠାରି ୫୧୨ ଘନ ଫୁଟ ଆୟତନରୁ ୫୦,୦୦୦ ବର୍ଗ ଫୁଟ ଆକାର ବିଶିଷ୍ଟ ହୋଇପାରେ। ଏଥିରେ ତାପମାତ୍ରା ବିୟୁକ୍ତ ୫୦ ରୁ ୧୫ ଡିଗ୍ରୀ ସେଲସିୟସ ରଖା ଯାଇପାରେ। ଶୀତଳୀକୃତ କଣ୍ଟେନର ବା ରିଫର ଭ୍ୟାନ ଫଳ, ପନିପରିବା ଇତ୍ୟାଦି ଦୂର ସ୍ଥାନକୁ ପରିବହନ ପାଇଁ ବ୍ୟବହାର କରାଯାଏ। ଏଥିରେ ୧୦, ୨୦ କିମ୍ବା ୪୦ ଫୁଟ ଦୈର୍ଘ୍ୟ ବିଶିଷ୍ଟ କୋଠାରି ଟ୍ରକ୍ ଉପରେ ରଖାଯାଏ।

ବହୁମୁଖୀ ଶୀତଳଭଣ୍ଡାରଗୁଡ଼ିକ ଆଜିକାଲି ବେଶୀ ଜନପ୍ରିୟ। କାରଣ ଏହାର ଆକାର ବଡ଼ ଓ ଏଥିରେ ବିଭିନ୍ନ ଦ୍ରବ୍ୟ ଅଲଗା କୋଠରିରେ ସ୍ୱତନ୍ତ୍ର ପରିବେଶରେ ସାଇତି ରଖାଯାଏ। ଏପରି ଶୀତଳଭଣ୍ଡାରରେ କେବଳ ଗୋଟିଏ ଉତ୍ପାଦ ନରଖି ବିଭିନ୍ନ ଫଳ, ପନିପରିବା, ଦୁଗ୍ଧ ଜାତ ପଦାର୍ଥ ମାଂସ ଓ ଔଷଧ ଇତ୍ୟାଦି ବିଭିନ୍ନ କୋଠାରିରେ ବିଭିନ୍ନ ତାପମାତ୍ରାରେ ବର୍ଷସାରା ସାଇତି ରଖାଯାଏ। ବିଭିନ୍ନ ଉତ୍ପାଦ ପାଇଁ ଆବଶ୍ୟକ ତାପମାତ୍ରା ଓ ଆପେକ୍ଷିକ ଆର୍ଦ୍ରତା ବିଭିନ୍ନ କୋଠାରିରେ ନିୟନ୍ତ୍ରିତ କରାଯିବା ଫଳରେ ଶୀତଳଭଣ୍ଡାର ବର୍ଷସାରା କାର୍ଯ୍ୟକ୍ଷମ ରହେ। ଏହି ଶୀତଳଭଣ୍ଡାରରେ ୫୦୦୦ ଟନ୍ କିମ୍ବା ଅଧିକ ଦ୍ରବ୍ୟ ସାଇତି ରଖାଯାଇପାରେ। ଯାନ୍ତ୍ରିକ ଉପାୟରେ ଲୋଡିଂ ଓ ଅନଲୋଡିଂ କାର୍ଯ୍ୟ କରାଯାଇ ପାରେ।

ମଧ୍ୟପ୍ରଦେଶର ଇନ୍ଦୋର ସହରରେ ବିଭିନ୍ନ କମ୍ପାନୀ ଏପରି ଶୀତଳଭଣ୍ଡାର ସ୍ଥାପନ ପାଇଁ କାର୍ଯ୍ୟ କରୁଛନ୍ତି। ଯେଉଁ ଅଞ୍ଚଳରେ କୃଷକ ଉତ୍ପାଦନ ଗୋଷ୍ଠୀ ଏବଂ କୃଷକ ଉତ୍ପାଦନ ସଂଗଠନ କାର୍ଯ୍ୟ କରୁଛନ୍ତି, ସେହି ଅଞ୍ଚଳ ପାଇଁ ବହୁମୁଖୀ ଶୀତଳଭଣ୍ଡାର ଅତ୍ୟନ୍ତ ଉପାଦେୟ। ଏପରି ଶୀତଳଭଣ୍ଡାର ପ୍ରଥମେ ରାଜସ୍ଥାନର ପାଲି ଅଞ୍ଚଳରେ ଆରମ୍ଭ ହୋଇଥିଲା। ଏଥିରେ ପନିପରିବା, ଫଳ, କ୍ଷୀର, ଅଣ୍ଡା ପରି ପଚନଶୀଳ କୃଷି ଉତ୍ପାଦ ସାଇତି ରଖାଯାଏ। ବିଶେଷ ଭାବରେ ସ୍ଥାନୀୟ ଅଞ୍ଚଳର ଆମ୍ବ, ତରଭୁଜ, ପନିପରିବା ଓ ଦୁଗ୍ଧଜାତ ଦ୍ରବ୍ୟ ଏହି ଶୀତଳଭଣ୍ଡାରରେ ରଖାଯାଏ। ବିଭିନ୍ନ ଦ୍ରବ୍ୟ ପାଇଁ ବିଭିନ୍ନ ଉତ୍ତାପରେ ଅଲଗା କୋଠାରିରେ ଦ୍ରବ୍ୟଗୁଡ଼ିକ ସାଇତି ରଖାଯାଏ। ଏହାଦ୍ୱାରା ଦ୍ରବ୍ୟଗୁଡ଼ିକର ଗୁଣବତ୍ତା ଅକ୍ଷୁଣ୍ଣ ରହେ ଏବଂ କୃଷକମାନେ ଉପଯୁକ୍ତ ମୂଲ୍ୟ ପାଆନ୍ତି। ଓଡ଼ିଶାରେ ଶୀତଳଭଣ୍ଡାରଗୁଡ଼ିକର ବାସ୍ତବ ସମସ୍ୟା ଓ ଏହାର ପ୍ରତିକାର ମାର୍ଗ ବିଷୟରେ ଆଲୋଚନା ଦ୍ୱିତୀୟ ଭାଗରେ କରାଯିବ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୮୪୩୭୦୭୧୧୯୦

# ଯୁବଶକ୍ତି ବିଶୃଙ୍ଖଳ କାହିଁକି?

ପ୍ରଦୀପ୍ତ ଆଚାର୍ଯ୍ୟ

ମନୁଷ୍ୟ ଜୀବନର ଚାରିଗୋଟି ଅବସ୍ଥା ମଧ୍ୟରୁ ଯୁବାବସ୍ଥା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ଅବସ୍ଥାରେ ଶକ୍ତି, ଶୌର୍ଯ୍ୟ, ଉଦ୍ଦାମତା, ନିଃସ୍ୱାର୍ଥପରତା, ସେବା, ନିଜକୁ ବିଜ୍ଞାପିତ କରିବାର ଆକାଂକ୍ଷା, ଦୁଃସାହସିକ ପଦକ୍ଷେପ ସେମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥାଏ। ଆଜି ଆମେ ଯେଉଁମାନଙ୍କୁ ମହାମାନବ ଦୃଷ୍ଟିରେ ଅବଲୋକନ କରୁଛେ, ଯେଉଁମାନେ ଆମର ଆଦର୍ଶ, ଯେଉଁମାନଙ୍କ କାର୍ଯ୍ୟଧାରା ଆମ୍ଭମାନଙ୍କୁ ଚମତ୍କୃତ ଓ ବିସ୍ମିତ କରିଛି, ସେମାନେ ଯୁବାବସ୍ଥାରେ ହିଁ ସେମାନଙ୍କର ପ୍ରତିଭା ପ୍ରଦର୍ଶିତ କରିଥିଲେ। ସର୍ବଶେଷ ସର୍ବେକ୍ଷଣ ଅନୁସାରେ ଆମ ମୋଟ ଜନସଂଖ୍ୟାର ୨୭ ପ୍ରତିଶତ ଯୁବଗୋଷ୍ଠୀ, ଯେଉଁମାନଙ୍କର ଜାତୀୟ ଆୟରେ ୩୪ ପ୍ରତିଶତ ଅବଦାନ ରହିଛି। ଯୁବଶକ୍ତି ଦେଶର ରାଷ୍ଟ୍ରୀୟ ସମ୍ପଦ। ଗୋଟିଏ ରାଷ୍ଟ୍ର ବା ସମାଜର ବିନାଶ କିମ୍ବା ବିକାଶ ନିର୍ଭର କରେ ଯୁବଶକ୍ତି ଉପରେ।




ଆଜି କିନ୍ତୁ ଦୃଶ୍ୟପଟ୍ଟ ବଦଳିଯାଇଛି। ଯୁବକମାନଙ୍କ ମଧ୍ୟରେ ଶିଥିଳତା, ଆତ୍ମକୈନ୍ଦ୍ରିକତା, ବିଶୃଙ୍ଖଳା ସର୍ବୋପରି ହିଂସ୍ରତାର ମାତ୍ରା ବୃଦ୍ଧି ପାଇଚାଲିଛି। ନିଶାରାକ୍ଷସ କବଳରେ ଯୁବସମାଜ ଆଜି ପଥଭ୍ରଷ୍ଟ, ହୀନବୀର୍ଯ୍ୟ, ଶକ୍ତିହୀନ ଓ ଅକାଳ ବାର୍ଦ୍ଧକ୍ୟଗ୍ରସ୍ତ। ତେବେ କ'ଣ ପାଇଁ ସେମାନଙ୍କର ଏ ଅଧୋପତନ? ଏଥିପାଇଁ ଦାୟୀ କିଏ? ଏହିସବୁ ପ୍ରଶ୍ନର ଉତ୍ତର ଖୋଜିବା ବେଳେ ଯେଉଁକେତେକ କାରଣ ସାମ୍ନାକୁ ଆସେ ସେଗୁଡ଼ିକ ମଧ୍ୟରୁ ପ୍ରଥମ ଓ ପ୍ରଧାନ ହେଉଛି ବେକାରୀ ସମସ୍ୟା। ଏହାଛଡ଼ା ପ୍ରଚଳିତ ଶିକ୍ଷା ପଦ୍ଧତି, ଯୁବାବସ୍ଥାରେ ଉପଭୋଗ ନିମନ୍ତେ ଅର୍ଥ ରୋଜଗାରର ଅକ୍ଷମତା, ସହଜ ଉପଲବ୍ଧ ନିଶାଦ୍ରବ୍ୟ, ମୋବାଇଲରେ ନଗ୍ନ ତଥା ଅଶ୍ଳୀଳ ଦୃଶ୍ୟ, ଟିଭି ପରଦାରେ ପ୍ରଦର୍ଶିତ ରାହାଜାନୀ, ଛିନତାଇ ପ୍ରଭୃତି ହିଂସାତ୍ମକ ଦୃଶ୍ୟ, ସଂରକ୍ଷଣ ବ୍ୟବସ୍ଥା, ପ୍ରିୟାପ୍ରୀତି ତୋଷଣ, ପରିବାର ସଦସ୍ୟଙ୍କ ହେୟଜ୍ଞାନ ଓ କଟୁକ୍ତି ଯୁବସମାଜର ମାନସିକତା ଉପରେ ଅତ୍ୟନ୍ତ ନକାରାତ୍ମକ ପ୍ରଭାବ ପକାଉଛି। ପରମ୍ପରା ଓ ଆଧୁନିକତା ମଧ୍ୟରେ ସୃଷ୍ଟ ସଙ୍ଘର୍ଷ ଯୋଗୁଁ ବରିଷ୍ଠମାନେ ଯୁବଗୋଷ୍ଠୀଙ୍କୁ ଅପରିପକ୍ୱ ଓ ଅନଭିଜ୍ଞ ବୋଲି ମନେ କରିବା ବେଳେ ଯୁବଗୋଷ୍ଠୀ ବରିଷ୍ଠମାନଙ୍କ ପ୍ରତି ବେଖାତିର ମନୋଭାବ ଓ ଅବଜ୍ଞା ପ୍ରଦର୍ଶନ କରୁଛନ୍ତି। ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ରୋଜଗାର କ୍ଷମ ହୋଇ ନପାରିବାରୁ ଉପଯୁକ୍ତ ପାତ୍ରରେ ବିବାହ ସମ୍ପନ୍ନ ନହୋଇ ପାରିବା, ଆଜିକାଲି ସମାଜରେ ବହୁଳ ଭାବରେ ଦୃଷ୍ଟିଗୋଚର, ଯାହାକି ଯୁବକ/ଯୁବତୀମାନଙ୍କର ନୈରାଶ୍ୟ ବୃଦ୍ଧିର କାରଣ।

ଏହି ସମସ୍ୟାର ସମାଧାନ ପାଇଁ ସର୍ବପ୍ରଥମେ ଯୁବକମାନଙ୍କୁ ରୋଜଗାରକ୍ଷମ କରାଇବା ଲାଗି ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ଥରେ ରୋଜଗାର କରିବାର ମାର୍ଗ ପାଇଗଲେ ସେମାନେ ଆଉ ଅସାମାଜିକ କାର୍ଯ୍ୟକଳାପରେ ନିଜକୁ ସାମିଲ କରିବେ ନାହିଁ। ଏହା ନିଜର, ନିଜ ପରିବାରର, ରାଜ୍ୟର ଓ ଦେଶର ପ୍ରଗତି ପଥରେ ସହାୟକ ହେବ। ଦ୍ରୁତଗତିରେ ବର୍ଦ୍ଧିତ ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା ନିମନ୍ତେ ଦୃଢ଼ ପଦକ୍ଷେପ ଗ୍ରହଣ ନକଲେ ବେକାରୀ ସମସ୍ୟାର ସମାଧାନ କେବଳ ସ୍ୱପ୍ନରେ ହିଁ ସୀମିତ ରହିଯିବ। ଶିକ୍ଷା ସମାପ୍ତି ପରେ ଯୁବବର୍ଗ କେବଳ ଚାକିରିର ପଶ୍ଚାତ୍‌ଧାବନ ନକରି କିପରି ସ୍ୱାବଲମ୍ବୀ ହୋଇ ପାରିବେ ସେଥିନିମନ୍ତେ ଗୁଣାତ୍ମକ, ଆକର୍ଷଣୀୟ ଧନ୍ଦାମୂଳକ ଶିକ୍ଷା ପ୍ରବର୍ତ୍ତନ କରିବା ସହିତ ଯେଉଁମାନେ କୃଷି, ପଶୁପାଳନ, ବ୍ୟବସାୟ ବା ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ଚାହିଁବେ, ସେମାନଙ୍କୁ ବିନା ସୁଧରେ ଋଣ ଓ ବୈଷୟିକ ସହାୟତା ପ୍ରଦାନ କରି ପ୍ରୋତ୍ସାହିତ କରିବା ଆବଶ୍ୟକ। ଯୁବକମାନଙ୍କୁ ଶୃଙ୍ଖଳିତ କରି ଦେଶକୁ ପ୍ରଗତି ପଥରେ ଆଗେଇ ନେବାକୁ ହେଲେ ନିଶାଦ୍ରବ୍ୟର ସହଜଲଭ୍ୟତା ଏବଂ ମୋବାଇଲରେ ପ୍ରଦର୍ଶିତ ଅଶ୍ଳୀଳ ୱେବ୍‌ସାଇଟ ଉପରେ ନିୟନ୍ତ୍ରଣ ନିହାତି ଜରୁରୀ। ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥାର ଉଚ୍ଛେଦ କରି ଅର୍ଥନୈତିକ ସଂରକ୍ଷଣର ପ୍ରଚଳନ ଏବଂ ନିୟୋଜନ କ୍ଷେତ୍ରରେ ସ୍ୱଚ୍ଛତା ଅନେକାଂଶରେ ଯୁବକମାନଙ୍କର ନୈରାଶ୍ୟ ଦୂରୀକରଣରେ ସହାୟକ ହୋଇପାରିବ। ବରିଷ୍ଠମାନେ ଯୁବକମାନଙ୍କ ପ୍ରତି କଟୁକ୍ତି ପ୍ରୟୋଗପୂର୍ବକ ନିରୁତ୍ସାହିତ ନ କରି ସେମାନଙ୍କୁ ଶ୍ରଦ୍ଧା ତଥା ଆନ୍ତରିକତାର ସହିତ ସତ୍‌ମାର୍ଗରେ ପରିଚାଳିତ ହେବା ପାଇଁ ସର୍ବଦା ଉତ୍ସାହିତ କରିବାର ପ୍ରୟାସ ଜାରି ରଖିବା ଦରକାର। ନିଜର କାର୍ଯ୍ୟସିଦ୍ଧି ନିମନ୍ତେ ଦୁର୍ନୀତିଗ୍ରସ୍ତ ରାଜନୈତିକ ବ୍ୟକ୍ତିମାନେ ଯୁବକମାନଙ୍କୁ ଅସତ୍ କାର୍ଯ୍ୟରେ ଅସ୍ତ୍ର ରୂପେ ବ୍ୟବାହାର କରନ୍ତି। କିନ୍ତୁ କୌଣସି କାରଣରୁ ସେମାନେ ଧରା ପଡ଼ିଗଲେ ନିଜର ସମ୍ମାନ ହାନି ଭୟରେ ସାହାଯ୍ୟ କରନ୍ତି ନାହିଁ। ଏଥିପ୍ରତି ଯୁବଶକ୍ତି ଯଥେଷ୍ଟ ସତର୍କ ରହିବା ଆବଶ୍ୟକ। ଆଜିର ଦୁନିଆରେ ନୈତିକତାର ଦ୍ରୁତ ହ୍ରାସ ଯୋଗୁଁ ଆମେମାନେ ଏକ ଭୟଙ୍କର ପରିସ୍ଥିତିର ସମ୍ମୁଖୀନ ହେବାକୁ ଯାଉଛେ। ତେଣୁ ଯୁବକମାନଙ୍କୁ ଶୃଙ୍ଖଳିତ କରି ସତ୍‌ମାର୍ଗରେ ପରିଚାଳିତ କରିବା ପାଇଁ ବିଦ୍ୟାଳୟସ୍ତରରୁ ନୈତିକଶିକ୍ଷା ବାଧ୍ୟତାମୂଳକ କରିବା ଉଚିତ୍।

ଦେଶର ଭବିଷ୍ୟତ ଯୁବକମାନଙ୍କ ହାତରେ। ସେମାନେ ଚାହିଁଲେ ଦେଶରୁ ଅନେକ ସମସ୍ୟା ଯଥା- ଦୁର୍ନୀତି, ଭ୍ରଷ୍ଟାଚାର, ଅଶିକ୍ଷା, ଆଞ୍ଚଳିକବାଦ, ଜାତିଆଣବାଦ, ସାଂପ୍ରଦାୟିକତା, ଯୌତୁକ ପ୍ରଥା ଇତ୍ୟାଦି ଦୂର କରାଯାଇପାରିବ। ତେଣୁ ଆସନ୍ତୁ ଆମେ ସମସ୍ତେ ସ୍ନେହ ଆନ୍ତରିକତା ପ୍ରଦର୍ଶନ ଏବଂ ସତ୍‌ଉପଦେଶ ପ୍ରଦାନ ପୂର୍ବକ ଯୁବଶକ୍ତିର ଦକ୍ଷତା ବୃଦ୍ଧି କରି ସେମାନଙ୍କୁ ଦେଶପ୍ରେମରେ ବ୍ରତୀ କରାଇ ଏ ପତନୋନ୍ମୁଖୀ ସମାଜକୁ ଏକ ଆସନ୍ନ ବିପଦରୁ ରକ୍ଷା କରିବା।

ଈଶାଣୀବ୍ରହ୍ମପୁର(କଟକ), ମୋ: ୬୩୭୧୫୯୩୨୨୦

# ବକାସୁର ମନ୍ଦିର

ଓଜସ୍ୱିନୀ

## ବିଚିତ୍ର ବିଶ୍ୱାସ

ଶ୍ରୀକୃଷ୍ଣଙ୍କ ଜନ୍ମଲୀଳା ସମ୍ପର୍କିତ ପୌରାଣିକ କଥାବସ୍ତୁଗୁଡ଼ିକରେ ବକାସୁର କଂସଙ୍କ ଦ୍ୱାରା ପ୍ରେରିତ ଜଣେ ଅସୁର ଭାବେ ବର୍ଣ୍ଣିତ, ଯାହାକୁ ଶ୍ରୀକୃଷ୍ଣ ବଧ କରିଥିଲେ। କିନ୍ତୁ ମହାଭାରତର କେତେକ ଆଖ୍ୟାନରେ ବନବାସ ସମୟରେ ଭୀମ ବକାସୁରକୁ ବଧ କରିଥିଲେ ବୋଲି ଶୁଣିବାକୁ ମିଳିଥାଏ। ପୌରାଣିକ ଆଖ୍ୟାନିକା ଅନୁସାରେ ବକାସୁର ଜଣେ ପ୍ରଜାବତ୍ସଳ ରାଜା ଥିଲେ ଏବଂ ତାଙ୍କର ରାଜ୍ୟ ସୁଖସମୃଦ୍ଧିରେ ଭରପୂର ଥିଲା; କିନ୍ତୁ ସେ ଅନ୍ୟ ରାଜ୍ୟର ଲୋକମାନଙ୍କୁ ବଧ କରୁଥିଲେ। ତଥାପି ଭାରତର ଅନେକ ସ୍ଥାନରେ ବକାସୁରଙ୍କୁ ସମର୍ପିତ ମନ୍ଦିର ଅଛି।

ପୁରାଣ କଥା ଅନୁଯାୟୀ ବକାସୁର ଉତ୍ତରପ୍ରଦେଶର ପ୍ରତାପଗଡ଼ ଜିଲ୍ଲାର ଦକ୍ଷିଣରେ ଅବସ୍ଥିତ ଦ୍ୱୈତବନରେ ରହୁଥିଲେ। ଏହି ସ୍ଥାନ ବର୍ତ୍ତମାନ ଚକ୍ରନଗରୀର ଚକବଡ଼ ଭାବେ ପରିଚିତ। ଦ୍ୱୈତବନ ଅନ୍ତର୍ଗତ ତିନୋଟି ସ୍ଥାନରେ ବକାସୁରରର ଆଧିପତ୍ୟ ଥିଲା, ଚକ୍ରନଗରୀ, ବକାଗଡ଼ (ବର୍ତ୍ତମାନ ବକାଜଲାଲପୁର) ଓ ଡିହନଗର। ଏହା ପ୍ରତାପଗଡ଼ର ଦକ୍ଷିଣ ଓ ଆହ୍ଲାବାଦର ଉତ୍ତର ଭାଗରେ ବକୁଲାହୀ ନଦୀତଟସ୍ଥ ଅଞ୍ଚଳ। ବର୍ତ୍ତମାନ ଏହା ଉଚ୍ଚଡିହ ଧାମ ଭାବେ ଖ୍ୟାତ ଏବଂ ଜନଶ୍ରୁତି ଅନୁସାରେ ଏହି ସ୍ଥାନରେ ଭୀମ ବକାସୁରକୁ ବଧ କରିଥିଲେ। ତେଣୁ ଉତ୍ତର ପ୍ରଦେଶର ପ୍ରତାପଗଡ଼ସ୍ଥିତ ବକାସୁରଙ୍କ ସମ୍ପର୍କିତ ଗୋଟିଏ ମନ୍ଦିର ଅଛି। ବଳଶାଳୀ ଭୀମ ବକାସୁରର ଭୟ ହରଣ କରିବା ସହିତ ଶିବଲିଙ୍ଗ ସ୍ଥାପନା କରିଥିବାରୁ ଉକ୍ତ ସେଠାରେ ଶିବ 'ଭୟହରଣନାଥ' ଭାବେ ପୂଜା ପାଉଛନ୍ତି ଏବଂ ଉକ୍ତ ଶୈବପୀଠକୁ 'ଭୟହରଣନାଥ ଧାମ' କୁହାଯାଉଛି।

ସେହିପରି ଛତିଶଗଡ଼ର ସୂରଜପୁର ଜିଲ୍ଲା ସ୍ଥିତ ଖୋପା ଗ୍ରାମ ପଞ୍ଚାୟତରେ ଥିବା ରେଣ ନଦୀ କୂଳରେ ଖୋପାଦେବ ମନ୍ଦିରରେ ବକାସୁରଙ୍କ ସହିତ ଛୁରିପାଟ ନାମକ ଜଣେ ଦାନବ ଦେବ, ଖୋପା ଦାଇ ରାଣୀ ଓ ନାଗାବେଗା ଦେବତା ପୂଜା ପାଉଛନ୍ତି। ଏଠାରେ କୌଣସି ମନ୍ଦିର ନାହିଁ। ବକାସୁରଙ୍କ ସହିତ ଅନ୍ୟ ଦେବଦେବୀଙ୍କ ପଥର ନିର୍ମିତ ମୂର୍ତ୍ତି ମୁକ୍ତାକାଶ ତଳେ ପୂଜା ପାଇଥା'ନ୍ତି। ସ୍ଥାନୀୟ ଲୋକଙ୍କ ବ୍ୟତୀତ ଦୂରଦୂରାନ୍ତରୁ ଭକ୍ତମାନେ ଏବଂ ଉଚ୍ଚ ପଦପଦବୀରେ ପ୍ରତିଷ୍ଠିତ ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ବିଶ୍ୱାସର ସହିତ ଏଠାକୁ ଆସିଥା'ନ୍ତି। କାରଣ ଏଠାରେ କରାଯାଇଥିବା ମନସ୍କାମନା ବର୍ଷେ ଭିତରେ ପୂରଣ ହୋଇଯାଏ ବୋଲି ଅନେକ ପ୍ରମାଣ ରହିଛି। ଶ୍ରଦ୍ଧାଳୁମାନେ ମାନସିକ କରି ନିକଟସ୍ଥ ବୃକ୍ଷରେ ନଡ଼ିଆ ଓ ଚୁନ୍‌ରୀ ବାନ୍ଧିଥା'ନ୍ତି। ମାନସିକ ପୂରଣ ହେବା ପରେ ଲୋକମାନେ ତାହାକୁ ବୃକ୍ଷରୁ ବାହାର କରନ୍ତି ଏବଂ କୁକୁଡ଼ା, ଛେଳି ଆଦି ବଳି ଦେବା ସହ ସୁରା ଅର୍ପଣ କରିଥା'ନ୍ତି। କିନ୍ତୁ ଖୋପା ଦାଇ ରାଣୀଙ୍କ ନିକଟରେ ନଡ଼ିଆ ଭୋଗ କରାଯାଏ। ଏଠାରେ ବେଗା ସମ୍ପ୍ରଦାୟର ଲୋକମାନେ ବଂଶ ପରମ୍ପରା କ୍ରମେ ବକାସୁରଙ୍କୁ ପୂଜା କରି ଆସୁଛନ୍ତି।

ସ୍ଥାନୀୟ ଜନଶ୍ରୁତି ଅନୁଯାୟୀ ହଜାରହଜାର ବର୍ଷ ପୂର୍ବରୁ ରେଣ ନଦୀର ଗଭୀର ଜଳରାଶିରେ ବକାସୁର ବାସ କରୁଥିଲେ, ଯିଏକି ଗ୍ରାମବାସୀଙ୍କ ରକ୍ଷକ ଥିଲେ। ବେଗା ସମ୍ପ୍ରଦାୟର ଜଣେ ବ୍ୟକ୍ତି ପ୍ରତ୍ୟହ ନଦୀ ଭିତରେ ବୁଡ଼ି ତାଙ୍କର ପୂଜାର୍ଚ୍ଚନା କରୁଥିଲେ। ଏକଦା ଗ୍ରାମବାସୀଙ୍କ ଆକୁଳ ପ୍ରାର୍ଥନା ଓ ବେଗାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଦେବତା ନଦୀତଟରେ ଆବିର୍ଭୂତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଅସୁର ଦେବ ବକାସୁର ଭାବେ ପୂଜାର୍ଚ୍ଚନା କରିଥିଲେ। କିନ୍ତୁ ସେ କୌଣସି ମନ୍ଦିର ଭିତରେ ଆବଦ୍ଧ ହୋଇ ରହିବେ ନାହିଁ ଏବଂ କେବଳ ବେଗା ସମ୍ପ୍ରଦାୟର ଲୋକମାନେ ତାଙ୍କର ପୂଜା କରିବେ ବୋଲି ସ୍ୱପ୍ନାଦେଶ ହୋଇଥିଲା। ତେଣୁ ସେବେଠାରୁ ଆଜିପର୍ଯ୍ୟନ୍ତ ବକାସୁରଙ୍କ କୌଣସି ମନ୍ଦିର ନିର୍ମାଣ ହୋଇପାରିନାହିଁ ଏବଂ ବେଗା ସମ୍ପ୍ରଦାୟର ଲୋକମାନେ ହିଁ ସେଠାରେ ପୂଜାରୀ ଭାବେ ଅଛନ୍ତି।

ଅନ୍ୟ ଏକ ଲୋକକଥା ଅନୁସାରେ ଜଣେ ମହିଳା ଯାଦୁଗର ଯାଦୁବିଦ୍ୟା ଦ୍ୱାରା ପ୍ରବଳପ୍ରତାପୀ ବକାସୁରକୁ ନିଜ ଖୋପା ବା ଜୁଡ଼ାରେ ବାନ୍ଧି ରଖିଦେଇଥିଲେ। ବକାସୁରଠାରୁ ଲୋକମାନଙ୍କ ପ୍ରାଣ ବଞ୍ଚାଇଥିବାରୁ ଲୋକମାନେ ତାଙ୍କୁ ସେବେଠାରୁ ଖୋପାଦେବୀ ଭାବେ ପୂଜା କରି ଆସୁଛନ୍ତି। ପରମ୍ପରା ଅନୁସାରେ ପୂର୍ବରୁ ମହିଳାମାନେ ଏହି ସ୍ଥାନକୁ ଯିବା ପାଇଁ ଅନୁମତି ନଥିଲା। କିନ୍ତୁ ଏବେ ମହିଳାମାନଙ୍କ ପ୍ରବେଶ ଥିଲେ ମଧ୍ୟ ନିକଟରେ ମହିଳାଙ୍କ ପାଇଁ ଏକ ଭିନ୍ନ କୁଣ୍ଡ ରହିଛି, ଯେଉଁଠି ସେମାନେ ବେଗାଙ୍କ ଦ୍ୱାରା ପୂଜାର୍ଚ୍ଚନା କରିପାରିବେ। କିନ୍ତୁ ବକାସୁରଙ୍କ ଭୋଗ ମହିଳାମାନେ ଗ୍ରହଣ କରିପାରିବେ ନାହିଁ। ବକାସୁର ଓ ଅନ୍ୟ ଅସୁରଦେବଦେବୀଙ୍କ ନିକଟରେ ଅର୍ପଣ ହେଉଥିବା ଆମିଷଭୋଗକୁ ଲୋକମାନେ ଘରକୁ ନେଇ ରାନ୍ଧି ପାରିବେ ନାହିଁ। ଆମିଷକୁ କୌଣସି ଖୋଲା ସ୍ଥାନରେ ରାନ୍ଧି ପ୍ରସାଦ ଭାବେ କେବଳ ପୁରୁଷମାନେ ଗ୍ରହଣ କରିପାରିବେ ବୋଲି ପରମ୍ପରା ରହିଛି।

ଏହାବ୍ୟତୀତ ତେଲେଙ୍ଗାନାର ୱାରାଙ୍ଗଲ୍ ଜିଲ୍ଲା ଅନ୍ତର୍ଗତ ନେନପାକା ନାମକ ଗାଁରେ ବକାସୁରଙ୍କ ଏକ ମନ୍ଦିର ରହିଛି। ଏହି ମନ୍ଦିରରେ ଗୋଲାପୀ ରଙ୍ଗର ଏକ ବିଶାଳ ଶିଳାଖଣ୍ଡ ଅଛି, ଯାହା ଉପରେ ୪ଟି ମୂର୍ତ୍ତି ସ୍ଥାପନା କରାଯାଇଛି। ଏହି ଚାରୋଟି ମୂର୍ତ୍ତି ହେଉଛି - ଯୋଗ ନରସିଂହ, କାଳୀୟମର୍ଦ୍ଦନ କୃଷ୍ଣ, ବଳରାମ ଓ ରାମ, ସୀତା, ଲକ୍ଷ୍ମଣ। ଏହି ବିଶାଳ ଶିଳାଖଣ୍ଡକୁ ବକାସୁର ଭାବେ ପୂଜାର୍ଚ୍ଚନା କରାଯାଉଛି। ଲୋକକଥା ଅନୁସାରେ ଏକଦା ଏଠାରେ ବକାସୁରଙ୍କ ରାଜୁତି ଥିଲା ଏବଂ ସେ ଜଣେ ପ୍ରଜାବତ୍ସଳ ରାଜା ଥିଲେ। ତେଣୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଲୋକମାନେ ବକାସୁରଙ୍କ ଉଦ୍ଦେଶ୍ୟରେ ଏହି ମନ୍ଦିର ନିର୍ମାଣ କରିଛନ୍ତି, ଯାହାକି ବର୍ତ୍ତମାନ ଜୀର୍ଣ୍ଣ ଅବସ୍ଥାରେ ଅଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# କଳରାପତରିଆ ବାଘଛାଲ ଜବତ

## ଶଳା-ଭିଣୋଇ ଗିରଫ

କେନ୍ଦୁଝର, ୨୩।୧୦(ସମିସ): କେନ୍ଦୁଝର ସଦର ରେଞ୍ଜ ଅନ୍ତର୍ଗତ ଜୁଡ଼ିଆଘାଟି ମୁଣ୍ଡାସାହିରେ ବନବିଭାଗ ଓ ପୁଲିସ ମିଳିତ ଚଢ଼ଉ କରି ଗୋଟିଏ କଳରାପତରିଆ ବାଘଛାଲ ଜବତ କରିବା ସହ ଏହି ଘଟଣାରେ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ସ୍ଥାନୀୟ ପାଟଣା ଆସନବଣି ଗ୍ରାମର ରବିନ୍ଦ୍ର ଟୁଡୁ (୪୦) ଏବଂ ତା'ର ଶଳା ମୁଣ୍ଡାସାହିର ମନୁଆ ହେମ୍ବ୍ରମ(୪୬)। ସଂପର୍କରେ ଦୁହେଁ ଶଳା-ଭିଣୋଇ। ଉଭୟଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି। କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚ୍‌ଡି ଏହି ସୂଚନା ଦେଇଛନ୍ତି। ମୃତ ବାଘଟିର ବୟସ ୧୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। କରଞ୍ଜିଆ ଡିଭିଜନ୍ ଶିମିଳିପାଳ ଜଙ୍ଗଲରେ ଏହି ବାଘକୁ ଶିକାର କରାଯାଇଥିବା ବନ ବିଭାଗ ସନ୍ଦେହ କରୁଛି। ଏ ସଂପର୍କରେ ଅଧିକ ତଦନ୍ତ ଚାଲିଛି ବୋଲି ତଦନ୍ତକାରୀ ଅଧିକାରୀ ତଥା କେନ୍ଦୁଝର ଏସିଏଫ ଅଶୋକ ଦାସ କହିଛନ୍ତି। ସୂଚନାନୁସାରେ, ବିକ୍ରି ଉଦ୍ଦେଶ୍ୟରେ ରବୀନ୍ଦ୍ର ବାଘଛାଲଟିକୁ ନିଜ ପାଖରେ ରଖିଥିଲା। ତେବେ, ଅଭିଯୁକ୍ତଦ୍ୱୟ ହାତୀ ଦାନ୍ତ ଓଜନ କରିବାର ଏକ ମୋବାଇଲ ଭିଡିଓ ମଧ୍ୟ ବନ ବିଭାଗ ହାତରେ ଲାଗିଥିବା ଜଣାଯାଇଛି।



## ମଧ୍ୟାହ୍ନ ଭୋଜନରେ ଅଣ୍ଡା ଖାଉ ନଥିବା ପିଲାଙ୍କୁ ମିଳିବ ଫଳ

# ଭାତ ସହ ଫଳ; କିପରି ଖାଇବେ ପିଲା

### ଶାକାହାରୀ ପିଲାଙ୍କୁ ଦହି ବା ପନିର ଦେବାକୁ ଦାବି


ଭୁବନେଶ୍ୱର,୨୩।୧୦(ସମିସ): ମଧ୍ୟାହ୍ନ ଭୋଜନରେ ଛାତ୍ରଛାତ୍ରୀଙ୍କୁ ମିଳିବ ବିଭିନ୍ନ ଫଳ। ଅଣ୍ଡା ଖାଉ ନଥିବା ପିଲାଙ୍କୁ ଫଳ ପ୍ରଦାନ କରାଯିବ। ଯେଉଁଦିନ ଅଣ୍ଡା ଦିଆଯାଉଥିଲା, ସେହିଦିନ ଫଳ ଯୋଗାଇବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ଗତ ଅଗଷ୍ଟ ପ୍ରଥମ ସପ୍ତାହରେ ଏନେଇ ମାର୍ଗଦର୍ଶିକା ମଧ୍ୟ ଜାରି କରାଯାଇଥିଲା। ଏହାକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ଗୁରୁବାର ପିଏମ୍ ପୋଷଣ ରାଜ୍ୟ ପ୍ରକଳ୍ପ ପରିଚାଳନା ୟୁନିଟ୍ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିଶୁ ବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅଣ୍ଡା ଖାଉ ନଥିବା ପିଲାଙ୍କୁ ଫଳ ପ୍ରଦାନ କରାଯିବ। ସପ୍ତାହକୁ ୩ଦିନ ଅର୍ଥାତ୍ ସୋମବାର, ବୁଧବାର ଓ ଶୁକ୍ରବାର ଅଣ୍ଡା ଦେବାର ପ୍ରାବଧାନ ରହିଛି। ଆମିଷ ଖାଉନଥିବା ପିଲାଙ୍କୁ ଏହି ଦିନରେ କଦଳୀ, ଆମ୍ବ, ସେଓ ଏବଂ ଉପଲବ୍ଧ ହେଉଥିବା ଅନ୍ୟାନ୍ୟ ଫଳ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ହେଲେ ମଧ୍ୟାହ୍ନ ଭୋଜନରେ ଭାତ ସହ ଫଳକୁ ପିଲାମାନେ କିପରି ଖାଇବେ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି।

ତେଣୁ ଶାକାହାରୀ ପିଲାମାନଙ୍କୁ ଭାତ ସହ ଅଣ୍ଡା ବଦଳରେ ପନିର ବା ଦହି ଦେବାକୁ ଅନେକ ଅଭିଭାବକ ମତ ଦେଇଛନ୍ତି । ଯାହା ଫଳରେ ସେମାନେ ଅଣ୍ଡାର ପ୍ରତିବଦଳ ଭାବରେ ପ୍ରୋଟିନ୍ ପାଇବେ ଓ ସେମାନଙ୍କ ଖାଦ୍ୟ ଖାଇବାରେ ମଧ୍ୟ ସୁବିଧା ହେବ ବୋଲି କିଛି ଅଭିଭାବକ ପ୍ରସ୍ତାବ ଦେଇଛନ୍ତି ।

# ପୂର୍ବଜଙ୍କ ଗାଁ' ଖୋଜିବାକୁ ମରିସସ୍‌ରୁ ଓଡ଼ିଶା

### ପାଞ୍ଚପିଢ଼ି ପରେ ଜନ୍ମମାଟିକୁ ବି ଭୁଲି ନାହାନ୍ତି

ଭୁବନେଶ୍ୱର, ୨୩।୧୦(ସମିସ): କଥାରେ ଅଛି ଦୂରତା ଯେତେ ହେଉନା କାହିଁକି ରକ୍ତସମ୍ପର୍କ ଅତୁଟ। ପିଢ଼ି ପରେ ପିଢ଼ି ବିତିଗଲେ ବି ଜନ୍ମମାଟିକୁ ଭୁଲି ହୁଏ ନାହିଁ। ଏଭଳି ଘଟିଛି ରାମରୂପ ଜଗନ୍ନାଥଙ୍କ କ୍ଷେତ୍ରରେ। ରହୁଛନ୍ତି ମରିସସ୍‌ରେ, କିନ୍ତୁ ପ୍ରାଣ ଓଡ଼ିଶାରେ। ଭିଟାମାଟି କେଉଁଠି, ବଂଶଧର ଏବେ କେଉଁଠି, ସେ କଥା ମଧ୍ୟ ସେ ଜାଣିନାହାନ୍ତି। କାରଣ ଏହା ପାଞ୍ଚପିଢ଼ିର କଥା। ତଥାପି ସେ ନିଜ ସମ୍ପର୍କୀୟଙ୍କୁ ଖୋଜି ପାଇବାରେ ଆଶା ହରାଇ ନାହାନ୍ତି। ହାତରେ କିଛି ନଥିପତ୍ର ଓ ପୁରୁଣା ଫଟୋ ଧରି ମରିସସ୍‌ରୁ ଓଡ଼ିଶା ଆସିଛନ୍ତି ରାମରୂପ ଜଗନ୍ନାଥ। ତାଙ୍କ ପୂର୍ବଜମାନେ ଯାଜପୁରର ବୋଲି ଜେଜେବାପାଙ୍କଠାରୁ ଶୁଣିବା ପରେ ପ୍ରାୟ ୪ଥର ଓଡ଼ିଶା ଆସି ନିଜ ବଂଶଧରଙ୍କୁ ଖୋଜୁଛନ୍ତି ରାମରୂପ। ପୂର୍ବରୁ ୩ଥର ନିରାଶ ହେବା ପରେ ଏଥର ସେ ସଫଳ ହେବେ ବୋଲି ଆଶା ନେଇ ଆଜି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଛନ୍ତି।



ସୂଚନାନୁସାରେ, ୧୮୭୦ ମସିହାରେ ଯାଜପୁରର କିଛି ପରିବାର ଗୋଟି ଶ୍ରମିକ ଭାବେ ମରିସସ୍ ଯାଇଥିଲେ। ଯାଜପୁରରୁ କୋଲକାତା ଯିବା ପରେ ସେଠାରୁ ଜଳଯାତ୍ରା କରି ମରିସସ୍‌ରେ ଶ୍ରମିକ ଭାବେ କାମ କରୁଥିଲେ। ହେଲେ ଫେରିବାକୁ ସମ୍ବଳ ନଥିବାରୁ ସେଠାରେ ସମସ୍ତେ ବସତି ସ୍ଥାପନ କରିଥିଲେ। ସେମାନଙ୍କ ମଧ୍ୟରେ ଥିଲେ ରାମରୂପଙ୍କ ପରିବାରର ସଦସ୍ୟ ଜଗନ୍ନାଥ ଦାସ। ଏହା ମଧ୍ୟରେ ଦେଢ଼ଶ' ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ନିଜ ବଂଶଧରଙ୍କୁ ଖୋଜିବାକୁ ପ୍ରୟାସ ଜାରି ରଖିଛନ୍ତି ଜଗନ୍ନାଥ ଦାସଙ୍କ ବଂଶଜ ରାମରୂପ। ତେବେ ସେ ନିଜ ମିଟାମାଟି ଖୋଜିବା ସନ୍ଧାନରେ ପୂର୍ବର ୩ଟି ଗସ୍ତରେ ବିଫଳ ହେବା ପରେ ୪ର୍ଥ ଥର ଅନେକ ଆଶା ନେଇ ସେ ଓଡ଼ିଶା ଆସିଥିବା କହିଛନ୍ତି। ତାଙ୍କ ସାଙ୍ଗରେ ପୁରୁଣା ନଥିପତ୍ର, ପୂର୍ବଜମାନଙ୍କ କିଛି ଫଟୋ ଏବଂ ତାଙ୍କ ଦାଦାଙ୍କ ଅସ୍ଥି। ଏହାସହ ତାଙ୍କର ଜେଜେବାପା ଏବଂ ତାଙ୍କ ପୂର୍ବ ପିଢ଼ିଙ୍କର ଓଡ଼ିଆରେ ଲେଖାଥିବା ଏକ ଡାଏରୀ ତାଙ୍କ ପାଖରେ ରହିଥିବା ଦେଖିବାକୁ ମିଳିଛି। ସାଙ୍ଗରେ ଆଣିଥିବା ଜେଜେଙ୍କ ଅସ୍ଥିକୁ ବୈତରଣୀ ନଦୀରେ ବିସର୍ଜନ କରିବାକୁ ତାଙ୍କ ଜେଜେଙ୍କର ଶେଷ ଇଚ୍ଛା ଥିବା ରାମରୂପ କହିଛନ୍ତି।

ଆସନ୍ତା ୨୦ ଦିନ ଯାଜପୁରର ବିଭିନ୍ନ ଗାଁରେ ରହି ଲୋକଙ୍କୁ ଭେଟିବା ସହ ନିଜ ବଂଶଧରଙ୍କ ଖୋଜିବେ। ସେ କହିଛନ୍ତି ଯେ ମୁଁ ଓଡ଼ିଶା ବୁଲିବାକୁ ଆସିନି। ପର୍ଯ୍ୟଟକମାନେ ବୁଲିଆସନ୍ତି। ମୁଁ ମୋ ଘରକୁ ଆସିଛି। ମୋ ରକ୍ତ ଓଡ଼ିଶାର, ମୋର ସମ୍ପର୍କୀୟ ଏଠାରେ ରୁହନ୍ତି। ଘରର ଠିକଣା କେଉଁଠି ମୁଁ ଜାଣିନି। ସେଥିପାଇଁ ମୁଁ ମୋ ଭିଟାମାଟି ଓ ସମ୍ପର୍କୀୟଙ୍କୁ ଖୋଜୁଛି। ଯେତେବେଳେ ଯାଜପୁର ମ୍ୟୁନିସିପାଲଟିରେ ପରିଣତ ହୋଇଥିଲା, ସେତେବେଳେ ୫ଟି ୱାର୍ଡ ଏବଂ ୩୨ଟି ଗାଁ ରହିଥିଲା। ମା' ବିରଜା ଏବଂ ବୈତରଣୀ ନଦୀ ମଧ୍ୟରେ ରହିଥିବା ଗାଁରେ ତାଙ୍କର ଘର ବୋଲି ଜେଜେବାପାଙ୍କଠାରୁ ସେ ଶୁଣିଥିଲେ। ଏ ସମ୍ପର୍କରେ ଯଦି କାହା ପାଖରେ କିଛି ସୂଚନା ରହିଛି ସେ ଜଣାଇବାକୁ ଯାଜପୁର ଲୋକଙ୍କୁ ସେ ନିବେଦନ କରିଛନ୍ତି।

## ନୂଆପଡ଼ା ଉପନିର୍ବାଚନ | ୮ ଜୋନରେ ୮ ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଲା ବିଜେପି

ଭୁବନେଶ୍ୱର,୨୩।୧୦(ସମିସ): ନୂଆପଡ଼ା ଉପ ନିର୍ବାଚନ ପାଇଁ ଶାସକ ବିଜେପି ୮ଟି ଜୋନରେ ସାଂଗଠନିକ କାର୍ଯ୍ୟ ତଦାରଖ ପାଇଁ ୮ଜଣ ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରିଛି। ସୂଚନା ଅନୁଯାୟୀ ବଞ୍ଜାରୀ ପାଇଁ ରବି ନାରାୟଣ ନାଏକଙ୍କୁ ଦାୟିତ୍ୱ ମିଳିଥିବାବେଳେ, ସୁନାଦେଶ ପାଇଁ ଗଣେଶ ରାମ ସିଂ ଖୁଣ୍ଟିଆଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ପାତାଳେଶ୍ୱର ପାଇଁ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଜୟଜଂଘା ପାଇଁ କୃଷ୍ଣଚନ୍ଦ୍ର ପାତ୍ର, କୋନାଭଇରା ପାଇଁ ବିଭୂତି ଭୂଷଣ ଜେନା, ଯୋଗେଶ୍ୱର ପାଇଁ ନିତ୍ୟାନନ୍ଦ ଗଣ୍ଡଙ୍କୁ ଦାୟିତ୍ୱ ଦିଆଯାଇଛି। ନୂଆପଡ଼ା ଏନଏସି ଦାୟିତ୍ୱ ଡ. ମୁକେଶ ମହାଲିଙ୍ଗ ଏବଂ ଖରିଆର ରୋଡ୍ ଏନଏସି ପାଇଁ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୃଷ୍ଟିଶକ୍ତି ହରାଇଲେ...

ପିଲାଙ୍କୁ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଆଇସିୟୁରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୪ ପିଲା ଦୃଷ୍ଟିଶକ୍ତି ହରାଇଥିବା ବେଳେ ଏହି ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି।

ଏହି ଘଟଣା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରି ୬ ଜଣଙ୍କୁ ଗିରଫ କରିଛି। ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ 'ଫାୟରକ୍ରାକର ଗନ୍ ଚାଲେଞ୍ଜ' ନାମରେ ପିଲାମାନେ ୟୁଟ୍ୟୁବ ସର୍ଟ ଭିଡିଓ ଓ ଇନଷ୍ଟାଗ୍ରାମ ରିଲ୍ସ ଜରିଆରେ ପ୍ରତିଯୋଗିତା ଚଳାଇଥିଲେ। ଏଥିରେ ସେମାନେ କାରବାଇଡ୍ ଗନ୍ ବାଣ ଫୁଟାଉଥିବାର ଭିଡିଓ ରେକର୍ଡିଂ କରିଥିଲେ। ଏହି ସମୟରେ ଏଭଳି ଭୟଙ୍କର ବିସ୍ଫୋରଣ ହୋଇଛି।

### ପଣ୍ଡା ପିତାପୁତ୍ରଙ୍କ...

ବାପ-ପୁଅ ଯୋଡ଼ି ଖୋଲା ହୃଦୟରେ ଗ୍ରହଣ କରିପାରୁ ନାହାନ୍ତି। ବିଶେଷକରି ନିଜର ରାଜନୈତିକ ପରିଚୟ ସଂକଟରେ ଥିବାନେଇ ଅନୁମାନ କରି ଉଭୟେ ଏବେ ସୁଚିନ୍ତିତ ଯୋଜନା ସହ ଆଗକୁ ବଢ଼ୁଛନ୍ତି। ପ୍ରଚାରଠାରୁ ଆରମ୍ଭ କରି ଦଳୀୟ ବୈଠକ ଯାଏଁ ବସନ୍ତ-ଅଭିନନ୍ଦନ ସବୁଥିରେ ଅଂଶଗ୍ରହଣ କରୁଛନ୍ତି। ମାତ୍ର ଜୟଙ୍କର ଜୟକାର କରିବାକୁ ତାଙ୍କ ହୃଦୟ ଚାହୁଁନାହିଁ। ନିଜର ପ୍ରତିଟି ଭାଷଣରେ ବସନ୍ତ ମୋଦୀ-ଶାହା, କେନ୍ଦ୍ର ସରକାରଙ୍କୁ ପ୍ରଶଂସାରେ ପୋତୁଛନ୍ତି। ମାତ୍ର ପ୍ରାର୍ଥୀଙ୍କ ପାଇଁ ପଦୁଟିଏ ପାଟି ଫିଟାଉ ନାହାନ୍ତି। ସେହିପରି ଅଭିନନ୍ଦନ ମଧ୍ୟ ପ୍ରଚାର ବେଳେ ଜୟଙ୍କ ଅପେକ୍ଷା ନିଜର ପ୍ରଚାର ପ୍ରସାରକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଉଭୟଙ୍କର ଗତିବିଧିକୁ ଲକ୍ଷ୍ୟ କଲେ ଏହା ଦଳ ପାଇଁ ଶୁଭ ଲକ୍ଷଣ ନୁହେଁ ବୋଲି ସ୍ଥାନୀୟ ଅଞ୍ଚଳର ବିଜେପି ସମର୍ଥକମାନେ ମତ ଦେଉଛନ୍ତି।

ନିକଟରେ ମୁଖ୍ୟମନ୍ତ୍ରୀଙ୍କ ସମାବେଶ ଏବଂ ଜୟ ଢୋଲକିଆଙ୍କ ନାମାଙ୍କନ ଦାଖଲ ଦିନ ଦଳର ଆଶାଠାରୁ ଖୁବ୍ କମ ଲୋକେ ଏକତ୍ରିତ ହେଇଥିଲେ। ଏପରିକି ମୁଖ୍ୟମନ୍ତ୍ରୀଙ୍କ ସଭାରେ ଲୋକ ହୋଇନଥିବା ବେଳେ ସେମାନଙ୍କ ପାଇଁ ପ୍ରସ୍ତୁତ ଖାଦ୍ୟ ବାହାରେ ଫୋପଡ଼ାଯାଇଥିବା ଲକ୍ଷ୍ୟ କରାଯାଇଥିଲା। ଏହା ପଛରେ ବସନ୍ତ-ଅଭିନନ୍ଦନଙ୍କ ନିରବତାକୁ ଦାୟୀ କରିଛନ୍ତି ସ୍ଥାନୀୟ ବିଜେପି କର୍ମୀ। ଜଣେ କର୍ମୀ କହିଛନ୍ତି ଯେ ଆମେ ମୂଳରୁ ବସନ୍ତ ପଣ୍ଡାଙ୍କୁ ସମର୍ଥନ କରିଆସୁଛୁ। ମୁଖ୍ୟମନ୍ତ୍ରୀଙ୍କ ସଭାକୁ ଯିବା ପାଇଁ ଆମକୁ ବସନ୍ତ ବାବୁ କିମ୍ବା ଅଭିନନ୍ଦନ ବାବୁଙ୍କ ପକ୍ଷରୁ କୌଣସି ସୂଚନା ନଥିଲା। ଫଳରେ ଆମେ ସଭାକୁ ଯାଇନଥିଲୁ।

ଅପରପକ୍ଷେ ରାଜନୈତିକ ସମୀକ୍ଷକଙ୍କ ଅନୁଯାୟୀ ନୂଆପଡ଼ାରେ ବସନ୍ତ-ଅଭିନନ୍ଦନଙ୍କ ଗୁରୁତ୍ୱକୁ ବେଶ୍ ଭଲ ଭାବେ ଆକଳନ କରିଛନ୍ତି ରାଜ୍ୟ ନେତୃତ୍ୱ। ବସନ୍ତ ନୂଆପଡ଼ାରୁ ଦୁଇଥର ବିଧାୟକ ହୋଇଥିବା ବେଳେ ତାଙ୍କ ପୁଅ ମଧ୍ୟ ଗତ ନିର୍ବାଚନରେ ପ୍ରାୟ ୪୫ ହଜାର ଭୋଟ ପାଇଥିଲେ। ଏପରିକି ନୂଆପଡ଼ା ବ୍ଲକରେ ଅଭିନନ୍ଦନ ପଣ୍ଡାଙ୍କର ଭଲ ସମର୍ଥକ ରହିଛନ୍ତି। ତେଣୁ ଉଭୟଙ୍କୁ ବାଦି ଦେଇ ଦଳୀୟ ରଣନୀତି ପ୍ରସ୍ତୁତ କରିବା ଏକପ୍ରକାର ଅସମ୍ଭବ ହୋଇପଡୁଥିବା ବେଳେ ଉଭୟଙ୍କୁ ସବୁ କ୍ଷେତ୍ରରେ ଗୁରୁତ୍ୱ ଦିଆଯାଉଛି। ଏହାସତ୍ତ୍ୱେ ପଣ୍ଡା ପରିବାରର ଓଲଟା ଚାଲି ବିଜେପି ନେତୃତ୍ୱଙ୍କୁ ଚିନ୍ତାରେ ପକାଇଥିବା ଜଣାପଡ଼ିଛି।

### ଭାରତରେ ରହିଛି...

ରିଜର୍ଭ ବ୍ୟାଙ୍କରେ ରହିଛି ମାତ୍ର ୮୮୦ ଟନ୍ ସୁନା। ବିଶ୍ୱ ଅର୍ଥନୀତିରେ ଅସ୍ଥିରତା ଯୋଗୁଁ ସେୟାର ବଜାର ଖସୁଥିବା ବେଳେ ସୁନା ଚାହିଦା ବଢ଼ିବାରେ ଲାଗିଛି। ଲୋକମାନେ ସେୟାର ଛାଡ଼ି ସୁନାରେ ଅର୍ଥ ବିନିଯୋଗ କରୁଛନ୍ତି। ଏହି କାରଣରୁ ସୁନା ଚାହିଦା ବଢ଼ିବାରେ ଲାଗିଛି। ତେବେ ଉଲ୍ଲେଖନୀୟ କଥା ହେଉଛି ଯେ ବୁଲିଅନ୍ ବଜାରରେ ସୁନା ଦାମ୍ ବଢ଼ି ଚାଲିଥିବା ବେଳେ ଭାରତରେ ଏହାର ଚାହିଦା ମଧ୍ୟ ବଢ଼ି ଚାଲିଥିଲା। ଭାରତରେ କେବଳ ବ୍ୟବସାୟ ଉଦ୍ଦେଶ୍ୟରେ ସୁନା କିଣୁନଥିଲେ, ବିବାହ ଓ ଅନ୍ୟ କାର୍ଯ୍ୟ ପାଇଁ ମଧ୍ୟ ସବୁଠାରୁ ବେଶି ସୁନା କିଣାଯାଇଛି।

ଇତିମଧ୍ୟରେ ଭାରରତୀୟ ରିଜର୍ଭ ବ୍ୟାଙ୍କ ଏହାର ସୁନା ଭଣ୍ଡାରରେ ଆଉ ୬ କ୍ୱିଣ୍ଟାଲ ସୁନା ଯୋଡ଼ିଛି। ବର୍ତ୍ତମାନ ରିଜର୍ଭ ବ୍ୟାଙ୍କରେ ୮୮୦.୧୮ ଟନ୍ ସୁନା ଗଚ୍ଛିତ ରହିଛି। ରିଜର୍ଭ ବ୍ୟାଙ୍କ କେବଳ ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ପ୍ରାୟ ୬ କ୍ୱିଣ୍ଟାଲ ସୁନା କିଣିଛି। ଏହି ପଦକ୍ଷେପ ଏପରି ସମୟରେ ନିଆଯାଇଛି, ଯେତେବେଳେ ବିଶ୍ୱବ୍ୟାପୀ ଆର୍ଥିକ ଏବଂ ଭୂ-ରାଜନୈତିକ ଅନିଶ୍ଚିତତା ବଢୁଛି।। ନିବେଶକମାନେ ସୁନାକୁ ଏକ ସୁରକ୍ଷିତ ନିବେଶ ମାଧ୍ୟମ ଭାବେ ବିବେଚନା କରୁଛନ୍ତି।

ଆର୍‌ବିଆଇ ବୁଲେଟିନ୍ ଅନୁଯାୟୀ, ବିଶ୍ୱବ୍ୟାପୀ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମଧ୍ୟ ସେମାନଙ୍କର ସରକାରୀ ଭଣ୍ଡାରରେ ୧୬୬ ଟନ୍ ସୁନା ଯୋଡିଛନ୍ତି। ଯେତେବେଳେ ବଜାରରେ ଅସ୍ଥିରତା ବୃଦ୍ଧି ପାଏ କିମ୍ବା କୌଣସି ଦେଶର ମୁଦ୍ରା ଚାପରେ ଆସେ, ନିବେଶକମାନେ ସୁନା ଆଡ଼କୁ ମୁହାଁଇଥାନ୍ତି। ଆରବିଆଇର ସୁନା ଭଣ୍ଡାରରେ ବୃଦ୍ଧି ଦେଶର ବୈଦେଶିକ ମୁଦ୍ରା ସଂରକ୍ଷଣର ସ୍ଥିରତା ଏବଂ କ୍ରେଡିଟ୍ ରେଟିଂ ଉପରେ ମଧ୍ୟ ସକାରାତ୍ମକ ପ୍ରଭାବ ପକାଏ। ଏହା ଦେଶର ଅର୍ଥନୈତିକ ସୁରକ୍ଷା ଏବଂ ବିଶ୍ୱ ବିଶ୍ୱାସକୁ ମଜବୁତ କରେ।

ସୂଚନାଯୋଗ୍ୟ ଯେ ୧୮୦ଟି ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଗୁଡ଼ିକରେ ୪୬ ହଜାର ଟନ୍ ସୁନା ଗଚ୍ଛିତ ଥିବା ବେଳେ ୮ ହଜାର ଟନ୍ ସହିତ ଆମେରିକା ପ୍ରଥମ ସ୍ଥାନରେ ରହିଛି। ଏହା ପଛକୁ ରହିଛନ୍ତି ଜର୍ମାନୀ (୩୩୦୦ ଟନ୍), ଫ୍ରାନ୍ସ (୨୪୦୦ ଟନ୍), ଇଟାଲି (୨୪୦୦ ଟନ୍), ରୁଷିଆ (୨୩୦୦ ଟନ୍), ଚୀନ (୨୨୦୦ ଟନ୍), ସୁଇଜରଲାଣ୍ଡ (୧୧୦୦ ଟନ୍) ଏବଂ ଭାରତ (୮୮୦ ଟନ୍)।

### କଟକରୁ ୩୨...

କାର୍(ଡବ୍ଲ୍ୟୁବି-୪୪ଏନ୍୪୮୧୫/ଡବ୍ଲ୍ୟୁବି-୧୪ଏନ୍୨୯୪୪/ ଡବ୍ଲ୍ୟୁବି-ଏନ୍୩୨୪୫ଏବଂ ଡବ୍ଲ୍ୟୁବି-୩୩ଏନ୍ ୧୨), ଗୋଟିଏ କ୍ରିପ୍ଟୋ ୱେଲେଟ୍ ମେସିନ୍ ଏବଂ ମାଳ ମାଳ ଆଧାର ଓ ପ୍ୟାନ୍ କାର୍ଡ ଜବତ କରାଯାଇଛି।

ପୁଲିସ ସୂଚନା ଅନୁସାରେ, କୋଲକାତାର ୨ଜଣ ମାଷ୍ଟରମାଇଣ୍ଡ କ୍ରିପ୍ଟୋ କରେନ୍ସିରେ ମୋଟା ଅଙ୍କର ଟଙ୍କା ଲଗାଇଥିବା ୩୦ଜଣ ବିନିଯୋଗକାରୀଙ୍କୁ ନେଇ ପ୍ରଥମେ ପୁରୀ ଯାଇଥିଲେ। ସେଠାରେ ବୁଲା ବୁଲି କରି କଟକର ଜସ୍ମିନ୍ ହୋଟେଲ୍‌ରେ ଗତକାଲି ବିଳମ୍ବିତ ରାତିରେ ଆସି ପହଞ୍ଚିଥିଲେ। ଏହି ହୋଟେଲ୍‌ରେ ଓଡ଼ିଆ ଲୋକଙ୍କୁ ସେମାନଙ୍କ ଜାଲରେ ଫସାଇବା ପାଇଁ ଚକ୍ରାନ୍ତ କରୁଥିଲେ। ୨ଦିନ ଏଠାରେ ରହି କଟକ ଓ ଭୁବନେଶ୍ୱରର କେତେକ ଯୁବକଙ୍କୁ ତାଙ୍କ ଜାଲ୍‌ରେ ଫସାଇବା ପାଇଁ ପ୍ଲାନ୍ ପ୍ରସ୍ତୁତ କରାଯାଇଥିଲା। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ୨ଜଣ ମାଷ୍ଟରମାଇଣ୍ଡ ୫୦କୋଟିରୁ ଅଧିକ ଟଙ୍କା ପଶ୍ଚିମବଙ୍ଗରେ ଠକେଇ କରି ସାରିଥିଲେ। ଏବେ ନୂଆ ଏକ କ୍ରିପ୍ଟୋ ଆପ୍ଲିକେସନ୍ 'ଇକୋ ଇନଭେଷ୍ଟ' ଲଞ୍ଚ କରି ଏଥିରେ ବିନିଯୋଗକାରୀଙ୍କୁ ବିନିଯୋଗ କରିବା ପାଇଁ ପ୍ରଲୋଭିତ କରୁଥିଲେ। ସେମାନେ ପୂର୍ବରୁ 'ଜିରୋ-୨ୱାଲ୍ଡ'ନାମକ ଏକ ଆପ୍ ଲଞ୍ଚ୍ କରି ଠକେଇ କରି ସାରିଥିଲେ। ପଶ୍ଚିମବଙ୍ଗର ସାଧାରଣ ଲୋକମାନେ 'ଜିରୋ-୨ୱାଲ୍ଡ'ରେ ପ୍ରାୟ ୧୦୦କୋଟି ଟଙ୍କା ବିନିଯୋଗ କରି ସାରିଥିଲେ। ଏହାପରେ ସ୍ଥାନୀୟ କାର୍ଯ୍ୟାଳୟରେ ତାଲା ଝୁଲେଇ ୨ଜଣ ମାଷ୍ଟର୍‌ମାଇଣ୍ଡ ଓଡ଼ିଶାମୁହାଁ ହୋଇଥିଲେ। ତେବେ ୨ଜଣ ମାଷ୍ଟର୍ ମାଇଣ୍ଡଙ୍କୁ ବାଦ ଦେଲେ ହୋଟେଲ୍‌ରୁ ଗିରଫ ହୋଇଥିବା ଅନ୍ୟ ୩୦ଜଣ ହେଉଛନ୍ତି ଅର୍ଥ ବିନିଯୋଗକାରୀ। ସେମାନେ ପୂର୍ବରୁ ଲକ୍ଷାଧିକ ଟଙ୍କା ବିନିଯୋଗ କରିବା ପରେ ନିଜ ଟଙ୍କା ଫେରାଇବାକୁ ଜିଦି ଧରିବାରୁ ସମ୍ପୃକ୍ତ ସଂସ୍ଥାର ଅଭିଯୁକ୍ତମାନେ ସେମାନଙ୍କୁ ସାଙ୍ଗରେ ଆଣି ମିଟିଂ କରାଇବା ପରେ ଟଙ୍କା ଫେରସ୍ତ ଦେବାକୁ କହିଥିଲେ। ମାତ୍ର ସମସ୍ତ ଯୋଜନା ପଣ୍ଡ ହୋଇଥିଲା। ଖବର ପାଇ ଜସ୍ମିନ୍ ହୋଟେଲ୍‌ରେ ପୁଲିସ ପହଞ୍ଚି ସେମାନଙ୍କୁ ଥାନାକୁ ନେଇ ପଚରାଉଚରା ଜାରି ରଖିଛି।

ଜସ୍ମିନ୍ ହୋଟେଲ୍‌ରେ ଚଢ଼ଉ କରାଯିବା ପରେ ପୁଲିସ ଶିଖରପୁରରେ ଥିବା ଆଉ ୨ଟି ହୋଟେଲ୍‌ରେ ଚଢ଼ଉ କରିଥିଲା। ହେଲେ ସେଠାରୁ ସେମିତି କୌଣସି ବ୍ୟକ୍ତିଙ୍କୁ ଠାବ କରାଯାଇ ନାହିଁ। ଡିସିପି ଶ୍ରୀ ଦ୍ୟାନଦେଓଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି ଯେ, କ୍ରିକ୍ଟୋ କାରବାର ନାଁରେ ଠକେଇ ଏବଂ ବିନିଯୋଗକାରୀଙ୍କୁ ଅପହରଣ କରି ହୋଟେଲରେ ରଖିବା ଘଟଣାରେ ୨ଟି ମାମଲା ରୁଜୁ ହୋଇ ପାରେ। କ୍ରିପ୍ଟୋ କରେନ୍ସିରେ ଅର୍ଥ ବିନିଯୋଗ କରି ଠକାମୀର ଶିକାର ହୋଇଥିବା ୩୦ଜଣ କୋଲକାତା ଲୋକ ୨ଜଣ ଅଭିଯୁକ୍ତଙ୍କ ସହିତ ହୋଟେଲ୍ ଜସ୍ମିନ୍‌ରେ ମିଟିଂ କରିବାକୁ ଆସିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଧିକ ତଦନ୍ତ ଜାରି ରହିଛି। ସେମାନେ କୌଣସି ଦଙ୍ଗାକାରୀ ନୁହନ୍ତି। କୌଣସି ପ୍ରକାର ଗୁଜବ ସୃଷ୍ଟି ନକରିବାକୁ ଡିସିପି ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି ଘଟଣାରେ ପୁଲିସ ଅଧିକ ଖୋଳତାଡ ଜାରି ରଖିଛି ବୋଲି ଡିସିପି ସୂଚନା ଦେଇଛନ୍ତି।

### ଆଜି ଲଘୁଚାପ...

ଅବପାତ/ବାତ୍ୟାଗୁଡ଼ିକର ଦିଗ ପରିବର୍ତ୍ତନ କରାଇବାରେ ସହାୟକ ହୋଇଥାଏ। ତେଣୁ ବର୍ତ୍ତମାନ ଉଭୟ ଆନ୍ଧ୍ର ଓ ଓଡ଼ିଶା ଉପରେ ସମ ପରିମାଣର ବର୍ଷା-ପବନ ଭୟ ରହୁଛି। ଏହି ସ୍ଥିତି ଯୋଗୁଁ ଆସନ୍ତା ୨୭ରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହେବ। ୨୮ ଓ ୨୯ରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବାର ସମ୍ଭାବନା ରହିଛି।

ଦୁଇଦିନ ପୂର୍ବେ ସୃଷ୍ଟ ଲଘୁଚାପ ବର୍ତ୍ତମାନ ଓଡ଼ିଶାଠାରୁ ଦୂରକୁ ଚାଲିଯାଇଛି। ମାତ୍ର ଏହା ପ୍ରଭାବରେ ରାଜ୍ୟର କିଛି କିଛି ସ୍ଥାନରେ ବର୍ଷା ଅନୁଭୂତ ହୋଇଛି। ଗତ ୨୪ ଘଣ୍ଟାରେ ରାୟଗଡ଼ାରେ ୧୬ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ କୋରାପୁଟରେ ୮ ଓ ଜଗତସିଂହପୁରରେ ୯ ମିମି ବର୍ଷା ରେକର୍ଡ ହୋଇଛି। ଶୁକ୍ରବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଓ ନୟାଗଡ଼ ଆଦି ଜିଲ୍ଲାର କିଛି ସ୍ଥାନରେ ସ୍ୱଳ୍ପ ବର୍ଷା ଆଶଙ୍କା ରହିଥିବା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**NAME CHANGE**

By virtue of an affidavit sworn before the Executive Magistrate, Astarang, CF.NO. 2170, dated 23/09/2025, I, **ROHIT KUMAR KANDI**, S/o Sanatan Kandi resident of At: Ananta, Po: Alasahi, Ps - Astaranga, Dist- Puri, State- Odisha declare that I have changed my son's name from **R.LBEDABYASH ROUT** (Old Name) to **RL BEDABYASH ROUT** (New Name). Henceforth, he shall be known as **RL BEDABYASH ROUT** for all future purposes.
(Sd- **ROHIT KUMAR KANDI**)

**AFFIDAVIT**

I, **Mirza Meheboob Alam Baig**, S/o: Mirza Abdul Kalam Baig, Flat No.: 16/8, Block-16, Rangamatia, Gadakan. PS.:Mancheswar, Bhubaneswar-751017 Odisha Declare by this Affidavit No.: 60596 Dated: 23.10.2025,That now onwards I shall be known as **Mirza Mehebub Alam Baig** for all Future Purposes.

**NAME CHANGE**

By virtue of an affidavit sworn before the Executive Magistrate, Astarang, CF.NO. 2080, dated 16/09/2025, I, **SASANKA SEKHAR KANDI**, S/o Siba Kandi resident of At: Ananta, Po: Alasahi, Ps - Astaranga, Dist- Puri, State- Odisha declare that I have changed my son's name from **DEBABRAT KANDI** (Old Name) to **DEBABRAT ROUT** (New Name). Henceforth, he shall be known as **DEBABRAT ROUT** for all future purposes.
(Sd- **SASANKA SEKHAR KANDI**)

**AFFIDAVIT**

By virtue of an affidavit sworn before the Notary Public, Bhubaneswar dated 09.10.2025, I, Bishnu Charan Nayak, S/o- Basudev Nayak permanent resident of At: O.S.E.B colony School Campus Gridco Colony, Bhoi Nagar Bhubaneswar, Dist- Khordha, Odisha – 751022 declare that I have changed my Son's name from Punya Sankalp Nayak to Purnya Sankalp Nayak, he shall be known as **Purnya Sankalp Nayak** for all purposes.
**Sd/- Bishnu Charan Nayak**

**AFFIDAVIT**

I **RUCHITA**, D/O.: DHANRAJ JAIN RESIDENT AT FLAT NO.: 301, LAXMI VILLA, MAKERABAGH SAHI, CUTTACK, ODISHA DECLARE BY THIS AFFIDAVIT NO.: 75AA314785 DATED 25/8/25 THAT NOW ONWARDS I SHALL BE KNOWN AS **RUCHITA NABARIA** FOR ALL FURTURE PURPOSE

**AFFIDAVIT**

I, Sayad Gulam Yahiya, F/o- Arif Rabbani resident of Plot No. VIM-565, At/Po- Sailashree Vihar, Near Durga Mandap, Chandrasekharpur, Bhubaneswar, Dist- Khordha, PIN- 751021, Odisha declared by this affidavit No. 19, dtd- 03/09/2025 that now onwards I shall be known as **SYED GHOLAM YAHIYA** for all future purposes.

**AFFIDAVIT**

By virtue of an affidavit No. 2466 sworn before the Notary Public, Champua on dated- 23/10/2025, I **Saroj Ranjan Giri,** resident of Vill- Fagu, Po-Raikala, Ps- Ghagarbeda, Dist- Mayurbhanj, Pin- 757035, Odisha declare that I have changed my name from **Bablu Pradhan** (old name) To **Saroj Ranjan Giri** (new name). Henceforth I shall be known as **SAROJ RANJAN GIRI** for all future purposes.
**Saroj Ranjan Giri**

**In The Hon'ble Court of Civil Judge (SD): Barhampur, Dist-Ganjam, Intestate.No-02/2024**

In the Matter Of:
**Bachu Venkata Subhadra** ...Petitioners
Vs
**Choulapalli Soroja & Others** ...Respondents

**PUBLIC NOTICE**

Take notice that the above- named petitioners have applied for succession certificate to the Saving Bank Pass Book having A/c No.10603505561of State Bank of India, Chandikhol Branch, At/PO: Chandikhol, Dist.: Jajpur in the name of Late Choulapalli Srinivas Ranga Rao (Ch S Ranga Rao).If anybody has any claim or interest over the same, he / she may appear personally or through his / her Advocate before this Hon'ble Court on 31.10.2025 at 10:30 am and file objection, if any, failing which the case will be disposed of according to law.
Given under my hand and seal of the Court this 25th day of September of 2025.
**Sd/- Civil judge(SD) Ganjam, Berhampur**

**AFFIDAVIT**

I, Sangram Keshori Sahu, S/o- Muralidhar sahu, Resident of Flat No.: B/10, Plot No.: 281, Ghanashyam Enclave, Jayadev Vihar, Regional Reserach Laboratory, Dist.: Khorda, Odisha, PIN-751013, declared by this Affidavit No.1303/2025 Dated: 23.10.2025. That now onwards I shall be known as **SANGRAM KESHARI SAHU** for all future Purposes.

**AFFIDAVIT**

I, Abutanvir Khan, S/o- Taleb Tajju Khan, Resident of S.No-90,Pavna Nagar, Colony No.: 2, Pune City, PO: Kalewadi, Dist.: Pune, Maharashtra, PIN-411017, declared by this Affidavit No.1305/2025,Dated: 23.10.2025. That now onwards I shall be known as **ABUTANVIR TALEB KHAN** for all future Purposes.

**AFFIDAVIT**

By virtue of an affidavit before Executive Magistrate on 23.10.2025, Bhubaneswar, I, T. Pratap Patro, S/o. T. Pandab Patro, at Khushi Harmony Apartment, Palasuni, Rasulgarh, Bhubaneswar have changed my minor Son's name from T. Arman Patro to Arman Patro. Henceforth he shall be known **ARMAN PATRO** for all future purposes.

**AFFIDAVIT**

I, Muralidhara Sahu, S/o- Sadhucharan Sahu, Resident of At: Gambharia, PO:Khuntapal, Dist.: Mayurbhanj, Odisha PIN- 757020, declared by this Affidavit No.1301/2025 Dated: 23.10.2025. That now onwards I shall be known as **MURALIDHAR SAHU** for all future Purposes.

**NAME CHANGE**

By virtue of an affidavit sworn before the Executive Magistrate, Bhubaneswar, dated 22nd day of October 2025 I, **SONALIKA SINGH**, Address At: Naragoda, Tamando, Ps - Khandagiri, Dist- Khordha, State- Odisha, Pin- 752054 declare that I have changed my name from **SONALI SINGH** (Old Name) to **SONALIKA SINGH** (New Name). Henceforth, I shall be known as **SONALIKA SINGH** for all future purposes.
(Sd- **SONALIKA SINGH**)

**AFFIDAVIT**

I, Kuntala Kumari Dash, W/O- Late Nrusinha Prasad Das, Resident of At/PO: Old LIC Building, Pujariput, Koraput, Dist.: Koraput, Odisha, PIN- 764020, declared by the Affidavit No: 1215/2025 Dated: 16.10.25, that now onwards I shall be known as **KUNTALA KUMARI DAS** for all future purposes."

**AFFIDAVIT**

By virtue of an affidavit sworn before Executive Magistrate, Bargarh, I, Padmini Panda, W/o- Harishankar Panda resident of Mastertikra, Ward no.-14, Bargarh, Po./Ps./Tah./ Dist.- Bargarh, Odisha, PIN-768028 state vide affidavit no. 340 dtd.17.10. 2025 that, I have changed my name from **Asha Panda** to **Padmini Panda**. Henceforth I shall be known as **Padmini Panda** for all future purposes.

**AFFIDAVIT**

By virtue of an Affidavit (SL No. 03, Date- 23.10.2025) Sworn Before the Executive Magistrate, Padampur. I, **Minketan Bhoi** (new name), S/o- Nrupa Bhoi, permanent & current resident of AT- Sankri, PO- Bhubaneswarpur, PS- Jharbandh, Dist- Bargarh, PIN- 768039, Odisha declare that I have changed my name from **Miniketan Bhue** (old name) to **Minketan Bhoi** (new name). Henceforth, I shall be known as **Minketan Bhoi** (new name) for all purposes.
**Minketan Bhoi**

**AFFIDAVIT**

I, Asifa Siddiqua, W/o- Arif Rabbani, resident of Plot No. VIM-565, At/Po- Sailashree Vihar, Near Durga Mandap, Chandrasekharpur, Bhubaneswar, Dist- Khordha, PIN- 751021, Odisha declared by this affidavit No. 18, dtd- 03/09/2025 that now onwards I shall be known as **ASIFA SIDDIQAH** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 22/10/2025. I, **Nara Nag** (applicant name), S/o Sishu Nag, permanent & current resident of At- Sanpatrapali (Jadamunda), PO- Lenjha, PS- Titilagarh, Dist- Balangir, (Odisha), PIN- 767033 declare that I have changed my minor son's name from **Prashna Nag** (old name) to **Prasanna Nag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he shall be known as **Prasanna Nag** (new name) for all purposes.
**Nara Nag**

**LOST**

ମୁଁ ଶ୍ରୀକୃଷ୍ଣ ସାହୁ (ବୟସ-୬୩) ପିତା - ଜଗବନ୍ଧୁ ସାହୁ, ମୌଜା-ଓଡ଼ିଆମୁଣ୍ଡା, ପୋଷ୍ଟ/ ଥାନା- ମ.ରାମପୁର, ଥାନା ନଂ-୧୯, ଜିଲ୍ଲା- କଳାହାଣ୍ଡି, ଗତ ତା୦୫.୦୯.୨୫ରିଖରେ ମୁଁ ଏକ ଜରୁରୀକାର୍ଯ୍ୟ ସମାପ୍ତକରି ବଲାଙ୍ଗୀର ଠାରୁ ଏକ ଘରୋଇ ବସ ଯୋଗେ ମ.ରାମପୁର ଫେରୁଥିଲି, ବସ ଭିତରେ ବହୁତ ଭିଡ଼ ଥିବାରୁ ସେଠାରେ ମୋର ପର୍ଚ୍ଚା (R.O.R) ନଂ- ୩୦୦/୧୬୫ ଥିବା ବ୍ୟାଗଟି ହଜିଯାଇଛି, ପରେ ଆସି ଆମ ଅଞ୍ଚଳର ପୋଲିସ ଷ୍ଟେସନରେ ଏ ବିଷୟରେ ଲିଖିତ ଅଭିଯୋଗ ଫର୍ଦ୍ଦ ଦାଖଲ କରିଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଛନ୍ତି ଦୟାକରି ଏହି ନମ୍ବର ରେ ଯୋଗାଯୋଗ କରନ୍ତୁ।
ବିକାଶ କୁମାର ପ୍ରଧାନ
(advocate)- ୭୯୭୮୩୭୧୦୬୬
ଶ୍ରୀକୃଷ୍ଣ ସାହୁ-୭୬୮୩୮୨୦୬୯

**AFFIDAVIT**

I, Hasimuddin Khan, S/o- Late Jalo Khan, resident of At- Nahalpur, Po- Benirampur, Ps- Nemalo, Cuttack, Pin- 754134, Odisha declare by this affidavit No- 4066, date- 07/09/2025, that now onwards I shall be known as **HASO KHAN** for all future purposes.

**ଖୁଣ୍ଟା ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ବିପଦସଂକୁଳ**

# ମରାମତି ପାଇଁ ଯାଇଥିବା ଜେଇଙ୍କୁ ଗ୍ରାମବାସୀଙ୍କ ବିରୋଧ



ବେତନଟୀ, ୨୩।୧୦(ସମିସ): ବେତନଟୀ ବ୍ଲକ ଅଧୀନ ନଡ଼ପୁର ପଞ୍ଚାୟତର ଖୁଣ୍ଟା ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଗୃହ ବିପଦ ସଂକୁଳନ ଅବସ୍ଥାରେ ରହିଛି। ଏହି ବିଦ୍ୟାଳୟରେ ୫୭ ଜଣ କୁନି କୁନି ପିଲା ପଢୁଛନ୍ତି। ବୁଧବାର ବେତନଟୀ ଡିପିସିଜେଇ ପ୍ରଶାନ୍ତ କୁମାର ବେହେରା ବିଦ୍ୟାଳୟ ଗୃହ ମରାମତି ନିମନ୍ତେ ଯାଇଥିବା ବେଳେ ଗ୍ରାମବାସୀ ତାଙ୍କୁ ବିରୋଧ କରିଥିଲେ। ଏପରିକି ଗ୍ରାମବାସୀଙ୍କ ସହିତ ସେ ବେତନଟୀ ବିଡ଼ିଓ ସୁଶାନ୍ତ କୁମାର ସୂତାରଙ୍କ ସହ ମୋବାଇଲରେ କଥା କରାଇଥିଲେ; କିନ୍ତୁ ଗ୍ରାମବାସୀ ବିଡିଓଙ୍କ କଥା ଶୁଣି ଅଧିକ ଉତ୍ତେଜିତ ହୋଇଥିଲେ। ସୂଚନା ଅନୁସାରେ, ଗତ ୨୦୦୨ ମସିହାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଶ୍ରେଣୀ ପାଇଁ ଦୁଇଟି ଗୃହ ଏବଂ ଗୋଟିଏ ରୋଷେଇ ଗୃହ ନିର୍ମାଣ ହୋଇଛି। ପ୍ରାୟ ୮ ବର୍ଷ ପୂର୍ବରୁ ବିଦ୍ୟାଳୟ ନିକଟରେ ଥିବା ରୋଷେଇ ଗୃହକୁ ଅଚଳ ଘୋଷଣା କରାଯାଇଥିଲା। ପରେ ଅନ୍ୟ ଏକ ରୋଷେଇ ଘର ନିର୍ମାଣ କରାଯାଇଛି ବୋଲି ସହକାରୀ ଶିକ୍ଷୟିତ୍ରୀ ଜୋସ୍ନା ସାହୁ କହିଛନ୍ତି; ମାତ୍ର ଗ୍ରାମବାସୀଙ୍କ କହିବା ଅନୁସାରେ ରୋଷେଇ ଗୃହ ଅଚଳ ଘୋଷଣା କରାଯାଇଥିବା ବେଳେ ବିଦ୍ୟାଳୟ ଗୃହ ମଧ୍ୟ ଏକ ସମୟରେ ନିର୍ମାଣ ହୋଇଥିବାରୁ ତାହା ଆଜି ପର୍ଯ୍ୟନ୍ତ ମରାମତି ହୋଇନାହିଁ। ଦୁଇଟି ଶ୍ରେଣୀ ଗୃହ ଓ ବାରଣ୍ଡାର ଭିତର ଓ ବାହାର ପାର୍ଶ୍ୱ ଫାଟିଗଲାଣି। ଅଧିକାଂଶ ସମୟ ଉପର ଛାତରୁ କଂକ୍ରିଟ ସିମେଣ୍ଟ ଖଣ୍ଡ ଖସୁଛି। ଶ୍ରେଣୀ ଗୃହ ଓ ବାରଣ୍ଡା ଛାତରୁ ଖଣ୍ଡ ଖଣ୍ଡ କଂକ୍ରିଟ ଖସୁଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉନଥିବାର ଅଭିଯୋଗ କରିଛନ୍ତି ଗ୍ରାମବାସୀ। ତେଣୁ ବହୁ ବିଳମ୍ବରେ ବ୍ଲକ ପ୍ରଶାସନ ଶ୍ରେଣୀ ଗୃହ ମରାମତି ପାଇଁ ଆସୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିଭଳି ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ମିନତୀ ମହାକୁଡ଼ ଓ ନଡପୁର ପଞ୍ଚାୟତ ସମିତି ସଭ୍ୟ ସୁଦାମ ମହାକୁଡ଼ ଅଭିଯୋଗ କରିଛନ୍ତି ଯେ, ଖୁଣ୍ଟା ଗ୍ରାମରେ ନୂତନ ବିଦ୍ୟାଳୟ ଗୃହ ଗ୍ରାମବାସୀଙ୍କ ଦାବି ରହିଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ନୂତନ ଶ୍ରେଣୀ ଗୃହ ନିର୍ମାଣ କରାନଯାଇ ବିଳମ୍ବରେ ପ୍ରଶାସନ ମରାମତି ପାଇଁ ଆସୁଥିବାରୁ ଗ୍ରାମବାସୀ ବିରୋଧ କରୁଛନ୍ତି। ଏ ନେଇ ନଡପୁର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତିଷ ମହାନ୍ତଙ୍କୁ ପଚାରିବାରୁ, ମୁଁ ଏଠାକୁ ନୂଆ ଆସିଛି। ବିଦ୍ୟାଳୟ ଶ୍ରେଣୀ ଗୃହ ମରାମତି ବିଷୟରେ ଜାଣିନାହିଁ ପରେ ଜଣାଇବି ବୋଲି କହିଛନ୍ତି। ସେହିପରି ଡିପିସି ଜେଇ ପ୍ରଶାନ୍ତ ବେହେରାଙ୍କୁ ପଚାରିବାରୁ ୨୦୧୪ ମସିହା ପରେ ନୂତନ ବିଦ୍ୟାଳୟ ଗୃହ ନିମନ୍ତେ କୌଣସି ଅନୁଦାନ ଆସିନାହିଁ। ଏହାଠାରୁ ଅଧିକ ଖରାପ ଥିବା ବିଦ୍ୟାଳୟ ଗୃହରେ ପିଲାମାନେ ଅଧ୍ୟୟନ କରୁଛନ୍ତି। ମରାମତି ପାଇଁ ୧ ଲକ୍ଷ ୫୦ ହଜାର ଟଙ୍କା ଆସିଥିବାରୁ ମୁଁ ବିଦ୍ୟାଳୟକୁ ଯାଇଥିଲି; ହେଲେ ଗ୍ରାମବାସୀ ବିରୋଧ କରିଥିଲେ। ସରକାର ନୂତନ ଗୃହ ଯୋଗାଇ ନ ଦେଲେ ଆମେ କ'ଣ କରିବୁ ବୋଲି ସେ କହିଛନ୍ତି।

## ରିଜର୍ଭ ବ୍ୟାଙ୍କ ଡେପୁଟି ଗଭର୍ଣ୍ଣର-ନଗର ଉନ୍ନୟନ ମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା



ବେତନଟୀ, ୨୩।୧୦(ସମିସ): ବେତନଟୀ ଥାନା ଖଡ଼ିଶୋଳ ପଞ୍ଚାୟତ ଅଧୀନ କଞ୍ଚିଶୋଳ ଗ୍ରାମରେ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ଶିରୀଶ ଚନ୍ଦ୍ର ମୁର୍ମୁ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ମଧ୍ୟରେ ଏକ ସୌଜନ୍ୟମୂଳକ ସାକ୍ଷାତ ହୋଇଥିଲା। ଶ୍ରୀ ମୁର୍ମୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭରନର ଭାବେ ଗତ ୮ ତାରିଖରେ ଦାୟିତ୍ୱ ଗ୍ରହଣ କରିବାପରେ ଏହା ତାଙ୍କର ପ୍ରଥମ ବେତନଟୀ ଗସ୍ତ। ଖଡ଼ିଶୋଳ ପଞ୍ଚାୟତ ଅଧୀନ କଞ୍ଚିଶୋଳସ୍ଥିତ ପୈତୃକ ଗ୍ରାମକୁ ସେ କିଛିଦିନ ପାଇଁ ଆସିଥିବା ବେଳେ ମଙ୍ଗଳବାର ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଗ୍ରାମରେ ପହଞ୍ଚିଥିଲେ। ଏହି ଅବସରରେ ମନ୍ତ୍ରୀ ଡ. ମହାପାତ୍ରଙ୍କ ସମେତ ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ଜିଲ୍ଲା ଉପସଭାପତି ପରେଶଚନ୍ଦ୍ର ମହାନ୍ତ, ପ୍ରଦୀପ ମହାନ୍ତି, ଦାନ୍ତିଆମୁହାଁ ସମିତିସଭ୍ୟ ସୁକୁଲ ମୁର୍ମୁ, କୁନା ମହାନ୍ତ ପ୍ରମୁଖ ମଧ୍ୟ ଏହି ସୌଜନ୍ୟମୂଳକ ସାକ୍ଷାତ ଲୋଚନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା।

## ନାବାଳକଙ୍କ ହାତରେ ବାଇକ ଓ ସ୍କୁଟି; ପୁଲିସ ନୀରବ

ମୋରଡ଼ା, ୨୩।୧୦(ସମିସ): ଦିନକୁ ଦିନ ମୋରଡ଼ା ଥାନା ଅଞ୍ଚଳରେ ବେପରୁଆ ଗାଡ଼ି ଚାଳନା ବୃଦ୍ଧି ପାଇବାରେ ଲାଗିଛି। ହାଇସ୍କୁଲ ଓ କଲେଜ ପଢୁଆ ପିଲାମାନେ କାହାରିକୁ ନ ମାନି ବେପରୁଆ ଭାବେ ଦ୍ରୁତଗତିରେ ଗାଡ଼ି ଚଳାଉଛନ୍ତି। ହେଲେ ଏସବୁ ଦେଖି ନ ଦେଖିଲା ପରି ରହୁଛି ପୁଲିସ। ଏଭଳି ଗାଡି ଚାଳନା ପାଇଁ ପଥଚାରୀ ଦୁର୍ଘଟଣାର ଶିକାର ହେଉଛନ୍ତି। ବିଭିନ୍ନ ରାସ୍ତାଘାଟ ଏବଂ ଗାଁ ଗଣ୍ଡା ସବୁଠି ପିଲାଙ୍କ ହାତରେ ବାଇକ୍। ଗୋଟିଏ ଗୋଟିଏ ଗାଡ଼ିରେ ୨ରୁ ୩ ଜଣ ଲେଖାଏଁ ବସି ଅତି ବେପରୁଆ ଭାବେ ଅତି ଦ୍ରୁତଗତିରେ ଚଳାଚଳ କରୁଛନ୍ତି। ସରକାରୀ ନିୟମ ଅନୁସାରେ ନାବାଳକ ଓ ନାବାଳିକାଙ୍କୁ ଗାଡ଼ି ଚଳାଇବା ପାଇଁ ଲାଇସେନ୍ସ ଦିଆଯାଇ ନାହିଁ; କିନ୍ତୁ ନାବାଳକମାନେ ଗାଡି ଚଳାଉଥିଲେ ମଧ୍ୟ ଅଭିଭାବକଙ୍କଠାରୁ ଆରମ୍ଭ କରି ପୁଲିସ ଓ ପ୍ରଶାସନ କାହାର ବି ଦୃଷ୍ଟି ପଡୁନାହିଁ।୧୮ ବର୍ଷରୁ କମ୍ ବୟସର ଯେ କୌଣସି ନାଗରିକ ଗାଡ଼ି ଚଳାଇବା ଦଣ୍ଡନୀୟ ଅପରାଧ। ବିନା ଲାଇସେନ୍ସ ଓ ହେଲ୍‌ମେଟରେ ଗାଡି ଚଳାଇବା ମନା। କିନ୍ତୁ ସରକାରୀ ଆଇନକୁ ଫୁ କରୁଛନ୍ତି ନାବାଳକ। ଏଥିପ୍ରତି ପୁଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଦେଉଳିରେ ସାର୍ବଜନୀନ କାଳୀପୂଜା



ଶୁଳିଆପଦା, ୨୩।୧୦(ସମିସ): ଶୁଳିଆପଦା ବ୍ଲକ ଅନ୍ତର୍ଗତ ଦେଉଳି ପଞ୍ଚାୟତସ୍ଥିତ ସାନ ଦେଉଳି ଗ୍ରାମରେ ମା' କାଳୀଙ୍କ ୮୨ତମ ସାର୍ବଜନୀନ ପୂଜା ମହାସମାରୋହରେ ପାଳିତ ହୋଇଛି। ଆକର୍ଷଣୀୟ ତୋରଙ୍ଗ ସାଙ୍ଗକୁ ଅତ୍ୟାଧୁନିକ ଆଲୋକ ସଜ୍ଜା ମନମୁଗ୍ଧକର ହୋଇଥିଲା। ପ୍ରଥମ ଦିବସରେ ବିଳମ୍ବିତ ରାତିରେ ଘଟ ଅଣାଯାଇଥି ପୂଜା ମଣ୍ଡପରେ ରୀତିନୀତି ଅନୁଯାୟୀ ପୁରୋହିତ ପୂଜାର୍ଚ୍ଚନା କରିଥିଲେ। ହଜାର ହଜାର ଭକ୍ତମାନେ ମାଆଙ୍କ ନିକଟରେ ପୂଜା କରିଥିଲେ। ପ୍ରତ୍ୟହ ସଂଧ୍ୟାରେ ମାଆଙ୍କ ଆରତୀ ଖୁବ ଭାବାବେଗ ପୂର୍ଣ୍ଣ ହୋଇଥାଏ। କମିଟି ପକ୍ଷରୁ ସମସ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। କମିଟିର ସମ୍ପାଦକ-ଶେଖର କୁମାର ବେହେରା, ସଭାପତି ବିରେନ କୁମାର ସାହୁ, କାହ୍ନୁ ସାହୁ ପ୍ରମୁଖ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। କମିଟି ପକ୍ଷରୁ ୩ ଦିନ ଧରି ଯାତ୍ରା ବାଦଶା ନାଟକ ପରିବେଷଣ ହୋଇଥିଲା। ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଓ ପୂର୍ବତନ ବିଧାୟକ ରାଜକିଶୋର ଦାସ ପୂଜା ମଣ୍ଡପରେ ଉପସ୍ଥିତ ରହି ମା'ଙ୍କୁ ଦର୍ଶନ କରିଥିଲେ।

## ଶୁକ୍ଳିରେ କୁଡୁମୀ ସମ୍ପ୍ରଦାୟର ବାନ୍ଦଣା ପରବ



ଖୁଣ୍ଟି, ୨୩।୧୦(ସମିସ): କାର୍ତ୍ତିକ ଅମାବାସ୍ୟା ତିଥିରେ କୁଡୁମୀ (ମହାନ୍ତ) ସମ୍ପ୍ରଦାୟର ନିଆରା ପର୍ବ 'ବାନ୍ଦଣା' ସମାରୋହରେ ପାଳିତ ହୋଇଛି। ପାରମ୍ପରିକ ରୀତିରେ ଏହି ପର୍ବକୁ ମୁଖ୍ୟତଃ ତିନିଦିନଧରି ପାଳନ କରାଯାଇଥାଏ। ପର୍ବର ପ୍ରଥମ ଦିନ ଗୋଠ ପୂଜା ବା ଅଣ୍ଡା ମଡା ପର୍ବ ଅନୁଷ୍ଠିତ ହୋଇଥାଏ। ଏହି ଉପଲକ୍ଷେ ନିଜ ସମ୍ପ୍ରଦାୟର ଜଣେ ଦେହୁରୀ ଗୋରୁ ଗୋଠରେ ଗୋଟିଏ ଅଣ୍ଡା ପୂଜା କରିଥା'ନ୍ତି। ସେହି ଅଣ୍ଡାକୁ ଗୋଠରେ ସ୍ଥାପନ କରାଯାଇଥାଏ। ଯେଉଁ ଗ୍ରାମବାସୀଙ୍କ ଗୋରୁ ଏହି ଅଣ୍ଡାକୁ ମାଡିଥାଏ ତାଙ୍କ ଗୃହରେ ଲକ୍ଷ୍ମୀଙ୍କ କୃପା ରହିଛି ବୋଲି ବିଶ୍ୱାସ ରହିଛି। ସେହିପରି ଦ୍ୱିତୀୟ ଦିନ ହେଉଛି ଗୁହାଳ ବା ଗୋବର୍ଦ୍ଧନ ପୂଜା। ତୃତୀୟ ଦିନକୁ ବୁଢ଼ି ବାନ୍ଦଣା ବା ବଳଦ ଖୁଣ୍ଟା ପର୍ବ ଭାବେ ପାଳନ କରାଯାଏ। ଗୋଠ ପୂଜା ଅବସରରେ ବିଭିନ୍ନ କୁଡୁମୀ ଗ୍ରାମର କୌଣସି ଏକ ଖୋଲା ସ୍ଥାନକୁ ଗୋବରରେ ଲିପାପୋଛା କରି ସେଠାରେ ଗୋଟିଏ ଅଣ୍ଡା ସ୍ଥାପନ କରାଯଇଥାଏ। ପରେ ଗ୍ରାମର ସମସ୍ତ ଗାଇ ବଳଦ ସେହି ଅଣ୍ଡାଥିବା ସ୍ଥାନକୁ ଅତିକ୍ରମ କରିବା ସମୟରେ ଯେଉଁ ଗାଇ କିମ୍ବା ବଳଦର ଖୁରା ଆଘାତରେ ଅଣ୍ଡାଟି ଭାଙ୍ଗିଯାଏ, ସେହି ବଳଦର ମାଲିକ ସମସ୍ତ ଗ୍ରାମବାସୀଙ୍କୁ ଭୋଜି ଦେବାର ପରମ୍ପରା ଚାଲିଆସିଛି। ଏହି ଉପଲକ୍ଷେ ଗୁହାଳେ ଦେବଦେବୀଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ ଅର୍ପଣ ପୂର୍ବକ ବିଧିମତେ ପୂଜାର୍ଚ୍ଚନା କରାଯାଇଥାଏ। ତୃତୀୟ ଦିବସରେ ଘର ଅଗଣା ଲିପାପୋଛା କରାଯାଏ। ଗାଇ, ବଳଦଙ୍କୁ ସ୍ନାନ କରାଇ ତାଙ୍କ ଶିଙ୍ଗରେ ତେଲ ସିନ୍ଦୂର ଲଗାଇ ଧାନକେଣ୍ଡାରେ ତିଆରି ମୁକୁଟ ପିନ୍ଧାଯାଏ। ଗାଇ ବଳଦଙ୍କୁ ଯଥାବିଧି ପୂଜାର୍ଚ୍ଚନା କରିବା ପରେ ସନ୍ଧ୍ୟାରେ ନାଚ ଗୀତ ସହିତ ମାଦଳ, ନାଗରା ବଜାଇ ବଳଦକୁ ନଚାଇବା ପରମ୍ପରା ରହିଛି।

## କଲ୍ୟାଣୀ ମହିଳା ସମିତି ପକ୍ଷରୁ ଆଲୋଚନାଚକ୍ର

ବାରିପଦା, ୨୩।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାର ଅବସରପ୍ରାପ୍ତ ବିଶ୍ୱବିଦ୍ୟାଳୟ ଓ ବେସରକାରୀ ମହାବିଦ୍ୟାଳୟ ଶିକ୍ଷକ ସଂଘ ଆନୁକୂଲ୍ୟରେ 'ଯୋଗ ଚେତନା ଓ ଦର୍ଶନ-ସୁସ୍ଥ ଶାରୀରିକ ଓ ମାନସିକ ସ୍ଥିତି ନିମିତ୍ତ ଅପରିହାର୍ଯ୍ୟ' ଶୀର୍ଷକ ଏକ ଆଲୋଚନାଚକ୍ର କଲ୍ୟାଣୀ ମହିଳା ସମିତି ସମ୍ମିଳନୀ କକ୍ଷରେ ସଂଘର ଉପସଭାନେତ୍ରୀ କଳ୍ପନା ଷଡଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରେମକାଲ ଯୋଗ ମନ୍ଦିରର ପ୍ରତିଷ୍ଠାତା ଯୋଗଗୁରୁ ରାକେଶ ମହାନ୍ତ ଯୋଗ ଦେଇ ଶୀର୍ଷକ ବିଷୟରେ ଆଲୋଚନା କରିବା ସହ ଯୋଗ



ମାଧ୍ୟମରେ ଶରୀର, ମନ ଓ ଆଧ୍ୟାତ୍ମିକ ଚେତନା ମଧ୍ୟରେ ସନ୍ତୁଳିତ ସଂଯୋଗ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଉପସ୍ଥିତି ସଭ୍ୟ/ସଭ୍ୟଙ୍କୁ ଉଚ୍ଚ ରକ୍ତଚାପ, ଶ୍ୱାସ, ମଧୁମେହ, କନ୍ଧ, ଅଣ୍ଟା ଆଣ୍ଠୁ ଦରଜ, ପେଟରୋଗ ଆଦିର ନିଦାନ ପାଇଁ ସାପୋର୍ଟିଂ ଯୋଗ ଚିକିତ୍ସା ସରଳଭାବେ ବୁଝାଇବା ସହ ଯୋଗ ଅଭ୍ୟାସ କରାଇଥିଲେ। ଯୋଗ ଗୁରୁଙ୍କୁ ସହାୟତା କରିଥିଲେ ଯୋଗଶିକ୍ଷୟିତ୍ରୀ ଐଶ୍ୱର୍ଯ୍ୟା ରାଉତ ଏବଂ ମଧୁସ୍ମିତା ରାଉତ, ସଂଘର ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ଭୋଇ ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ। ସଂଘର କର୍ମକର୍ତ୍ତା ପ୍ରାଧ୍ୟାପକ ଗଙ୍ଗାଧର ବେହେରା, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ପରିଷଦକୁ ମନୋନୀତ ହୋଇଥିବାରୁ ତାଙ୍କୁ ସଂଘର ପ୍ରାକ୍ତନ ସଭାପତି ପ୍ରଦୀପ୍ତ କିଶୋର ପଣ୍ଡା ସମ୍ବର୍ଦ୍ଧନା ଜଣାଇଥିଲେ। ଆଲୋଚନାଚକ୍ରରେ ପ୍ରତିଭା ମିଶ୍ର, ସୀତାକାନ୍ତ ବେହେରା, ଯୋଗେନ୍ଦ୍ର ନାଥ ପଣ୍ଡା, ରବିନାରାୟଣ ଚାଉପଟ୍ଟନାୟକ, ପ୍ରକାଶ ମହାପାତ୍ର, ରାମେଶ୍ୱର ସାହୁ, ପ୍ରକାଶ ଚନ୍ଦ୍ର ଦାଶ, ଉଷା ଶତପଥୀ, ମେଘମାଳା ବେହେରା ଓ ଆଶିଷ କୁମାର ଦେ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶେଷରେ ପ୍ରାଧ୍ୟାପକ ଗଙ୍ଗାଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**● ପିସିସି ସଭାପତିଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ପ୍ରସଙ୍ଗ**

## ଜିଲ୍ଲା କଂଗ୍ରେସ ସାଇବର ଥାନାରେ ଦ୍ୱାରସ୍ଥ



ବାରିପଦା, ୨୩।୧୦(ସମିସ): ପିସିସି ସଭାପତି ଭକ୍ତଚରଣ ଦାସଙ୍କ ପ୍ରତି ଫୋକଗ୍ରୁପସର ମୁଖ୍ୟ ସୁଧାଂଶୁ ଶେଖର ରାଉତ, ଅଜୟ କୁମାର ପଣ୍ଡା, ଅନନ୍ତ ନାରାୟଣଧଳ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଅଶାଳୀନ ମନ୍ତବ୍ୟ ଦେବା ସହ ଗଣମାଧ୍ୟମରେ ଚରିତ୍ର ସଂହାର କରିଥିଲେ। ତେଣୁ ଗୁରୁବାର ପିସିସି ସଭାପତିଙ୍କ ନିର୍ଦ୍ଦେଶରେ ମୟୂରଭଞ୍ଜ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ନେତୃତ୍ୱରେ ଏକ ଟିମ୍ ବାରିପଦା ସାଇବର ଥାନାରେ ପହଞ୍ଚି ଥାନା ଅଧିକାରୀ ପ୍ରଦୀପ କୁମାର ମାଝୀଙ୍କୁ ଅଶାଳୀନ ମନ୍ତ୍ୟବ ଦେଇଥିବା ଉପରୋକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହିତ ଲିଖିତ ଅଭିଯୋଗ କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ବିଜନ ଦାସ, ଏସଟି ସେଲ ଚୈତନ୍ୟ ହାଁସଦା, ଜ୍ୟୋତି ପ୍ରକାଶ ରଥ, ଶାନ୍ତନୁ ପାଲ, ନାରାୟଣ ପଟ୍ଟନାୟକ, ମୀନକେତନ ବେହେରା, ରବି ନାରାୟଣ ପରିଡ଼ା, ଅଶୋକ ଗିରି, ସମର ରଞ୍ଜନ ଦାସ, ସରୋଜ ସାହୁ, ଜଗନ୍ନାଥ ପରିଡ଼ା, ଜୀବନ ବାରିକ, ନିର୍ମଳ ପ୍ରଧାନ, ବନମାଳୀ ବାରିକ, ରାଣା ସତ୍ୟକାମ ସେନାପତି, ସୁନିତା ନାୟକ, ରଶ୍ମିତା ମିଶ୍ର, ଇତି ମିଶ୍ର, ୱାହିଦା ଅହମ୍ମଦ, ଭୁବନେଶ୍ୱରୀ ପରିଡ଼ା, ନିର୍ମଳ ପ୍ରଧାନ, ଭବାନୀ ସାହୁ, ବାଦଲ ହେମ୍ବ୍ରମ, ମନୋରଞ୍ଜନ ହେମ୍ବ୍ରମ, ବିରାମ ମୁର୍ମୁ, ମଦନ ମାଝୀ, ଚତୁର୍ଭୁଜ ପାତ୍ର ଓ ରାମଚନ୍ଦ୍ର ସିଂ ସମେତ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ।

## ୨୭ରେ ଭଞ୍ଜସେନାର ହରତାଳ ଚେତାବନୀ

ବାରିପଦା, ୨୩।୧୦(ସମିସ): ଜିଲ୍ଲାର ଅଣରାଜନୈତିକ ଯୁବଛାତ୍ର ସଂଗଠନ ଭଞ୍ଜସେନା ଆସନ୍ତା ୨୮ ତାରିଖରେ ପ୍ରମୁଖ ରାସ୍ତାରେ ହରତାଳ କରିବାକୁ ଚେତାବନୀ ଦେଇଛି। ଦୀର୍ଘ ଦିନଧରି ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କ ମନମୁଖୀ ଯୋଗୁଁ ଜିଲ୍ଲାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇଛି। ଶିକ୍ଷାଧିକାରୀଙ୍କ ଭୁଲ ନିଷ୍ପତ୍ତି ଯୋଗୁଁ ଠାକୁରମୁଣ୍ଡା ବ୍ଲକ ଅଧୀନ ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରମିଳା ସାହୁ ଆସନ୍ତା ୨୭ ତାରିଖରେ ନିଜେ ଆତ୍ମଦାହ କରିବେ ବୋଲି ଘୋଷଣା କରିଛନ୍ତି। ଏ ନେଇ ସଂଗଠନ ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଗୁରୁବାର ଏନେଇ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ସୂଚନା ଅନୁସାରେ, ଦୀର୍ଘ ଦିନଧରି ଜିଲ୍ଲାରେ କାର୍ଯ୍ୟରତ ଜିଲ୍ଲା ଶିକ୍ଷାଧିକାରୀ ତାଙ୍କ କାର୍ଯ୍ୟକାଳ ସମୟରେ ଅନେକ ବିବାଦୀୟ ପ୍ରସଙ୍ଗରେ ଜଡିତ ଥିବାରୁ ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭଞ୍ଜସେନା ପକ୍ଷରୁ ସରକାରଙ୍କୁ ବହୁବାର ନିବେଦନ କରାଯାଇଛି; ପରନ୍ତୁ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସଂଗଠନ ବାଧ୍ୟହୋଇ ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ନିଷ୍ପତ୍ତି ନେଇଛି। ଆସନ୍ତା ୨୭ ତାରିଖ ସୋମବାର ମୟୂରଭଞ୍ଜ ଜିଲ୍ଲା ମଧ୍ୟ ଦେଇ ଯାଇଥିବା ସମସ୍ତ ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ଅନ୍ୟାନ୍ୟ ପ୍ରମୁଖ ରାସ୍ତାରେ ସକାଳ ୧୦ଟାରୁ ହରତାଳ ଆରମ୍ଭ ହେବ ବୋଲି ସଂଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଯଥାଶୀଘ୍ର ଜିଲ୍ଲାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରୁଥିବା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟକାଳର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାରେ ଯଦି ସରକାର ପୁଣି ବିଳମ୍ବ କରନ୍ତି, ତେବେ ଉଚ୍ଚନ୍ୟାୟାଳୟର ଆଶ୍ରୟ ନିଆଯିବ ବୋଲି ଚେତାବନୀ ଦିଆଯାଇଛି।

**ଫଳକ ଉନ୍ମୋଚନ ବେଳେ ବିଧାୟକ ହଟହଟା**

## ଖରାପ ରାସ୍ତାକୁ ନେଇ ତାତିଲେ ଲୋକେ

ବେତନଟୀ, ୨୩।୧୦(ସମିସ): ବେତନଟୀ ବ୍ଲକ ଅଧୀନ ଖୁଣ୍ଟାପୁର ଆରଆଇ ଅଫିସର ଭିତ୍ତିପ୍ରସ୍ତର ସ୍ଥାପନ ନିମନ୍ତେ ବିଧାୟକ ସନାତନ ବିଜୁଳି ଯାଇଥିବା ସମୟରେ ସ୍ଥାନୀୟ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇଥିବାରୁ ଲୋକେ ତାତିଥିଲେ। ସୂଚନା ମୁତାବକ ଖୁଣ୍ଟାପୁର ଏବଂ ଦିଗାନଗର ରାସ୍ତା ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ମରାମତି ହୋଇ ନ ଥିବାରୁ ଖାଲଖମାରେ ଭର୍ତ୍ତି ହେବା ସହିତ କାଦୁଅ ପଚପଚ ହୋଇଛି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଲୋକେ ବାରମ୍ବାର ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ହେଲେ ଆଜି ରାସ୍ତାକୁ ପ୍ରାଥମିକତା ନ ଦେଇ ବିକଶିତ ଗାଁ ବିକଶିତ ଓଡ଼ିଶାରେ ଅନ୍ୟ ପ୍ରକଳ୍ପ ମଞ୍ଜୁର ହେବାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଖୁଣ୍ଟାପୁରରେ ୫୧. ୫୧ ଲକ୍ଷ ଟଙ୍କା ବିନିମୟରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିର୍ମାଣ ହେବାକୁ ଥିବା ଫଳକ ଉନ୍ମୋଚନ ନିମନ୍ତେ ବିଧାୟକ ଯାଇଥିବାବେଳେ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହିତ ତାତିଥିଲେ। ସ୍ଥାନୀୟ ଲୋକେ ବିଧାୟକଙ୍କୁ ରାସ୍ତା ସମ୍ପର୍କରେ ଅବଗତ କରାଯିବାରୁ ସେ ଅଣଦେଖା କରିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପରେ ବିଧାୟକ ହଟହଟା ହୋଇ ଶୀଘ୍ର ସେଠାରୁ ପଳାଇଥିଲେ।




## ବ୍ଲକ୍ ଗଠନ ଦାବିରେ ଶରତ ବିକାଶ ମଞ୍ଚର ବିକ୍ଷୋଭ

ଶରତ, ୨୩।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାର ସବୁଠାରୁ ପଛୁଆ ତଥା ଅବହେଳିତ ଉପାନ୍ତ ଅଞ୍ଚଳଭାବେ ପରିଚିତ କପ୍ତିପଦା ଉପଖଣ୍ଡର ଶରତ ଅଞ୍ଚଳ। ଏହି ଅଞ୍ଚଳକୁ ନେଇ ବ୍ଲକ ଗଠନ ଦାବିରେ ଶରତ ବିକାଶ ମଞ୍ଚ ଅଣ୍ଟା ଭିଡିଛି। ଏହି ଅଞ୍ଚଳରେ ଶରତ, ରାଣୀପୋଖରୀ, ଦେୱାନବାହାଳି, ସରଢିହା, ନୋଟ, ଲାବଣ୍ୟଦେଇପୁର, କଳମଗଡ଼ିଆ, ରାମଚନ୍ଦ୍ରପୁର ଓ ପଦ୍ମପୋଖରୀ ପଞ୍ଚାୟତ ରହିଛି। ଏହି ସବୁ ପଞ୍ଚାୟତ ସମୂହକୁ ନେଇ ଶରତ ବ୍ଲକ ଗଠନ ଦାବିରେ ଶରତ ବିକାଶ ମଞ୍ଚ ପକ୍ଷରୁ ଓଡ଼ିଶା ବିଧାନସଭା ସମ୍ମୁଖ ଲୋୟର ପିଏମଜିରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଗଣଧାରଣା ଦିଆଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ପ୍ରଫୁଲ୍ଲ ସ୍ୱାଇଁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଗାମୀ ୩୦ ଦିନ ଭିତରେ ତଦନ୍ତ କରି ଶରତ ବ୍ଲକ ଗଠନ କରିବା ଦିଗରେ ପଦକ୍ଷେପ ନେବା ପାଇଁ ସଚିବ ପ୍ରତିଶ୍ରୁତି ଦେଇଥିବା ମଞ୍ଚ ସୂତ୍ରରୁ ପ୍ରକାଶ। ସେହିପରି ଶରତରେ ଜେଏମଏଫସି କୋର୍ଟ ପ୍ରତିଷ୍ଠା, ଶରତ ଯୁକ୍ତ ଦୁଇ ମହାବିଦ୍ୟାଳୟକୁ +୩ ମହାବିଦ୍ୟାଳୟ ମାନ୍ୟତା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଏକଲବ୍ୟ ଆବାସିକ ବିଦ୍ୟାଳୟ ସ୍ଥାପନ, ତହସିଲ କାର୍ଯ୍ୟାଳୟ, ଅଗ୍ନିଶମ କାର୍ଯ୍ୟାଳୟ ପ୍ରତିଷ୍ଠା, ଶରତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍ୟତା ଆଦି ଦାବି କରାଯାଇଛି। ନିକଟ ଅତୀତରେ ଓଡ଼ିଶା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓଡ଼ିଶାରେ ନୂତନ ବ୍ଲକ ଗଠନ ହେବାକୁ ନେଇ ରାଜ୍ୟ ସରକାର ଚିନ୍ତା କରୁଥିବା ଘୋଷଣା କରିଥିବାରୁ ଶରତଠାରେ ବ୍ଲକ ଗଠନ ସୁନିଶ୍ଚିତ ହେବାକୁ ଶରତ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି। ବିକ୍ଷୋଭରେ ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରିମିଲ ସିଂ ଗୋଇପାଇ, ସମ୍ପାଦକ କୁସୁନୁ ଗିଲୁଆ, ଯୁବ ସମାଜସେବୀ ନବୀନ ମୁଣ୍ଡରୀ, ଡ଼କ୍ଟର ବିକ୍ରମ ବିରୁଲି, ସାମାଜିକ କର୍ମୀ ରମେଶ ବିରୁଆ, ମାହାନ୍ତି ଦେଓଗାମ, ମମତାମୟୀ ଗୋଇପାଇ, ପୁଷ୍ପଲତା ମୁଣ୍ଡୁରୀ, ବେଲମଣୀ ସିଂ, ଦାନିଏଲ ଖୁଣ୍ଟିଆ, ଘନବାବୁ ପାତ୍ର, ଲାମ୍ବୋଦର ଗୋଇପାଇ ପ୍ରମୁଖ ସାମିଲ ହୋଇଥିଲେ।



# ଦୟନୀୟ ଅବସ୍ଥାରେ ଟ୍ରକ୍ ମାଲିକ ସଂଘ କଲ୍ୟାଣ ମଣ୍ଡପ



ଆନନ୍ଦପୁର, ୨୩।୧୦ (ସମିସ): ଆନନ୍ଦପୁର ପୌରାଞ୍ଚଳର ଝାଡ଼େଶ୍ୱର ମନ୍ଦିର ନିକଟରେ କେନ୍ଦୁଝର ଜିଲ୍ଲା ଟ୍ରକ୍ ମାଲିକ ସଂଘ ପକ୍ଷରୁ ନିର୍ମାଣ ହୋଇଥିବା କଲ୍ୟାଣମଣ୍ଡପ ଅବସ୍ଥା ଦୟନୀୟ ସ୍ଥିତିରେ ରହିଛି। ବାରମ୍ବାର ଦାବି ପରେ ମଧ୍ୟ ଏହାର ମରାମତି କରାଯାଉ ନଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମନ୍ଦିରରେ ବିଭିନ୍ନ କାର୍ଯ୍ୟପାଇଁ ଜନସମାଗମ ହେଉଥିବା ବେଳେ କଲ୍ୟାଣମଣ୍ଡପର ଦୁରବସ୍ଥା ଯୋଗୁଁ ଅନେକ ବ୍ୟବହାର କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ମନ୍ଦିର ନିକଟରେ କଲ୍ୟାଣମଣ୍ଡପ ନିର୍ମାଣପାଇଁ ୨୦୦୮ ରେ ଟ୍ରକ୍ ମାଲିକ ସଂଘ ପକ୍ଷରୁ ୬୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ୨୦୧୦ ଏପ୍ରିଲ ୨୧ରେ ତତ୍କାଳୀନ ସଭାପତି ରମାକାନ୍ତ ନାୟକ ଏହାର ଉଦ୍‌ଘାଟନ କରିଥିଲେ। ପରିଚାଳନା ଦାୟିତ୍ୱ ସଂଘ ନିକଟରେ ରହିଛି। ଏହାର ମରାମତି ଆବଶ୍ୟକ ଥିବାବେଳେ ହୋଇପାରୁ ନାହିଁ। କଲ୍ୟାଣମଣ୍ଡପର ଅନେକ ସ୍ଥାନରେ ଗଛଲତା ମାଡ଼ିଗଲାଣି କବାଟ, ଝରକା ଭାଙ୍ଗିରୁଜି ଗଲାଣି ଅନେକ ଫ୍ୟାନ୍ ଅଚଳ ହୋଇଯାଇଛି। କୋଠାଟି ରଙ୍ଗ ହୋଇ ନଥିବାରୁ ଏହା ଲୋକଙ୍କୁ ଆକର୍ଷିତ କରିପାରୁ ନାହିଁ। ଲୋକେ ବାହାରେ ଟେଣ୍ଟ ମାରି ବିଭିନ୍ନ କାର୍ଯ୍ୟକ୍ରମ କରୁଥିଲେ ବି କଲ୍ୟାଣମଣ୍ଡପ ବ୍ୟବହାର କରୁନାହାନ୍ତି। ନୂତନ କର୍ମକର୍ତ୍ତା ନିର୍ବାଚନ ପରେ ଏହାର ପୁନରୁଦ୍ଧାର ହେବ ବୋଲି ଆଶା କରାଯାଉଥିଲା; ମାତ୍ର ବର୍ଷ ପୂରିବାକୁ ଯାଉଥିବା ବେଳେ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ କଲ୍ୟାଣମଣ୍ଡପ କୌଣସି କାମରେ ଆସୁନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଭାବଗ୍ରାହୀ ସାହୁ କହିଛନ୍ତି। ସଂଘ ସଭାପତି ପଦ୍ମଲୋଚନ ସାହୁ କହିଛନ୍ତି, କଲ୍ୟାଣମଣ୍ଡପ ମରାମତି ପାଇଁ ବୈଠକରେ ଆଲୋଚନା କରାଯାଇଛି। ବର୍ଷାଋତୁ ପରେ ମରାମତି ସାଙ୍ଗକୁ ଉପରମହଲା ନିର୍ମାଣ ହେବ ବୋଲି ପ୍ରକାଶ କରିଛନ୍ତି।

# ଦିନରାତି ଚାଲିଛି ଅବାଧ ମଦର କାରବାର
# ପୁଲିସ ଆଖି ବୁଜି ଦେଖୁଛି

ତେଲକୋଇ, ୨୩।୧୦(ସମିସ):

ତେଲକୋଇ ଥାନାଞ୍ଚଳରେ ବିଦେଶୀ ଓ ଦେଶୀ ମଦର ଅବାଧ କାରବାର ବୃଦ୍ଧି ପାଇବାରେ ଲାଗିଛି। ପୁଲିସ ଜାଣିଶୁଣି ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି। ବ୍ଲକରେ ଦୁଇଟି ସ୍ୱୀକୃତିପ୍ରାପ୍ତ ବିଦେଶୀ ଠିପିବନ୍ଦ ଓ ଦୁଇଟି ଦେଶୀ ମହୁଲି ମଦ ଭାଟି ରହିଛି। ଯାହାକି ତେଲକୋଇ ଏବଂ ଜଗମୋହନପୁରରେ। ଗ୍ରାମାଞ୍ଚଳ ଓ ଛକ ବଜାରରେ ବିଦେଶୀ, ଦେଶୀ ମଦ ବେଆଇନ କାରବାର ଏତେ ମାତ୍ରାରେ ବୃଦ୍ଧି ପାଇଛି ତାହା କୋମଳମତିଠାରୁ ଆରମ୍ଭ କରି ଯୁବକ ଓ ପ୍ରାପ୍ତବୟସ୍କ ଲୋକେ ସେବନ କରି ଅକାଳରେ ଆଖି ବୁଜୁଛନ୍ତି। ଅନେକ ପରିବାର ମୁରବୀହୀନ ହେବା ସହିତ ମା' ତାର ପୁଅକୁ ହରାଉଛି ତ ଯୁବାବସ୍ଥାରେ ସ୍ତ୍ରୀ ତା'ର ସ୍ୱାମୀକୁ ହରାଉଛି। ଅନ୍ୟପଟେ ଦୁଇ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଉପରେ ପୁଲିସ ପ୍ରଶାସନର ନଜର ପଡୁ ନାହିଁ। ଲୋକେ ମଦ ଦୋକାନରେ ଖୋଲମ୍‌ଖୋଲା ବାର ଭଳି ମଦ ପିଉଛନ୍ତି। ଦିନ ୧୦ ସମୟରୁ ରାତି ଯାଏଁ ସ୍ଥାନୀୟ ଅଞ୍ଚଳ ଓ ରାସ୍ତାରେ ମଦୁଆଙ୍କ ଆଡ୍ଡା ଜମୁଛି। ତେଲକୋଇ ବ୍ଲକର ବିଭିନ୍ନ ଛକ ଓ ଗାଁରେ ମଧ୍ୟ ବିଦେଶୀ ମଦର ଅବାଧ କାରବାର ବୃଦ୍ଧି ପାଇଛି। ଏଥିପ୍ରତି ପୁଲିସ ଆଖିବୁଜି ଦେଇଥିବା ସାଧାରଣରେ ଅଭିଯୋଗ ହୋଇଛି। ବ୍ଲକର ଆକୁଳ, କନ୍ତଲେଇ, ଖୁଣ୍ଟା ପଡ଼ା, ସିରିଗିଡା, ବିମଳା, ପୋଡାଙ୍ଗ, ବେଣାମୁଣ୍ଡା, କାଳିଆ ହତା, ତାଳପଦା, ଶିବନାରାୟଣପୁରଗୋଡା, କରଦାଙ୍ଗୀ ଆଦି ଗ୍ରାମରେ ଦିନ ଦ୍ୱିପ୍ରହରରେ ବିଦେଶୀ ମଦ ବେଆଇନ କାରବାର ଚାଲିଛି। ସଂପୃକ୍ତ ମଦ ମାଫିଆମାନେ କେଉଁଠାରୁ ବିଦେଶୀ ମଦ ଆଣି ବେଆଇନ କାରବାର ଚଳାଇଛନ୍ତି ଏବଂ ପୁଲିସ ଏ ସମ୍ବନ୍ଧରେ କିଭଳି ଜାଣି ପାରୁ ନାହିଁ ତାହା ଏବେ ଜନମାନସରେ ଅସମାହିତ ପ୍ରଶ୍ନ ସୃଷ୍ଟି କରିଛି। ପୁଲିସ ସବୁ ଜାଣି ନଜାଣିବାର ଅଭିନୟ କରୁଥିବା ଅଭିଯୋଗ ହୋଇଛି। ପୁଲିସର ଛତ୍ର ଛାୟା ତଳେ ମଦ ମାଫିଆମାନେ ଏହି କଳା ଧନ୍ଦା ଚଳାଇ ଥିବା କୁହାଯାଉଛି। ଏହି ପାର୍ବଣ ଋତୁରେ ପୁଲିସ ମଦ ମାଫିଆଙ୍କଠାରୁ ମୋଟା ଅଙ୍କର ଚାନ୍ଦା ଆଦାୟ କରି ଏହି ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉ ଥିବା ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ବେଆଇନ ମଦ କାରବାର ବୃଦ୍ଧି ପାଇବା କେଉଁଠି ନା କେଉଁଠି ପ୍ରଶାସନର ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ପଦାରେ ପକାଇଛି। ସେହିପରି ତେଲକୋଇ ଥାନା ଅଧିକାରୀ ତେଲକୋଇ ମୁଖ୍ୟାଳୟରେ ରହୁଥିଲେ ହେଁ ପାଟ୍ରୋଲିଂରେ ବ୍ୟାପକ ଅନିୟମିତତା ଏବଂ ସାଧାରଣ ଜନତାଙ୍କୁ ନ୍ୟାୟ ଦେବାରେ ଫେଲ ମାରିଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# କେନ୍ଦୁଝରରେ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି

ଆନନ୍ଦପୁର, ୨୩।୧୦ (ସମିସ): କେନ୍ଦୁଝର ଜିଲ୍ଲାର ୪୫ ଭାଗରୁ ଅଧିକ ଜନସାଧାରଣ ଜନଜାତି ଶ୍ରେଣୀର। ଦୁର୍ଗମ ଅଞ୍ଚଳରେ ଏବେ ବି ଶିକ୍ଷା ବ୍ୟବସ୍ଥାରେ କୌଣସି ଉନ୍ନତି ଆସିନାହିଁ। ଜନଜାତିମାନଙ୍କ ଉଚ୍ଚଶିକ୍ଷା ପାଇଁ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଅନେକ ଯୁବକଯୁବତୀ ଅର୍ଥ ଅଭାବରୁ ଜିଲ୍ଲା ବାହାରକୁ ଯାଇ ନପାରି ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ସ୍ୱାଧୀନତାର ଦୀର୍ଘ ଦିନ ପରେ ବି ଆଦିବାସୀ ବହୁଳ କେନ୍ଦୁଝର ଜିଲ୍ଲାର ବିକାଶ ଅଟକି ଯାଇଛି। ଜିଲ୍ଲାର ଖଣିଖାଦାନରୁ ସର୍ବାଧିକ ରାଜସ୍ୱ ରାଜକୋଷକୁ ଯାଉଥିବା ବେଳେ ବିଜେପି ସରକାର ଏହି ଅଞ୍ଚଳକୁ ଅବହେଳା କରିଛି। କେନ୍ଦ୍ରରେ କଂଗ୍ରେସ ସରକାର ଥିବା ସମୟରେ କେନ୍ଦୁଝର ଜିଲ୍ଲାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ତ୍ତମାନର ସରକାର ଏହାକୁ ଅଣଦେଖା କରୁଛନ୍ତି ବୋଲି ରାଜ୍ୟ କଂଗ୍ରେସ ପଛୁଆବର୍ଗ ସେଲ୍ ଉପସଭାପତି ସୁବ୍ରତ କୁମାର ଚକ୍ର ଅଭିଯୋଗ କରିଛନ୍ତି। କେନ୍ଦୁଝର ଜିଲ୍ଲାରେ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଗଲେ କେନ୍ଦୁଝର ସମେତ ପଡ଼ୋଶୀ ମୟୂରଭଞ୍ଜ, ଦେବଗଡ଼, ସୁନ୍ଦରଗଡ଼ ଓ ଝାଡ଼ଖଣ୍ଡର ଆଦିବାସୀ ଛାତ୍ରଛାତ୍ରୀ ଏହାର ଲାଭ ଉଠାଇପାରିବେ ବୋଲି ଶ୍ରୀ ଚକ୍ର କହିଛନ୍ତି। କଂଗ୍ରେସ ଆଗାମୀ ଦିନରେ ଏହି ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

# ବିଷ୍ଣୁପ୍ରିୟା ବାଳାଶ୍ରମର ପ୍ରତିଷ୍ଠାତା ପ୍ରେମାନନ୍ଦ ଦାସଙ୍କ ସ୍ମୃତିସଭା



ହାଟଡ଼ିହୀ,୨୩।୧୦(ସମିସ): ବରିଷ୍ଠ ସଂଗଠକ ତଥା ବିଷ୍ଣୁପ୍ରିୟା ବାଳାଶ୍ରମର ପ୍ରତିଷ୍ଠାତା ପ୍ରେମାନନ୍ଦ ଦାସଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ହାଟଡ଼ିହୀ ବ୍ଲକ ମଠଡାହିସ୍ଥିତ ବିଷ୍ଣୁପ୍ରିୟା ବାଳାଶ୍ରମରେ ଅନୁଷ୍ଠିତ ସ୍ମୃତିସଭାରେ ବଉଳା ସାହିତ୍ୟ ସଂସଦର ସମ୍ପାଦକ ସୁରେନ୍ଦ୍ର ପରିଡା, ପୀତାମ୍ବର ପାଢ଼ୀ, ସମିତିସଭ୍ୟ କୈଳାସ ରାଉତ, ଶିକ୍ଷାବିତ ହରିହର ସାମଲ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଦାସ ୧୯୮୫ରେ ମଠଡ଼ାହିରେ ଶିଶୁଯତ୍ନ ଗୃହ ଏବଂ ୧୯୯୯ରେ ବରିଷ୍ଠ ନାଗରିକ ଗୃହ ସ୍ଥାପନ କରି ଅସହାୟ ଶିଶୁ ଓ ବରିଷ୍ଠ ନାଗରିକଙ୍କ ପାଇଁ ଆଲୋକବର୍ତ୍ତିକା ସାଜିଥିଲେ। ପତ୍ନୀ କନକଲତା ଦାସ, ବଡ଼ପୁଅ ମୃଣାଳ ଦାସ, ସାନପୁଅ ଅମ୍ଳାନ ଦାସ ପ୍ରମୁଖ ସ୍ମୃତିସଭାରେ ଉପସ୍ଥିତ ଥିଲେ। ବିଷ୍ଣୁପ୍ରିୟା ବାଳାଶ୍ରମର ପରିଚାଳିକା ସୌମ୍ୟା ମହାନ୍ତି, କାଉନସିଲର ଶର୍ମିଷ୍ଠା ନାୟକ, କରୁଣାକର ଜେନା, ଗୃହପିତା ନନ୍ଦକିଶୋର ପତି, ଗୃହମାତା ସନ୍ଧ୍ୟାରାଣୀ ଦାସ, ପଦ୍ମାବତୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ବାଳାଶ୍ରମର ସମସ୍ତ ଛାତ୍ର ଓ ଜରା ନିବାସ ଅନ୍ତେବାସୀ ଯୋଗ ଦେଇଥିଲେ।

# ତଡୁଆବାହାଲରେ ବାନ୍ଦଣା ପର୍ବ



ନାରଦପୁର, ୨୩।୧୦(ସମିସ): ଚମ୍ପୁଆ ବ୍ଲକ ରିମୁଳି ପଞ୍ଚାୟତ ତଡୁଆବାହାଲ ଫୁଟବଲ ପଡ଼ିଆରେ ସାନ୍ତାଳୀ ସମ୍ପ୍ରଦାୟର ବାନ୍ଦଣା ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ପ୍ରତ୍ୟେକ ବର୍ଷ କାଳୀପୂଜାରେ କରାଯାଏ। ଉକ୍ତ ପଡିଆରେ ଗାଈଗୋରୁଙ୍କୁ ବନ୍ଦାପନା କରିବା ପରେ ଗ୍ରାମର ଝିଅବୋହୂ ପୁରୁଷ ଓ ମହିଳାମାନେ ପାରମ୍ପରିକ ବସ୍ତ୍ର ପରିଧାନ କରି ମାଦଳ, ନାଗରା ତାଳେ ତାଳେ ଗୀତ ଗାଇ ବିଭିନ୍ନ ଢ଼ଙ୍ଗରେ ସାନ୍ତାଳୀ ନୃତ୍ୟ ପରିବେଷଣ କରିଥାଆନ୍ତି। ଆଦିବାସୀଙ୍କ ଏହି ନିଆରା ପରମ୍ପରାକୁ ଦେଖିବା ପାଇଁ ଆଖପାଖରୁ ବହୁ ଲୋକଙ୍କ ଭିଡ଼ ଜମିଥିଲା। କାର୍ଯ୍ୟକ୍ରମକୁ ଅନିଲ ବେସେରା, ବ୍ରହ୍ମାନନ୍ଦ ବେସେରା, ରାଜକିଶୋର ସୋରେନ, ମଙ୍ଗଲ ସୋରେନ, ଅଭିମନ୍ୟୁ ବେସେରା, ବିକ୍ରମ ସୋରେନ, ଉଦୟ ବେସେରା, ପୁତୁଲୁ ମୁଣ୍ଡାଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

# ଗ୍ରାମ୍ୟ କଟାରୁ ବୃଦ୍ଧଙ୍କ ଶବ ଉଦ୍ଧାର



ତେଲକୋଇ, ୨୩।୧୦(ସମିସ): ଗାଁ ନିକଟ ଏକ କଟାରେ ଜଣେ ବୃଦ୍ଧ ବୁଡ଼ି ଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ତେଲକୋଇ ଥାନା ଅନ୍ତର୍ଗତ କରଦାଙ୍ଗି ଗାଁର ହରିହର ରଣସିଂହ(୭୦)। ଗତକାଲି କଟାକୁ ଗାଧୋଇବାକୁ ଯାଇ ହରିହର ଆଉ ଘରକୁ ଫେରି ନଥିଲେ। ପରିବାର ଲୋକେ ଖୋଜାଖୋଜି କରି ପାଇ ନଥିଲେ। ସକାଳୁ କଟାରେ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପୁଲିସ ଶବ ପରିବାର ବର୍ଗଙ୍କୁ ହସ୍ତାନ୍ତର ପୂର୍ବକ ଏକ ଅପମୃତ୍ୟୁ ମାମଲାରେ ତଦନ୍ତ କରୁଥିବା ଜଣାପଡ଼ିଛି।

ଆଦିବାସୀ ଜମି କାରଖାନା ଦଖଲରେ

# ଉଚ୍ଛେଦ ପାଇଁ ନୋଟିସ ଜାରିକଲେ ଉପଜିଲ୍ଲାପାଳ



ଯୋଡ଼ା, ୨୩।୧୦(ସମିସ): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅନ୍ତର୍ଗତ କାରାଖେଣ୍ଡର ପଞ୍ଚାୟତର ଉଲୀବୁରୁଠାରେ ଥିବା ଜଗନ୍ନାଥ ଷ୍ଟିଲ ଆଣ୍ଡ ପାୱାର ଦ୍ୱାରା ଜବରଦଖଲ ଆଦିବାସୀ ଜମିକୁ ଉଚ୍ଛେଦ କରିବା ପାଇଁ ଚମ୍ପୁଆ ଉପଜିଲ୍ଲାପାଳ ନୋଟିସ ଜାରି କରିଥିବା ଜଣାପଡିଛି। ଉକ୍ତ କାରଖାନାଟି ସ୍ଥାନୀୟ ଆଦିବାସୀଙ୍କ ଘରବାଡି ଜମି ଉପରେ ଜୋରଜବରଦସ୍ତ ପ୍ରତିଷ୍ଠା କରାଯାଇଥିଲା। ସମୟକ୍ରମେ ଜାଗା ମାଲିକ ଏହା ବୁଝି ପ୍ରଶାସନର ସହାୟତା ଲୋଡ଼ିଥିଲେ। ଚମ୍ପୁଆ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପକ୍ଷରୁ କେସ୍ ନଂ ୧୪/୨୦୨୩, ସେକ୍ସନ ୩(ଏ) ରେଗୁଲେସନ ୨ର ୧୯୫୬ ଅନୁଯାୟୀ, ଅଭିଯୋଗକାରୀ ଯୁନେଇ ମୁଣ୍ଡା ବନାମ ପ୍ରଶାନ୍ତ ଆହ୍ଲୁୱାଲିଆ କେସ୍‌ର ଶୁଣାଣି କରି ଚିଠି ସଂଖ୍ୟା ୬୦୯୧-୧୭/୧୦/୨୦୨୫ରେ ବଡ଼ବିଲ ତହସିଲଦାରଙ୍କୁ ଜବରଦଖଲ ଜମିର ଉଚ୍ଛେଦ ପ୍ରକ୍ରିୟା ପାଇଁ ଏହି ନୋଟିସ ଜାରି କରିଛନ୍ତି। କାରାଖେଣ୍ଡର ଗାଁର ଶ୍ରୀ ମୁଣ୍ଡାଙ୍କ ଖାତା ନଂ ୪୯, ମୋଟ ୪.୯୨୦ ଏକର ଜମିକୁ ଜଗନ୍ନାଥ ଷ୍ଟିଲ ଆଣ୍ଡ ପାୱାର କମ୍ପାନୀ ଜବର ଦଖଲ କରିଛି। କାରାଖେଣ୍ଡର ଅଞ୍ଚଳର ଅଧିବାସୀ ଯୁବ ସଂଗଠକ ଯାକ୍ରିଏସ କିସପଟା, ଜୁନେଇ ଏବଂ ତାଙ୍କ ପୁଅ କରମ୍ ସିଂ ମୁଣ୍ଡାଙ୍କୁ ନେଇ ନ୍ୟାୟ ପାଇବା ଆଶାରେ ବାରମ୍ବାର ଚମ୍ପୁଆ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏପରିକି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିବା କିସ୍ପଟା କହିଛନ୍ତି। ସମୁଦାୟ ଜବରଦଖଲ ଜମିରେ କାରଖାନା କର୍ତ୍ତୃପକ୍ଷ କାରଖାନା ନିର୍ଗତ ପାଉଁଶ ଗଦା କରି ରଖିଛନ୍ତି। ଏନେଇ ବଡ଼ବିଲ ତହସିଲଦାର ରାକେଶ ପଣ୍ଡା କହିଛନ୍ତି ଯେ ଶେଷ ପର୍ଯ୍ୟାୟରେ ଜମିର ସବିଶେଷ ତଦନ୍ତ ପହଞ୍ଚିଛି। କାର୍ଯ୍ୟାନୁଷ୍ଠାନ ନିଶ୍ଚୟ ଗ୍ରହଣ କରାଯିବ।

# ଓଡ଼ିଆ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ହାଟଡ଼ିହୀ,୨୩।୧୦(ସମିସ): ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଚିତ୍ତରଞ୍ଜନ ରାଉତ ସଭାକାର୍ଯ୍ୟ ପରିଚାଳନା କରିବା ସହ ଯୁକ୍ତ ତିନି ୧ମ ବର୍ଷ ନବାଗତ ଛାତ୍ରଛାତ୍ରୀଙ୍କୁ କଲେଜ ନିୟମ ସମ୍ବନ୍ଧରେ ସଚେତନ କରିଥିଲେ। ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ-ଅଧ୍ୟାପିକା ପୂର୍ଣ୍ଣଚନ୍ଦ୍ର ବେହେରା, ରବୀନ୍ଦ୍ରନାଥ ଜେନା, ଲିପ୍ସା ପ୍ରିୟଦର୍ଶିନୀ ବେହେରା, ସ୍ୱାଗତିକା ନାୟକ, ଅଜୟ ଦାଶ, ବିଶ୍ୱରଞ୍ଜନ ଜେନା, ନୀଲମ ସ୍ୱାଇଁ, ପ୍ରିୟଙ୍କା ମହାନ୍ତି, ଚୁମକିରାଣୀ ନାୟକ, ସରିତା ପଣ୍ଡା, ଜନ୍ମେଞ୍ଜୟ ପ୍ରଧାନ, ଦ୍ୱାରିକା ପ୍ରସାଦ ଦାସ, ଜ୍ୟୋତିରୂପା ମଲ୍ଲିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀ




ବିଭାଗର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଭାଗର ମୁଖ୍ୟ ଚକ୍ରଧର ଦାସ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ଅର୍ଥନୀତି ବିଭାଗର ମୁଖ୍ୟ ଗୌରାଙ୍ଗ ଚରଣ ନାୟକ ଯୋଗଦେଇଥିଲା ବେଳେ ନବାଗତ ଛାତ୍ରଛାତ୍ରୀମାନେ ନିଜର ରିଙ୍କିଶ୍ରୀ ନାୟକ, ସୀମାରାଣୀ ସାହୁ ସୁନ୍ଦର ନୃତ୍ୟ ପ୍ରଦର୍ଶନ କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଜଳଧର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ସହଯୋଗରେ ସଭା ସଂଯୋଜନା କରିଥିଲେ ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ରୀ ଜ୍ୟୋତିର୍ମୟୀ ଜେନା।

# ଶିଶୁ ଶ୍ରମିକ ନିରୋଧ ଜିଲ୍ଲାସ୍ତରୀୟ କର୍ମଶାଳା

କେନ୍ଦୁଝର, ୨୩।୧୦(ସମିସ)



ସିଏସିଏଲ୍ ରାଜ୍ୟ ସହସଂଯୋଜକ ଡା ପ୍ରସନ୍ନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ସଂଯୋଜକ ଡା. ଗୋକୁଳାନନ୍ଦ ଓଝାଙ୍କ ଆହ୍ୱାନକ୍ରମେ ମଣ୍ଡୁଆସ୍ଥିତ ସାଉଁଟି ସମାଜ ଭବନଠାରେ ଶିଶୁ ଶ୍ରମିକ ନିରୋଧ ଅଭିଯାନର ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଭଏସ ଅଫ କେନ୍ଦୁଝର ଅଧକ୍ଷ ଡା. ସଂଜୀବ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ମାନିତ ଅତିଥି କେନ୍ଦୁଝର ବିକାଶ ଟ୍ରଷ୍ଟ ଅଧକ୍ଷ ତଥା କେସ୍ ଫାଉଣ୍ଡର ମେମ୍ବର ଭକ୍ତବତ୍ସଳ ମହାନ୍ତି, କେନ୍ଦୁଝର ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ ସନ୍ତୋଷ ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପ୍ରୋଗ୍ରାମ ଅଫିସର ତୁଳେଶ୍ୱରୀ ପଟେଲ୍, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଣି ଝରଣା ଦାସ ପ୍ରମୁଖ ଲାଇନ୍ ଡିପାର୍ଟମେଣ୍ଟ, ଷ୍ଟେକହୋଲଡର ପଦାଧିକାରୀମାନେ ଯୋଗଦାନ କରିଥିଲେ। କେନ୍ଦୁଝର ସ୍ୱେଚ୍ଛାସେବୀ ସଂଗଠନ ସାମୁଖ୍ୟ କେସ୍‌ର ପ୍ରତିଷ୍ଠାତା ସଦସ୍ୟ ତଥା କସ୍ତୁରୀ ସଂପାଦକ ରବିନ୍ଦ୍ର ମହାରଣା, ଶାନ୍ତି ସଂପାଦକ ପ୍ରଫୁଲ୍ଲ ମହାନ୍ତି, ଭିନ୍ନଦର୍ଶୀ ନିର୍ଦ୍ଦେଶକ ତ୍ରିଲୋଚନ ପଲେଇ, ଆଶା ସଂପାଦକ ବାବୁନ୍ ମହାନ୍ତି, ବିକାଶ ନିକେତନ ସଂପାଦକ ହେମନ୍ତ ଗିରୀ, ଶାନ୍ତି ଯୁବକ ସଂଘ ସଂପାଦକ ଘନଶ୍ୟାମ ମହାନ୍ତ, ଆରଭିଡିଓ ସଂପାଦକ ମନୋଜ ପରିଡା, ଆଇଆରଡିଏ ସଂପାଦକ ଭାଗବତ ନାଏକ, ହେଡା ସଂପାଦକ ଚିତ୍ତରଞ୍ଜନ ଗିରୀ, ବୈତରଣୀ ସଂପାଦକ ପର୍ଶୁରାମ ଜେନା, ବନବାସୀ ଚେତନା ମଣ୍ଡଳ ସଂପାଦକ ବୀରବର ନାଏକ, ଆଇଡିପି ଟିମ୍ ଲିଡର ମୁକ୍ତା ମୁଣ୍ଡାଙ୍କ ଭଳି ଶତାଧିକ ସଂଗଠନ ମୁଖ୍ୟ ବୈଠକରେ ଅଂଶଗ୍ରହଣ କରିଥିଲେ। ଆରଆରଓ ସଂଯୋଜକ ଅଜୟ ସାହୁ, ମନ୍ତ୍ରୀ ନାଏକ, ବଳରାମ ମୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଆଲୋଚନାକ୍ରମେ କେନ୍ଦୁଝର ଜିଲ୍ଲାର ୧୩ଟି ବ୍ଲକର ଏନଜିଓ ପ୍ରତିନିଧି ଏବଂ ଲାଇନ୍ ଡିପାର୍ଟମେଣ୍ଟ ସରକାରୀ ପ୍ରତିନିଧିମାନଙ୍କୁ ନେଇ ଏକ ଟାକ୍ସ ଫୋର୍ସ କମିଟି ଗଠନ କରାଯାଇଛି। ସେହିପରି ୧୯୭୦-୮୦ ଦଶକରେ ବିଶ୍ୱରେ ସର୍ବପ୍ରଥମେ ଶିଶୁ ଅଧିକାର ଉପରେ ଗୁରୁତ୍ୱ ଆରୋପ ହୋଇଥିବାବେଳେ କ୍ରମାଗତ ଭାବେ ଶିଶୁ ଶ୍ରମିକ ଆକ୍ଟ, ଶିଶୁ ଶ୍ରମିକ ନିରୋଧ ଅଭିଯାନ ସତ୍ତ୍ୱେ ଏବେବି କେନ୍ଦୁଝର ଜିଲ୍ଲାରେ ଡ୍ରପ୍ ଆଉଟ୍ ଶିଶୁ ଶ୍ରମିକ ସମସ୍ୟାର ମୁଖ୍ୟ କାରଣ ହୋଇଥିବା ନେଇ ସିଏସିଏଲ ରାଜ୍ୟ ସହସଂଯୋଜକ ଡ ମିଶ୍ର ମତ ବ୍ୟକ୍ତ କରିଥିଲେ। ସାହାରପଡା, ପାଟଣା, ବଂଶପାଳ ଅଞ୍ଚଳରୁ ଶିଶୁ ଶ୍ରମିକ ଭାବେ ଜିଲ୍ଲା ବାହାରେ ନିୟୋଜିତ କିଶୋରୀମାନଙ୍କ ହିସାବ ପ୍ରଶାସନ ରଖୁ ନଥିବା ଏବଂ ଶିଶୁଙ୍କ ଗୁରୁଦାୟିତ୍ୱ ବହନ କରୁଥିବା ସିଡବ୍ଲ୍ୟୁସି. ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ନିରୋଧ ଅଭିଯାନରେ ଅନୁପସ୍ଥିତ ଥିବା ନେଇ ବରିଷ୍ଠ ସାମାଜିକ କର୍ମୀ କେସ୍ ଫାଉଣ୍ଡର ମେମ୍ବର ଭକ୍ତବତ୍ସଳ ମହାନ୍ତି କ୍ଷୋଭ ପ୍ରକାଶ କରିଥିଲେ।

# ଯାଦବ ମହାସଭାର ଗୋବର୍ଦ୍ଧନ ପୂଜା ମହୋତ୍ସବ



କେନ୍ଦୁଝର,୨୩।୧୦(ସମିସ): କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ତଥା କେନ୍ଦୁଝର ଜିଲ୍ଲା ଯାଦବ ମହାସଭାର ଆହ୍ୱାନକ୍ରମେ ଉତ୍କଳୀୟ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଉଜ୍ଜୀବିତ କରିବା ପାଇଁ ସଦର ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଜିତେନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ରାଇକଳା ପରମାନନ୍ଦ ଭାଗବତ ଟୁଙ୍ଗିରେ ଗିରି ଗୋବର୍ଦ୍ଧନ ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଛି। ସର୍ବପ୍ରଥମେ ଭାଗବତ ଦଶମ ସ୍କନ୍ଧ ୨୬ ଅଧ୍ୟାୟ ପାରାୟଣ ପୂର୍ବକ ନନ୍ଦରାଜାଙ୍କ ଦରବାରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବାଳ ଗୋପାଳଙ୍କ ପରାମର୍ଶକ୍ରମେ ଇନ୍ଦ୍ର ପୂଜା ନ କରି ଗିରି ଗୋବର୍ଦ୍ଧନ ପୂଜା କରିବା ପାଇଁ ବୟୋବୃଦ୍ଧ ଯାଦବମାନେ ନିଷ୍ପତ୍ତି ଗ୍ରହଣ କରିଥିଲେ। ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ତଥା ଜିଲ୍ଲା ଯାଦବ ମହାସଭା ଉପଦେଷ୍ଟା ଆଚାର୍ଯ୍ୟ ଦାଶରଥି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗିରି ଗୋବର୍ଦ୍ଧନ ପୂଜା ନିମନ୍ତେ ଗ୍ରାମର ଆବାଳ ବୃଦ୍ଧ ବନିତା, ବିଭିନ୍ନ ବ୍ଲକରୁ ଆସିଥିବା ଯାଦବ ନେତୃବୃନ୍ଦ, ଭାଗବତ ଭକ୍ତ ତଥା ସଂକୀର୍ତ୍ତନ ମଣ୍ଡଳୀର ସମାବେଶରେ ଏକ ବିରାଟ ପଟୁଆର ରାଇକଳା ଗ୍ରାମର ପାହାଡ ଅଭିମୁଖେ ଅଗ୍ରସର ହୋଇଥିଲା। ସମିତି ସମ୍ପାଦକ ପ୍ରାଧ୍ୟାପକ ଜଗନ୍ନାଥ ଜେନା, ଉପସଭାପତି ଯଦୁମଣି ମହାନ୍ତ, ସଦର ବ୍ଲକ ସଭାପତି ପ୍ରସନ୍ନ କୁମାର ଦାସ, ଘଷିପୁରା ବ୍ଲକ ଭାଗବତ ଗାୟକ କାମପାଳ ଓଝା, ହରିଚନ୍ଦନପୁର ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ସଂକୀର୍ତ୍ତନମଣ୍ଡଳୀ, ସରାସ ଭାଗବତ ଟୁଙ୍ଗି ଉପଦେଷ୍ଟା ଆକୁଳି ଚକ୍ର ଯୋଡା ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ତଥା ଜିଲ୍ଲା ଯାଦବ ମହାସଭା ସଂସ୍କୃତି ବିଭାଗ ଜିଲ୍ଲା ସଂଯୋଜକ ଦଶରଥ ବାରିକ, ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ସହକାରୀ ସମ୍ପାଦକ ଅକ୍ଷୟ ଦାସ, ସଂସ୍କୃତି ବିଭାଗ ଉପସଭାପତି ମାର୍କଣ୍ଡ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

## ନହଙ୍ଗି ଗ୍ରାମରେ ଶ୍ୟାମାକାଳୀ ପୂଜା



ଆନନ୍ଦପୁର, ୨୩।୧୦ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତ ନହଙ୍ଗି ଗ୍ରାମରେ ୫୨ ବର୍ଷ ଧରି ଧୁମଧାମରେ ପାଳିତ ହେଉଛି ଶ୍ୟାମାକାଳୀ ପୂଜା। କାଳୀପୂଜା କମିଟି ପକ୍ଷରୁ ମା' ଶ୍ୟାମା କାଳୀ ପୂଜା ବିଧି ପାଇଁ ଆଚାର୍ଯ୍ୟ କୃପାକର ପଣ୍ଡା ମୁଖ୍ୟ କର୍ତ୍ତା ଭାବେ ଦୋଳଗୋବିନ୍ଦ ଭୁୟାଁ ସହଯୋଗୀ ବାବାଜୀ ଭୁୟାଁ, ପ୍ରମୋଦ ରାଉତ, ଲକ୍ଷ୍ମୀଧର ରାଉତ, ସୀତାରାମ ଦେଓ, ବିଜୟ ଧଳ, ମାନସ ମହାରଣା, ପ୍ରଦୀପ ଭୁୟାଁ, ହେମନ୍ତ ସେଠୀ, ପ୍ରଫୁଲ୍ଲ ବେହେରା, କୋଦଣ୍ଡ ରାଉତ, ଶେଷଦେବ ବେହେରା, ଉଦୟନାଥ ସା ପୂଜା ସଙ୍କଳ୍ପରେ ଉପସ୍ଥିତ ଥିଲେ। ପ୍ରତି ସନ୍ଧ୍ୟାରେ ଆକର୍ଷଣୀୟ ତୋରଣ ସାଂଗକୁ ରଙ୍ଗିନ ଆଲୋକରେ ବହୁ ଭକ୍ତ ମା'ଙ୍କ ଦର୍ଶନ କରୁଛନ୍ତି। ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅପେରା ସ୍ୱର୍ଣ୍ଣ ମନ୍ଦିର ୨୮ରୁ ୩୦ ତିନି ଦିନ ଧରି ମଞ୍ଚସ୍ଥ ବ୍ୟବସ୍ଥା କରାଯାଇଛି। ନହଙ୍ଗି ପୂଜା କମିଟି ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ସକାଶେ ରାମଚନ୍ଦ୍ରପୁର ପୁଲିସ ନଜର ରଖିଛି। ଆଖପାଖରୁ ବହୁ ଭକ୍ତ ମା'ଙ୍କ ଆଶିଷ ନେବା ପାଇଁ ଆସୁଛନ୍ତି।

## ସାମ୍ବାଦିକଙ୍କୁ ହତ୍ୟା ଧମକ; ମାମଲା ରୁଜୁ

ବେଲବାହାଲି/ଆନନ୍ଦପୁର, ୨୩।୧୦ (ସମିସ): ବେଆଇନ୍ ମାଟି ଚାଲାଣକୁ ନେଇ ଖବର ପ୍ରକାଶ କରିବାରୁ ସାମ୍ବାଦିକଙ୍କୁ ବିର୍ ବଜାରରେ ଗାଳିଗୁଲଜ ସହ ହତ୍ୟା ଧମକ ଦିଆଯାଇଛି। ଠିକାଦାର ଓ ତାଙ୍କ ସହଯୋଗୀଙ୍କ ନାମରେ ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ କରୁଛି। ଘଟଣା ଘଟିଛି ଘଷିପୁରା ବସଷ୍ଟାଣ୍ଡ ନିକଟରେ। ଅଭିଯୋଗ ଅନୁସାରେ, ବେଲବାହାଲିଠାରୁ ଟୋଲଙ୍କପଡା ଦେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାକାମ ଚାଲିଛି। ଏହି କାମକୁ ଅରୁଣ ଘଡେଇ ନାମକ ଠିକାଦାର କରୁଥିବାବେଳେ ଗତକାଲି ନିକଟସ୍ଥ କୁଶେଇ ନଦୀ ଟୋଲଙ୍କପାଡା ଶ୍ମଶାନ ଘାଟରୁ ବେଆଇନ୍ ଭାବେ ମେସିନ୍ ଲଗାଇ ମାଟି ତାଡି ରାସ୍ତା କାମରେ ଲଗାଉଥିଲେ। ଏହାକୁ ବିରୋଧକରି ଗ୍ରାମବାସୀ ଆନ୍ଦୋଳନ କରିବାସହ ରାସ୍ତାରୋକ ମଧ୍ୟ କରିଥିଲେ। ଗତରାଲିର ଏହି ଘଟଣାକୁ ଆନନ୍ଦପୁର ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି ମନୋଜ କୁମାର ବାରିକ ଖବର ସଂଗ୍ରହ କରି ପ୍ରସାରଣ କରିଥିଲେ। ଏଥିରେ ଆକ୍ରୋଶ ଭାବ ରଖି ଆଜି ମଧ୍ୟାହ୍ନରେ ଘଷିପୁରା ବସଷ୍ଟାଣ୍ଡ ନିକଟରେ ଏକାକି ପାଇ ଉକ୍ତ ସାମ୍ବାଦିକଙ୍କୁ ଠିକାଦାର ଅରୁଣ ଘଡେଇ ଓ ସହଯୋଗୀ ଲକ୍ଷ୍ମୀଧର ସାହୁ ଗାଳିଗୁଲଜ କରିବାସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ମନୋଜ ଘଷିପୁରା ଥାନାରେ ଲିଖିତ ଅଭିଯୋଗ କରିବାରୁ ପୁଲିସ ଉଭୟ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଛି। ଟୋଲଙ୍କପଡା ଗ୍ରାମବାସୀ ଘଟଣାକୁ ଘୋର ନିନ୍ଦା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଘସିପୁରା ବ୍ଲକସ୍ତରୀୟ ଆଥଲେଟିକ୍ ମିଟ



ଆନନ୍ଦପୁର, ୨୩।୧୦ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ମଦନପୁରସ୍ଥିତ ବଂଶୀଧର ସରକାରୀ ଉଚ୍ଚବିଦ୍ୟାଳୟଠାରେ ବ୍ଲକସ୍ତରୀୟ ଆଥଲେଟିକ ମିଟ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରକ୍ଷାକର ଦାସଙ୍କ ସଭାପତିତ୍ୱରେ ଏକ ସଭାରେ ବିଶିଷ୍ଟ ଅତିଥି ଭାବେ ଦରିଦ୍ର ନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ଜେନା, ସମ୍ମାନିତ ଅତିଥି ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ କାର୍ତ୍ତିକଚନ୍ଦ୍ର ଶତପଥୀ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମନୋଜ ପଣ୍ଡା ଯୋଗ ଦେଇଥିଲେ। ଘସିପୁରା ବ୍ଲକର କ୍ରୀଡ଼ା ସମ୍ପାଦକ ବିଜୟ ସାହୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଦ୍ୟାଳୟରୁ କ୍ରୀଡ଼ା ଶିକ୍ଷକ ଓ କ୍ରୀଡ଼ା ପ୍ରତିଯୋଗୀ ଏଥିରେ ସମିଲ ହୋଇଥିଲେ। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଜିଲ୍ଲାସ୍ତରୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିବେ। ବିଦ୍ୟାଳୟର ଶିକ୍ଷକ ଉତ୍ତମ ସାହୁ, ଶରତ ସାହୁ, ଦେବାଲିନ ରାଉତ, ଡଲି ପ୍ରଧାନ, ରାମଚନ୍ଦ୍ର ମୁଣ୍ଡା, କର୍ମଚାରୀ ପ୍ରତିଭା ସାହୁ ଓ ଜୟନ୍ତ କୁଅଁର ସହଯୋଗ କରିଥିଲେ।

## ବିପଦସଂକୁଳ ଅବସ୍ଥାରେ ଟ୍ରାନ୍ସଫର୍ମର



ମହୁଲଡିହା,୨୩।୧୦(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପାଝର ଗ୍ରାମପଞ୍ଚାୟତ ନୂଆଗାଁ-ମୂଳାପାଳ ପ୍ରଧାନମନ୍ତ୍ରୀ ସଡ଼କ କଡ଼ରେ ଥିବା ଟ୍ରାନ୍ସଫର୍ମର ବିପଦସଂକୁଳ ଅବସ୍ଥାରେ ରହିଛି। ଏହି ଟ୍ରାନ୍ସଫର୍ମର ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟକୁ ଲାଗି ରହିଛି। ଟାଟା କମ୍ପାନୀ ଅଧିଗ୍ରହଣ କରିବା ପରେ ସମସ୍ତ ଲାଇନର ଟ୍ରାନ୍ସଫର୍ମର ପରିବର୍ତ୍ତନ ହୋଇଛି; କିନ୍ତୁ ନୂଆଗାଁ ଟ୍ରାନ୍ସଫର୍ମରକୁ ଦୃଷ୍ଟି ଦିଆଯାଉ ନ ଥିବାରୁ ବିପଦସଂକୁଳ ଅବସ୍ଥାରେ ରହିଛି। ହଷ୍ଟେଲରେ ଛାତ୍ରୀ ରହୁଥିବା କାରଣରୁ ସେମାନଙ୍କୁ ବିପଦମୁକ୍ତ ରଖିବାକୁ ଟିପିଏନଓଡିଏଲ ତୁରନ୍ତ ଧ୍ୟାନ ଦେବାକୁ ଦାବି କରାଯାଇଛି।

## ପ୍ରତିଭା ଚୟନ ଆଳରେ ପାତରଅନ୍ତର ଓ ତଞ୍ଚକତା ଅଭିଯୋଗ

# ସ୍କୁଲ ଫାଟକରେ ତାଲା ପକାଇ ରାସ୍ତାରେ ବସିଲେ ଛାତ୍ରଛାତ୍ରୀ

ଭୋଗରାଇ,୨୩।୧୦ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନଳିଆ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ବୁଧବାର ଅନୁଷ୍ଠିତ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମର ପ୍ରତିଭା ଚୟନରେ ପାତରଅନ୍ତର ଓ ତଞ୍ଚକତା ଅଭିଯୋଗକୁ ନେଇ ଗୁରୁବାର ହରିଦାସପୁର କାର୍ତ୍ତିକ ଚନ୍ଦ୍ର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଫାଟକରେ ତାଲା ପକାଇ ରାସ୍ତାରେ ବସିଥିଲେ ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ। ଅନଳିଆ କ୍ଲଷ୍ଟର ଅନ୍ତର୍ଗତ ଉତ୍ତର ଦେଉଳା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟପରିସରରେ କ୍ଲଷ୍ଟରସ୍ତରୀୟସୁରଭି କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଆୟୋଜିତ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ କାର୍ତ୍ତିକଚନ୍ଦ୍ର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଶ୍ରେଷ୍ଠ କଳା ଓ ପ୍ରତିଭା ପ୍ରଦର୍ଶନ କରିଥିଲା ବେଳେ ଉପସ୍ଥିତ ଶହଶହ ଛାତ୍ରଛାତ୍ରୀ, ଅଭିଭାବକ ସମେତ କ୍ଲଷ୍ଟର ଅନ୍ତର୍ଗତ ୧୮ ଟି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମର ବିଚାରକ ମଣ୍ଡଳୀ ମଧ୍ୟ ଏହି ବିଦ୍ୟାଳୟକୁ ସର୍ବାଧିକ ନମ୍ବର ଦେଇଥିବା ଅଭିଯୋଗ ଜୋର୍ ଧରିଥିଲା। ମାତ୍ର ସିଆରସିସି ଉତ୍ତର ଦେଉଳା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଅନ୍ୟ କ୍ଲଷ୍ଟର ଅନ୍ତର୍ଗତ ଏକ ବିଦ୍ୟାଳୟରେ ଡେପୁଟେସନରେ ଥିବା ଜନୈକ କଳା ଶିକ୍ଷକ ମିଳିତ ଭାବେ ତଞ୍ଚକତା କରି ଥିବାର ଅଭିଯୋଗ ହୋଇଥିଲା । ଏପରିକି କୌଣସି କାରଣ ନ ଦର୍ଶାଇ କାର୍ତ୍ତିକ ଚନ୍ଦ୍ର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ କ୍ୟାନସେଲ କରିଦେଇ ଉତ୍ତର ଦେଉଳା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପ୍ରଥମ ସ୍ଥାନରେ ପୁରସ୍କୃତ କରିଥିଲେ। ଏହାକୁ ନେଇ କାର୍ଯ୍ୟକ୍ରମ ସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ତଞ୍ଚକତାପୂର୍ଣ୍ଣ କାର୍ଯ୍ୟକୁ ବିରୋଧ କରିବା ସହ ନ୍ୟାୟ ଦାବିରେ ଗୁରୁବାର କାର୍ତ୍ତିକ ଚନ୍ଦ୍ର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ରାସ୍ତାରେ ଧାରଣାରେ ବସିଥିଲେ। ଏହି ବିକ୍ଷୋଭ ଯୋଗୁଁ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟକୁ ପ୍ରବେଶ କରିପାରିନଥିଲେ। ଏହି ଅଭିଯୋଗ ନେଇ ମଧ୍ୟାହ୍ନରେ କାର୍ତ୍ତିକ ଚନ୍ଦ୍ର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ମହାନ୍ତି, ସହକାରୀ ଶିକ୍ଷକ ରଞ୍ଜନ କୁମାର ଗିରି, ଅନଳିଆ କ୍ଲଷ୍ଟର ସିଆରସିସିମା ଦିଲ୍ଲୀପ କୁମାର ଦତ୍ତଙ୍କ ସମେତ ବିଆରସିସି ଜ୍ୟୋତ୍ସ୍ନା ରାଣୀ ପଣ୍ଡା, ପୂର୍ବତନ ସିଆରସିସି ତଥା ବରିଷ୍ଠ ଶିକ୍ଷକ ଅଶୋକ କୁମାର ସାହୁ ଏବଂ ଅନ୍ୟ କିଛି ଭଦ୍ରବ୍ୟକ୍ତିଙ୍କୁ ନେଇ ବିଇଓ ନିହାର ରଂଜନ ଦାସ ନିଜ କାର୍ଯ୍ୟାଳୟରେ ଏକ ଆଲୋଚନା ବୈଠକ କରିଥିଲେ। ସମସ୍ତ ବିଷୟ ଅବଗତ ହେବା ପରେ ଗୁରୁବାର ଅନୁଷ୍ଠିତ ହେବାକୁ ଥିବା ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ କାର୍ତ୍ତିକଚନ୍ଦ୍ର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଅଂଶଗ୍ରହଣ କରିବା ଲାଗି ସ୍ୱତନ୍ତ୍ର ଅନୁମତି ପ୍ରଦାନ କରାଯାଇଥିବାର ସୂଚନା ମିଳିଛି। ସମୁଦାୟ ୨୫ କ୍ଲଷ୍ଟର ମଧ୍ୟରୁ ଅନଳିଆ କ୍ଲଷ୍ଟର ବ୍ୟତୀତ ଅନ୍ୟ ୨୪ ଟି କ୍ଲଷ୍ଟରରୁ ମନୋନୀତ ୨୪ ଟି ସାଂସ୍କୃତିକ ଦଳ ପ୍ରଥମେ ସେମାନଙ୍କ କାର୍ଯ୍ୟକ୍ରମ ପ୍ରଦର୍ଶିତ କରିବେ। ପରେ ଅନଳିଆ କ୍ଲଷ୍ଟରରୁ ମନୋନୀତ ଉତ୍ତର ଦେଉଳା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ମନୋନୟନରୁ ବାଦ ପଡିଥିବା ହରିଦାସପୁର କାର୍ତ୍ତିକ ଚନ୍ଦ୍ର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ହେବ। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାଳୟକୁ ଅନ୍ୟ ୨୪ଟି କ୍ଲଷ୍ଟରର ସାଂସ୍କୃତିକ ଦଳର ପ୍ରତିଯୋଗୀତା ମଧ୍ୟରେ ସ୍ଥାନ ଦିଆଯିବ ବୋଲି ବିଇଓ ଶ୍ରୀ ଦାସ ନିଷ୍ପତ୍ତି ଜଣାଇବା ସହ ଫୋନ୍ ମାଧ୍ୟମରେ ଆନ୍ଦୋଳନରତ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜଗନ୍ନାଥ ମାଝୀ, ସଦସ୍ୟ ନିମାଇଁ ଚରଣ ମହାନ୍ତି, ଯୁଗଳ କିଶୋର ଦାସ, ସୁଶାନ୍ତ ପାତ୍ର, ସବିତା ଦାସ ପ୍ରମୁଖଙ୍କ ସମେତ ବହୁ ଅଭିଭାବକ ଓ ସମସ୍ତ ଛାତ୍ରଛାତ୍ରୀ ଧାରଣାରେ ସାମିଲ ହୋଇଥିଲେ।

## ମହିଳାଙ୍କ ଅଧିକାର ଓ ବିକାଶ ସମ୍ପର୍କିତ ସଚେତନତା



କେନ୍ଦୁଝର,୨୩।୧୦(ସମିସ): ମହିଳା ଅଧିକାର, ସୁରକ୍ଷା ବିକାଶ ଓ ପଞ୍ଚାୟତ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡ଼ିଶା ଜୀବିକା ମିଶନ ବ୍ଲକସ୍ତରୀୟ ଅଧିକାରୀ ସରୋଜ କୁମାର ପାଣି ଏବଂ ବିକ୍ରମ କେଶରୀ ଦାଶ, ପିସିଆଇରୁ କାର୍ଯ୍ୟରତ ଥିବା ଜିଲ୍ଲା ସଂଯୋଜିକା ରଶ୍ମିରେଖା ସାହୁ, ଜେଣ୍ଡର ସିଆରପି/ପ୍ରେରଣା ଦିଦିମାନେ ସଚେତନତାକୁ ତ୍ୱରାନ୍ୱିତ କରିବା ପାଇଁ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କେନ୍ଦୁଝର ଟାଉନ ପୁଲିସ ଥାନା ପରିଦର୍ଶନ କରି ଥାନାଧିକାରୀ ଶ୍ରୀକାନ୍ତ ସାହୁ ଓ ଏସଆଇ ପୁନମ ସେଠୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମହିଳା ଏବଂ ଶିଶୁଙ୍କ ପାଇଁ ପୁଲିସ ପକ୍ଷରୁ ସମସ୍ତ ଆଇନଗତ ସୁରକ୍ଷା ସମ୍ପର୍କରେ ଅବଗତ କରାଯାଇଥିଲା। ମହିଳା ଓ ଶିଶୁଙ୍କ ପାଇଁ ଥିବା ସ୍ୱତନ୍ତ୍ର ମହିଳା ଶିଶୁ ଡେସ୍କ ବିଷୟରେ ମଧ୍ୟ ସମସ୍ତ ଭାଗୀଦାରି ଅବଗତ ହୋଇଥିଲେ।

● ଶ୍ରୀ ଜଗନ୍ନାଥ ବସ ଚଳାଚଳ ଦାବି

## ଜଙ୍ଗଲ ପାର ହୋଇ ଯିବାକୁ ପଡୁଛି ରେଳ ଷ୍ଟେସନ

ମୋରଡ଼ା, ୨୩।୧୦(ସମିସ): ଶୁଳିଆପଦା, ମୋରଡ଼ା ଓ ରାସଗୋବିନ୍ଦପୁରର ଅଧିକାଂଶ ଲୋକ ରାଜଧାନୀ ଭୁବନେଶ୍ୱର ଓ କଟକରେ ବସବାସ କରୁଛନ୍ତି। ଏହି ୩ଟିଯାକ ବ୍ଲକରେ ସମୁଦାୟ ୫୨ଟି ପଞ୍ଚାୟତ ଥିବାବେଳେ ପାଖାପାଖି ୩ଲକ୍ଷ ଲୋକ ବସବାସ କରୁଛନ୍ତି। ତେଣୁ ଏହି ୩ଟିଯାକ ବ୍ଲକ ଦେଇ ଶ୍ରୀଜଗନ୍ନାଥ ବସ୍ ଚଳାଚଳ କରିବାକୁ ଦାବି ହେଉଛି। ଏଠାରୁ ରାଜଧାନୀ ଯିବା ଆସିବା ପାଇଁ ହାଇରାଣ ହେଉଥିବା ବେଳେ କଟକ



ମେଡିକାଲ ସୁବିଧା ପାଇବାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ଶୁଳିଆପଦାର ଦେଉଳିଠାରୁ ଭୁବନେଶ୍ୱରକୁ ଏକ ସରକାରୀ ବସ ସେବା ଯୋଗାଇବା ପାଇଁ ଦୀର୍ଘଦିନ ହେଲା ଲୋକେ ଦାବି କରି ଆସୁଥିଲେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି। ତେଣୁ ଶ୍ରୀ ଜଗନ୍ନାଥ ବସ ସେବା ଯୋଗାଇବା ପାଇଁ ମୋରଡ଼ା ଯୁବ କଂଗ୍ରେସ ସଭାପତି ତାପସ ରଞ୍ଜନ ରାଉତ ଦାବି କରିଛନ୍ତି। ଏଠାରୁ ବସ୍‌ସେବା ରାଜଧାନୀକୁ ନ ଥିବାରୁ ଲୋକେ ବାଧ୍ୟହୋଇ ଜଙ୍ଗଲ ପାରକରି ବେତନଟୀ, କେସିପୁର ଓ ଜାମବଣି ରେଳ ଷ୍ଟେସନକୁ ଯାଉଛନ୍ତି। ଏଣୁ ଶୁଳିଆପଦାରୁ ଚିତ୍ରଡା ଦେଇ ଦାନ୍ତିଆମୁହାଁ ଜାତୀୟ ରାଜପଥ କିମ୍ବା ଶୁଳିଆପଦାରୁ ବାହାରି ଚିତ୍ରଡା ଶୀର୍ଷାପାଳ ଛକ ହୋଇ ରାସଗୋବିନ୍ଦପୁର ବ୍ଲକ ଦେଇ କଲିକତା-ମୁମ୍ବାଇ ଜାତୀୟ ରାଜପଥରେ ଶ୍ରୀ ଜଗନ୍ନାଥ ବସସେବା ଯୋଗାଇ ଦେଲେ ଲୋକେ ଉପକୃତ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ସୋର ଉପକାରାଗାରରୁ କଏଦୀ ଫେରାର ଘଟଣାର ତଦନ୍ତ କଲେ ଏଡିଜି

ସୋର, ୨୩।୧୦(ସମିସ): ସୋର ଉପକାରାଗାରରୁ ଜଣେ କଏଦୀ ଫେରାର ହେବା ଘଟଣାରେ ଏଡିଜି ଅମିତାଭ ଠାକୁର ତଦନ୍ତ କରି ଫେରିଥିବା ଜଣାପଡିଛି। ଏକ ଚୋରି ଘଟଣାରେ ସିମୁଳିଆ ପୁଲିସ ଦ୍ୱାରା ଗିରଫ ହୋଇ ସୋର ଜେଲରେ ରହୁଥିବା ଝାଡଖଣ୍ଡ ଅଞ୍ଚଳର କଏଦୀ ଦୀପକ ରାୟ ଜେଲ ପାଚେରୀ ଡେଇଁ ଫେରାର ହୋଇଯାଇଥିଲା। ଏ ବାବଦରେ ଦୁଇ ଜଣ ୱାର୍ଡେନଙ୍କୁ ଡିଜି ନିଲମ୍ବନ କରିଛନ୍ତି। ସନ୍ଧ୍ୟାରେ ଏଡିଜି ଅମିତାଭ ଠାକୁର, ବାରିପଦା ଜେଲର ସର୍କଲ ସୁପରିଟେଣ୍ଡେଣ୍ଟ ଉପକାରାଗାରରେ ପହଞ୍ଚି ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଡିଜି ଶ୍ରୀ ଠାକୁର ଜେଲରେ ପହଞ୍ଚି କଏଦୀ ଜଣଙ୍କ ଯେଉଁ ଠାରେ ପାଚେରୀ ଡେଇଁ ଫେରାର ହୋଇଯାଇଥିଲା ସେହି ସ୍ଥାନ ପରିଦର୍ଶନ କରିଥିଲେ। ପରେ ଜେଲରଙ୍କ ସହିତ ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିଥିଲେ। ଜେଲରେ କର୍ମଚାରୀ ଅଭାବ ବାବଦରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ଡିଜି ସାରଙ୍କ ସହ କଥା ହୋଇ ପଦକ୍ଷେପ ନେବା ସହିତ ଫେରାର କଏଦୀଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ସୂଚନା ଦେଇଛନ୍ତି।

## ଦୁଇ ବାଇକ ମୁହାଁମୁହିଁ ଧକ୍କା; ଜଣେ ଗୁରୁତର

ଠାକୁରମୁଣ୍ଡା,୨୩।୧୦(ସମିସ): ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର କଣ୍ଟାମଲ୍ଲି ନାଳ ପୋଲ ନିକଟରେ ଗୁରବାର ସନ୍ଧ୍ୟାରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଜଣେ ଗୁରୁରତ ହୋଇଛନ୍ତି। ରୁତର ବାଇକ ଚାଳକ ଜଣକ ହେଉଛନ୍ତି ତରାମରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡକେଇପାଳ ଗ୍ରାମର ଧନେଶ୍ୱର ନାଏକଙ୍କ ପୁଅ ଗୌତମ। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଗୌତମ ଓ ବ୍ରଜମୋହନ ଏକ ବାଇକ ଯୋଗେ ଠାକୁରମୁଣ୍ଡା ଆସୁଥିବା ବେଳେ ଠାକୁରମୁଣ୍ଡାରୁ ବୁଲେଟ ଯୋଗେ ଯାଉଥିବା ରିତିକ ରାମ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଗୌତମଙ୍କ ମୁହଁ, ଛାତିରେ ଶକ୍ତ ଆଘାତ ଲାଗିଥିବାବେଳେ ବାମ ଗୋଡ ଭାଙ୍ଗିଯାଇଛି।

● ବର୍ଜ୍ୟବସ୍ତୁ ପରିଚାଳନା ନେଇ ଡାକ୍ତରଖାନାରେ ଅଚଳାବସ୍ଥା

## ଶୀଘ୍ର ଉଠା ନଗଲେ କଂଗ୍ରେସର ଆନ୍ଦୋଳନ

କରଞ୍ଜିଆ, ୨୩।୧୦(ସମିସ): କରଞ୍ଜିଆ ଉପଖଣ୍ଡ ସରକାରୀ ଡାକ୍ତରଖାନାର ବର୍ଜ୍ୟବସ୍ତୁ ପରିଚାଳନା ନେଇ ଅଭାବନୀୟ ପରିସ୍ଥିତି ଦେଖାଦେଇଛି। ଡାକ୍ତରଖାନାର ସଫା କରାଯାଉଥିବା ବର୍ଜ୍ୟବସ୍ତୁ ଡାକ୍ତରଖାନା ପରିସରରୁ ଉଠାନଯିବା ଫଳରେ କୁଢ଼ କୁଢ଼ ମଇଳା, ଆବର୍ଜନା ଡାକ୍ତରଖାନା ପରିସରରେ ପଡ଼ିରହିଛି। ଫଳରେ ଡାକ୍ତରଖାନା ପରିବେଶ ଦୂଷିତ ହୋଇଛି। ବର୍ଜ୍ୟବସ୍ତୁ ଗୁଡିକ ପାଚିଯାଇ ଉକ୍ରଟ ଗନ୍ଧ ହେଉଥିବାରୁ ଡାକ୍ତର ମାନେ ମଧ୍ୟ ଆସିବାକୁ ଭୟ କରୁଛନ୍ତି ଛରୋଗୀ ମାନେ ଭଲ ହେବା ବଦଳରେ ଆହୁରି ରୋଗଗ୍ରସ୍ତ ହେବେ ବୋଲି ଡାକ୍ତରଖାନାକୁ ଆସିବାକୁ ରାଜି ହେଉନାହାନ୍ତି। ଡାକ୍ତରଖାନା ପରିଚାଳନା ପକ୍ଷରୁ ଜଣାପଡିଛି ଯେ, ଡାକ୍ତରଖାନାର ବର୍ଜ୍ୟବସ୍ତୁ ସଫା ସୁତୁରା କରିବା ପାଇଁ ସ୍ୱତନ୍ତ୍ର ସଫେଇ କର୍ମଚାରୀ ଅଛନ୍ତି; କିନ୍ତୁ ତାହା ହେଉନାହିଁ। ବର୍ତ୍ତମାନ ଏନଏସି ଆଉ ଡାକ୍ତରଖାନା ପରିସରରୁ ଉଠାଉନାହିଁ। ଏଣୁ ଏଭଳି ଅଭାବନୀୟ ପରିସ୍ଥିତି ଦେଖାଦେଇଛି। ଡମ୍ପିଙ୍ଗ ୟାଡର୍‌ରେ ସ୍ଥାନ ନଥିବାରୁ ସେଠାରେ ବାର୍ଜ୍ୟବସ୍ତୁ ପକାଯାଉନାହିଁ। ଜିଲ୍ଲା ପ୍ରଶାସନ ଜମି ଯୋଗାଇଲେ ନୂଆ ଡମ୍ପିଙ୍ଗ ୟାଡର୍ ନିର୍ମାଣ କରାଯିବ। ଜିଲ୍ଲା ପ୍ରଶାସନ ସହଯୋଗ କଲେ ତୁରନ୍ତ ଏହାର ସମାଧାନ ହେବ ବୋଲି ଏନଏସି ପକ୍ଷରୁ କୁହାଯାଇଛି। ଦୀର୍ଘଦିନ ଧରି ଶିଶୁ ଓ ମହିଳା ୱାର୍ଡ ନିକଟରେ ପଡିରହିଥିବା ବର୍ଜ୍ୟବସ୍ତୁକୁ ତୁରନ୍ତ ଉଠା ନଗଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

## ବୈଶିଙ୍ଗା ବଜାର କମିଟି ପକ୍ଷରୁ କାଳୀପୂଜା



ବୈଶିଙ୍ଗା,୨୩।୧୦(ସମିସ): ବୈଶିଙ୍ଗା ଅଞ୍ଚଳର ଏକାଧିକ ସ୍ଥାନରେ ଚାଲିଛି ଗଣପର୍ବ କାଳୀପୂଜା। ଆଖପାଖ ଏକାଧିକ ମଣ୍ଡପରେ ଚଳିତ ବର୍ଷ ଶତାଧିକ ଭକ୍ତଙ୍କ ସମାଗମରେ ମଣ୍ଡପରେ ପୂଜା ପାଉଛନ୍ତି ମା' ଶ୍ୟାମାକାଳୀ। ତେବେ ବୈଶିଙ୍ଗା ବଜାର ଭିତରେ ବଜାର କମିଟି ପକ୍ଷରୁ ୬୬ତମ ସର୍ବପୁରାତନ କାଳୀପୂଜା ଉତ୍ସବ ଚଳିତ ବର୍ଷ ବେସ ଧୂମଧାମରେ ପାଳିତ ହୋଇଛି। ସଭାପତି ଉମାକାନ୍ତ ପଣ୍ଡା ଏବଂ ସମ୍ପାଦକ ସତ୍ୟନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ତଥା ବୈଶିଙ୍ଗା ବଜାର କମିଟିର ପ୍ରତ୍ୟକ ସଦସ୍ୟଙ୍କ ପ୍ରତ୍ୟକ୍ଷ ସହଯୋଗରେ ପୂଜା କାର୍ଯ୍ୟ ସମ୍ପୁର୍ଣ୍ଣ ହୋଇଥିବା ବେଳେ ପୂଜା ମଣ୍ଡପରେ ଜମିଥିଲା ଭକ୍ତଙ୍କର ଭିଡ଼। ସୁନ୍ଦର ସାଜସଜ୍ଜା ଓ ବହୁ ଆଡମ୍ବରରେ ପାଳିତ ହେଉଛି ଏବର୍ଷର ଗଣପର୍ବ କାଳୀପୂଜା। ଚତୁର୍ଦ୍ଦଶୀରେ ଲକ୍ଷ୍ମୀନାରାୟଣ ପୂଜା ପାଇଥିବା ବେଳେ ଅମାବାସ୍ୟାରେ ଶ୍ୟମାକାଳୀ ପୂଜା ପାଇଛନ୍ତି। ସୁନ୍ଦର ତୋରଣ ସାଙ୍ଗକୁ ଆକର୍ଷଣୀୟ ମୂର୍ତ୍ତି ଭକ୍ତଙ୍କ ମନମୋହିଛି। ଗତ ୩ଦିନ ଧରି କମିଟି ପକ୍ଷରୁ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

# ଓଡ଼ିଶା କୁଡୁମୀ ସେନା ପକ୍ଷରୁ ବାନ୍ଦଣା ପରବ୍



ସାରସକଣା,୨୩।୧୦(ସମିସ): ସାରସକଣା ବ୍ଲକରେ ଓଡ଼ିଶା କୁଡୁମୀ ସେନା ତରଫରୁ ଘଣ୍ଟିଆବୁଡା ଗ୍ରାମରେ ଆଦିମ ଜନଜାତି କୁଡୁମୀ ସମ୍ପ୍ରଦାୟର ମହାନ୍ ଗଣପର୍ବ ବାନ୍ଦଣା ପରବ୍-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ମୁଖ୍ୟ ବକ୍ତା ଭାବେ ଝାଡଖଣ୍ଡ ରାଜ୍ୟର ଯୁବ ସେନ୍ ସନ୍ କ୍ରାନ୍ତିକାରୀ ଯୁବ ସଂଗଠକ ଅମିତ୍ କୁମାର ମାହାତୋ, ସମ୍ମାନିତ ଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ, ପୂର୍ବତନ ସାଂସଦ ଇଁ . ରାମଚନ୍ଦ୍ର ହାଁସଦା, ଓଡ଼ିଶା କୁଡୁମୀ ସେନା ରାଜ୍ୟ ସଭାପତି ଦିବ୍ୟ ସିଂହ ମହାନ୍ତ, ଆଡଭୋକେଟ ବସନ୍ତ କୁମାର ମହାନ୍ତ, ଅବନୀ ମହାନ୍ତ, ଦୁର୍ଗାଚରଣ ମହାନ୍ତ, ମମତା ମହାନ୍ତ, ପୂର୍ଣ୍ଣିମା ମହାନ୍ତ, ଅଶେଷ କୁମାର ମହାନ୍ତ, ରବିନ୍ଦ୍ର ମହାନ୍ତ ଝାଡଖଣ୍ଡ ରାଜ୍ୟର ଯୁବ ସଂଗଠକ ସୁମିତ କୁମାର ମାହାତୋ, ମନିକ୍ ଲାଲ୍ ମାହାତୋ, ସାରସକଣା ବ୍ଲକ ସଭାପତି ମାନସ ମହାନ୍ତ, ହିରାଲାଲ୍ ମହାନ୍ତ, ମନୋଜ ମହାନ୍ତ ପ୍ରମୁଖ ଯୋଗଦେଇ କୁଡୁମୀ ଜାତିର ମହାନ୍ ସଂସ୍କୃତି, ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ଓଡ଼ିଶା କୁଡୁମୀ ସେନା ରାଜ୍ୟ ସଭାପତି ଦିବ୍ୟସିଂହ ମହାନ୍ତ ବମ୍ବେଛକ ଠାରେ ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ଚୁହାଡ ବିଦ୍ରୋହର ମହାନ୍ ଜନ ନାୟକ ଶହୀଦ ରଘୁନାଥ ମାହାତୋଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ଏବଂ କୁଡୁମାଲି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଛେଦରେ ସାମିଲ୍ କରିବା ପାଇଁ ଓଡ଼ିଶା ବିଧାନ ସଭାରେ ଦାବି ଉପସ୍ଥାନ କରିବା ପାଇଁ ବାଙ୍ଗିରିପୋଷି ବିଧାୟିକା ସଞ୍ଜଳୀ ମୁର୍ମୁଙ୍କୁ ନିବେଦନ କରିଛନ୍ତି। ମନୋଜ ମହାନ୍ତ ମଞ୍ଚ ପରିଚାଳନା ଓ ଓଡ଼ିଶା କୁଡୁମୀ ସେନା ରାଜ୍ୟ ସମ୍ପାଦକ ଦୁର୍ଗା ଚରଣ ମହାନ୍ତ ଧନ୍ୟବାଦ୍ ଦେଇଥିଲେ। ଏହି ଅବସରରେ ଝୁମର ପରିବେଷଣ ହୋଇଥିଲା।

## ଦରବାରପୁରରେ ଦିନିକିଆ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ



ମାଣତ୍ରୀ, ୨୩।୧୦(ସମିସ): ବଡ଼ସାହି ବ୍ଲକ ମାନଗୋବିନ୍ଦପୁର ପଞ୍ଚାୟତ ଦରବାରପୁର ଗ୍ରାମ ସିନ୍ଦୂର ଗୌରା ୟୁଥ୍ କ୍ଲବ ପକ୍ଷରୁ ୨୪ତମ ଦିନିକିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଶ୍ରୀରାମ ଓ ଭୁରୁଡୁବଣି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟ୍ରାଇବେକରେ ଶ୍ରୀରାମପୁର ଭୁରୁଡୁବଣିକୁ ୨-୦ରେ ପରାସ୍ତ କରି ପ୍ରଥମ ପୁରସ୍କାର ବିଜେତା ହୋଇଥିଲା। ଏଥିର ପୁରସ୍କାର ପ୍ରଦାନ ମଞ୍ଚରେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ବଡ଼ସାହି ବ୍ଲକ ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ, ମାନଗୋବିନ୍ଦପୁର ପଞ୍ଚାୟତ ସମିତି ସଭ୍ୟ ରାକେଶ ମହାପାତ୍ର ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ସମ୍ମାନି ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଦୀପକ ସାହୁ ଅଜିତ କୁମାର ବାରିକ ଯୋଗଦେଇ ବିଜେତା ଦୁଇ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବ ସଭାପତି ଟୁଟୁ ସିଂ, ତପନ ମହାନ୍ତ, ମିଟୁ ସିଂ, ହିମାଂଶୁ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।



## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ, ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଉପଯୁକ୍ତ ନିର୍ଣ୍ଣୟ ନେବେ।

**ମୀନ:** ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୭୭୫- ଭାରତର ଶେଷ ମୋଗଲ ଶାସକ ବାହାଦୁର ଶାହ ଜାଫରଙ୍କ ଜନ୍ମ।
- ୧୯୧୪- ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀ ସେହଗଲଙ୍କ ଜନ୍ମ।
- ୧୯୪୫- ମିଳିତ ଜାତିସଂଘର ସ୍ଥାପନା।
- ୧୯୮୪- ଭାରତରେ ପ୍ରଥମେ ମେଟ୍ରୋ ରେଳ ସେବା ଆରମ୍ଭ ହେଲା।
- ୨୦୧୭- ପ୍ରସିଦ୍ଧ ଠୁମ୍‌ରୀ ଗାୟିକା ଗିରିଜା ଦେବୀଙ୍କ ପରଲୋକ।

## ବିଶ୍ୱ ପୋଲିଓ ଦିବସ

ଆଜି ବିଶ୍ୱ ପୋଲିଓ ଦିବସ। ପ୍ରତିବର୍ଷ ଅକ୍ଟୋବର ମାସ ୨୪ ତାରିଖକୁ ବିଶ୍ୱ ପୋଲିଓ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଦିନ ପୋଲିଓ ଟିକାର ଗୁରୁତ୍ୱ ବିଷୟରେ ଲୋକଙ୍କୁ ସଚେତନ କରାଯାଏ। ପୋଲିଓ ବିରୁଦ୍ଧରେ ପ୍ରଥମ ଟିକା ପ୍ରସ୍ତୁତ କରିଥିବା ଜୋନାସ୍ ସାଲ୍‌କଙ୍କ ସ୍ମୃତିରେ ତାଙ୍କ ଜନ୍ମଦିନ ୨୪ ଅକ୍ଟୋବରକୁ ରୋଟାରୀ ଇଣ୍ଟରନ୍ୟାସନାଲ୍ ଦ୍ୱାରା ବିଶ୍ୱ ପୋଲିଓ ଦିବସ ଭାବେ ପାଳନ କରାଯାଇ ଆସୁଛି। ଏକଦା ପୋଲିଓ ଏକ ମହାମାରୀ ଭାବେ ବ୍ୟାପି ଥିଲା। ପୋଲିଓରେ ଜଣେ ସଂକ୍ରମିତ ହେଲେ ପକ୍ଷାଘାତ ଭଳି ସମସ୍ୟା ହୋଇପାରେ, ଫଳରେ ଜଣେ ବ୍ୟକ୍ତି ଚିରକାଳ ଭିନ୍ନକ୍ଷମ ହୋଇଯାଏ। ଏହା ପ୍ରାୟତଃ ୫ ବର୍ଷରୁ କମ୍ ପିଲାମାନଙ୍କ କ୍ଷେତ୍ରରେ ଦେଖାଯାଏ। ଏହା ଏକ ଭୂତାଣୁଜନିତ ରୋଗ, ଯାହା ଦୂଷିତ ଖାଦ୍ୟ ଏବଂ ଜଳ ଦ୍ୱାରା ବ୍ୟାପିଥାଏ। ଏହାକୁ ନିୟନ୍ତ୍ରଣ କରିବାକୁ ଟିକା ଅଭିଯାନ ଆରମ୍ଭ ହୋଇଥିଲା। ୧୯୫୫ରେ ପ୍ରଥମ ଥର ପାଇଁ ପୋଲିଓ ଟିକା ବାହାର କରାଯାଇଥିଲା। ଟିକା ଯୋଗୁଁ ଏହାକୁ ନିୟନ୍ତ୍ରଣ କରାଯାଇ ପାରିଥିଲା। ୧୯୮୦ରେ ପ୍ରଥମ ଥର ପାଇଁ ପୋଲିଓରେ ସର୍ବାଧିକ ମାମଲା ଦେଖାଯାଇଥିଲା। ଏହି ସମୟରେ ସାରା ବିଶ୍ୱର ଏକ ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁ ପୋଲିଓରେ ଆକ୍ରାନ୍ତ ହୋଇଥିଲେ। ଏହାପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପୋଲିଓ ଟିକାକରଣ ଆରମ୍ଭ ହୋଇଥିଲା। ଏଥିରେ ପାଞ୍ଚବର୍ଷରୁ କମ୍ ବୟସର ଶିଶୁଙ୍କୁ ପୋଲିଓ ଟିକା ଦିଆଗଲା। ପୋଲିଓ କବଳରୁ ଶିଶୁଙ୍କୁ ରକ୍ଷା କରିବା ପାଇଁ ପୋଲିଓ ଟିକା ଦିଆଯାଏ। ଦୁଇ ପ୍ରକାର ପୋଲିଓ ଟିକା ରହିଛି। ଓପିଭି ଓ ଆଇପିଭି। ଓପିଭି ପିଲାଙ୍କ ପାଟିରେ ଦିଆଯାଏ। ପିଲାଟି ଜନ୍ମ ହେବାର ୬, ୧୦ ଓ ୧୩୪ ସପ୍ତାହରେ ଏହାର ତିନୋଟି ଡୋଜ ଦିଆଯାଏ। ୧୬-୨୪ ମାସରେ ଗୋଟିଏ ବୁଷ୍ଟର୍ ଡୋଜ୍ ଦିଆଯାଏ। ଆଇପିଭି ଇଞ୍ଜେକ୍ସନ ମାଧ୍ୟମରେ ଦିଆଯାଏ। ୬ରୁ ୧୪ ସପ୍ତାହ ବୟସରେ ପିଲାଙ୍କୁ ଦିଆଯାଇଥାଏ। ଡାହାଣ ହାତ ବାହୁ ଇଣ୍ଟ୍ରାଡର୍ମାଲ ରୁଟରେ ଏହି ଟିକା ଦିଆଯାଏ। ଆଶା, ଅଙ୍ଗନବାଡି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥାନ୍ତି। ଏବେ ବି ପିଲାମାନଙ୍କୁ ପୋଲିଓର ଦୁଇ ବୁନ୍ଦା ଦିଆଯାଉଛି। ସାରା ବିଶ୍ୱକୁ ପୋଲିଓ ମୁକ୍ତ ପାଇଁ ୧୯୮୮ରେ ଗ୍ଲୋବାଲ ପୋଲିଓ ଏରାଡିକେସନ ଇନିସିଏଟିଭ ଗଠନ ହୋଇଥିଲା। ଏଥିରେ ରୋଟାରୀ, ଡବ୍ଲୁଏଚ୍‌ଓ, ୟୁନିସେଫ୍ ଏବଂ ବିଭିନ୍ନ ଦେଶର ସରକାର ସାମିଲ ହୋଇ ବିଶ୍ୱକୁ ପୋଲିଓ ମୁକ୍ତ କରିବା ପାଇଁ ଅଭିଯାନ ଆରମ୍ଭ କରିଥିଲେ। ଭାରତରେ ପୋଲିଓ ପ୍ରତିକାର ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକମ କରାଯାଉଛି। ସବୁ ପିଲାଙ୍କୁ ପୋଲିଓ ବୁନ୍ଦା ଓ ଟିକା ଦେବାପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉଛି। ୨୦୧୪ରୁ ଭାରତ ପୋଲିଓ ମୁକ୍ତ ରାଷ୍ଟ୍ର ଭାବେ ପରିଗଣିତ ହୋଇଛି। ଭାରତ ପୋଲିଓ ମୁକ୍ତ ହୋଇଥିଲେ ବି ବିଶ୍ୱରୁ ଏହି ଜୀବାଣୁର ମୂଳୋତ୍ପାଟନ ହୋଇନାହିଁ। ତେଣୁ ବିପଦ ମୁକ୍ତ ପାଇଁ ଜନ୍ମରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ପୋଲିଓ ଟିକା ଦେବା ଉପରେ ଗୁରୁତ୍ୱ ଦିଆଯାଏ। ଯେପରି କୌଣସି ପିଲା ଏହି ଭୟଙ୍କର ରୋଗର ଶିକାର ନ ହୁଏ ସେଥିପାଇଁ ବିଶ୍ୱ ପୋଲିଓ ଦିବସ ପାଳନ ଗୁରୁତ୍ୱ ବହନ କରେ।

## 'ଧୂମ୍-୪' ଛାଡ଼ିଲେ ଅୟାନ୍



ହୃତିକ୍ ରୋଶନ ଓ ଜୁନିୟର୍ ଏନ୍‌ଟିଆର୍‌ଙ୍କ ଫିଲ୍ମ 'ୱାର୍ ୨'ର ନିର୍ଦ୍ଦେଶନା ଦାୟିତ୍ୱରେ ଅୟାନ୍ ମୁଖାର୍ଜୀ ଥିଲେ। ବିଗ୍ ବଜେଟ୍‌ର ଏହି ଆକ୍ସନ୍ ଫିଲ୍ମଟି କିନ୍ତୁ ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। 'ୱାର୍ ୨'ର ବିଫଳତାକୁ ଦେଖି ଅୟାନ୍ ଯଶରାଜ୍ ବ୍ୟାନରର ଆଉ ଏକ ଆକ୍ସନ୍ ଭିତ୍ତିକ ଫିଲ୍ମ 'ଧୂମ୍ ୪'ରୁ ଓହରି ଯାଇଛନ୍ତି। ଏବେ ଯଶରାଜ୍ ବ୍ୟାନର୍ ଏହି ଫିଲ୍ମ ପାଇଁ ଜଣେ ନୂଆ ନିର୍ଦ୍ଦେଶକ ସନ୍ଧାନରେ ଅଛି। ରଣବୀର କପୁର 'ଧୂମ୍ ୪'ରେ ଲିଡ୍ ରୋଲରେ ନଜର ଆସିବେ। ଏନେଇ ଅୟାନ୍‌ଙ୍କ କହିବା କଥା, 'ୱାର୍ ୨', 'ଧୂମ୍ ୪' ଭଳି ଫିଲ୍ମ ତାଙ୍କ ପାଇଁ ନୁହେଁ। ରୋମାନ୍ସ, ଡ୍ରାମା, ଆକ୍ସନ୍ ଛାଡ଼ି ସେ କିଛି ବଡ଼ ଧରଣର କରିବାକୁ ଚାହୁଁଛନ୍ତି। ଅୟାନ୍ ଏବେ 'ବ୍ରହ୍ମାସ୍ତ୍ର ୨' ଉପରେ କାମ କରୁଛନ୍ତି। ଏହାର ସୁଟିଂ ୨୦୨୬ରୁ ଆରମ୍ଭ ହେବ। ଏଥିରେ ଲିଡ୍ ରୋଲରେ ରଣବୀର କପୁର ଓ ଆଲିଆ ଭଟ୍ଟ ନଜର ଆସିବେ।


## ମିଳିତ ଜାତିସଂଘ ଦିବସ

ପ୍ରତିବର୍ଷ ଅକ୍ଟୋବର ୨୪ ତାରିଖକୁ 'ମିଳିତ ଜାତିସଂଘ ଦିବସ' ଭାବେ ପାଳନ କରାଯାଉଛି। ବିଶ୍ୱରେ ଶାନ୍ତି, ସୁରକ୍ଷା, ସୌହାର୍ଦ୍ଦ୍ୟ, ମାନବିକ ସହାୟତା ବୃଦ୍ଧି ଦିଗରେ ଜାତିସଂଘର କାର୍ଯ୍ୟକୁ ସମ୍ମାନ ଜଣାଇ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଏ। ମିଳିତ ଜାତିସଂଘ ପ୍ରତିଷ୍ଠାର ମୁଖ୍ୟ ଉଦ୍ଦେଶ୍ୟ ଓ ଏହାର ଗୁରୁତ୍ୱ ଦିଗରେ ଲୋକଙ୍କୁ ସଚେତନ କରିବା ହେଉଛି ଉକ୍ତ ଦିବସର ଉଦ୍ଦେଶ୍ୟ। ମିଳିତ ଜାତିସଂଘ ଦେଶଗୁଡ଼ିକ ମଧ୍ୟରେ ମୈତ୍ରୀପୂର୍ଣ୍ଣ ସମ୍ବନ୍ଧ ବିକଶିତ କରିବା, ଅନ୍ତର୍ଜାତୀୟ ସହଯୋଗ ପ୍ରାପ୍ତ କରିବା, ରାଷ୍ଟ୍ର ଲାଗି ସମନ୍ୱୟ କେନ୍ଦ୍ର ହେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏହାବାଦ୍ ଏହାର ଅନ୍ୟତମ ମୂଳ ଲକ୍ଷ୍ୟ ହେଲା ମାନବିକ ଅଧିକାରର ଅଗ୍ରାଧିକାର, ସାମାଜିକ ଓ ଅର୍ଥନୈତିକ ସନ୍ତୁଳନ ରଖିବା, ପରିବେଶ ସୁରକ୍ଷା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମାନିବକ ସହଯୋଗ ପ୍ରଦାନ କରିବା ତଥା ସାମରିକ ଦ୍ୱନ୍ଦ୍ୱର ସମାଧାନ କରିବା। ପୃଥିବୀରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ମିଳିତ ଜାତିସଂଘର ସ୍ଥାପନା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ହୋଇଥିଲା। ୨୪ ଅକ୍ଟୋବର ୧୯୪୫ରେ ମିଳିତ ଜାତିସଂଘ ପ୍ରତିଷ୍ଠା ହୋଇଥିଲା। ୧୯୪୭ରେ ଜାତିସଂଘ ସାଧାରଣ ସଭା ଏହି ଦିବସକୁ ପ୍ରତିଷ୍ଠା ଦିବସ ଭାବେ ଘୋଷଣା କରିଥିଲା। ମିଳିତ ଜାତିସଂଘ ପ୍ରତିଷ୍ଠା ସମୟରେ ଏହାର ସଦସ୍ୟ ସଂଖ୍ୟା ୫୧ ଥିଲା, କିନ୍ତୁ ଏବେ ଏଥିରେ ୧୯୩ ଦେଶର ସଦସ୍ୟ ଅଛନ୍ତି। ସେହିପରି ୧୯୭୧ ମସିହାରେ ମିଳିତ ଜାତିସଂଘ ମହାସଭାରେ ଗୃହୀତ ଅନ୍ୟ ଏକ ପ୍ରସ୍ତାବ ଅନୁସାରେ, ଏହି ଦିବସକୁ ମିଳିତ ଜାତିସଂଘର ସମସ୍ତ ସଦସ୍ୟ ଦେଶଗୁଡ଼ିକ ପାଳନ କରିବେ ଏବଂ ଏହା ସାଧାରଣ ଛୁଟି ଦିବସ ହେବ ବୋଲି ପ୍ରସ୍ତାବ ରଖାଯାଇଥିଲା। ଅନ୍ୟପଟେ ଏହି ସଂଘ ପ୍ରତିଷ୍ଠା ପରଠୁ ଏହାର ଯେତେ ସବୁ ଉପଲବ୍ଧି ଅଛି, ସେସବୁ ବିଷୟରେ ଜନ ସଚେତନତା ସୃଷ୍ଟି କରିବା ଏହି ଦିବସର ଅନ୍ୟତମ ଉଦ୍ଦେଶ୍ୟ। ସେହିପରି ସବୁ ବିକଶିତ ଓ ବିକାଶଶୀଳ ଦେଶ ପାଇଁ ଏହା ହେଉଛି ଏକ ମଞ୍ଚ ଏବଂ ଏଠାରେ ବିଶ୍ୱର ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରାଯାଇ ତାହାର ସମାଧାନ କରାଯାଏ। ଭାରତରେ ଏହି ଦିବସ ପାଳନ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଭା, ସମିତି ତଥା ପ୍ରଦର୍ଶନୀର ଆୟୋଜନ ହୋଇଥାଏ।

## ସଞ୍ଜୀବନୀ



## କର୍କଟ ଚିକିତ୍ସାରେ ପ୍ରଭାବୀ ହେବ ଟିକା




କର୍କଟ ଏକ ମାରାତ୍ମକ ରୋଗ। ଅନିୟନ୍ତ୍ରିତ ଜୀବନଶୈଳୀ, ବଂଶାନୁଗତ, ଚିନ୍ତା ଆଦି କର୍କଟ ସୃଷ୍ଟିର ମୂଳ କାରଣ। ପ୍ରାରମ୍ଭିକ ଅବସ୍ଥାରୁ କର୍କଟ ଚିହ୍ନଟ କରି ଚିକିତ୍ସା ଯୋଗାଇଲେ ରୋଗର ତୀବ୍ରତା ହ୍ରାସ ପାଇପାରେ। କର୍କଟ ଚିକିତ୍ସା ପାଇଁ ସର୍ଜରୀ, ଥେରାପି, ଔଷଧ ଆଦି ବ୍ୟବସ୍ଥା ରହିଛି। ହେଲେ ଏବେ ମାସାଚୁସେଟ୍‌ସ ଏମହର୍ଷ୍ଟ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏକ 'ସୁପର ଟିକା' ବିକଶିତ କରିଛନ୍ତି। ଖୁସିର ବିଷୟ, ମୂଷା ଶରୀରରେ ଏହି ଟିକା ପ୍ରଥମେ ପ୍ରୟୋଗ କରାଯାଇଥିବାବେଳେ ସେଥିରୁ ସକାରାତ୍ମକ ଫଳାଫଳ ମିଳିଛି। ଏହି ଟିକାଟି ଏକ ସ୍ୱତନ୍ତ୍ର ଇମ୍ୟୁନ-ବୁଷ୍ଟିଂ ଫର୍ମୁଲା ଆଧାରିତ। ଏହା ପ୍ରାଣୀମାନଙ୍କର ରୋଗପ୍ରତିରୋଧକ ଶକ୍ତିକୁ କର୍କଟ କୋଷଗୁଡ଼ିକ ଟ୍ୟୁମରରେ ପରିଣତ ହେବା ପୂର୍ବରୁ ଚିହ୍ନଟ କରି ନଷ୍ଟ କରିବାରେ ସାହାଯ୍ୟ କରିଥିଲା। ଟିକାର ପ୍ରଭାବକୁ ବୁଝିବାକୁ ବୈଜ୍ଞାନିକମାନେ ଯେଉଁ ମୂଷାଙ୍କୁ ଟିକା ପ୍ରଦାନ କରିଥିଲେ ସେମାନେ ଏକ ମାସ ଧରି ସୁସ୍ଥ ଥିଲେ। ଯେଉଁ ମୂଷାମାନଙ୍କୁ ଏହି ଟିକା ଦିଆଯାଇ ନ ଥିଲା ସେମାନଙ୍କଠାରେ କର୍କଟ ବୃଦ୍ଧି ପାଇଯାଇଥିଲା। ତେଣୁ ଭବିଷ୍ୟତରେ ଏହି ଟିକା କେବଳ ନିର୍ଦ୍ଦିଷ୍ଟ କର୍କଟ ରୋଗ ଠିକ୍ କରିବ ତାହା ନୁହେଁ, ବରଂ ତ୍ୱଚା କର୍କଟ, ଅଗ୍ନାଶୟ କର୍କଟ, ସ୍ତନ କର୍କଟ ଚିକିତ୍ସା ପାଇଁ ପ୍ରଭାବୀ ହେବ। ଶରୀରର ଅନ୍ୟ ଅଙ୍ଗକୁ କର୍କଟ ବ୍ୟାପିବାକୁ ଏହା ଦେବ ନାହିଁ। ସାମାନ୍ୟ ଟିକା ଫର୍ମୁଲା ତୁଳନାରେ ପ୍ରତିରକ୍ଷା ପ୍ରତିକ୍ରିୟାକୁ ଏହା ଅଧିକ ମଜଭୁତ କରିଥାଏ। ମୂଷା ଉପରେ ଏହି ପରୀକ୍ଷଣ କରାଯାଇଥିବାବେଳେ ମନୁଷ୍ୟ ଶରୀରରେ ଏହି ଟିକା ପ୍ରଭାବୀ ହେଲେ ଆଗାମୀ ଦିନରେ ଚିକିତ୍ସା କ୍ଷେତ୍ରରେ ନୂତନ ପରିବର୍ତ୍ତନ ଆଣିବ।

## ସେଣ୍ଟ୍ରାଲ ଲାଇନ୍



**ଦୀର୍ଘକାଳୀନ ଚିକିତ୍ସା ଲାଗି ଔଷଧ ବା ପୋଷଣ ଦେବାକୁ ସେଣ୍ଟ୍ରାଲ ଲାଇନ୍ ଏକ ସହଜ ଉପାୟ। ଯେତେବେଳେ ରୋଗୀର ବାହ୍ୟଶିରା ଦୃଶ୍ୟ ହୁଏ ନାହିଁ ସେହି ସ୍ଥିତିରେ ସେଣ୍ଟ୍ରାଲ ଲାଇନ୍ କରାଯାଏ। ଏହା ମୁଖ୍ୟତଃ ବେକ, ଜଙ୍ଘ ଓ ଛାତିର ଉପରପାର୍ଶ୍ୱରେ ଥିବା ମୁଖ୍ୟ ଶିରାରେ ଦିଆଯାଇ ରୋଗୀଙ୍କୁ ଆପାତକାଳୀନ ଚିକିତ୍ସା ଯୋଗାଯାଏ। ଏହି ପ୍ରକ୍ରିୟା କ'ଣ, କେଉଁ ମାନଙ୍କ ପାଇଁ ଏହାର ଆବଶ୍ୟକତା ରହିଛି ତାହାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।**


**ସେଣ୍ଟ୍ରାଲ ଲାଇନ୍‌ର ଆବଶ୍ୟକତା:** ବିପଜ୍ଜନକ ଭାବେ ରକ୍ତଚାପ କମ୍ ବେଶୀ ହେଉଥିବା ସମୟରେ ଯେତେବେଳେ ରକ୍ତଚାପ ଗୁରୁତର ଭାବେ ହ୍ରାସ ପାଇଥାଏ ସେତେବେଳେ ସାଧାରଣ ଶିରାମାନ ସଙ୍କୁଚିତ ହୋଇ ତାହା ମଧ୍ୟରେ କ୍ୟାଥେଟର ଦେବା ସମ୍ଭବ ହୁଏ ନାହିଁ। ସେହିପରି ନର୍ମାଲ ଲାଇନ୍ ପାଖେ ସଂକ୍ରମଣ ହେଲେ ଡାକ୍ତର ରୋଗର ତୀବ୍ରତା, ରୋଗୀର ଶାରୀରିକ ସ୍ଥିତି ଅନୁସାରେ ସେଣ୍ଟ୍ରାଲ ଲାଇନ୍ କରିଥାନ୍ତି। ଆଇସିୟୁରେ ସକ୍‌ରେ ଥିବା ବ୍ୟକ୍ତି, ବହୁ ରୋଗରେ ପୀଡ଼ିତ ବ୍ୟକ୍ତି, ବୃକ୍କଜନିତ ରୋଗୀଙ୍କ ଡାଏଲିସିସ୍, ଦୁର୍ଘଟଣାରେ ଗୁରୁତର ଆହତ, ଶରୀରର ଅଧିକାଂଶ ଭାଗ ପୋଡି ଯାଇଥିଲେ, ଦୀର୍ଘକାଳୀନ ଚିକିତ୍ସାରେ ଔଷଧ ଓ ପୋଷଣ ଦେବାକୁ ଏହା ପ୍ରଭାବୀ। କର୍କଟ ପୀଡ଼ିତଙ୍କୁ ଦୀର୍ଘ ସମୟ ଧରି କେମୋଥେରାପି କିମ୍ବା ଆଣ୍ଟିବାୟୋଟିକ୍ସ ଔଷଧ ଦେବାକୁ ସେଣ୍ଟ୍ରାଲ ଲାଇନ୍ କରାଯାଏ। ହୃଦ୍‌ସ୍ପନ୍ଦନ କିମ୍ବା ରକ୍ତବାହୀ ନଳୀ ସଂକୁଚିତ ପାଇଁ ବ୍ୟବହୃତ ଔଷଧ ପାଇଁ ଏହା ଉପଯୋଗୀ ବୋଲି ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ ଏଣ୍ଡ ହସ୍‌ପିଟାଲ, ହୃଦ୍‌ରୋଗ ବିଭାଗର ଡା. ଦୀପକ ରଞ୍ଜନ ଦାସ କୁହନ୍ତି।

**କେଉଁଠି ଦିଆଯାଏ:** ଏହି ପ୍ରକ୍ରିୟାରେ ବେକ (ଜୁଗୁଲାର), ଜଙ୍ଘ ଉପର ପାର୍ଶ୍ୱରେ (ଫେମୋରାଲ), ଛାତିର ଉପରପାର୍ଶ୍ୱ (ସବ୍‌କ୍ଲାଭିଆନ୍) କିମ୍ବା ବାହୁର ବଡ଼ ଶିରାରେ ଏକ ଲମ୍ବା ନମନୀୟ ଟ୍ୟୁବ୍‌କୁ ପ୍ରବେଶ କରାଇ ହୃତ୍‌ପିଣ୍ଡ ପାଖକୁ ପହଞ୍ଚାଯାଏ। ତାହା ଜରିଆରେ ରୋଗୀଙ୍କୁ ତରଳ ପଦାର୍ଥ, ପୋଷଣ ତଥା ଔଷଧ ଆଦି ଦିଆଯାଏ।

**ବାରମ୍ବାର ଛୁଞ୍ଚି ଫୋଡିବାକୁ ପଡ଼େନି:** ସାଧାରଣ ଭାବେ ସାଲାଇନ ବା ଯେଉଁ ଲାଇନ୍ ଦିଆଯାଏ ତାହା ୩ରୁ ୪ ଦିନ ରହିପାରିବ। କାରଣ ଏଥିରୁ ଅଧିକ ଦିନ ହେଲେ ଚାରିପାର୍ଶ୍ୱରେ ପ୍ରଦାହ ବା ସଂକ୍ରମଣ ହୁଏ। ହେଲେ ସେଣ୍ଟ୍ରାଲ ଲାଇନ୍ ଦେଲେ ତାହା ୧୦ରୁ ୧୪ ଦିନ ରଖିହେବ। ଏଥିରେ ପୀଡ଼ିତଙ୍କୁ ବାରମ୍ବାର ଛୁଞ୍ଚି ଫୋଡ଼ିବାକୁ ପଡ଼େନାହିଁ। ଔଷଧ ତଥା ତରଳ ପଦାର୍ଥ ଖୁବ୍ ସହଜରେ ରୋଗୀର ଶରୀରରେ ପହଞ୍ଚାଯାଇପାରେ। ପୀଡ଼ିତଙ୍କୁ କମ୍ ଯନ୍ତ୍ରଣା ଅନୁଭୂତ ହୁଏ।

**ସତର୍କତା ଅବଲମ୍ବନ ଜରୁରି:** ଯେକୌଣସି ଶିରାଭ୍ୟନ୍ତରୀଣ କ୍ୟାଥେଟର ପରି ଜୀବାଣୁ କିମ୍ବା ରୋଗାଣୁ ରକ୍ତପ୍ରବାହରେ ପ୍ରବେଶ କରିପାରେ। ଏହାଦ୍ୱାରା ସଂକ୍ରମଣ ବୃଦ୍ଧି ପାଏ। ସେଣ୍ଟ୍ରାଲ ଲାଇନ୍ ପ୍ରକ୍ରିୟା ଯୋଗୁ ବେଳେ ବେଳେ ରକ୍ତସ୍ରାବ କିମ୍ବା ଆଘାତ ଲାଗିବାର ଆଶଙ୍କା ଅଧିକ ଥାଏ। ତେଣୁ ତାହା ଯେମିତି ସଂକ୍ରମଣ ନହୁଏ ସେନେଇ ଧ୍ୟାନ ଦେବା ଦରକାର। ଡାକ୍ତରଙ୍କ ପରାମର୍ଶରେ ସତର୍କତା ଅବଲମ୍ବନ କରିବା ଜରୁରି।

## ଜୀବନଶୈଳୀଜନିତ ବିକାରରୁ ଆଲଜାଇମର୍



**ଆଲଜାଇମର୍ ଏକ ବୟସାଧିକ୍ୟ ରୋଗ। ଏହା ୬୦ରୁ ୬୫ ବର୍ଷ ପରେ ଆରମ୍ଭ ହୋଇଥାଏ। ପ୍ରଥମେ ସ୍ମରଣଶକ୍ତି କମିଯାଏ। ଧୀରେ ଧୀରେ ଜଣେ ନିତିଦିନିଆ କାମ କରିବାରେ ଅସୁବିଧା ଭୋଗନ୍ତି। ଏହା ମସ୍ତିଷ୍କର ଏକ ଜଟିଳ ପ୍ରକ୍ରିୟାଯୋଗୁଁ ସ୍ନାୟୁ ନଷ୍ଟ ହେଲେ ହୋଇଥାଏ। ତାଛଡ଼ା ମସ୍ତିଷ୍କରେ ଆଘାତ ହୋଇଥିଲେ ମାନସିକ ଅବସାଦ ଓ ଉଚ୍ଚ ରକ୍ତଚାପ ରୋଗର ସମ୍ଭାବନାକୁ ବଢ଼ାଇଦିଏ। ଏବେ କିନ୍ତୁ ୩୦ରୁ ୪୦ ବର୍ଷର ବ୍ୟକ୍ତି ଆଲଜାଇମର୍‌ରେ ପୀଡ଼ିତ ହେଉଛନ୍ତି।**

ଯେଉଁମାନଙ୍କ ପରିବାରରେ କେହି ଆଲଜାଇମର୍‌ରେ ପୀଡ଼ିତ ଥାଆନ୍ତି, ସେମାନଙ୍କୁ ଏହି ରୋଗ ହେବାର ଆଶଙ୍କା ଅଧିକ ଥାଏ। କାରଣ ଜେନେଟିକ୍ ମ୍ୟୁଟେସନ୍ ଏହି ରୋଗକୁ କମ୍ ବୟସରୁ ଆରମ୍ଭ କରିପାରେ। ଜୀବନଶୈଳୀଜନିତ ବିକାର ଯଥା- ଚିନ୍ତା, ନିଦ୍ରାହୀନତା, ଭିଟାମିନ୍ ବି- ୧୨ ଅଭାବ, ଶାରୀରିକ ନିଷ୍କ୍ରିୟତା ଆଦି ଯୋଗୁ ବେଳେ ବେଳେ ଜଣେ କିଛି କଥାକୁ ଭୁଲି ଯାଆନ୍ତି। ଉଚ୍ଚରକ୍ତଚାପ, ମଧୁମେହ, ଧୂମପାନ ଆଦି ଏହି ରୋଗ ଆଶଙ୍କାକୁ ବଢ଼ାଇ ଦିଏ। ଯାହାଫଳରେ ଆଜିକାଲିର ଯୁବପିଢ଼ି ବହୁତ ଛୋଟ ଛୋଟ କଥା ଭୁଲିଯାଆନ୍ତି। ସହଜରେ କାହାକୁ ଚିହ୍ନି ପାରନ୍ତିନି। ଗୋଟିଏ ପ୍ରଶ୍ନକୁ ବାରମ୍ବାର ପଚାରନ୍ତି।

ଉପରୋକ୍ତ ଲକ୍ଷଣ ଅନୁସାରେ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା ଜରୁରି। ପୀଡ଼ିତଙ୍କୁ ଅଳ୍ପ ଅଳ୍ପ ଖାଇବାକୁ ଦେବା, ପରିବାର ଲୋକଙ୍କ ସହଯୋଗ ଆବଶ୍ୟକ ହୋଇଥାଏ। ଦୈନିକ ବ୍ୟାୟାମ କରିବା ହିତକର। କ୍ରସୱାର୍ଡ ପଜଲ, ସୁଡୋକୁ ସମାଧାନ କରିପାରିବେ। ଧୂମପାନଠାରୁ ଦୂରେଇ ରୁହନ୍ତୁ। ଦୈନିକ ଖାଦ୍ୟରେ ଫଳ, ପରିବା ସାମିଲ କରି ପର୍ଯ୍ୟାପ୍ତ ପାଣି ପିଇବା ଆବଶ୍ୟକ।

## ଓଜନ ନିୟନ୍ତ୍ରଣକାରୀ ଧନିଆ

**ଧନିଆ ମସଲା ଭାବେ ବ୍ୟବହାର ହୁଏ। ତରକାରି ହେଉ କି ସାଲାଡରେ ଧନିଆ ପତ୍ର ବ୍ୟବହାର କରାଯାଏ। ଧନିଆପତ୍ର ଓ ଏବଂ ମଞ୍ଜିରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ସି ଆଦି ଔଷଧୀୟ ଗୁଣ ରହିଛି। ଏହା ନାନା ରୋଗ ଦୂର କରେ। ଓଜନ ନିୟନ୍ତ୍ରଣ ପାଇଁ ଧନିଆ ଏକ ପ୍ରଭାବୀ ବିକଳ୍ପ।**

ଧନିଆରେ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ନିୟମିତ ଏହାକୁ ଖାଇଲେ ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାରିଯାଏ। ଏଥିରେ ଥିବା ଫାଇବର ଯୋଗୁଁ କମ୍ ଭୋକ ଲାଗେ। ଚର୍ବି କମାଇବାରେ ମୁଖ୍ୟ ଭୂମିକା ନିଭାଇଥାଏ। ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହିତ ପାଚନତନ୍ତ୍ରକୁ ସକ୍ରିୟ ରଖେ ଧନିଆ। ତେଣୁ ଏକ ଗ୍ଲାସ ପାଣିରେ ଧନିଆ ପତ୍ର କିମ୍ବା ମଞ୍ଜିକୁ ଧୋଇ ରାତିସାରା ଭିଜାଇ ସକାଳୁ ଖାଲି ପେଟରେ ତାହାକୁ ଛାଣି ପିଇ ପାରିବେ। ଆଣ୍ଠୁଗଣ୍ଠିଜନିତ ସମସ୍ୟା ଥିଲେ ଧନିଆ ବହୁତ ଉପକାରୀ। ହୃଦୟକୁ ସୁସ୍ଥ ରଖିବାରେ ଏହା ସାହାଯ୍ୟ କରେ। ଧନିଆ ସେବନ ଦ୍ୱାରା କୋଲେଷ୍ଟ୍ରଲ ଓ ରକ୍ତ ଶର୍କରା ନିୟନ୍ତ୍ରଣରେ ରୁହେ। ଦୃଷ୍ଟିଶକ୍ତି ପାଇଁ ଏହା ବହୁତ ଭଲ। ତେଣୁ ଧନିଆ ଚଟଣୀ, ସାଲାଡ଼ରେ ଧନିଆ ପତ୍ର ଆଦି ଖାଇବା ହିତକର।



■ ବର୍ଷାରେ ଧୋଇଲା ୩ୟ ଟି-୨୦

## ସିରିଜ ଜିତିଲା ଇଂଲଣ୍ଡ

**ଅକ୍‌ଲାଣ୍ଡ, ୨୩।୧୦ (ଏଜେନ୍ସି):** ଘରୋଇ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଗୁରୁବାର ଏଠାରେ ଖେଳାଯିବାକୁ ଥିବା ଅନ୍ତିମ ତଥା ୩ୟ ଟି-୨୦ ବର୍ଷା ଯୋଗୁ ବାତିଲ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୩.୪ ଓଭରରେ ଗୋଟିଏ ୱିକେଟ୍ ହରାଇ ୩୮ ରନ କରିଥିବାବେଳେ ବର୍ଷା ହୋଇଥିଲା। ବର୍ଷା ଲାଗି ରହିବାରୁ ଶେଷରେ ଏହାକୁ ବାତିଲ କରାଯାଇଥିଲା। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍ ମଧ୍ୟ ବର୍ଷାରେ ଧୋଇଯାଇଥିଲା। ତେବେ ଦ୍ୱିତୀୟ ଟି-୨୦କୁ ୬୫ ରନରେ ଜିତିଥିବା ଭ୍ରମଣକାରୀ ଇଂଲଣ୍ଡ ଶେଷରେ ୧-୦ରେ ସିରିଜ ବିଜୟୀ ହୋଇଛି। ଦୁଇ ଦଳ ମଧ୍ୟରେ ତିନି ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଅକ୍ଟୋବର ୨୬ରୁ ଆରମ୍ଭ ହେବ।

## ବାଂଲାଦେଶଠାରୁ ଦିନିକିଆ ସିରିଜ୍ ହାରିଲା ୱେଷ୍ଟଇଣ୍ଡିଜ୍

**ଢାକା,୨୩।୧୦(ଏଜେନ୍ସି):** ସୌମ୍ୟ ସରକାର ଓ ସୈଫ ହାସନଙ୍କ ଅର୍ଦ୍ଧଶତକ ପରେ ସ୍ପିନରଙ୍କ ସଫଳତା ଯୋଗୁଁ ଏଠାରେ ଗୁରୁବାର ଖେଳାଯାଇଥିବା ତୃତୀୟ ତଥା ଶେଷ ଦିନିକିଆରେ ବାଂଲାଦେଶ ୧୭୯ ରନ୍‌ର ବିରାଟ ବ୍ୟବଧାନରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଛି। ନିକଟରେ ଭାରତଠାରୁ ହାରିଥିବା ୱେଷ୍ଟଇଣ୍ଡିଜ୍ ଆଉ ଏକ ପରାଜୟର ସମ୍ମୁଖୀନ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ସୌମ୍ୟଙ୍କ ୯୧ ଓ ହାସନଙ୍କ ୮୦ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ୮ ୱିକେଟରେ ୨୯୬ ରନ୍ କରିଥିଲା। ଆକିଲ ହୋସେନ ସର୍ବାଧିକ ୪ଟି ୱିକେଟ ପାଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ୍ ବାଂଲା ସ୍ପିନରଙ୍କୁ ଉଚିତ ମୁକାବିଲା କରି ନ ପାରି ୩୦.୧ ଓଭରରେ ମାତ୍ର ୧୧୭ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲେ। ବାଂଲାର ସ୍ପିନରମାନେ ସମସ୍ତ ଓଭର ବୋଲିଂ କରିବା ସହ ୧୦ଟି ଯାକ ୱିକେଟ ନେଇଥିଲେ। ସୌମ ସରକାରଙ୍କୁ ମ୍ୟାଚ୍‌ର ଓ ରିଶାଦ ହୋସେନଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ୨୭ରୁ ଦୁଇ ଦେଶ ମଧ୍ୟରେ ଟି-୨୦ ସିରିଜ୍ ଆରମ୍ଭ ହେବ।

## ୧୮ ବର୍ଷ ପରେ ପାକିସ୍ତାନରେ ଟେଷ୍ଟ ଜିତିଲା ଦ.ଆଫ୍ରିକା

**ରାୱଲପିଣ୍ଡି, ୨୩।୧୦ (ଏଜେନ୍ସି):** ଏଠାରେ ଘରୋଇ ପାକିସ୍ତାନ ବିପକ୍ଷରେ ଅନୁଷ୍ଠିତ ଅନ୍ତିମ ତଥା ୨ୟ ଟେଷ୍ଟ ମ୍ୟାଚକୁ ବିଶ୍ୱ ଚାମ୍ପିଅନ ଦକ୍ଷିଣ ଆଫ୍ରିକା ୮ ୱିକେଟରେ ବିଜୟୀ ହୋଇଛି। ଏହି ମ୍ୟାଚରେ ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୬୮ ରନର ଛୋଟିଆ ଲକ୍ଷ୍ୟକୁ ଦକ୍ଷିଣ ଆଫ୍ରିକା ଚତୁର୍ଥ ଦିବସରେ ଗୁରୁବାର ଦ୍ୱିତୀୟ ଇନିଂସରେ ୨ ୱିକେଟ୍ ହରାଇ ହାସଲ କରିନେଇଥିଲା। ଅଧିନାୟକ ଆଇଡେନ ମାର୍କରମ ସର୍ବାଧିକ ୪୨ ରନ କରିଥିଲେ। ଏଥିସହ ଦକ୍ଷିଣ ଆଫ୍ରିକା ଦୀର୍ଘ ୧୮ ବର୍ଷର ବ୍ୟବଧାନ ପରେ ପାକିସ୍ତାନ ମାଟିରେ ଏକ ଟେଷ୍ଟ ମ୍ୟାଚ୍ ଜିତିଛି। ଶେଷଥର ଲାଗି ଦକ୍ଷିଣ ଆଫ୍ରିକା ୨୦୦୭ରେ କରାଚିରେ ୧୬୦ ରନରେ ପାକିସ୍ତାନକୁ ହରାଇଥିଲା। ଏହାପରେ ଦକ୍ଷିଣ ଆଫ୍ରିକା ୨୦୨୧ରେ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାକୁ ପାକିସ୍ତାନ ଗସ୍ତରେ ଯାଇଥିଲା। ଏହି ସିରିଜକୁ କିନ୍ତୁ ପାକିସ୍ତାନ ୨-୦ରେ କ୍ଲିନସୁଇପ କରିଥିଲା। ରାୱଲପିଣ୍ଡିରେ ବିଜୟ ସହ ଦକ୍ଷିଣ ଆଫ୍ରିକା ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ୧-୧ରେ ଡ୍ର ରଖିଛି। ପୂର୍ବରୁ ପ୍ରଥମ ଟେଷ୍ଟକୁ ପାକିସ୍ତାନ ୯୩ ରନରେ ବିଜୟୀ ହୋଇଥିଲା।

## ୧୭ ବର୍ଷ ପରେ ସାଉଥ୍ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଆଜିଠୁ

**ରାଞ୍ଚି, ୨୩।୧୦ (ଏଜେନ୍ସି):** ଦୀର୍ଘ ୧୭ ବର୍ଷର ବ୍ୟବଧାନ ପରେ ପୁଣିଥରେ ଆୟୋଜିତ ହେବାକୁ ଯାଉଛି ସାଉଥ୍ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍। ଏହି ସମ୍ମାନଜନକ ପ୍ରତିଯୋଗିତାର ୪ର୍ଥ ସଂସ୍କରଣ ଶୁକ୍ରବାରଠାରୁ ରାଞ୍ଚିର ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ସ ଷ୍ଟାଡିୟମରେ ଆରମ୍ଭ ହେବ। ଚଳିତ ୪ର୍ଥ ସଂସ୍କରଣରେ ଦକ୍ଷିଣ ଏସିଆର ୬ଟି ଦେଶ (ଭାରତ, ବାଂଲାଦେଶ, ଶ୍ରୀଲଙ୍କା, ନେପାଳ, ଭୁଟାନ ଓ ମାଳଦୀପ)ର ପାଖାପାଖି ୩୦୦ ଆଥ୍‌ଲେଟ୍ ଅଂଶଗ୍ରହଣ କରିବେ। ଯେଉଁଥିରେ ଆୟୋଜକ ଭାରତର ୮୦ଜଣ ପୁରୁଷ ଓ ମହିଳା ଆଥ୍‌ଲେଟ୍ ରହିଛନ୍ତି। ସେହିଭଳି ଓଡ଼ିଶାର ଧାବକ ପ୍ରତୀକ ମହାରଣା ଓ ସରୁନ ପାୟାସିଂ ମଧ୍ୟ ଏଥିରେ ସେମାନଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ଲକ୍ଷ୍ୟରେ ରହିଛନ୍ତି। ପ୍ରତୀକ ପୁରୁଷ ୨୦୦ ମିଟର ଓ ୪ ଗୁଣା ୧୦୦ ମିଟର ରିଲେ ରେସରେ ଭାଗନେବେ। ସେହିଭଳି ସରୁନ ଲଙ୍ଗଜମ୍ପ ଇଭେଣ୍ଟରେ ଅଂଶଗ୍ରହଣ କରିବେ।

### ପ୍ରତୀକ, ସରୁନଙ୍କ ଉପରେ ନଜର

ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# ମନ୍ଧାନା-ପ୍ରତୀକାଙ୍କ ରେକର୍ଡ ଶତକ

**ନଭି ମୁମ୍ବାଇ, ୨୩।୧୦ (ଏଜେନ୍ସି):**

ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଗୁରୁବାର ଘରୋଇ ଭାରତ ଓ ନ୍ୟୁଜିଲାଣ୍ଡ ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଦୁଇ ଓପନର୍ ସ୍ମୃତି ମନ୍ଧାନା ଓ ପ୍ରତୀକା ରାୱଲଙ୍କ ଦମ୍‌ଦାର ଶତକ ବଳରେ ୪୮ ଓଭରରେ ୨ ୱିକେଟ୍ ହରାଇ ୩୨୯ ରନର ବିଶାଳ ସ୍କୋର କରିଛି। ଏହି ସମୟରେ ବର୍ଷା ହେବାରୁ ଖେଳ ବନ୍ଦ ରହିଥିଲା। ବିଶ୍ୱକପ୍‌ରେ ବର୍ତ୍ତମାନ ସୁଦ୍ଧା ଉଭୟ ଭାରତ ଓ ନ୍ୟୁଜିଲାଣ୍ଡ ୫ଟି ମ୍ୟାଚ୍ ଖେଳି ୪ ପଏଣ୍ଟ ସହ ଟେବଲ୍‌ରେ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ରହିଛନ୍ତି। ଏହି ମ୍ୟାଚରେ ବିଜୟୀ ଦଳ ଅନ୍ତିମ ତଥା ୪ର୍ଥ ଦଳ ଭାବେ ସେମିଫାଇନାଲ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି।

ଗୁରୁବାର ଅପରାହ୍ଣରେ ଅନୁଷ୍ଠିତ ଏହି ମ୍ୟାଚରେ ନ୍ୟୁଜିଲାଣ୍ଡ ଅଧିନାୟିକା ସୋଫି ଡିଭାଇନ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ସୋଫିଙ୍କ ଏହି ନିଷ୍ପତ୍ତିକୁ କିନ୍ତୁ ଦୁଇ ଭାରତୀୟ ଓପନର୍ ପ୍ରତୀକା ଓ ମନ୍ଧାନା ଭୁଲ୍ ପ୍ରମାଣିତ କରିଥିଲେ। ଉଭୟ ବ୍ୟକ୍ତିଗତ ଭାବେ ଶତକ ହାସଲ କରିବା ସହ ଓପନିଂ ୱିକେଟ୍‌ରେ ୨୦୦ ବଲରୁ ୨୧୨ ରନ ସଂଗ୍ରହ କରିଥିଲେ। ତେବେ ୧୦୯ ରନ କରିଥିବାବେଳେ ମନ୍ଧାନାଙ୍କୁ ଆଉଟ୍ କରି ସୁଜି ବେଟ୍ସ ନ୍ୟୁଜିଲାଣ୍ଡକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ମନ୍ଧାନା ତାଙ୍କ ୯୫ ବଲ୍ ପାଳିରେ ୧୦ ଚୌକା ଓ ୪ ଛକା ମାରିଥିଲେ। ସେହିଭଳି ପ୍ରତୀକା ମଧ୍ୟ କ୍ୟାରିୟରର ପ୍ରଥମ ଶତକ ହାସଲ କରି ୧୩୪ ବଲରେ ୧୨୨ ରନ କରି ଆମେଲିଆ କେର୍‌ଙ୍କ ଶିକାର ବନିଥିଲେ। ବର୍ଷା ଯୋଗୁ ଖେଳ ବନ୍ଦ ରହିବାବେଳକୁ ଜେମିମା ରୋଡ୍ରିଗ୍ସେଜ ୬୯ ଓ ଅଧିନାୟିକା ହର୍‌ମନପ୍ରୀତ୍ କୌର ୧୦ ରନ କରି ଖେଳୁଛନ୍ତି। ଏହି ଶତକୀୟ ପାଳି ଅବସରରେ ମନ୍ଧାନା ଓ ପ୍ରତୀକା ଏକାଧିକ ରେକର୍ଡ ପ୍ରତିଷ୍ଠା କରିଛନ୍ତି।




### ମ୍ୟାଚ୍ ରେକର୍ଡ

**୧୫୫୭ ରନ:** ଚଳିତ ବର୍ଷ ମନ୍ଧାନା ଓ ପ୍ରତୀକା ଯୋଡ଼ି ଦିନିକିଆରେ ମୋଟ୍ ୧୫୫୭ ରନ ପାର୍ଟନରସିପ୍ କରିଛନ୍ତି। ପୁରୁଷ ଓ ମହିଳା ଦିନିକିଆ କ୍ରିକେଟରେ ଗୋଟିଏ କ୍ୟାଲେଣ୍ଡରରେ ପାର୍ଟନରସିପରୁ ସର୍ବାଧିକ ରନ ସଂଗ୍ରହ ସଚିନ ଓ ଗାଙ୍ଗୁଲି (୧୬୩୫ ରନ, ୧୯୯୮ ମସିହା) ଯୋଡ଼ିଙ୍କ ନାମରେ ରହିଛି।

**୨୧୨ ରନ:** ମନ୍ଧାନା ଓ ପ୍ରତୀକା ଓପନିଂ ୱିକେଟ୍‌ରେ ୨୧୨ ରନ ସଂଗ୍ରହ କରିଥିଲେ। ଯାହାକି ମହିଳା ଦିନିକିଆ ବିଶ୍ୱକପରେ ଭାରତର ଯେକୌଣସି ୱିକେଟ୍‌ରେ ରେକର୍ଡ ପାର୍ଟନରସିପ୍। ପୂର୍ବରୁ ୨୦୨୨ ବିଶ୍ୱକପରେ ମନ୍ଧାନା ଓ ହରମନପ୍ରୀତ୍ ଯୋଡ଼ି ୱେଷ୍ଟଇଣ୍ଡିଜ ବିପକ୍ଷରେ ୧୮୪ ରନ ସଂଗ୍ରହ କରିଥିଲେ।

**୭ମ:** ମନ୍ଧାନା ଓ ପ୍ରତୀକା ୨୩ଟି ଇନିଂସରେ ଏକାଠି ଓପନିଂ କରି ୭ମଥର ଲାଗି ଶତକୀୟ ଭାଗୀଦାରି କରିଛନ୍ତି। ଯାହାକି ମହିଳା ଦିନିକିଆରେ ଓପନିଂ ଯୋଡ଼ିରେ ଦ୍ୱିତୀୟ ଯୁଗ୍ମ ସର୍ବାଧିକ ଶତକୀୟ ଭାଗୀଦାରି। ୧୦ଟି ଶତକୀୟ ଭାଗୀଦାରି ସହ ବେଲିଣ୍ଡା କ୍ଲାର୍କ-ଲିସା କେଟଲୀ ଯୋଡ଼ି ଏହି ତାଲିକାର ଶୀର୍ଷରେ ରହିଛି।

**୩ୟ:** ମହିଳା ଦିନିକିଆ ବିଶ୍ୱକପ ଇତିହାସରେ କୌଣସି ଦଳର ଉଭୟ ଓପନର୍ ଗୋଟିଏ ମ୍ୟାଚରେ ଶତକ ହାସଲ କରିବାରେ ଏହା ୩ୟ ଘଟଣା। ୧୯୭୩ରେ ଇଂଲଣ୍ଡ ଓପନର୍ ଲିନୀ ଥୋମାସ ଓ ଏନିଡ୍ ବାକୱେଲ ଓ ୧୯୮୮ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆର ଲିଣ୍ଡସେ ରିଲର୍ ଓ ରଥ୍ ବକଷ୍ଟେଇନ ଏହି ସଫଳତା ପାଇଥିଲେ।

**୧୦୦୦ ରନ:** ୨୩ଟି ଇନିଂସରେ ପ୍ରତୀକା ଦିନିକିଆରେ ୧୦୦୦ ରନ ପୂରଣ କରିଛନ୍ତି। ଏଥିସହ ଏକ ହଜାର ରନ ପୂରଣ କରିବାରେ ଅଷ୍ଟ୍ରେଲିଆର ଲିଣ୍ଡସେ ରିଲର୍‌ଙ୍କ ସହ ଯୁଗ୍ମ ଭାବେ ସେ ବିଶ୍ୱର ଦ୍ରୁତତମ ମହିଳା କ୍ରିକେଟର୍ ହୋଇଛନ୍ତି। ଲିଣ୍ଡସେ ମଧ୍ୟ ୨୩ଟି ଇନିଂସରେ ଏହି ମାଇଲଖୁଣ୍ଟ ଛୁଇଁଥିଲେ।

**୧୪ତମ:** ଦିନିକିଆରେ ମନ୍ଧାନାଙ୍କ ଏହା ୧୪ତମ ଶତକ ଥିଲା। ମହିଳା ଦିନିକିଆ କ୍ରିକେଟ୍‌ରେ ସର୍ବାଧିକ ଶତକ ହାସଲ କରିବାରେ ସେ ମେଗ୍ ଲାନ୍ନିଂ (୧୫ଟି) ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

**୧୭ତମ:** ଅନ୍ତର୍ଜାତୀୟ ମହିଳା କ୍ରିକେଟ୍‌ରେ ମନ୍ଧାନାଙ୍କ ଏହା ୧୭ତମ ଶତକୀୟ ପାଳି ଥିଲା। ମହିଳା କ୍ରିକେଟ୍‌ରେ ସର୍ବାଧିକ ଶତକ ହାସଲ କରିବାରେ ମନ୍ଧାନା ଏବେ ଲାନ୍ନିଂ (୧୭ଟି) ସହ ସମକକ୍ଷ ହୋଇଛନ୍ତି। ସୁଜି ବେଟ୍ସ ଓ ବିଉମଣ୍ଟ ୧୪ଟି ଶତକ ସହ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲରେ ଭାଗନେବ ଓଡ଼ିଶା

**କଟକ, ୨୩।୧୦ (ସମିସ):** ଚଳିତମାସ ୨୭ ତାରିଖରୁ ସବଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ଆରମ୍ଭ ହେବ। ଗ୍ରୁପ-ଏରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ପଞ୍ଜାବର ଅମ୍ରିତସରରେ ସମସ୍ତ ଲିଗ୍ ମ୍ୟାଚ୍ ଖେଳିବ। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ଘୋଷିତ ୨୦ ଜଣିଆ ରାଜ୍ୟ ଦଳ ଆଜି ପଞ୍ଜାବ ଯାତ୍ରା କରିଛି। ଗୋଲକିପର ଭାବେ ଅନୁଗ୍ରହ ଚକ୍ରବର୍ତ୍ତୀ ଓ ଗୁମନ ଭୂମିଜ ଦଳରେ ରହିଛନ୍ତି। ଡିଫେଣ୍ଡର ଓମପ୍ରକାଶ ସାହୁ, ଶୁଭମ ଦେହୁରୀ, ସାଇ ରୁଦ୍ର ନାରାୟଣ ସ୍ୱାଇଁ, ନବୀନ ଏକ୍କା, ଆଦିତ୍ୟ ବରାଳ, ନକୁଳ ଭୂମିଜ, ହାର୍ଦ୍ଦିକ ବରାଳ, ମିଡଫିଲ୍ଡର ସଂଗ୍ରାମ ବେହେରା, ଅମନଜିତ ମାରାଣ୍ଡି, ତ୍ରୟମ୍ବକମ ବେହେରା, ଅଜିତ ମାଝୀ, ସତ୍ୟଜିତ ସିଂହ, ଅଙ୍ଗଦ କଲସେର, ଫରୱାର୍ଡ ସେଖ ତମିମ, ଆୟନ ଖାନ, ଆଶୁତୋଷ ରାଉତ, ତ୍ରିବନ ପୂର୍ତ୍ତି, ଆର୍ୟନ ଓରାମ ଦଳରେ ସ୍ଥାନ ପାଇଛନ୍ତି। ମୁଖ୍ୟ କୋଚ୍ ହୃଷିକେଶ ବେହେରା, ସହକାରୀ କୋଚ୍ ସାଇ ପ୍ରସାଦ, ମ୍ୟାନେଜର ସେହନୱାଜ ଆଲାମ ଓ ଫିଜିଓ ସେହବାଜ ଅହମ୍ମଦ ଦଳ ସହ ଯାତ୍ରା କରିଛନ୍ତି। ଓଡ଼ିଶା ପ୍ରଥମ ମୁକାବିଲାରେ ମିଜୋରାମକୁ ଭେଟିବ।

## ବାହୁତୁଲେ ପଞ୍ଜାବ କିଙ୍ଗ୍‌ସ ବୋଲିଂ କୋଚ୍

**ନୂଆଦିଲ୍ଲୀ,୨୩।୧୦(ଏଜେନ୍ସି):** ଭାରତୀୟ କ୍ରିକେଟ ଦଳର ପୂର୍ବତନ ସ୍ପିନର ସାଇରାଜ ବାହୁତୁଲେ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଆସନ୍ତା ସିଜନ ଲାଗି ପଞ୍ଜାମ କିଙ୍ଗ୍‌ର ବୋଲିଂ କୋଚ୍ ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ସେ ରାଜସ୍ଥାନ ରୟାଲ୍ସର ବୋଲିଂ କୋଚ୍ ରହିଥିଲେ। ଏବେ ସୁନିଲ ଯୋଶିଙ୍କ ସ୍ଥାନରେ ବାହୁତୁଲେ ଦାୟିତ୍ୱରେ ରହିବେ। ଯୋଶି ୨୦୨୩ରୁ ୨୫ ଯାଏ ପଞ୍ଜାବ କିଙ୍ଗ୍‌ସର ବୋଲିଂ କୋଚ୍ ରହିଥିଲେ। ରିକି ପଣ୍ଟିଂ ଏବେ ପଞ୍ଜାବର ହେଡ୍ କୋଚ୍ ରହିଥିଲାବେଳେ ବ୍ରାଡ ହାଡିନ୍ ଓ ଜେମ୍ସ ହୋପ୍ସ ସହକାରୀ କୋଚ୍ ଦାୟିତ୍ୱ ତୁଲାଉଛନ୍ତି।



୧୯ ବର୍ଷରୁ କମ୍ ମହିଳା ଟି-୨୦ ଟ୍ରଫି

## ରାଜ୍ୟ ଦଳର ଛତିଶଗଡ଼ ଯାତ୍ରା

**କଟକ,୨୩।୧୦(ସମିସ):** ୧୯ ବର୍ଷରୁ କମ୍ ମହିଳା ଟି-୨୦ ଟ୍ରଫି ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବ। ରାୟପୁରର ଆରଡିସିଏ ଗ୍ରାଉଣ୍ଡରେ ସୌରାଷ୍ଟ୍ର ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ। ଏହି ପରିପ୍ରେକ୍ଷୀରେ ଓସିଏ ଦ୍ୱାରା ଘୋଷିତ ୧୬ଜଣିଆ ରାଜ୍ୟ ଦଳ ଗୁରୁବାର ଛତିଶଗଡ଼ ଅଭିମୁଖେ ଯାତ୍ରା କରିଛି। ପ୍ରିୟଙ୍କାରୀ ମୁଦୁଲିଙ୍କୁ ଦଳର ନେତୃତ୍ୱ ମିଳିଛି। ଅନନ୍ୟା ପ୍ରିୟଦର୍ଶିନୀ ରାଉତ, ଆଞ୍ଜେଲ ରାଜ(ୱିକେଟ କିପର), ଅନୁଷ୍କା ମହାନ୍ତି(ୱିକେଟ କିପର), ଅନ୍ୱେଷା ବିଶ୍ୱାଳ, ଅର୍ଚ୍ଚନା ରାଉତ, ବିଜୟଲକ୍ଷ୍ମୀ ବେହେରା, ଇପସିତା ପରିଡା, ଯଶମୁନି ମୁର୍ମୁ, ମେଘା ପ୍ରଧାନ, ଶୁଭଶ୍ରୀ ପ୍ରିୟଦର୍ଶିନୀ ପରମାଣିକ, ଶୀତଲ ରାଉତ, ଶ୍ରେୟା ପ୍ରିୟଦର୍ଶିନୀ, ଶୁଭଲକ୍ଷ୍ମୀ ସିଂହ, ସ୍ୱାତିକା ବେହେରା, ଯୁବଲିପି ପରିଡା ଦଳରେ ସ୍ଥାନ ପାଇଛନ୍ତି। କୋଚ୍ କାଦମ୍ବିନୀ ମହାକୁଡ, ମ୍ୟାନେଜର ତିଳୋତ୍ତମା ସାହୁ, ଫିଜିଓ ସ୍ୱାତୀ ସୁମନ ବେହେରା ଓ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କୋଚ୍ ସସ୍ମିତା ବେହେରା ଦଳ ସହ ଯାତ୍ରା କରିଛନ୍ତି।



ଭାରତ ୧୭ ବର୍ଷ ପରେ ଆଡିଲେଡ୍‌ରେ ହାରିଲା

# ଅଷ୍ଟ୍ରେଲିଆର ଆଗୁଆ ସିରିଜ୍ କବ୍‌ଜା

**ଆଡିଲେଡ ଓଭାଲ,୨୩।୧୦(ଏଜେନ୍ସି):**

ଏଠାରେ ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଅଲରାଉଣ୍ଡ ଖେଳ ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ୨ ୱିକେଟରେ ଭାରତକୁ ପରାସ୍ତ କରିଛି। ଏହା ଫଳରେ ଦୀର୍ଘ ୧୭ ବର୍ଷ ପରେ ସମସ୍ତ ପ୍ରକାର କ୍ରିକେଟ ଫର୍ମାଟରେ ଭାରତ ଏଠାରେ ପ୍ରଥମଥର ପରାଜିତ ହୋଇଛି। ଏହି ବିଜୟ ପରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ଘରୋଇ ଦଳ ୨-୦ରେ ଅପରାଜେୟ ଅଗ୍ରଣୀ ରହିବା ସହ ଗୋଟିଏ ମ୍ୟାଚ୍ ବାକିଥାଇ ଆଗୁଆ ସିରିଜ୍ କବ୍‌ଜା କରିଛି। ପର୍ଥରେ ଖେଳାଯାଇଥିବା ପ୍ରଥମ ଦିନିକିଆକୁ ଅଷ୍ଟ୍ରେଲିଆ ୭ ୱିକେଟରେ ଜିତିଥିଲା। ସେହିପରି ସିରିଜ୍‌ର ତୃତୀୟ ତଥା ଶେଷ ଦିନିକିଆ ମ୍ୟାଚ୍ ସିଡ୍‌ନୀରେ ଗୋଟିଏ ଦିନ ପରେ ଅର୍ଥାତ୍ ଶନିବାର ଖେଳାଯିବ। ଏହି ମ୍ୟାଚ୍‌ରେ ୧୦ ଓଭର ବୋଲିଂ କରି ୬୦ ରନ୍ ବିନିମୟରେ ଭାରତର ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବା ଅଷ୍ଟ୍ରେଲିଆ ଲେଗ୍ ସ୍ପିନର ଆଦାମ ଜାମ୍ପାଙ୍କୁ ଦ୍ୱିତୀୟ ଦିନିକିଆର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ୨୦୦୮ରୁ ଏଠାରେ ଭାରତ ୬ଟି ଦିନିକିଆ ମ୍ୟାଚ୍ ଖେଳିବା ପରେ ପ୍ରଥମଥର ପରାଜିତ ହୋଇଛି।



ଅଷ୍ଟ୍ରେଲିଆ ଅଧିନାୟକ ମିଚେଲ ମାର୍ଶ କ୍ରମାଗତ ଦ୍ୱିତୀୟ ଟସ୍ ଜିତିବା ପରେ ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ। କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ମଧ୍ୟ ଅଷ୍ଟ୍ରେଲୀୟ ଫାଷ୍ଟ ବୋଲରଙ୍କ ଆଗରେ ଭାରତୀୟ ବ୍ୟାଟର ରନ୍ ସଂଗ୍ରହ କରିବାକୁ ସଂଘର୍ଷ କରିଥିଲେ। ଫଳରେ ପାୱାରପ୍ଲେ ବା ପ୍ରଥମ ୧୦ ଓଭରରେ ଦଳ ୨୯ ରନ୍ କରି ଦୁଇ ତାରକା ଖେଳାଳି ଯଥା ଅଧିନାୟକ ଶୁବମନ ଗିଲ୍ (୮) ଓ ବିରାଟ କୋହଲି (୦)ଙ୍କ ୱିକେଟ ହରାଇଥିଲା। କୋହଲି କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଖାତା ଖୋଲିବାକୁ ଅସମର୍ଥ ହୋଇଥିଲେ। ୧୭ ରନ୍‌ରେ ଦଳ ୨ ୱିକେଟ ହରାଇବା ପରେ ସଂଘର୍ଷ କରୁଥିବା ରୋହିତ ଶର୍ମା ଓ ଶ୍ରେୟସ ଆୟର ଦମ୍‌ର ସହ ବ୍ୟାଟିଂ କରି ତୃତୀୟ ୱିକେଟରୁ ୧୧୮ ରନ୍ ଉଠାଇଥିଲେ। ରୋହିତ ୯୭ ବଲ୍‌ରୁ ୭ ଚୌକା ଓ ୨ ଛକା ସହ ୭୪ ଏବଂ କିଛି ସମୟ ପରେ ଆୟର ୭୭ ବଲ୍‌ରୁ ୭ ଚୌକା ସହ ୬୧ ରନ୍‌ରେ ଆଉଟ ହୋଇଥିଲେ। ଏମାନଙ୍କ ବ୍ୟତୀତ ଅକ୍ଷର ପଟେଲ ୪୧ ବଲ୍‌ରେ ୪୪, ଶେଷ ଭାଗରେ ହର୍ଷିତ ରାଣା ୧୮ ବଲ୍‌ରେ ୨୪ ଓ ଅର୍ଶଦୀପ ସିଂହ ୧୪ ବଲ୍‌ରେ ୧୩ ରନ୍ କରିବା ଫଳରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୨୬୪ ରନ୍ କରିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଲେଗ୍ ସ୍ପିନର ଜାମ୍ପାଙ୍କ ୪ ୱିକେଟକୁ ବାଦ୍ ଦେଲେ ଜାଭିୟର ବାର୍ଟଲେଟ ୩୯ ରନ୍‌ରେ ୩ଟି ଓ ମିଚେଲ ଷ୍ଟାର୍କ ୬୨ ରନ୍‌ରେ ୨ଟି ୱିକେଟ ପାଇଥିଲେ। ଫାଷ୍ଟ ବୋଲର ଜୋଶ ହାଜ୍‌ଲେଉଡ୍ ୱିକେଟ ପାଇ ନ ଥିଲେ ମଧ୍ୟ ଅତ୍ୟନ୍ତ କଞ୍ଜୁସ ବୋଲିଂ କରି ୧୦ ଓଭରରେ ୨ଟି ମେଡେନ ସହ ମାତ୍ର ୨୯ ରନ୍ ବ୍ୟୟ କରିଥିଲେ।

ଜବାବରେ ୨୬୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ଆରମ୍ଭରୁ ଶେଷଯାଏ ଖେଳକୁ ନିୟନ୍ତ୍ରଣରେ ରଖି ୪୬.୨ ଓଭରରେ ୮ ୱିକେଟ ହରାଇ ମ୍ୟାଚ୍ ଜିତିନେଇଥିଲା। ନଂ-୩ ମାଥ୍ୟୁ ସର୍ଟ ସର୍ବାଧିକ ୭୪, କୁପର କନୋଲି ଅପରାଜିତ ୬୧, ମିଚେଲ ଓଏନ ୨୩ ବଲ୍‌ରେ ୩୬, ମ୍ୟାଟ ରେନ୍‌ସା ୩୦ ରନ୍ କରିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ, ହର୍ଷିତ ରାଣା ଓ ୱାଶିଂଟନ ସୁନ୍ଦର ୨ଟି ଲେଖାଏଁ ୱିକେଟ ପାଇଥିଲେ। କିନ୍ତୁ ଅଷ୍ଟ୍ରେଲିଆ ଇନିଂସରେ କେହି ପ୍ରଭାବଶାଳୀ ସାବ୍ୟସ୍ତ ହୋଇପାରି ନ ଥିଲେ। ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ୧୦ ବଲ୍‌ରେ ୮ ରନ୍ ଓ ବୋଲିଂରେ ୩ ଓଭରରେ ୨୪ ରନ୍ ବ୍ୟୟ କରିଥିଲେ। ଭାରତୀୟ ସ୍ପିନର ପ୍ରଭାବଶାଳୀ ହେଉ ନ ଥିଲାବେଳେ କୁଲଦୀପ ଯାଦବଙ୍କୁ ବାହାରେ ବସାଇବାକୁ ନେଇ ସମାଲୋଚନା ତୀବ୍ର ହୋଇଛି। ଏଭଳି ସ୍ଥଳେ ତୃତୀୟ ଦିନିକିଆରେ ଭାରତୀୟ ଦଳରେ କିଛି ପରିବର୍ତ୍ତନ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ସେହିପରି ଅଷ୍ଟ୍ରେଲିଆର ଟପ୍ ସ୍କୋରର ମାଥ୍ୟୁ ସର୍ଟଙ୍କୁ ଦୁଇଥର ଡ୍ରପ୍ କରିବା ମଧ୍ୟ ଦଳ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଛି।

ଏସିଆ ରଗ୍‌ବୀ ସେଭେନ୍ସ ଟ୍ରଫି

## ଭାରତୀୟ ଦଳରେ ଓଡ଼ିଶାର ୪ ଖେଳାଳି



**ଭୁବନେଶ୍ୱର, ୨୩।୧୦ (ସମିସ):** ଓମାନର ରାଜଧାନୀ ମସ୍କଟରେ ଚଳିତ ମାସ ୨୫ରୁ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି ପ୍ରତିଯୋଗିତା ଖେଳାଯିବ। ଏଥିଲାଗି ଭାରତୀୟ ରଗ୍‌ବୀ ଫୁଟ୍‌ବଲ ୟୁନିୟନ (ଆଇଆର୍‌ଏଫ୍‌ୟୁ) ପକ୍ଷରୁ ୧୩ ଜଣିଆ ଭାରତୀୟ ସିନିଅର ପୁରୁଷ ରଗ୍‌ବୀ ଦଳ ଘୋଷଣା କରାଯାଇଛି। ଯେଉଁଥିରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଯୁଗଳ ମାଝି, ଗଣେଶ ମାଝି, ଆଶିଷ ଶବର ଓ ଶନୱାଜ ଅହମଦ। ଏମାନଙ୍କ ମଧ୍ୟରୁ ଯୁଗଳ, ଗଣେଶ ଓ ଆଶିଷ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ (କିସ୍)ର ଛାତ୍ର। ନିକଟରେ କୋଲକାତାରେ ଭାରତୀୟ ରଗ୍‌ବୀ ଦଳର ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଭାବୀ ପ୍ରଦର୍ଶନ କରି ଏହି ୪ ଓଡ଼ିଆ ଖେଳାଳି ଜାତୀୟ ଦଳରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ସମେତ ରାଜ୍ୟ ରଗ୍‌ବୀ ଫୁଟ୍‌ବଲ ସଂଘ ପକ୍ଷରୁ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଯାଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS